

Vol. XLV No. 2 UTKAL PRASANGA Regd. No. O-05/89
Licence No. C. R. N. P. 5—Licensed to post without Pre-Payment





ନବମ ଲୋକସଭା ନିର୍ବାଚନ ଫଳାଫଳ ସମୟରେ ..

# ଉତ୍କଳ ପ୍ରସଙ୍ଗ

ଆଶ୍ୱିନ/କାର୍ତ୍ତିକ ୧୯୧୧ ଶକାବ୍ଦ ୪୬ ଭାଗ ୩/୪ର୍ଥ ସଂଖ୍ୟା ଅକ୍ଟୋବର/ନଭେମ୍ବର ୧୯୮୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ଅଜିତ୍ କୁମାର ତ୍ରିପାଠୀ

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ୍ଟ**

ଶ୍ରୀ ଅନନ୍ତ କୁମାର ପାଣ୍ଡେ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

Type setting by Photo Type Setter process.

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଜବାହରଲାଲ ନେହେରୁ – ଏକ ଶ୍ରଦ୍ଧାଞ୍ଜଳି | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ହରିଜନ ତଥା ଆଦିବାସୀ ମଙ୍ଗଳ– ଲକ୍ଷ୍ୟ, କୃତୀ ଓ ସିଦ୍ଧି | ଶ୍ରୀ ରାସ ବିହାରୀ ବେହେରା | ୨ |
| ପଣ୍ଡିତ ଜବାହରଲାଲଙ୍କ ଭାରତୀୟ ନୀତି ଘୋଷଣା | ଡକ୍ଟର୍ ସତ୍ୟନାରାୟଣ ରାଜଗୁରୁ | ୬ |
| ଅନେକ ଅଭୁଲା ସ୍ମୃତି ଓ ନେହେରୁ | ଜେନାମଣି ଲକ୍ଷ୍ମୀକାନ୍ତ | ୯ |
| ନେହେରୁ ଓ ପଞ୍ଚବାର୍ଷିକ ଯୋଜନା | ସୌରୀବନ୍ଧୁ କର | ୧୩ |
| ନେହେରୁଙ୍କ ଶିକ୍ଷା ଚିନ୍ତାଧାରା | ଶ୍ରୀ ନାଗରୀ ମୋହନ ପଣ୍ଡା | ୧୬ |
| ପଣ୍ଡିତ ନେହେରୁ – ଏକ ଅଧ୍ୟୟନ | ଶ୍ରୀ ରମେଶ ଚନ୍ଦ୍ର ରଥ | ୨୧ |
| ଶିଶୁପ୍ରିୟ ନେହେରୁ | ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି | ୨୩ |
| ସେ ଏକ ଅଭୁଲାସ୍ମୃତି | ଚୌଧୁରୀ ଗୌରହରି ମିଶ୍ର | ୨୫ |
| ବିଶ୍ୱ ଯୁଦ୍ଧକାଳୀନ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଆମେରିକା | ପ୍ରଫେସର୍ ଭବାନୀ ଚରଣ ରାୟ | ୪୩ |
| ଭାରତର ଜାତୀୟ ରାଜନୀତିରେ ମହାତ୍ମାଗାନ୍ଧୀ | ଶ୍ରୀ ବ୍ରଜମୋହନ ସାମନ୍ତରାୟ | ୪୯ |
| ସାର୍ଥକସ୍ୱପ୍ନ | . . | ୫୩ |
| ସମ୍ବାଦ ପରିକ୍ରମା | . . | ୫୬ |
| ଶୀଳଶକ୍ତି | ନରହରି ଉପାଧ୍ୟାୟ | ୬୦ |
| ଆଦିବାସୀଙ୍କର ଗ୍ରାମଦେବତା | ଅଧ୍ୟାପକ ଦୋଳଗୋବିନ୍ଦ ବିଶି | ୬୪ |
| ଓଡିଶାର ଶାକ୍ତପୀଠ | ଡକ୍ଟର୍ ହରିଶ୍ଚନ୍ଦ୍ର ଦାସ | ୭୦ |
| ପରିବେଶ ଓ ପରିବେଶର ସୁରକ୍ଷା | ଡକ୍ଟର୍ ଗୁରୁ ପ୍ରସାଦ ମହାନ୍ତି | ୭୫ |

# ମୋ ଦୃଷ୍ଟିରେ ....

ଉତ୍କଳ ପ୍ରସଙ୍ଗର ଅକ୍ଟୋବର ଓ ନଭେମ୍ବର ୧୯୮୯ ଯୁଗ୍ମ ସଂଖ୍ୟା ତାର ପ୍ରିୟ ସୁହୃଦ ପାଠକ ପାଠିକାମାନଙ୍କ ନିକଟରେ ଆତ୍ମପ୍ରକାଶ କରୁଛି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏହି ସଂଖ୍ୟାରେ କେତେକ ବିଶେଷ ପ୍ରବନ୍ଧ ପ୍ରକାଶ ପାଇଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର "ଜବାହରଲାଲ ନେହେରୁ – ଏକ ଶ୍ରଦ୍ଧାଞ୍ଜଳୀ" ପ୍ରବନ୍ଧରେ ପଣ୍ଡିତଜୀଙ୍କର ଅସାମାନ୍ୟ ବ୍ୟକ୍ତିତ୍ୱର ଦିଗ୍‌ଦର୍ଶନ ଦିଆ ଯାଇଅଛି । ବିଂଶ ଶତାବ୍ଦୀର ଅନ୍ୟତମ ଯୁଗ ପୁରୁଷ ପଣ୍ଡିତ ନେହେରୁ କେବଳ ଯେ ଭାରତବର୍ଷରେ ଏକ ନୂତନ ଯୁଗ ପ୍ରବର୍ତ୍ତନ କରିଥିଲେ, ତାହା ନୁହେଁ, ବରଂ ବିଶ୍ୱ ଇତିହାସକୁ ଏକ ନୂତନ ଦିଗନ୍ତ ଦେଖାଇ ଦେଇଥିଲେ ତାଙ୍କର ଶାନ୍ତିର ବାର୍ତ୍ତା ଦେଇ । ଗାନ୍ଧୀୟ ଦର୍ଶନ ଓ ଅନୁଚିନ୍ତାରେ ଅନୁପ୍ରାଣିତ ହୋଇ ସେ ଯେଉଁ ଗୋଷ୍ଠୀ ନିରପେକ୍ଷ ନୀତିର ଶିଳାନ୍ୟାସ କରିଥିଲେ ତାହାର ସୁଦୂର ପ୍ରସାରୀ ପରିଣତି ହେଉଛି ସୋଭିଏତ୍ ରୁଷ ଏବଂ ସାମ୍ରାଜ୍ୟବାଦୀ ଆମେରିକାର ୧୯୮୯ ମସିହାରେ ସହାବସ୍ଥାନ ଓ ଶାନ୍ତି ନିମନ୍ତେ ବ୍ୟାକୁଳତା, ସମଗ୍ର ପୂର୍ବ ୟୁରୋପରେ ରାଜନୈତିକ ବିବର୍ତ୍ତନ ଓ ପୃଥିବୀ ବକ୍ଷରେ ଅଖଣ୍ଡ ଶାନ୍ତି ଓ ସମୃଦ୍ଧି ନିମନ୍ତେ କାମନା । ଆମେ ଏହି କ୍ଷୁଦ୍ର ତଥା ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରବନ୍ଧ ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ପଣ୍ଡିତ ଜବାହରଲାଲଙ୍କ ବିଷୟରେ ଏହି ସଂଖ୍ୟାରେ ପ୍ରକାଶିତ ଡକ୍ଟର୍ ସତ୍ୟନାରାୟଣ ରାଜଗୁରୁ ଏବଂ ଅନ୍ୟ ପାଞ୍ଚଜଣ ଲେଖକଙ୍କର ପ୍ରବନ୍ଧ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ଦୁର୍ଗାପୂଜା ଓଡ଼ିଶାରେ ଏକ ପ୍ରଧାନ ପର୍ବ । ତେଣୁ ଏହି ଅକ୍ଟୋବର ସଂଖ୍ୟାରେ ଆମେ ଦେବୀଙ୍କ ଆରାଧନା ସମ୍ପର୍କୀୟ କେତେଗୋଟି ଉପାଦେୟ ତଥା ମୌଳିକ ଦୃଷ୍ଟିଭଙ୍ଗୀ ସମ୍ପନ୍ନ ଲେଖା ପ୍ରକାଶ କରୁଅଛୁ ।

ଅକ୍ଟୋବର ମାସରେ ଭାରତରେ ପରିବେଶ ରକ୍ଷା ନିମନ୍ତେ ବନ ମହୋତ୍ସବ ପାଳିତ ହୋଇଥାଏ । ତେଣୁ ଏହି ସଂଖ୍ୟାରେ ସେ ସମ୍ପର୍କରେ ମଧ୍ୟ କେତେକ ପ୍ରବନ୍ଧ ପ୍ରକାଶ ପାଉଅଛି । ଓଡ଼ିଶାର ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଗୋଟିଏ ବାର୍ତ୍ତା ମଧ୍ୟ ଏହି ସଂଖ୍ୟାରେ ପ୍ରକାଶ ପାଉଛି ।

ଓଡ଼ିଶାବାସୀଙ୍କୁ ଉତ୍କଳ ପ୍ରସଙ୍ଗ ତାର ଅଭିନନ୍ଦନ ଆଉ ଥରେ ଜଣାଉଛି ।

# ଜବାହରଲାଲ ନେହେରୁ –

# ଏକ ଶ୍ରଦ୍ଧାଞ୍ଜଳି

ମୁଖ୍ୟମନ୍ତ୍ରୀ

ପଣ୍ଡିତ ଜବାହାରଲାଲଙ୍କର ବ୍ୟକ୍ତିତ୍ୱର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି, ଭାରତର ଇତିହାସ ଓ ସଂସ୍କୃତି, ତାର ଅଧିବାସୀଙ୍କର ସୁଖ ଏବଂ ଦୁଃଖ, ଏବଂ ଭାରତର ଭବିଷ୍ୟତ ଓ ନୂତନ ଦୁନିଆ ଗଢ଼ିବା ନିମନ୍ତେ ତାର ଅବଦାନ ସହ ତାଙ୍କର ସାମଗ୍ରିକ ଭାବରେ ଜଡ଼ିତ ହୋଇଥିବା ବିଷୟ । ପଣ୍ଡିତ ନେହେରୁଙ୍କର ଗଣତନ୍ତ୍ର ଏବଂ ସମାଜବାଦର ଆଦର୍ଶ ଉପରେ ଦୃଢ଼ ବିଶ୍ୱାସ ଥିଲା । ତାହା ମାନବିକତାର ସୂକ୍ଷ୍ମତମ ଭାବନା ସହିତ ମିଶି ତାଙ୍କୁ ଏକ ଦ୍ରଷ୍ଟା ତଥା ଶୀତଳ ଯୁଦ୍ଧ ଓ ହିଂସା ଦ୍ୱାରା କ୍ଷୁବ୍ଧିତ ପୃଥିବୀରେ ଶାନ୍ତିର ଦୂତରେ ପରିଣତ କରାଇ ଦେଇଥିଲା । କେବଳ ଐତିହାସିକର ଦୃଷ୍ଟି ଓ ଭାବନା ଅପେକ୍ଷା ଭାରତର ବିଶାଳ ଐତିହ୍ୟ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଆହୁରି ଅଧିକ ଥିଲା । ଏହି ଦୃଷ୍ଟିଭଙ୍ଗୀ ଦ୍ୱାରା ସେ ଭାରତର ବର୍ତ୍ତମାନକୁ ଉପଲବ୍ଧି କରୁଥିଲେ ଏବଂ ଭବିଷ୍ୟତକୁ ଦେଖୁଥିଲେ ।

ସେ ଆଧୁନିକ ଭାରତର ସ୍ରଷ୍ଟା ଓ ନିର୍ମାତା ଥିଲେ । ଭାରତର ଆଧୁନିକୀକରଣର ଶିଳାନ୍ୟାସ ସେ କରିଥିଲେ । ବୈଜ୍ଞାନିକ ଅଭିବୃଦ୍ଧି ଓ କାରିଗରୀ କୌଶଳର ପରିବର୍ତ୍ତନ ପଛରେ ସେ ଭାରତକୁ ଅଗ୍ରସର କରାଉଥିଲେ । ଯୁକ୍ତିବିହୀନ କଟ୍ଟରତାକୁ ବାଦ ଦେଇ ଯେଉଁ ସାମାଜିକବାଦ ରହିଅଛି ତାର ସେ ପୃଷ୍ଠପୋଷକ ଥିଲେ । ବିଭିନ୍ନ ମତବାଦର ସାମୂହିକ ବିଶ୍ୱାସକୁ ନେଇ ଶାସନ କଳାପରି ଗଣତନ୍ତ୍ରବାଦରେ ସେ ବିଶ୍ୱାସ କରୁଥିଲେ । ପଣ୍ଡିତ ନେହେରୁଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ଭାରତ ବିଭିନ୍ନ କ୍ଷେତ୍ରରେ ବିରାଟ ସାଫଲ୍ୟ ହାସଲ କରିଥିଲା । କିନ୍ତୁ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଉଛି ଯେ ସେ ଭାରତର ଅଧିବାସୀଙ୍କ ଉପରେ ଏକ ବିରାଟ ବ୍ୟକ୍ତିତ୍ୱର କମନୀୟତା ଅଙ୍କନ କରି ଦେଇଥିଲେ । ଦୀର୍ଘ ସତର ବର୍ଷ କାଳ ଗୋଟିଏ ଦେଶର ନିରପେକ୍ଷ ନିର୍ବାଚନ ପଦ୍ଧତି ଦ୍ୱାରା ତାର ଭାଗ୍ୟ ନିର୍ଦ୍ଧାରକ ହୋଇ ରହିବା ଇତିହାସରେ ଅତି ବିରଳ, କିନ୍ତୁ ତାହା ସମ୍ଭବ ହୋଇଥିଲା ଜନସାଧାରଣଙ୍କର ପ୍ରେମ ଏବଂ ଶୁଭକାମନାକୁ ନେଇ ।

ପଣ୍ଡିତ ନେହେରୁଙ୍କର ବାର୍ତ୍ତା ଭାରତର ସୀମାକୁ ଅତିକ୍ରମ କରି ବହୁ ଦୂର ପର୍ଯ୍ୟନ୍ତ ଯାଉଥିଲା । ସେ ଶାନ୍ତିର ଜଣେ ଦୂତ ଥିଲେ ଏବଂ ଅହିଂସା, ସହନଶୀଳତା ଓ ସାର୍ବଜନୀନ ପ୍ରୀତିକୁ ନେଇ ଗଠିତ ହୋଇଥିବା ଜାତୀୟ ମୂଲ୍ୟବୋଧକୁ ଏକ ଆକାର ଓ ସତ୍ତା ଦାନ କରିଥିଲେ । ନେହେରୁ ଜଣେ ପ୍ରଚଣ୍ଡ ଜାତୀୟତାବାଦୀ ନେତା ଥିଲେ, କିନ୍ତୁ କ୍ଷୁଦ୍ରତା ତାଙ୍କର ସ୍ୱଭାବର ପରିପନ୍ଥୀ ଥିଲା । ସେ ବିଶ୍ୱାସ କରୁଥିଲେ ଯେ ଆନ୍ତର୍ଜାତିକ ଶାନ୍ତି ଓ ସହଯୋଗ ନିମନ୍ତେ ଅବିରାମ ଚେଷ୍ଟା ଦ୍ୱାରା ହିଁ ଭାରତର ଜାତୀୟ ସ୍ୱାର୍ଥ ରକ୍ଷା କରାଯାଇ ପାରିବ । ଇନ୍ଦିରା ଗାନ୍ଧି ଥରେ କହିଥିଲେ, "ଜବାହାରଲାଲ ନେହେରୁ ବିଂଶ ଶତାବ୍ଦୀର ଜଣେ ଯୁଗଜନ୍ମା ପୁରୁଷ ଏବଂ ଆମ ସମସ୍ତଙ୍କୁ ପରିବର୍ତ୍ତନ କରୁଥିବା ମୁଖ୍ୟ ସ୍ରୋତର କେତେକ ଅଂଶକୁ ସେ ମୂର୍ତ୍ତିମନ୍ତ କରି ରଖିଥିଲେ ।"

ଓଡ଼ିଶା ପ୍ରତି ପଣ୍ଡିତ ନେହେରୁଙ୍କର ହୃଦୟରେ ଏକ ସ୍ୱତନ୍ତ୍ର ପ୍ରେମ ରହିଥିଲା । ୧୯୩୭ ମସିହାରେ ସେ ଓଡ଼ିଶାକୁ ପ୍ରଥମ ଥର ପାଇଁ ଆସିଥିଲେ । ପରେ ୧୯୪୮ ମସିହାରେ ଦେଶର ପ୍ରଥମ ବୃହତ୍ ନଦୀବନ୍ଧ ଯୋଜନାର ଶିଳାନ୍ୟାସ ହୀରାକୁଦଠାରେ କରିଥିଲେ ଏବଂ ଏହାର ପରିସମାପ୍ତି ପରେ ୧୯୫୭ ମସିହାରେ ଏହାର ଶୁଭାରମ୍ଭ କରିଥିଲେ । ଏପ୍ରିଲ୍ ୧୯୪୮ରେ ଓଡ଼ିଶାର ନୂତନ ରାଜଧାନୀ ଭୁବନେଶ୍ୱରର ସେ ଶିଳାନ୍ୟାସ କରିଥିଲେ । ପଣ୍ଡିତ ନେହେରୁଙ୍କର ଆଶୀର୍ବାଦ ଦ୍ୱାରା ଭାରତର ପ୍ରଥମ ଇସ୍ପାତ କାରଖାନା ଓଡ଼ିଶାର ରାଉରକେଲାଠାରେ ସ୍ଥାପିତ ହୋଇଥିଲା ଏବଂ ମାର୍ଚ୍ଚ ୧୯୫୯ରେ ସେ ନିଜେ ଏହାର ଶୁଭାରମ୍ଭ କରିଥିଲେ । ୧୯୬୨ ମସିହାରେ ପଣ୍ଡିତ ନେହେରୁ ପାରାଦ୍ୱୀପ ବନ୍ଦରର ଶିଳାନ୍ୟାସ କରିଥିଲେ ।

ମୃତ୍ୟୁର ଅବ୍ୟବହିତ ପୂର୍ବରୁ ୧୯୬୪ ମସିହାରେ ଭୁବନେଶ୍ୱରଠାରେ ନିଖିଳ ଭାରତ କଂଗ୍ରେସ ଅଧିବେଶନରେ ସେ ଯୋଗ ଦେଇଥିଲେ ଏବଂ ଏହାହିଁ ତାଙ୍କ ନିମନ୍ତେ ଶେଷ ଅଧିବେଶନ ଥିଲା । ଏହି ଭୁବନେଶ୍ୱର ଅଧିବେଶନରେ ହିଁ ଗଣତାନ୍ତ୍ରିକ ସମାଜବାଦ ସମ୍ପର୍କରେ ଐତିହାସିକ ପ୍ରସ୍ତାବ କଂଗ୍ରେସ ଦ୍ୱାରା ଗୃହୀତ ହୋଇଥିଲା ଏବଂ ଏହି ପ୍ରସ୍ତାବ ପଣ୍ଡିତ ନେହେରୁ ନିଜେ ପ୍ରସ୍ତୁତ କରିଥିଲେ । ଏହି ପ୍ରସ୍ତାବରେ ଭାରତର ପ୍ରତ୍ୟେକ ନାଗରିକଙ୍କ ପାଇଁ ଜାତୀୟ ସର୍ବନିମ୍ନ ପାଞ୍ଚଗୋଟି ଅତ୍ୟାବଶ୍ୟକୀୟ ପଦାର୍ଥର ନିଶ୍ଚିତତା ଦିଆଯାଇଅଛି । ଯଥା–ଖାଦ୍ୟ, ବସ୍ତ୍ର, ବାସ, ଶିକ୍ଷା ଓ ସ୍ୱାସ୍ଥ୍ୟ । ତେଣୁ ଏହି ଓଡ଼ିଶାରେ ହିଁ ପଣ୍ଡିତ ନେହେରୁ ଜଣେ ଏକନିଷ୍ଠ ଗଣତାନ୍ତ୍ରିକ ଓ ସମାଜବାଦୀ ନେତା ରୂପେ ତାଙ୍କର ଶେଷ ଇଚ୍ଛା ଉଚ୍ଚାରଣ କରିଛନ୍ତି ।

ପଣ୍ଡିତ ନେହେରୁ ମାନବିକତା, ସାମାଜିକ ନ୍ୟାୟ ଏବଂ ଆନ୍ତର୍ଜାତିକ ଶାନ୍ତିର ପ୍ରତିମୂର୍ତ୍ତି ଥିଲେ । ଏହି ମହାନ ବ୍ୟକ୍ତିଙ୍କର ଜନ୍ମ ଶତାବ୍ଦୀ ଉପଲକ୍ଷେ ଆୟୋଜିତ ବର୍ଷର ପରିସମାପ୍ତିରେ ମୁଁ ଭାରତର ଅଗଣିତ ଅଧିବାସୀଙ୍କ ସହ ମିଶି ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

(ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ)

# ହରିଜନ ତଥା ଆଦିବାସୀ ମଙ୍ଗଳ - ଲକ୍ଷ୍ୟ, କୃତୀ ଓ ସିଦ୍ଧି

ଶ୍ରୀ ରାସବିହାରୀ ବେହେରା

## ହରିଜନ ଓ ଆଦିବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ

ଓଡିଶା ଏକ କୃଷିପ୍ରଧାନ ଏବଂ ଆଦିବାସୀ-ହରିଜନ ବହୁଳ ରାଜ୍ୟରୂପେ ପରିଗଣିତ । ଗତ ଜନଗଣନା ଅନୁଯାୟୀ ଆଦିବାସୀ-ହରିଜନଙ୍କ ସର୍ବମୋଟ୍ ସଂଖ୍ୟା ୯୭ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ଥିବା ସ୍ଥଳେ ଆସନ୍ତା ଜନଗଣନା ୧୯୯୧ ସୁଦ୍ଧା ସେମାନଙ୍କ ସଂଖ୍ୟା ପ୍ରାୟ ଏକ କୋଟି ହୋଇପାରିଥିବ ବୋଲି ସହଜରେ ଅନୁମେୟ । ସମଗ୍ର ରାଜ୍ୟରେ ପର୍ଯ୍ୟାପ୍ତ ହୋଇ ରହିଥିବା ଏବଂ ୪୪.୭ ଭାଗ ଅଞ୍ଚଳରେ ବହୁଳ ଭାବେ ଥିବା ଏତେ ସଂଖ୍ୟକ ଅନୁନ୍ନତ ଶ୍ରେଣୀ ଲୋକଙ୍କ ଉନ୍ନତି ସାଧନ ନ ହେଲେ, ରାଜ୍ୟର ସର୍ବାଙ୍ଗୀନ ବିକାଶ କ'ଣ ସମ୍ଭବ ? ରାଜ୍ୟର ସାମୂହିକ ତଥା ପୂର୍ଣ୍ଣାଙ୍ଗ ବିକାଶ କରିବାକୁ ହେଲେ, ଆଦିବାସୀ-ହରିଜନଙ୍କ ପରି ସମାଜର ଏକ ଅବିଚ୍ଛେଦ୍ୟ ତଥା- ଗୁରୁତ୍ୱପୂର୍ଣ୍ଣ ଅଂଶର କଲ୍ୟାଣ କରିବା ଅତି ଜରୁରୀ । ସେଥିପାଇଁ ଗତ ଷଷ୍ଠ ଯୋଜନା କାଳଠାରୁ ବର୍ତ୍ତମାନ ସରକାର ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ଦିଗରେ ନିମ୍ନମତେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ।

### ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ :

ଷଷ୍ଠ ଯୋଜନା କାଳ (୧୯୮୦) ଠାରୁ ସରକାର ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡିକର ସଫଳ ରୂପାୟନ ଦିଗରେ ବିଶେଷ ଦୃଷ୍ଟି ଦେଇ ଆସୁଛନ୍ତି । ଏହି ଯୋଜନା କାଳ ମଧ୍ୟରେ ୪ ଲକ୍ଷ ୯୮ ହଜାର ଆଦିବାସୀ ଏବଂ ୪ ଲକ୍ଷ ୬୪ ହଜାର ହରିଜନ ପରିବାର ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । ସେହିପରି ସପ୍ତମ ଯୋଜନା ପ୍ରାରମ୍ଭରୁ (୧୯୮୫-୮୬)ରୁ ଗତ ଜାନୁୟାରୀ ମାସ ସୁଦ୍ଧା ୫ ଲକ୍ଷ ୬୮ ହଜାର ୬୬୦ ଆଦିବାସୀ ଏବଂ ୪ ଲକ୍ଷ ୫ ହଜାର ୨୧୭ ହରିଜନ ପରିବାରଙ୍କୁ ସାହାଯ୍ୟ ଦିଆଯାଇଛି ।

### ଶିକ୍ଷା ପ୍ରସାର :

ମାନସିକ, ଶାରୀରିକ ଓ ଆର୍ଥିକ ବିକାଶ ଲାଗି ଶିକ୍ଷା ଯେହେତୁ ଅପରିହାର୍ଯ୍ୟ, ସେଥିପାଇଁ ସରକାର ହରିଜନ-ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ବ୍ୟାପକ ପ୍ରସାର ଉପରେ ଅଧିକ ଗୁରୁତ୍ୱ ଆରୋପ କରିଆସୁଛନ୍ତି । ସେଥିପାଇଁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ, ଛାତ୍ର-ଛାତ୍ରୀଙ୍କୁ ଖାଦ୍ୟପେୟ, ପୋଷାକପତ୍ର, ପାଠ୍ୟୋପକରଣ ଯୋଗାଣ, ଖେଳ-କସରତ ଓ ସ୍ୱାସ୍ଥ୍ୟରକ୍ଷା ବାବଦରେ ଆର୍ଥିକ ସାହାଯ୍ୟ ଏବଂ ସର୍ବୋପରି ବିଦ୍ୟା-ବୃତ୍ତିମାନ ପ୍ରଦାନ କରାଯାଉଛି । ୧୯୮୧ ସୁଦ୍ଧା ଶତକଡା ୧୩.୯୬ ଭାଗ ଆଦିବାସୀ ଏବଂ ୨୨.୪ ଭାଗ ହରିଜନ ସାକ୍ଷର ହୋଇଥିଲେ ଏହା ବ୍ୟତୀତ ବିଗତ ୯ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଫଳରେ ସେମାନଙ୍କର ସାକ୍ଷର ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି ।

ଆଦିବାସୀ-ହରିଜନ ପ୍ରାଥମିକ ସ୍କୁଲଗୁଡିକରେ ଉପସ୍ଥାନ ହ୍ରାସ ରୋକିବା ଲାଗି ଆଦିବାସୀ ଉପଯୋଜନା ଅଂଚଳ ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଛାତ୍ରାବାସ ନିର୍ମାଣପାଇଁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଅଜିସୁଦ୍ଧା ୧,୦୦୦ଟି ଛାତ୍ରାବାସ ନିର୍ମାଣ କରାଯାଇଛି । ସେଗୁଡିକରେ ୪୦ ହଜାର ପିଲା ରହୁଛନ୍ତି । ଏହି ବିଭାଗରେ ବର୍ତ୍ତମାନ ୧୧୭ଟି ବାଳକ ହାଇସ୍କୁଲ୍ ଓ ୩୩ଟି ବାଳିକା ହାଇସ୍କୁଲ୍ ପରିଚାଳିତ ହେଉଛି । ସେଗୁଡିକରେ ୧୮ ହଜାର ୨୫୬ ଜଣ ଆଦିବାସୀ ଓ ୫,୬୩୭ ଜଣ ହରିଜନ ପିଲାଙ୍କ ସମେତ ସର୍ବମୋଟ ୨୯ ହଜାର ୯୩୯ ଜଣ ଛାତ୍ର-ଛାତ୍ରୀ ପଢୁଛନ୍ତି । ସେହିପରି ୮୫ଟି ଆଶ୍ରମ ସ୍କୁଲ୍ ଓ କନ୍ୟାଶ୍ରମରେ ୪,୬୬୨ ଜଣ ଆଦିବାସୀ ଓ ୧,୮୩୬ ଜଣ ହରିଜନ ପିଲାଙ୍କ ସମେତ ସର୍ବମୋଟ ୭,୬୪୯ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଏହି ବିଭାଗର ୫୦ଟି ଆବାସିକ ସେବାଶ୍ରମରେ ୩ ହଜାର ୮୭୩ ଜଣ ଆଦିବାସୀ-ହରିଜନ ପିଲାଙ୍କ ସମେତ ମୋଟ ୪,୧୫୦ ଜଣ ପିଲା ପଢୁଛନ୍ତି । ଏହା ବ୍ୟତୀତ ୧,୦୯୨ ଟି

ସେବାଶ୍ରମରେ ପଢୁଥିବା ପିଲାଙ୍କ ସଂଖ୍ୟା ହେଲା ୯୫ ହଜାର ୧୫ ଜଣ ।

ଏଠାରେ ବିଶେଷ ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ପୂର୍ବରୁ ଛାତ୍ର-ଛାତ୍ରୀଙ୍କୁ ବିଭିନ୍ନ ହାରରେ ବୃତ୍ତି/ଭୋଜନ ବାବଦ ଅର୍ଥକୁ ସମୀକରଣ ଓ ବୃଦ୍ଧି କରାଯିବ ବୋଲି ନିଷ୍ପତ୍ତି କରାଯାଇଛି । ତଦନୁଯାୟୀ ଛାତ୍ରାବାସଗୁଡିକରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ "କନିଷ୍ଠ ବର୍ଗ" ଏବଂ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ "ବରିଷ୍ଠ ବର୍ଗ" – ଏପରି ୨ଟି ଭାଗରେ ବିଭକ୍ତ କରାଯାଉଛି । କନିଷ୍ଠ ବର୍ଗ ଓ ବରିଷ୍ଠ ବର୍ଗ ଅନ୍ତେବାସୀମାନଙ୍କୁ ଯଥାକ୍ରମେ ମାସିକ ୯୦ ଟଙ୍କା ଏବଂ ୧୦୦ ଟଙ୍କା ହାରରେ ବୃତ୍ତି/ଭୋଜନ ବ୍ୟୟ ଦିଆଯିବ । ବରିଷ୍ଠ ବର୍ଗ ଅନ୍ତେବାସୀମାନେ ଉକ୍ତ ନିର୍ଦ୍ଧାରିତ ହାର ଉପରେ ମାସିକ ୫ ଟଙ୍କା ଲେଖାଏଁ ଅଧିକ ସାହାଯ୍ୟ ପାଇବେ । ଏହି ନିଷ୍ପତ୍ତି ଆସନ୍ତା ଜୁଲାଇ ମାସଠାରୁ କାର୍ଯ୍ୟକାରୀ ହେବ ।

### ଆଦିମ ଆଦିବାସୀଙ୍କ ପାଇଁ ଶିକ୍ଷା ପ୍ରକଳ୍ପ :

ଅଣୁ ପରିଯୋଜନା (ମାଇକ୍ରୋ ପ୍ରୋଜେକ୍ଟ) ଅଞ୍ଚଳରେ ଆଦିମ ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ମଧ୍ୟ ସରକାର ବିଶେଷ ତତ୍ପର । ସେଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ପାଣ୍ଠିରୁ ୯୦ ଲକ୍ଷ ଟଙ୍କା ମଞ୍ଜୁର କରିବା ଲାଗି କେନ୍ଦ୍ର ସରକାରଙ୍କୁ ଏକ ସ୍ୱତନ୍ତ୍ର ଯୋଜନା ଦେଇଥିଲେ, ତାହା ଅନୁମୋଦିତ ହୋଇଛି । ଏବାବଦରେ ୩୦ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳି ସାରିଲାଣି । ଏହି ସ୍ୱତନ୍ତ୍ର ଶିକ୍ଷା ପ୍ରକଳ୍ପ ୯ଟି ଅଣୁ ପରିଯୋଜନା (ମାଇକ୍ରୋ ପ୍ରୋଜେକ୍ଟ) ଅଞ୍ଚଳରେ କାର୍ଯ୍ୟକାରୀ ହେବ ।

### ହାଇସ୍କୁଲରେ ବୃତ୍ତିଗତ ଶିକ୍ଷା ପ୍ରବର୍ତ୍ତନ :

ନୂତନ ଶିକ୍ଷାନୀତି ଅନୁଯାୟୀ ହରିଜନ–ଆଦିବାସୀ ବିଭାଗ ୬ଟି ହାଇସ୍କୁଲ୍ ସମେତ ରାଜ୍ୟର ମୋଟ ୩୧ଟି ହାଇସ୍କୁଲରେ +୨ ସ୍ତରରୁ ବିଭିନ୍ନ ବୃତ୍ତିଗତ ଶିକ୍ଷାଦାନ ପାଇଁ ନିଷ୍ପତ୍ତି କରାଯାଇଛି । ଏଥିପାଇଁ ବଛାଯାଇଥିବା ୬ଟି ବିଭାଗୀୟ ସ୍କୁଲ୍ ହେଲା– ପୁରୀ ଜିଲ୍ଲାର ତପୋବନ ହାଇସ୍କୁଲ୍, ମୟୂରଭଞ୍ଜ ଜିଲ୍ଲାର ବିଶୋଇ ହାଇସ୍କୁଲ୍, କେନ୍ଦୁଝରର ମାଟ୍‌କାମବେଡା ହାଇସ୍କୁଲ୍, ଫୁଲବାଣୀର ନୂଆଗାଁ ହାଇସ୍କୁଲ୍ ଏବଂ କୋରାପୁଟର ସୁନାବେଡା ଓ କୈଳାସପୁର ହାଇସ୍କୁଲ୍ ।

### ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ତାଲିମ :

ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସାଫଲ୍ୟ ଲାଭ କରିବା ପାଇଁ ଶିକ୍ଷିତ ଆଦିବାସୀ–ହରିଜନ ଛାତ୍ରଛାତ୍ରୀମାନଙ୍କୁ ପ୍ରାକ୍–ପରୀକ୍ଷା ତାଲିମ୍ ଦେବାର ବ୍ୟବସ୍ଥା ହୋଇଛି । ଏଥିପାଇଁ ତାଲିମ୍ କାଳ ମଧ୍ୟରେ ପ୍ରାର୍ଥୀଙ୍କୁ ଦିଆଯାଉଥିବା ମାସିକ ଷ୍ଟାଇପେଣ୍ଡ ୧୫୦ ଟଙ୍କାରୁ ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

## ଆଦିବାସୀ କଲ୍ୟାଣ କାର୍ଯ୍ୟକ୍ରମ

### ଆଦିବାସୀ ଉପଯୋଜନା :

ଷଷ୍ଠ ଯୋଜନାଠାରୁ ବିଗତ ପ୍ରାୟ ୮ ବର୍ଷ ୬ ମାସ ମଧ୍ୟରେ ଆଦିବାସୀବହୁଳ ଅଞ୍ଚଳଗୁଡିକର ବିକାଶ ଓ ସେସବୁ ଅଞ୍ଚଳ ଆଦିବାସୀଙ୍କର ଅର୍ଥନୈତିକ ଉନ୍ନତି ଦିଗରେ ବହୁବିଧ ପଦକ୍ଷେପ ନିଆଯାଇଛି । ସେଥିପାଇଁ ରାଜ୍ୟର ୧୧୮ଟି ଆଦିବାସୀ ବହୁଳ ବ୍ଲକ୍‌କୁ ନେଇ ଗଠିତ ବହୁ ସଂଖ୍ୟକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ.) ମାଧ୍ୟମରେ ଉପଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଷଷ୍ଠ ଯୋଜନାରେ ଉପଯୋଜନା ଅଞ୍ଚଳଗୁଡିକରେ ୬୪୦ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ୭ମ ଯୋଜନାର ପ୍ରଥମ ୩ ବର୍ଷରେ ସମୁଦାୟ ୬୮୧ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ଗତ ଆର୍ଥିକ ବର୍ଷରେ ବ୍ୟୟର ପରିମାଣ ପ୍ରାୟ ୩୦୮ କୋଟି ୨୪ ଲକ୍ଷ ଟଙ୍କା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଦିବାସୀ ଉପଯୋଜନା ଅଞ୍ଚଳଗୁଡିକରେ ଗତ ଜନଗଣନା ଅନୁଯାୟୀ ୩୯ ଲକ୍ଷ ୯୦ ହଜାର ୮୯ ଜଣ ଆଦିବାସୀ ବାସ କରନ୍ତି ।

### 'ମାଡା' କାର୍ଯ୍ୟକ୍ରମ :

ଆଦିବାସୀ ଉପଯୋଜନା ଅଞ୍ଚଳ ବାହାରେ ବାସ କରୁଥିବା ଆଦିବାସୀମାନଙ୍କ ସର୍ବବିଧ ଉନ୍ନତି ପାଇଁ ସଂଶୋଧିତ ଅଞ୍ଚଳ ଉନ୍ନୟନ ଅଭିମୁଖ୍ୟ– ମାଡା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ସେଥିପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପାଣ୍ଠିରୁ ସାହାଯ୍ୟ ମିଳୁଛି । ୪୭ ଟି ବ୍ଲକ୍‌ରେ ଥିବା ୪୫ଟି ମାଡା ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ ଗତ ୪ ବର୍ଷରେ ସମୁଦାୟ ୭ କୋଟି ୧୫ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିଛି । ଏହାଦ୍ୱାରା ସେସବୁ ଅଞ୍ଚଳର ପ୍ରାୟ ୪ ଲକ୍ଷ ୮୮ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଉପକୃତ ହେଉଛନ୍ତି ।

### ପୁଞ୍ଜି କାର୍ଯ୍ୟକ୍ରମ :

୫ ହଜାର ଜନସଂଖ୍ୟା ବିଶିଷ୍ଟ କେତେକ ସନ୍ନିକଟ ଆଦିବାସୀ ବହୁଳ ଗ୍ରାମକୁ ନେଇ ୫ଟି ଜିଲ୍ଲାରେ ୮ଟି 'ପୁଞ୍ଜି' (କ୍ଲଷ୍ଟର୍) କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।ସଂପ୍ରତି ୮ ଜଣ ବି.ଡି.ଓ ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଜନହିତକର କାର୍ଯ୍ୟ ସେସବୁ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ଏ ବାବଦରେ ୧୯୮୬-୮୭ରୁ ୩ ବର୍ଷ ମଧ୍ୟରେ ସମୁଦାୟ ୨୯ ଲକ୍ଷ ଟଙ୍କା ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ମିଳିଥିଲା । ଏହି ଯୋଜନାରେ ମୋଟ ୨୫ ହଜାର ୮୨୪ ଜଣ ଆଦିବାସୀ ଅନ୍ତର୍ଭୁକ୍ତ ହୋଇଛନ୍ତି ।

### ଆଦିମ ଆଦିବାସୀଙ୍କ ପାଇଁ ଉନ୍ନୟନ ଯୋଜନା :

ଆଦିମ ଆଦିବାସୀରୂପେ ସ୍ୱୀକୃତ ରାଜ୍ୟର ୧୨ଟି ଆଦିବାସୀ ଗୋଷ୍ଠୀଙ୍କ ପାଇଁ ୧୫ଟି ଅଣୁ ପରିଯୋଜନା (ମାଇକ୍ରୋ ପ୍ରୋଜେକ୍ଟ) ଗଠନ କରାଯାଇଛି । ସେ ଅଞ୍ଚଳର ଆଦିମ ଆଦିବାସୀମାନେ ଶତକଡା ୧୦୦ ଭାଗ ପରିବାରର ଆୟବୃଦ୍ଧି କରିବା ଯୋଜନାରେ ଏହା ବ୍ୟତୀତ ପ୍ରୋଜେକ୍ଟ ଅଞ୍ଚଳରେ କୃଷି, ଶିହାତି ପାଉଛନ୍ତି ।

ଫଳୋଦ୍ୟାନ, ମୃତ୍ତିକା ସଂରକ୍ଷଣ, ପଶୁପାଳନ, ପାନୀୟ ଜଳ ଯୋଗାଣ ଇତ୍ୟାଦି କାର୍ଯ୍ୟସବୁ କରାଯାଉଛି । ଏ ବାବଦରେ ସପ୍ତମ ଯୋଜନାର ୪ ବର୍ଷରେ ମୋଟ୍ ୨ କୋଟି ୮୦ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟରୁ ବ୍ୟୟ କରାଯାଇଛି ।

### ଚିହ୍ନିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ (ଡି.ଟି.ଡି.ପି.) :

ଆଇ.ଟି.ଡି.ଏ., ମଡା, ଗୁଚ୍ଛ ଏବଂ ଅଣୁ ପରିଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳ ଗୁଡିକ ବାହାରେ ଯେଉଁ ଆଦିବାସୀମାନେ ବାସ କରୁଛନ୍ତି ସେମାନେ ଯେପରି ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପାଣ୍ଠିରୁ ସାହାଯ୍ୟ ପାଇ ପାରିବେ ସେଥିପାଇଁ ଏହି କାର୍ଯ୍ୟକ୍ରମ (ଡି.ଟି.ଡି.ପି) ଉଦ୍ଦିଷ୍ଟ । ଓଡିଶା ହରିଜନ ଓ ଆଦିବାସୀ ଉନ୍ନୟନ ଅର୍ଥ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମ ବାବଦରେ ୧୯୮୬-୮୭ ଠାରୁ ଆର୍ଥିକ ବର୍ଷ ଶେଷସୁଦ୍ଧା ୨ କୋଟି ୮୮ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିଛି । ଏହା ୧୯୬ଟି ବ୍ଲକ ଓ ୭୩ଟି ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଛି ।

### ଦରିଦ୍ର ଋଣୀ ଆଦିବାସୀଙ୍କୁ ସହାୟତା :

ଆଦିବାସୀ ଉପଯୋଜନା ଅଞ୍ଚଳରେ ଯେଉଁ ଆଦିବାସୀ ପରିବାର ବିଭିନ୍ନ ପ୍ରକାର ଋଣ ନେଇ ପରିଶୋଧ କରିବାକୁ ଅସମର୍ଥ ହୋଇଥିଲେ ସେମାନଙ୍କୁ ଋଣମୁକ୍ତ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ । ୧୯୮୫ ଜୁନ୍ ଶେଷସୁଦ୍ଧା ଯେଉଁ ଆଦିବାସୀଙ୍କର ସମୁଳସୁଧ ୨୫୦ ଟଙ୍କା ମଧ୍ୟରେ ହୋଇଥିଲା, ସେମାନଙ୍କର ବକେୟା ଦେୟ ସଂପୃକ୍ତ ଋଣ ମଞ୍ଜୁରକାରୀ ସଂସ୍ଥାକୁ ପରିଶୋଧ କରିଦେଲେ । ୧୯୮୭-୮୮ ଠାରୁ ଆରମ୍ଭ କରାଯାଇଥିବା ଏହି ଯୋଜନା ଫଳରେ ଆଜିସୁଦ୍ଧା ଏ ବାବଦରେ ୮୨୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏତଦ୍ୱାରା ୫୫ ହଜାର ୮୯୩ ଜଣ ଋଣଗ୍ରସ୍ତ ଆଦିବାସୀଙ୍କୁ ଋଣମୁକ୍ତ କରାଯାଇ ପାରିଛି ।

### ଆଦିବାସୀ ଅଞ୍ଚଳରେ ରାସ୍ତା ଯୋଗାଯୋଗ :

ଆଦିମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡିକରେ ରାସ୍ତା ଯୋଗାଯୋଗର ସୁବିଧା କରିବାକୁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ୧୯୮୭-୮୮ରେ ଏକକୋଟି ୨୮ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଗତ ଆର୍ଥିକ ବର୍ଷରେ ଏ ବାବଦରେ ୮୯ ଲକ୍ଷ ୫୪ ହଜାର ଟଙ୍କା ମଞ୍ଜୁର କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ।

### କାଶୀପୁର ଆଦିବାସୀ ଉନ୍ନୟନ ପ୍ରକଳ୍ପ :

କୋରାପୁଟ ଜିଲ୍ଲାର ଅନୁନ୍ନତ କାଶୀପୁର ବ୍ଲକ ଅଞ୍ଚଳ ଓ ଅଧିବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ "କୃଷି ବିକାଶ ପାଇଁ ଆନ୍ତର୍ଜାତିକ ପାଣ୍ଠି" (TAD) ସଂସ୍ଥା ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଗତ ଆର୍ଥିକ ବର୍ଷଠାରୁ ଏହା ଆରମ୍ଭ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୫ କୋଟି ଟଙ୍କା ବ୍ୟୟରେ ୭ ବର୍ଷ ପର୍ଯ୍ୟନ୍ତ ଚାଲିବ । ୮ମ ବର୍ଷଠାରୁ ୨ୟ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ୬ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯିବ ଏବଂ ଏ ବାବଦରେ ୬ କୋଟି ଟଙ୍କା ବିନିଯୋଗ ହେବ । ସମୁଦାୟ ୩୧ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତୁତ ଏହି ପ୍ରକଳ୍ପ ପାଇଁ ଆଇ.ଏଫ୍.ଏ.ଡି. ୧୧ କୋଟି ଟଙ୍କା, ରାଜ୍ୟ ସରକାର ୧୩ କୋଟି ଟଙ୍କା ଏବଂ କେନ୍ଦ୍ର ସରକାର ୭ କୋଟି ଟଙ୍କା ଯୋଗାଇଦେବେ । ଗତ ଆର୍ଥିକ ବର୍ଷରେ ଏଥିପାଇଁ ବଜେଟରେ ଏକକୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

ଏହି ପ୍ରକଳ୍ପରେ କୃଷି ଉତ୍ପାଦନ, ପ୍ରାକୃତିକ ଓ ମାନବ ସମ୍ବଳର ବିକାଶ, ଗ୍ରାମ୍ୟ ଭିତ୍ତିଭୂମି ନିର୍ମାଣ, ବ୍ୟବସାୟ-ବାଣିଜ୍ୟର ଉନ୍ନତି ଏବଂ ଭୂମି ସର୍ଭେ କାର୍ଯ୍ୟ ଇତ୍ୟାଦି କାର୍ଯ୍ୟକାରୀ କରାଯିବ । ଏତଦ୍ୱାରା ବ୍ଲକର ୪୪୭ଟି ଗ୍ରାମରେ ବାସ କରୁଥିବା ୧୨ ହଜାର ଆଦିବାସୀଙ୍କ ସମେତ ସମୁଦାୟ ୫୧ ହଜାର ୮୩୫ ଜଣ ଲୋକ ଉପକୃତ ହେବେ ।

### ପୋଡୁଚାଷରୁ ନିବୃତ୍ତି ଓ ଥଇଥାନ ଯୋଜନା :

ପୋଡୁଚାଷ କରୁଥିବା ୧୧୮ଟି ଆଦିବାସୀ ଗ୍ରାମର ପରିବାର ମାନଙ୍କୁ ଏହି ଚାଷରୁ ନିବୃତ୍ତ କରି ଅନ୍ୟ ଲାଭଜନକ ବୃତ୍ତିରେ ଥଇଥାନ କରିବା ଲାଗି ସରକାର ୧୯୮୭-୮୮ଠାରୁ ଏକ ସୁଚିନ୍ତିତ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି । ତଦନୁଯାୟୀ ୧୯୯୧-୯୨ ମଧ୍ୟରେ ୬ ହଜାରରୁ ଅଧିକ ପୋଡୁଚାଷୀ ପରିବାରଙ୍କୁ ଥଇଥାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି । କେନ୍ଦ୍ର କୃଷି ମନ୍ତ୍ରଣାଳୟ ଏଥିପାଇଁ ୨ କୋଟି ୮ ଲକ୍ଷ ଟଙ୍କା ଏବଂ ଗତବର୍ଷ ଏକକୋଟି ୪୯ ଲକ୍ଷ ଟଙ୍କା ମଞ୍ଜୁର କରୁଛନ୍ତି । ପ୍ରତି ପରିବାରଙ୍କୁ ୫ ବର୍ଷ ମଧ୍ୟରେ ପ୍ରାୟ ୩୦ ହଜାର ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ ।

## ଦାରିଦ୍ର୍ୟ ଦୂରୀକରଣ ପାଇଁ ଆଞ୍ଚଳିକ ଉନ୍ନୟନ ଆଭିମୁଖ୍ୟ (ଆଡାପ୍ଟ)

କୋରାପୁଟ ଜିଲ୍ଲାର ୭ଟି ବ୍ଲକ୍ ଓ କଳାହାଣ୍ଡି ଜିଲ୍ଲାର ୮ଟି ବ୍ଲକ୍ ଏହି ଯୋଜନାରେ ଅନ୍ତର୍ଭୁକ୍ତ । ଏହିସବୁ ବ୍ଲକରେ ଜଳସେଚନ, କୃଷି-ଉତ୍ପାଦନ, ସାମାଜିକ ଭିତ୍ତିଭୂମିର ବିକାଶ ଓ ପ୍ରାକୃତିକ ପରିବେଶର ସୁରକ୍ଷା କାର୍ଯ୍ୟ କରାଯିବ । ପ୍ରଥମ ପର୍ଯ୍ୟାୟରେ ଏହି ବିଭାଗ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ କୋରାପୁଟରେ ଏକକୋଟି ୧୫ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟରେ ୪୫ଟି ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯିବ । ତନ୍ମଧ୍ୟରୁ ଗତ ଆର୍ଥିକ ବର୍ଷ ୧୯୮୮-୮୯ରେ ୨୫ଟି ପଏଣ୍ଟ ବସାଇବାକୁ ବ୍ୟବସ୍ଥା କରାଯାଇଥିଲା ଏବଂ ଏ ବାବଦରେ କେନ୍ଦ୍ର କଲ୍ୟାଣ ମନ୍ତ୍ରଣାଳୟ ତାଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅର୍ଥ ଯୋଗାଇ ଦେବାକୁ ସମ୍ମତ ହୋଇଛନ୍ତି । ଆଜି ସୁଦ୍ଧା ୭୦ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିଲାଣି ।

## ହରିଜନ କଲ୍ୟାଣ କାର୍ଯ୍ୟକ୍ରମ :

ହରିଜନମାନଙ୍କ ସର୍ବାଙ୍ଗୀନ କଲ୍ୟାଣ ସାଧନ ପାଇଁ ଷଷ୍ଠ ଯୋଜନା ଆରମ୍ଭରୁ ଏକ ସ୍ୱତନ୍ତ୍ର ଉପାଂଶ ଯୋଜନା (ସ୍ପେଶାଲ୍ କମ୍ପୋନେଣ୍ଟ ପ୍ଲାନ୍) କାର୍ଯ୍ୟକାରୀ ହେଉଛି । କେତେକ ମୁଖ୍ୟ ଜୀବିକା ଯଥା– ଚମଡା ଶିଳ୍ପ, ମତ୍ସ୍ୟ ଚାଷ, କୃଷି, ରେଶମ ଚାଷ, ହସ୍ତତନ୍ତ ଉତ୍ପାଦନ ବୃଦ୍ଧି ପାଇଁ କାରିଗରୀ କୌଶଳର ଉନ୍ନତି ଲାଗି ତାଲିମ୍ ଉନ୍ନତ ଯନ୍ତ୍ରପାତିର ବ୍ୟବହାର, କଞ୍ଚାମାଲ ଯୋଗାଣ ଓ ବିଭିନ୍ନ କୌଳିକ ବୃତ୍ତିଭିତ୍ତିକ କାର୍ଯ୍ୟକ୍ରମସବୁ କାର୍ଯ୍ୟକାରୀ କରାଯାଉଛି । ବୁଣାକାରମାନଙ୍କ ପାଇଁ ସମବାୟ ସମିତି ଗଠନ କରି ଉନ୍ନତ ଯନ୍ତ୍ରପାତି ଯୋଗାଣ ଓ ତନ୍ତଗୃହ ନିର୍ମାଣ କରାଯାଉଛି । ଚମଡା ଶିଳ୍ପମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ, ମତ୍ସ୍ୟଜୀବୀଙ୍କୁ ଜାଲ ଓ ଡଙ୍ଗା ଯୋଗାଇ ସେମାନଙ୍କ ସମବାୟ ସମିତିକୁ ସୁଦୃଢ କରିବାକୁ ସାହାଯ୍ୟ ଦିଆଯାଉଛି । ହରିଜନ ଚାଷୀମାନଙ୍କୁ ନଳକୂପ, ସେଚକୂପ ଓ ଲିଫ୍ଟ ପଏଣ୍ଟ ଖନନ ପାଇଁ ଅର୍ଥିକ ସାହାଯ୍ୟ ଦିଆଯାଏ । ଆଇ.ଆର୍.ଡି.ପି. ଏବଂ ଇ.ଆର୍.ଆର୍.ପି. ମାଧ୍ୟମରେ ହରିଜନ ପରିବାରମାନେ ଯେପରି ଅଧିକ ଉପକୃତ ହେବେ ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି । ହରିଜନମାନଙ୍କ ପାଇଁ ଇନ୍ଦିରା ଆବାସ ଯୋଜନା ସମେତ ବିଭିନ୍ନ ବାସଗୃହ ନିର୍ମାଣ, ଯୋଜନା, ପଡାଗାଁରେ ପାନୀୟ ଜଳଯୋଗାଣ, ସଂଯୋଗକାରୀ ରାସ୍ତା ନିର୍ମାଣ, ବିଦ୍ୟୁତ ଯୋଗାଣ, ଗୃହ ପାଇଁ ଜମି ଏବଂ ପ୍ରୌଢ ଶିକ୍ଷା କେନ୍ଦ୍ରସବୁ ସ୍ଥାପନ କରାଯାଇଛି । ସହରାଞ୍ଚଳରେ ଖୋଲା ପାଇଖାନା ସଫେଇ କାର୍ଯ୍ୟ ବନ୍ଦ କରି ସନ୍ତୁଷ୍ଟ ହରିଜନମାନଙ୍କୁ ଲାଭଜନକ ଧନ୍ଦା ଯୋଗାଣ ଓ ସେମାନଙ୍କ ପାଇଁ ମଧ୍ୟ ଗୃହ ନିର୍ମାଣ ବାବଦରେ ପୌର ସଂସ୍ଥାଗୁଡିକୁ ଅର୍ଥ ମଞ୍ଜୁର କରାଯାଉଛି । ଏହିସବୁ କାର୍ଯ୍ୟକ୍ରମ ଫଳରେ ଷଷ୍ଠ ଯୋଜନା କାଳରେ ୪ ଲକ୍ଷ ୬୪ ହଜାର ୮୧ ହରିଜନ ପରିବାର ଏବଂ ସପ୍ତମ ଯୋଜନାର ୪ ବର୍ଷ ମଧ୍ୟରେ ୪ ଲକ୍ଷ ୫ ହଜାର ୨୦୭ ପରିବାର ଏହି ଉପାଂଶ ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି ।

ଏ ବାବଦରେ ଷଷ୍ଠ ଯୋଜନାରେ ୧୮୯ କୋଟି ୬୫ ଲକ୍ଷ ଟଙ୍କା ଏବଂ ସପ୍ତମ ଯୋଜନାର ୪ ବର୍ଷରେ ୩୧୩ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।



# ପଣ୍ଡିତ ଜବାହରଲାଲଙ୍କ ଭାରତୀୟ ନୀତି ଘୋଷଣା

ଡକ୍ଟର୍ ସତ୍ୟନାରାୟଣ ରାଜଗୁରୁ

ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ୍ କ୍ଲବରେ ଅନୁଷ୍ଠିତ ନିଖିଳ ଭାରତ ସମ୍ବାଦପତ୍ର–ସମ୍ପାଦକ – ସମ୍ମିଳନୀରେ ଆଜିକୁ ପ୍ରାୟ ୩୮ ବର୍ଷ ପୂର୍ବେ ପଣ୍ଡିତ ଜବାହରଲାଲ୍ ନେହେରୁ ଯେଉଁ ସାରଗର୍ଭକ ଭାରତୀୟ ନୀତି ଘୋଷଣା କରିଥିଲେ, ତାହା ସମଗ୍ର ଭାରତରେ ଚହଳ ପକାଇଥିଲା । ଭାରତ ଓ ପାକିସ୍ଥାନର ସହଯୋଗ ଫଳରେ କିପରି ଉଭୟ ରାଷ୍ଟ୍ରର ଉତ୍ତରୋତ୍ତର ଉନ୍ନତି ସାଧିତ ହେବ ଏବଂ ସେମାନଙ୍କ ମଧ୍ୟରେ ନୀତିଗତ ପାର୍ଥକ୍ୟ ହେତୁ ସଂଘର୍ଷ ହେଲେ ତାହା କିପରି ଉଭୟ ଦେଶର ବିକାଶକୁ ଅବରୁଦ୍ଧ କରି ପଙ୍ଗୁ କରିଦେବ ଏକଥା ସେ ସ୍ପଷ୍ଟ ଭାବରେ ଉଚ୍ଚାରଣ କରିଥିଲେ । ତାଙ୍କ ଭାଷଣଟି ବହୁ ପତ୍ର ପତ୍ରିକାରେ ପ୍ରକାଶ ହୋଇଥିଲା । ସେଥିର ଉଦ୍ଧୃତାଂଶ ନିମ୍ନରେ ଦିଆଗଲା । ୪.୫.୧୯୫୦ ସାଲରେ ଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍‌ରେ ଅନୁଷ୍ଠିତ ନିଖିଳ ଭାରତ ସମ୍ବାଦପତ୍ର ସମ୍ପାଦକ ସମ୍ମିଳନୀର ଏକ ମିଳିତ ବୈଠକରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ଯେଉଁ ଭାଷଣ ଦେଇଥିଲେ ସେଥିରେ ଭାରତ ଓ ପାକିସ୍ଥାନ ସମ୍ବାଦପତ୍ରର ସମ୍ପାଦକମାନେ ଉପସ୍ଥିତ ହୋଇଥିଲେ । ସେଦିନ ଉପର ବେଳା ସେହି ସମ୍ମିଳନୀର ସ୍ଥାୟୀ କମିଟିର ମିଳିତ ବୈଠକରେ ପଣ୍ଡିତ ନେହେରୁ ତାଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇ କହିଲେ ଯେ, ସମ୍ବାଦପତ୍ରର ଦୋଷଗୁଣ ସମ୍ପର୍କରେ ଆମେ ଯାହା ଭାବୁନା କାହିଁକି ଜନମତକୁ ସଂଗଠିତ କରିବାରେ ସମ୍ବାଦପତ୍ର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାଏ ଏହା ଅସ୍ୱୀକାର କରାଯାଇ ନପାରେ । ତେଣୁ ଆମେ ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ କରିବା କଥା ଭାବିଥାଉଁ ତେତେବେଳେ ସମ୍ବାଦପତ୍ର ଆମକୁ ଯଥାର୍ଥ ନେତୃତ୍ୱ ଦେବା ଉଚିତ ।

ସେ ଦୁଃଖ ପ୍ରକାଶ କରିଥିଲେ ଯେ ଭାରତର ଅନେକ ଲୋକ ଏବଂ ପାକିସ୍ଥାନରେ ମଧ୍ୟ ଅନେକ ସେମାନଙ୍କର ଆଦର୍ଶ ଅନୁସରଣ କରୁନାହାନ୍ତି । ବ୍ରିଟିଶ୍ ଶାସନ ବେଳେ ଆମର ଯେଉଁସବୁ କାର୍ଯ୍ୟ ଓ ଚିନ୍ତା ଥିଲା ସେହି ପୁରୁଣା - ଅଭ୍ୟାସକୁ ଅନେକେ ଛାଡିପାରି ନାହାନ୍ତି । ବୈଦେଶିକ ନୀତି ଆମର ସେଇ ପୁରୁଣା ମାନସିକ ପ୍ରତିକ୍ରିୟା ଦ୍ୱାରା ପ୍ରଭାବିତ ହେଉଛି । ସ୍ୱଭାବତଃ ଆମେ ପୁରାତନ ପ୍ରତିକ୍ରିୟା ଦ୍ୱାରା ପ୍ରଭାବିତ ହୋଇ କାର୍ଯ୍ୟ କରୁଛୁ । ମାତ୍ର ଆମେ ନୂଆ ପରିସ୍ଥିତି ସହିତ ନିଜକୁ ଖାପଖୁଆଇ ଚଳି ଶିଖିବା ଉଚିତ । ଗତ ୩୦ ବର୍ଷ ହେଲା ଆମେ ବ୍ରିଟିଶ୍ ଶାସନର ବିରୋଧୀଦଳ ରୂପେ କାର୍ଯ୍ୟ କରି ଆସୁଥିଲୁ । ଆମେ ଏକ ବିରାଟ ଆନ୍ଦୋଳନ ଚଳେଇ ଶେଷରେ, ସେଥିରେ ଜୟଯୁକ୍ତ ହେଲୁ । ଏହି ତିରିଶି ବର୍ଷ ହେଲା ଆମେ ବିରୋଧ ସଂଗ୍ରାମ କରି ଆସୁଥିଲୁ ଓ ଏକ ନୂଆ ସମାଜ ଗଠନ କରିବା ପାଇଁ କାର୍ଯ୍ୟକରି ଆସିଥିଲୁ । ଆମ ପକ୍ଷରେ ଏହା ଏକ ସୁନ୍ଦର ଶିକ୍ଷା କ୍ଷେତ୍ର ହୋଇଥିଲା । ମାତ୍ର ସରକାର ଚଳେଇବା ଭଳି ଶିକ୍ଷା ତ ଆମେ ସେଥିରୁ ପାଇ ନଥିଲୁ ? ତେଣୁ ବର୍ତ୍ତମାନ ସବୁ ଅସୁବିଧା ଉପୁଜିଛି । ସେମାନେ ଯେଉଁସବୁ ଶିକ୍ଷା ପାଇଥିଲେ ସେସବୁ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ଶିକ୍ଷା । ଏହି ଶିକ୍ଷା ଅବଶ୍ୟ ଚରିତ୍ର ଗଠନରେ ସାହାଯ୍ୟ କରିଥିଲା । ତଥାପି ଏହି ଶିକ୍ଷାରେ କେତେକ ଅଭାବ ରହିଯାଇଥିଲା ଏବଂ ପୁରୁଣା କାର୍ଯ୍ୟପନ୍ଥା ଓ ଅଭ୍ୟାସ ମଧ୍ୟ ରହିଥିଲା । ସାଧାରଣ ଲୋକେ ଏହା ତାଙ୍କର ନିଜର ସରକାର ବୋଲି ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିପାରି ନଥିଲେ । ଲୋକେ ଏହାକୁ ଅନୁଭବ କରନ୍ତୁ ବା ନକରନ୍ତୁ ଏହା ସେମାନଙ୍କର ସରକାର । ଲୋକେ ବୁଦ୍ଧି ଦ୍ୱାରା ଉପଲବ୍ଧି କରି ନଥିଲେ ତେଣୁ ବର୍ତ୍ତମାନ ସରକାରଙ୍କ ପ୍ରତି ଯେପରି ବ୍ୟବହାର କରୁଥିଲେ, ସେହିପରି ବ୍ୟବହାର କରୁଛନ୍ତି । ଆମେ ଶାସନ କର୍ତ୍ତୃତ୍ୱକୁ ଆସିବା ପୂର୍ବରୁ ଅନ୍ତର୍ଜାତୀୟ ସମସ୍ୟାକୁ ଯେଉଁ ଦୃଷ୍ଟିରୁ ଚିନ୍ତା କରୁଥିଲୁ ସେହିଭଳି ଚିନ୍ତା କରୁଛୁ । ଅନ୍ତର୍ଜାତୀୟ ସମସ୍ୟା ପ୍ରତି ଆମର ମତିଗତି ସାମ୍ରାଜ୍ୟବାଦ ବିରୋଧୀ ଥିଲା ଏବଂ ଭାରତରେ ବ୍ରିଟିଶ୍ ସରକାର ସାମ୍ରାଜ୍ୟବାଦର ପ୍ରତୀକ ରୂପେ ରହିଥିଲେ । ବର୍ତ୍ତମାନ ମଧ୍ୟ ସେହି ପୁରୁଣା ମନୋଭାବ ବା ସୀମାବଦ୍ଧ ମନୋଭାବ କାର୍ଯ୍ୟ କରଛି ।

ସେ ପୁଣି କହିଲେ ଯେ ଗତ ଅଢେଇ ବର୍ଷ ହେଲା ସେମାନେ ଏକ ଅସାଧାରଣ ସମୟ ଭିତର ଦେଇ ଗତି କରି ଆସିଛନ୍ତି ।

ଏକ ସମୟ ଭିତରେ ଅନବରତ ସଂଘର୍ଷ ଲାଗି ଆସିଛି ଏବଂ ବହୁ ଓଲଟ ପାଲଟ ମଧ୍ୟ ହୋଇପାରିଛି । ଏହିଭଳି ସଂଘର୍ଷ ଓ ଓଲଟ ପାଲଟ ପାଇଁ ସମ୍ବାଦପତ୍ରମାନେ ଦାୟୀ ନୁହନ୍ତି– ଐତିହାସିକମାନେ ଅବଶ୍ୟ ଏକଥା କହିବେ । ମାତ୍ର କଥା ହେଉଛି ଯେ ଏପର୍ଯ୍ୟନ୍ତ ଭୟ ଏବଂ ସମୟ ସମୟରେ ଘୃଣା ଓ ସନ୍ଦେହ ପରସ୍ପର ଭିତରେ ଆମେ କାର୍ଯ୍ୟ କରୁଛୁ । ନିଜର କ୍ଷତି ହେବାର ଆଶଙ୍କା ଥିଲେ ମଧ୍ୟ ଆମେ ଅନ୍ୟ ପକ୍ଷର କ୍ଷତି ଘଟାଇବା ପାଇଁ ଆମେ ଇଚ୍ଛା କରି ଆସିଛୁ । ଏହିଭଳି ଏକ ପ୍ରତିକୂଳ ବାୟୁମଣ୍ଡଳ ଭିତରେ ଚଳିବା ଯେ କୌଣସି ଦେଶ ପକ୍ଷରେ ଅବଶ୍ୟ କ୍ଷତିକାରକ । ଏହିଭଳି ବାୟୁମଣ୍ଡଳ ଅନବରତ ରହିଥିଲା । ପଣ୍ଡିତ ନେହେରୁ ପୁଣି କହିଲେ ଯେ ଆମେ ଏ ପର୍ଯ୍ୟନ୍ତ ଏଥିରୁ ଉଦ୍ଧାର ପାଇ ପାରିନାହୁଁ । ତଥାପି ଏକଥା ସତ ଯେ ଗତ କେତେ ସପ୍ତାହ ଭିତରେ ବିଶେଷତଃ ପାକିସ୍ଥାନ ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ତାଙ୍କର କଥାବାର୍ତ୍ତା ହେବା ପରଠାରୁ ବାୟୁମଣ୍ଡଳରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଦେଖାଦେଇଛି । ଏହି ପରିବର୍ତ୍ତନ ଦୁଇ ଦେଶର ସମ୍ବାଦପତ୍ରମାନଙ୍କରେ ବିଶେଷ ଭାବରେ ପରିଲକ୍ଷିତ ହେଉଛି । ଅବଶ୍ୟ ସବୁ ସମ୍ବାଦପତ୍ରରେ ନହେଲେ ମଧ୍ୟ ବହୁ ସଂଖ୍ୟକ ସମ୍ବାଦପତ୍ରରେ ଏହିଭଳି ପରିବର୍ତ୍ତନ ଲକ୍ଷିତ ହେଉଛି । ଏହା ଏକ ଉଲ୍ଲେଖଯୋଗ୍ୟ ଘଟଣା । ମାତ୍ର ଚୁକ୍ତିରେ ପ୍ରକୃତ ଉନ୍ନତି ହୋଇନାହିଁ, ଉନ୍ନତି ହୋଇଛି ଚୁକ୍ତି ବାହାରେ । ଚୁକ୍ତିର ବିସ୍ତୃତ ବିବରଣୀ ଉନ୍ନତିର ଲକ୍ଷଣ ନୁହେଁ । କଥା ହେଉଛି ଯେ ଗୋଟାଏ ଚୁକ୍ତି ହେଉଛି ଏବଂ ଏକ ଠିକ୍ ଚୁକ୍ତି ହୋଇଛି । ବହୁ ସଂଖ୍ୟକ ଲୋକ ବର୍ତ୍ତମାନ ପ୍ରକୃତ କାମରେ ଲାଗିଗଲେଣି । ଏହିଭଳି ବିଷପୂର୍ଣ୍ଣ ବାୟୁମଣ୍ଡଳ ନରହୁ ବୋଲି ଯେ ଭାରତ ଓ ପାକିସ୍ଥାନର ଜନସାଧାରଣ ଚାହାନ୍ତି ତାହା ଏହି ଚୁକ୍ତିରୁ ସୂଚନା ମିଳୁଛି । ଆମେ ସମସ୍ତ ସମସ୍ୟା ସମାଧାନ ନକରି ପାରୁଥିଲେ ମଧ୍ୟ ଏବଂ ଆମେ ଐନ୍ଦ୍ରଜାଲିକ ଉପାୟରେ ଏହା ସମାଧାନ ନକରି ପାରୁଥିଲେ ମଧ୍ୟ ସହଯୋଗ ପାଇଁ ଆନ୍ତରିକ ଇଚ୍ଛା ପ୍ରକାଶ ପାଇଛି । ଗତ ମହାଯୁଦ୍ଧବେଳେ ୟୁରୋପ ବିଶେଷଭାବରେ କ୍ଷତିଗ୍ରସ୍ତ ହୋଇଛି । କେତେଗୁଡିଏ ଦେଶ ମଧ୍ୟ ଏକାବେଳେକେ ଧ୍ୱଂସ ହୋଇଯାଇଛି । ମାତ୍ର ଏସିଆ ଆଗରେ ଆଜି ଯେଉଁ ସମସ୍ୟା ଦେଖା ଦେଇଛି, ୟୁରୋପରେ ପ୍ରଧାନତଃ ସେ ସମସ୍ୟା ନାହିଁ । ଜୀବନଧାରଣ ପାଇଁ ଅନ୍ନବସ୍ତ୍ର ଓ ବାସସ୍ଥାନ ପ୍ରଭୃତି ପ୍ରାଥମିକ ଆବଶ୍ୟକତା ଯୋଗାଇବା ଏସିଆଭଳି ୟୁରୋପର ପ୍ରଧାନ ସମସ୍ୟା ନୁହେଁ । ମାତ୍ର ଏସିଆରେ ଅନ୍ୟ ଯେ କୌଣସି କଥା ଭାବିବା ପୂର୍ବରୁ ପ୍ରାଥମିକ ଆବଶ୍ୟକତା ଯୋଗାଇବା ହିଁ ପ୍ରଧାନ ସମସ୍ୟା ହୋଇ ରହିଛି । ଯେତେବେଳେ ଏଣୁ ସମସ୍ୟାର ସମାଧାନ ହୋଇଯିବ, ସେତେବେଳେ ଅନ୍ୟାନ୍ୟ ସମସ୍ୟା କଥା ଭାବିବା ପାଇଁ ଏ ଲୋକେ ସମୟ ପାଇବେ । ୟୁରୋପ ଓ ଆମେରିକା ପ୍ରଥମ ଅବସ୍ଥା ପାର ହୋଇ ଦ୍ୱିତୀୟ ଅବସ୍ଥାରେ ପହଞ୍ଚିଛନ୍ତି । ଏସିଆରେ ସେମାନେ ବର୍ତ୍ତମାନ ପ୍ରଥମସ୍ତର ସହିତ ସମ୍ପୃକ୍ତ ରହିଛନ୍ତି । ଦ୍ୱିତୀୟସ୍ତର ଅର୍ଥାତ କ୍ଷମତା ରାଜନୀତି ପ୍ରଭୃତି ପାଇଁ ଉଦ୍‌ବ୍ୟସ୍ତ ହୋଇ ପଡିଛନ୍ତି । ଆମେ ଯେପରି ଉଦ୍‌ବ୍ୟସ୍ତ ହୋଇ ନପାରୁ । ତାଂକତା ସେମାନେ ଯେତେବେଳେ ଅନ୍ୟ କୌଣସି କଥା ଭାବୁଛନ୍ତି ସେତେବେଳେ ଗୁରୁତର ମାନସିକ ସଂଘର୍ଷରେ ଉପନୀତ ହେଉଛନ୍ତି । ଭାରତ ଓ ପାକିସ୍ଥାନ ଭିତରେ ଏହି ମାନସିକ ସଂଘର୍ଷ ସଂଘଟିତ ହୋଇଛି । ବର୍ତ୍ତମାନ ତାହା ଭୁଲିଯାଇ ଦଶବର୍ଷ ବା କୋଡିଏ ବର୍ଷ ଆଗକୁ ଭାବିବାକୁ ହେବ । ଆମେ କ'ଣ ଚାହୁଁ ସେ ବିଷୟରେ ଆମ ଆଗରେ ସ୍ପଷ୍ଟ ଚିତ୍ର ନଥିଲେ, ଆମ ନିୟନ୍ତ୍ରଣରେ ନଥିବା କୌଣସି କଥା ଭାବି ପାରିବା ନାହିଁ । ତଥାପି ଆମେ ସରକାର ବା ଜନସାଧାରଣ ଭାବରେ ଭବିଷ୍ୟତ ବିଷୟରେ ଆମ ଆଗରେ ଏକ ଅସ୍ପଷ୍ଟ ଚିତ୍ର ମଧ୍ୟ ରହିବା ଦରକାର । ଭାରତ ଓ ପାକିସ୍ଥାନ ଭିତରେ ବର୍ତ୍ତମାନ ଯେଉଁ ସଂଘର୍ଷ ଲାଗିଛି ତାକୁ ଆମେ ଉତ୍ସାହିତ କରିବୁ କି ? ଆମେ କ'ଣ ଏପରି ଏକ ଅବସ୍ଥାରେ ପହଞ୍ଚିବୁ ଯେତେବେଳେ କି ସଂଘର୍ଷ ଅନିର୍ବାର୍ଯ୍ୟ ହୋଇପଡିବ ଏବଂ ସେଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡିବ ? କିମ୍ବା ଆମେ କଳ୍ପନା କରୁଥାଇ କି ଯେ ସଂଘର୍ଷ ଅନିର୍ବାର୍ଯ୍ୟ ନୁହେଁ–ସଂଘର୍ଷ ସାଂଘାତିକ ବ୍ୟାପାର ଏବଂ ତାକୁ କୌଣସି ମତେ ବନ୍ଦ କରିବାକୁ ହେବ । ପ୍ରଧାନମନ୍ତ୍ରୀ ହିସାବରେ ଦେଶକୁ ରକ୍ଷା କରିବା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ତାଙ୍କର କର୍ତ୍ତବ୍ୟ । ତାଙ୍କ ଦେଶ ଉପରେ ଯେପରି କୌଣସି ଆକ୍ରମଣ ନ ହୁଏ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଦରକାର । ପ୍ରତ୍ୟେକ ସରକାରଙ୍କୁ ତାହା କରିବାକୁ ହେବ । ସଂଘର୍ଷ ଅନିର୍ବାର୍ଯ୍ୟ ଏବଂ ପରିଣାମ ଯାହା ହେଉନା କାହିଁକି, ସେଥିପାଇଁ ପ୍ରସ୍ତୁତ ହେବାକୁ ହେବ ବୋଲି କ'ଣ ଆମେ ଭାବିନେଇ କାର୍ଯ୍ୟ କରିବା ? ସେଭଳି କଥା ମନ ଭିତରେ ସ୍ଥାନ ଦେବା ଏକ ଗୁରୁତର ବ୍ୟାପାର । ଆମେ ଯଦି ମନ ଭିତରେ ସେ କଥାକୁ ସ୍ଥାନ ଦେଉଁ ତାହେଲେ ଆମର ସମସ୍ତ ଚିନ୍ତା ଓ କାର୍ଯ୍ୟ ତଦ୍ୱାରା ପ୍ରଭାବିତ ହେବ । ଏହି ଦୁଷ୍ଟ ଚକ୍ରରୁ ଆମେ ମୁକ୍ତି ପାଇ ପାରିବା ନାହିଁ । ଛୋଟଛୋଟ ଦୁର୍ଘଟଣ ପରିଣାମରେ ମଧ୍ୟ ଭୟାବହ ହୋଇଉଠିବ । ବର୍ତ୍ତମାନ ଏସିଆର ପାଳି ପଡିବ । ଏସିଆ ବୈଦେଶିକ ଶାସନରୁ ମୁକ୍ତ ହେବାକୁ ବଦ୍ଧ ପରିକର । କୌଣସି ଦେଶର ଅର୍ଥନୈତିକ ଦୃଷ୍ଟିରୁ ବା ଅନ୍ୟ କୌଣସି ଦୃଷ୍ଟିରୁ ଏକ ଶକ୍ତିଶାଳୀ ହୋଇଯିବା ଭଳି ଶକ୍ତି ତା'ର ନାହିଁ । ମାତ୍ର ଶକ୍ତିଶାଳୀ ରାଜ୍ୟ ହେବା ଭଳି ସମ୍ପଦ ଆମର ରହିଛି । ଯେ କୌଣସି ଦେଶରେ ପ୍ରକୃତରେ ଆମେ ଶକ୍ତିଶାଳୀ ନୋହୁଁ । ଯେ କୌଣସି ଦେଶରେ ଯଦି ବହୁ ସଂଖ୍ୟାରେ ଲୋକ ଅନାହାରରେ କାଳ କାଟନ୍ତି ତାହେଲେ ଦେଶ କଦାପି ବଡ ହୋଇ ପାରିବ ନାହିଁ । ଏସିଆର ପ୍ରତ୍ୟେକ ଦେଶ ବର୍ତ୍ତମାନ ଏକ ସଙ୍କଟଜନକ ପରିସ୍ଥିତି ଭିତର ଦେଇ ଗତି କରୁଛନ୍ତି । ଭାରତ ଓ ପାକିସ୍ଥାନ ସେମାନଙ୍କର ଭୌଗୋଳିକ ଅବସ୍ଥିତି ଯୋଗୁଁ ଅବଶ୍ୟ ଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବେ । ଭାରତ ଓ ପାକିସ୍ଥାନ ଉଭୟ ଏକ ସାଧାରଣ ନୀତି ଅନୁସାରେ କାର୍ଯ୍ୟକଲେ ଏସିଆକୁ ସେମାନେ ଅନେକ ସମୟରେ ସାହାଯ୍ୟ କରି ପାରିବେ । ତେଣୁ ଉଭୟ ରାଜ୍ୟ ଭିତରେ ସଂଘର୍ଷ ଲାଗିଲେ ଉଭୟଙ୍କର କ୍ଷତି ହେବ । ଶେଷରେ ପଣ୍ଡିତ ନେହେରୁ କହିଲେ ଯେ ବର୍ତ୍ତମାନ କଥା ଛାଡିଦେଲେ ମଧ୍ୟ ଦୁଇ ଦେଶ ଭିତରେ ଘନିଷ୍ଠ ସମ୍ପର୍କ ରହିବା ଛଡା ଅନ୍ୟ ଉପାୟ ନାହିଁ । କାରଣ ଏହା ଉଭୟ ପକ୍ଷରେ ଉପକାରୀ ହେବ । ଭାରତ ଓ ପାକିସ୍ତାନ କେବଳ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷାକରି ରହିଥିବା ଦେଶ ହୋଇ ନରହି, ତା ଅପେକ୍ଷା ଅଧିକ ଘନିଷ୍ଠ ସମ୍ପର୍କରେ ଆବଦ୍ଧ ହେବେ । ତାହା କିପରି ହେବ ସେ ଜାଣନ୍ତି ନାହିଁ । ଗତ ଅବେଳ ବର୍ଷର ଚିନ୍ତା ଅଭିଜ୍ଞତା ସତ୍ତ୍ୱେ ଏକଥା ସେ ଦୃଢଭାବରେ ବ୍ୟକ୍ତ କରିବାକୁ ଚାହାନ୍ତି ଯେ, ଏ ସମସ୍ୟାକୁ ଯୁକ୍ତି ଦ୍ୱାରା ବୁଝିବାକୁ ହେବ ଏବଂ ସମାଧାନ

କରିବାକୁ ହେବ । ଅନ୍ୟ କୌଣସି ଉପାୟରେ ଏ଼ଥିର ସମାଧାନ ଖୋଜିଲେ ତାହା ଭାରତ ଓ ପାକିସ୍ଥାନ ଉଭୟ ରାଷ୍ଟ୍ର ପକ୍ଷରେ ମାରାତ୍ମକ ହେବ ଏବଂ ବହୁକାଳ ପର୍ଯ୍ୟନ୍ତ ଆମ ପ୍ରଗତିପଥ ଅବରୋଧ କରିବ । (ସମାଜ ତା ୫.୫.୧୯୫୦)

ସେହିଦିନ ପଣ୍ଡିତ ଜବାହରଲାଲ୍ ନୂଆଦିଲ୍ଲୀଠାରେ ଭାରତର 'ନୀତି' ଘୋଷଣା କରିଥିଲେ ଠିକ୍ ସେଦିନ ଆମେରିକା କଂଗ୍ରେସ୍ ଗୃହରେ ଓ୍ବାସିଂଟନ୍‌ଠାରେ ପାକିସ୍ଥାନର ପ୍ରଧାନମନ୍ତ୍ରୀ ମି. ଲିଆକତ୍ ଅଲ୍ଲୀ ଖାଁ ପାକିସ୍ଥାନର ରାଷ୍ଟ୍ରନୀତି ଘୋଷଣା କରିବାକୁ ଯାଇ କହିଥିଲେ—

ପ୍ରଗତି ଅଭାବରେ ଶାନ୍ତି ରହେ ନାହିଁ ଯଦି ଯୁଦ୍ଧ ହେତୁ ତାହା ପରାହତ ହୋଇଥାଏ । ପ୍ରଗତି ନିମନ୍ତେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଶାନ୍ତି ଶୃଙ୍ଖଳା ନିତାନ୍ତ ଆବଶ୍ୟକ । ଏହି ଲକ୍ଷ୍ୟରେ ପାକିସ୍ତାନ ପୃଥିବୀର ଛୋଟବଡ ସମସ୍ତ ରାଷ୍ଟ୍ରର ଶୁଭକାମନା କରେ । ପ୍ରତ୍ୟେକ ରାଷ୍ଟ୍ରରେ ସୁସମ୍ପର୍କ ପ୍ରତିଷ୍ଠା ଫଳରେ ପ୍ରଗତି ଓ ଶାନ୍ତିର ପଥ ସୁଗମ ହୋଇ ପାରିବ ।

ପାକିସ୍ଥାନର ରାଷ୍ଟ୍ରନୀତି ବ୍ୟାଖ୍ୟାନ କରିବାକୁ ଯାଇ ସେ କହିଲେ ଯେ, ଆମର ଆଦର୍ଶ ହେଉଛି, ସାଧାରଣ ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ହିଁ ଶାସନ କାର୍ଯ୍ୟ ପରିଚାଳିତ ହେବା ଆବଶ୍ୟକ । ଏହି ଗଣତାନ୍ତ୍ରିକ ନୀତିହିଁ ପାକିସ୍ଥାନର ଆଦର୍ଶ ଓ ରାଷ୍ଟ୍ରନୀତି ରୂପେ ଗୃହୀତ ହୋଇଅଛି । ଏହା ଗ୍ରହଣ କରି ଆମେ ଇସ୍‌ଲାମ୍ ଅନୁମୋଦିତ ସ୍ୱାଧୀନତା ଓ ସହନଶୀଳତା ସୁରକ୍ଷିତ କରିପାରିଛୁ । ବାସ୍ତବରେ ନିଷ୍ଠାର ସହିତ ଗଣତାନ୍ତ୍ରିକ ନୀତି ଅନୁସରଣ କରି ଆମେ ପ୍ରଗତି ପଥରେ ଆଗେଇ ପାରିଛୁ । ଆମ ଇସ୍‌ଲାମ୍ ଧର୍ମରେ ଏପରି ନ୍ୟାୟ ନୀତିର ଆଦର୍ଶକୁ ଆମେ ଅନୁସରଣ କରୁଥିଲେ ସୁଦ୍ଧା ଧର୍ମାନ୍ଧତା ଆମକୁ ସ୍ପର୍ଶ କରିନାହିଁ । କାରଣ ସମାନତା ଓ ସହନଶୀଳତା ଆମର ଉଚ୍ଚ ଆଦର୍ଶ ହୋଇ ରହିଛି ।

ଲିଆକତ୍ ଅଲ୍ଲୀ ଖାଁ ଆଉ ମଧ୍ୟ ପ୍ରକାଶ କରିଥିଲେ ଯେ, ଇସ୍‌ଲାମ୍ ଧର୍ମରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ସ୍ତରରେ ମନୁଷ୍ୟକୁ ସମ୍ପୂର୍ଣ୍ଣ ରୂପେ ବିଚାର ସ୍ୱାଧୀନତା ଦିଆଯାଇଛି । . . . ଇତ୍ୟାଦି ।

ଦୀର୍ଘ ୩୮ ବର୍ଷ ପୂର୍ବେ ଏକା ଦିନରେ ଭାରତରେ ପଣ୍ଡିତ ନେହେରୁ ଏବଂ ଆମେରିକାରେ ଲିଆକତ୍ ଅଲ୍ଲୀ ଖାଁ ସେମାନଙ୍କ ରାଷ୍ଟ୍ରନୀତିକୁ ଯେପରି ସମସ୍ତଙ୍କ ସମର୍ଥନ ଯୋଗ୍ୟ ଭାଷାରେ ବ୍ୟାଖ୍ୟାନ କରିଥିଲେ, ଆଜି ଭାରତ—ପାକିସ୍ଥାନର ରାଜନୈତିକ ଦର୍ଶନରେ ଘୋର ବିପର୍ଯ୍ୟୟ ଦେଖାଦେଇ ପୃଥିବୀର ବହୁ ସଭ୍ୟ—ଶିକ୍ଷିତ ରାଷ୍ଟ୍ର (ଆମେରିକା ବ୍ୟତୀତ)ଙ୍କୁ ବିସ୍ମିତ କରିଦେଇଛି । ତେଣୁ ଓଡ଼ିଆରେ ଯେଉଁ ପ୍ରବଚନ ରହିଛି ତାହା ଅକ୍ଷରେ ଅକ୍ଷରେ ସତ୍ୟ : "ବେଙ୍ଗ କହେ ବେଙ୍ଗୁଲିଲୋ, ଜଗତ କ୍ଷଣ କ୍ଷଣକେ ଆନ" ।



# ଅନେକ ଅଭୁଲା ସ୍ମୃତି ଓ ନେହେରୁ

ଶ୍ରୀ ଜେନାମଣି ଲକ୍ଷ୍ମୀକାନ୍ତ

ପ୍ରିୟାଦ୍ ପ୍ରିୟତର 'ଜବାହର' କେବଳ ଜଣେ ବିଶ୍ୱବିଶ୍ରୁତ ରାଷ୍ଟ୍ରପୁରୁଷ, ବିଚକ୍ଷଣ ରାଜନୀତିଜ୍ଞ, ନବଭାରତର ସ୍ଥପତି ସୂତ୍ରଧର ଅଥବା ବହୁମୁଖୀ ପ୍ରତିଭା ସମ୍ପନ୍ନ ଜଣେ ଯୁଗଜନ୍ମା ନଥିଲେ; ପରନ୍ତୁ ସାଧାରଣ ମାନବୀୟ ଗୁଣ ଦୋଷ ଦୁର୍ବଳତା ସତ୍ତ୍ୱେ ସେ ଥିଲେ ପରିପୂର୍ଣ୍ଣ ପୌରୁଷର ଏକ ଉଜ୍ଜ୍ୱଳନ୍ତ ସ୍ୱାକ୍ଷର। ଆପଣାର ଦୁର୍ଲଭ ବ୍ୟକ୍ତିତ୍ୱରେ ସେ ଥିଲେ କୋଟିକରେ ଗୋଟିଏ, ଅନେକ ଆବେଗର ଏକୋଇ ଆଲିଙ୍ଗନ। ବହୁ ବିଶେଷର ବିଶ୍ଳେଷଣ; ଏବଂ ଅଲିଭା ସ୍ମୃତି, ଦ୍ୟୁତିର ଏକ ଜୀବନ୍ତ କିମ୍ବଦନ୍ତୀ। ଆଜିଠାରୁ ଠିକ୍ ଶହେବର୍ଷ ତଳେ ଭୂଭାରତରେ ଆବିର୍ଭୂତ ଏହି ଅମୃତ ସନ୍ତାନ ୧୯୬୪ ମଇ ୨୭ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରି ଇହଲୀଳା ସମ୍ବରଣ କରିଥିଲେ ହେଁ — ସେ ଭାରତୀୟ ତଥା ବିଶ୍ୱ ଜନମାନସରେ ଚିର ସାଶ୍ୱତ ଓ ଅମର ପ୍ରତିକ୍ଷଣ ପ୍ରତିଟି ମୁହୂର୍ତ୍ତ।

ପ୍ରତି ବସ୍ତୁ ପ୍ରତି ମଣିଷର ଚିନ୍ତା ଓ ଚେତନାରେ ସେ ମୂର୍ତ୍ତିମନ୍ତ ଦେବଦୂତ, ଜାତିସୂତ ସେ ବିଶ୍ୱବନ୍ଦ୍ୟ ଦେବନନ୍ଦ୍ୟ। ଯାହାଙ୍କର ମାନବ ସଂପ୍ରୀତିର ପଟାନ୍ତର ନାହିଁ। ଯାହା ଦାନ୍ତୁଆ ଅସ୍ତ୍ରରେ ଛିଡ଼େ ନାହିଁ, ଯାହା ସର୍ବଗ୍ରାସୀ ଅନଳରେ ପୋଡ଼େ ନାହିଁ, ଭୂତୀପ୍ରୀତି ଓ ସ୍ମୃତିର ସେ ସେତୁବନ୍ଧ ଆକସ୍ମିକ ପ୍ରଳୟ ବନ୍ୟାରେ ବୁଡ଼େ ନାହିଁ ନତୁବା ସେଇ ଚେତନାର ସ୍ୱପ୍ନିଳ ମଳୟ ନିଦାଘର ତାତି ପବନରେ ଦହେ ନାହିଁ। ତାଙ୍କୁ ଭୁଲିବାର ଅନ୍ୟ ନାମ ସଂସ୍ମରଣ : ଯେହେତୁ ସେ ଥିଲେ ଅଲିଭା ସ୍ମୃତି ଓ ଅତୁଲ୍ୟ ସଂପ୍ରୀତି ତଥା ଜୀବନ୍ତ କିମ୍ବଦନ୍ତୀର ଏକ ଅଲୌକିକ ବିସ୍ଫୋରଣ ଏଇ ଶତାବ୍ଦୀର।

ଏଭଳି ଏକ କାଳଜୟୀ ରାଷ୍ଟ୍ରପୁରୁଷଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ଅଙ୍କନ ଓ ଜନ୍ମ ଶତାବ୍ଦୀର ସଂସ୍ମରଣ ଏତେ ସୋଜା ନୁହେଁ। ଅଥଚ ଅନେକ ହିଁ ଓ ନାହିଁକୁ ଭିତି ଚିଠି ଲେଖି ବସିଲା ବେଳେ, ସ୍ମୃତିରେ ପଡ଼ଳ ଓ ସପ୍ତତିର ଭୋଳ ଉପୁଜି ତାଙ୍କ ସ୍ମୃତି ପଞ୍ଜିର ଛିନ୍ନ ପ୍ରଷ୍ଠର ବିସ୍ତାରଂଶ — କତିପୟ ଅଲିଭା ସ୍ମୃତିର ନୀଳଛାପ ଓ ଏକ ଭିତ୍ତି ଚିତ୍ର। ଯେମନ୍ତ ବର୍ଣ୍ଣନାଠାରୁ ପ୍ରିୟାଦ୍ ଶ୍ରେୟ ଓ ଅଧିକ ହୃଦୟଗ୍ରାହୀ, ତେଣୁ ଜନ୍ମ ଶତାବ୍ଦୀର ଏଇ ମହାର୍ଘ୍ୟ ଅବସରରେ ପ୍ରିୟାଦ୍ ପ୍ରିୟତରେ ଭାରତରତ୍ନ ଜବାହରଲାଲ୍ ନେହେରୁଙ୍କ ଜୀବନ ଦର୍ଶନ ନେଇ — ଅନେକ ଅଭୁଲା ସ୍ମୃତିର ସଂସ୍ମରଣ ଓ ବିନୀତ କତିପୟ ସୋପାନରେ ଏକ ସଶ୍ରଦ୍ଧ ସ୍ମୃତି ତର୍ପଣ କଲି।

## ରାଜଦଣ୍ଡ ସିନା ଉପୁଜାଏ ଭୀତି
## କ୍ଷମା ଅନୁକମ୍ପା ଆଚରେ ମହତ ଜନ :

ଆଜିଠାରୁ ବହୁଦିନ ତଳର ଘଟଣା ଭାଏ। ସୋଭିଏତ୍ ରଷର ରାଷ୍ଟ୍ରମୁଖ୍ୟ କ୍ରୁଶ୍ଚେଭ୍ ଭାରତ ଗସ୍ତରେ ଆସିଥାନ୍ତି ଓ ନୂଆଦିଲ୍ଲୀସ୍ଥିତ ରାମଲୀଳା ମଇଦାନରେ ଏକ ବିରାଟ ଜନସମାବେଶରେ ସେ ଦିନ ୪-୩୦ ମିନିଟ୍‌ରେ ତାଙ୍କର ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥାଏ। ଠିକ୍ ୪-୨୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ସେଠାରେ ପହଞ୍ଚିବାର କଥା। ପରରାଷ୍ଟ୍ର ମନ୍ତ୍ରଣାଳୟର ସେତେବେଳର ଯୁଗ୍ମ ସଚିବ ଶ୍ରୀ ପି: ଏନ୍: ହକ୍‌ସର୍ ପଣ୍ଡିତଜୀଙ୍କ ଯିବା ଆଗରୁ ସେଠାରେ ଉପସ୍ଥିତ ରହିବା ଯୁକ୍ତି ଭାବି ଟିକିଏ ଆଗରୁ ଚାଲି ଯାଇଥାନ୍ତି।

ନେହେରୁଙ୍କ ତିନିମୂର୍ତ୍ତି ଭବନରୁ ବାହାରିବା ଅପେକ୍ଷାରେ ପରରାଷ୍ଟ୍ର ମନ୍ତ୍ରଣାଳୟର ଯୁବ ସୂଚନାଧିକାରୀ ହତା ଭିତରେ ଅନେକ ବଡ଼ବଡ଼ିଆଙ୍କ ଗହଣରେ ନେହେରୁଙ୍କ ଅପେକ୍ଷାରେ ଲକ୍ଷଣ ହେଉଥାନ୍ତି। ଭାବିଲେ ଆଉ ସିଗାରେଟ୍ ଖଣ୍ଡେ ପିଇବା ପାଇଁ ସମୟ ନମିଳିଲା ଯାଏ ଫୁରସତ ନାହିଁ ; ଏଣୁ ଏତିକିବେଳେ ଖଣ୍ଡେ ସିଗାରେଟ୍ ପିଇ ଦେବେ, କନ୍‌କନ୍ ହୋଇ ଗୋଟିଏ କଡ଼ରେ ସିଗାରେଟ୍ ଠିକ୍ ହୋଇବେ କି ହୋଇ ପିଇଥିବିଁ ନାହିଁ — ପଛପାରୁ ନେହେରୁଙ୍କ ପାଟି ଶୁଭିଲା। ଠିଆ ହୋଇଥିବା ଆଡୁଆଳ ଯାଗା ଅଡ଼କୁ ନେହେରୁ ମାଡ଼ି ଆସିଲେ। ବିସ୍ମିତ ଯୁବ ଅଫିସର ଜଣଙ୍କ କଣ କରିବେ ବାଟ ନପାଇ ବାଆଁ ହାତରେ ସିଗାରେଟ୍ ଖଣ୍ଡକ ପଛରେ ଲୁଚାଇ ଦେଇ, ସୁଧାର ମଣିଷ ଭଳି ଡାହାଣ ହାତରେ ନେହେରୁଙ୍କୁ ନମସ୍କାର କଲେ। ନେହେରୁ ଆଗେଇ ଯାଉଥାନ୍ତି — ସେ ଭାବିଲେ ଅଲକ୍ଷେ ବଞ୍ଚିଗଲି ଏଥର। କିନ୍ତୁ ତାଙ୍କର ଏ ଅନୁମାନ ଭୁଲ ଥମ୍‌କେଇ — କିଛି ନବୋଲିଲା ଭଳି ନେହେରୁ ଆଗେଇ ଯାଉ ଯାଉ ପୁଣି ପଛକୁ ଫେରି ଆସିଲେ ସେଇ ଯୁବ ସୂଚନାଧିକାରୀଙ୍କ ପାଖକୁ ଓ କହିଲେ "ସେ ସିଗାରେଟ୍ ଖଣ୍ଡକ ତ ନଷ୍ଟ ହୋଇ ଯିବଣି — ନିଅ ପକେଟ୍‌ରୁ ସିଗାରେଟ୍ ପକେଟ୍ ଖୋଲି କହିଲେ ଦଉ — ନିଅ ଏଇ ସିଗାରେଟ୍ ଖଣ୍ଡକ"। ଥରି ଥରି ହାତରେ ବଢ଼େଇଲା ଅଫିସର ଜଣକ ଏବେ ସିଗାରେଟ୍ ଖଣ୍ଡକ ନେହେରୁଙ୍କଠାରୁ ଆଣିଲେ ସିନା ହେଲେ ପିଇ

ପାରିନେଲି – ଏବେ ବି ମେଇ ସିଗାରେଟ୍ ଖଣ୍ଡକ ତାଙ୍କ ସ୍ମୃତିର ସମ୍ବଳ । ଏଇ ଛୋଟ ଘଟଣାଟି ଚେତାଇ ଦିଏ ଯେ ନେହେରୁ ଥିଲେ ସମଦର୍ଶୀ – କଡ଼ା ଅନୁଶାସନ ନୁହେଁ, ଅନୁକମ୍ପା ବଳରେ ହିଁ ଶାସନ ମୁଖ୍ୟ ଆପଣାର ଜନ୍ୟବର୍ଗଙ୍କ ହୃଦୟ ଜିଣେ । ସେ ବିଶ୍ୱାସ କରୁଥିଲେ – "One must not be poor to know the luxury of giving".

## ସେହି ଏକା ବଡ଼ ପର ଦୁଃଖେ ଦେଖି ଚିତ୍ତ ଯା'ର ଯାଏ ଦ୍ରବି :

ମାନବୀୟ ଆବେଦନ ଓ ଅନୁକମ୍ପାରେ ଜବାହରଙ୍କ ଜୀବନ ଥିଲା ଶତଶେ ଆପ୍ଲାବିତ ଓ ଅଶ୍ରୁମାରୀ ଦୃଷ୍ଟାନ୍ତର ଏକ ମହାର୍ଘ୍ୟ ପଦାବଳୀ । ଭାତ ହାଣ୍ଡିରୁ ଗୋଟିକଟିଏ ଚିପିଲେ ଯେଉଁଳି ଜଣାଯାଏ ଭାତ ହେଇଆସିଲାଣି କି ନାହିଁ – ସେହିଭଳି ଏକ ଛୋଟ ଘଟଣାଟିଏ । ବିମଳା ସିନ୍ଧୀ ସେଦିନ ପ୍ରଥମ କରି ପଣ୍ଡିତଜୀଙ୍କୁ ଭେଟିବାକୁ ଆସିଥାନ୍ତି । ପ୍ରଥମ ଦେଖାରେ ନେହେରୁ ତାଙ୍କୁ ତାଙ୍କ ବାପାଙ୍କ କଥା ପଚାରନ୍ତେ – ଭାବ ବିହ୍ୱଳା ବିମଳା ସିନ୍ଧୀଙ୍କ ସ୍ମୃତିସିକ୍ତ ଦୁଇ ଆଖି ଲୁହରେ ଛଳ ଛଳ ହୋଇ ଆସିଲେ ଓ ସେ କୋହ ସମ୍ବରଣ କରି ନପାରି କାନ୍ଦି ଉଠିଲେ ।

ବିମଳାଙ୍କ ଆଖିର ଉଚ୍ଛୁଳା ଲୁହ ଓ ହୃଦୟର ଅବୁଝା କୋହ ଦେଖି ସମ୍ବେଦନଶୀଳ ନେହେରୁ ଅଭିଭୂତ ହୋଇ ପଡ଼ିଥିଲେ ଓ ତାଙ୍କର ସାନ୍ତ୍ୱନା ଥିଲା "ବିମଳା ତମେ କାହିଁକି କାନ୍ଦିବ ମୁଁ ଏଠି ଅଛି ତମ ପାଖରେ – ମୁଁ ତମର ବାପା ଓ ତମେ ମୋର ଝିଅ " ବିମଳା ଘରକୁ ଫେରି ନିଜ ବିଧବା ବୋଉ ପାଖରେ ଯେତେବେଳେ ଏ କଥା ବଖାଣି ବସିଲେ – "ମାଆ ଆଉ ଆଜିଠୁ ତୁ କାନ୍ଦିବା ପାଶୋରି ଦେ, ତୁ ଏବେ ନେହେରୁଙ୍କ ଭଳି ବାପାର ଶ୍ରଦ୍ଧା ଓ ଭାଇର ସ୍ନେହାଧିକାରିଣୀ, ତୋର ଅଭାବ କଅଣ ଓ କେଉଁଥିରେ" ନେହେରୁଙ୍କର ଶରୀର ଆପତ୍ରଧ୍ୟେୟ ଥିଲା – 'ବସୁଧୈବ କୁଟୁମ୍ବକମ୍' କେବଳ ଚେତନା ବା ପ୍ରତିଶ୍ରୁତିରେ ନୁହେଁ – ଆଚରଣରେ ବିମଳାଙ୍କ ପ୍ରତି ତାଙ୍କର ପିତୃପ୍ରତିମ ସ୍ନେହ ଓ ମମତା ଅତୁଟ ଥିଲା – ଜୀବନରେ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ।

## ମହତକୁ ଏକା ମହତ ଚିହ୍ନଇ ଇତର ତହିଁକି ଅନ୍ଧ :

୧୯୪୯ ମସିହା ନଭେମ୍ବର ମାସର କଥା ଭାଏ । ନେହେରୁ ରାଷ୍ଟ୍ର ସଂଘର (Common Wealth) ଭାରତର ଭବିଷ୍ୟତ ସମ୍ପର୍କ ନେଇ ବିଲାତ ଯାଇଥାନ୍ତି । ସେଠାରେ ଟୋରୀ ମୁଖ୍ୟ (Tory Chief) ଚର୍ଚ୍ଚିଲ, ନେହେରୁଙ୍କ ପହଞ୍ଚିବା ଆଗରୁ ଚେଞ୍ଚୁଥା ପିଟି ସାରିଲେଣି ("ନେହେରୁଙ୍କ ଭଳି ଏକଚିଦିଆ ମଣିଷ କ'ଣ ରାଷ୍ଟ୍ରସଂଘ ନୀତି ନିୟମକୁ ମାନିବି ନେବେ – ମା' ଗଙ୍ଗାଙ୍କୁ ଦଣ୍ଡ ଦେବେ") ତାଙ୍କୁ ଭାବିବାକୁ ତର ନଥିଲା ଯେ – ଆପାତତଃ ଆକାଶ ସବୁ କ୍ଷେତ୍ରରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱର ପ୍ରକୃତ ବିକାଶ ନୁହେଁ ।

କମନ୍‌ୱେଲ୍‌ଥ ରାଷ୍ଟ୍ରମୁଖ୍ୟଙ୍କର ସୁଦୀର୍ଘ ସମ୍ମିଳନୀ ଉଭାରୁ ନେହେରୁ ଭାରତରେ ଆଭିମୁଖ୍ୟ ଓ ଭୂମିକା ସମ୍ପର୍କରେ ସନ୍ତୋଷ ଦେଇ ଅଭିଳା ଜାହିର କଲେ – ସେଥିରେ ଅଭିଭୂତ ହୋଇ 'ଆନ୍ଥୋନୀ ଏଡେନ୍' ଯେତେବେଳେ 'ରାଷ୍ଟ୍ରସଂଘ'ର ବିଶ୍ୱସ୍ତ ଓ ସକ୍ରିୟ ସଦସ୍ୟ ରାଷ୍ଟ୍ର ହେବାର ପାଇଁ ଯାକୁ ଚର୍ଚ୍ଚିଲଙ୍କୁ ଏ ଖବର ଦିଅନ୍ତେ–

ଚର୍ଚ୍ଚିଲଙ୍କ ମୁହଁରେ ଅଭୂତପୂର୍ବ ଉଲ୍ଲାସ ଓ ଆଖିରେ ଆନନ୍ଦାଶ୍ରୁର ଧାରା ସ୍ୱତଃ ଝରି ଆସିଥିଲା ସେ ନିଜର ଭାବ ସମ୍ବରଣ କରି ନପାରି ଏଡେନ୍‌ଙ୍କୁ କହିଥିଲେ – ନେହେରୁ କିଭଳି ଏକ ମହାନ୍ ବ୍ୟକ୍ତିତ୍ୱ ତାହା ତର୍ଜମାଠାରୁ ଉପଲବ୍ଧିର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଠିକ୍ ମୁହୂର୍ତ୍ତକ ମଧ୍ୟରେ ଚର୍ଚ୍ଚିଲ ନେହେରୁ ରହୁଥିବା ସ୍ଥାନରେ ଫୋନ୍‌ରେ କଥା ହେବାପାଇଁ ଫୋନ୍ ଉଠାନ୍ତେ – ନେହେରୁଙ୍କ ସଚିବ ଏମ୍. ଓ. ମାଥାଇ ଯେତେବେଳେ ବୁଝିଲେ ଯେ ବିଲାତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱୟଂ ଚର୍ଚ୍ଚିଲ – ସେତେବେଳେ ନେହେରୁଙ୍କୁ ସେ ଫୋନ୍ ଧରାଇ ଦେଇଥିଲେ – ତାହା ଥିଲା ଉଷ୍ମ ବଧାଇ ଓ ନୈଶ୍ୟ ଭୋଜି ପାଇଁ ନେହେରୁଙ୍କୁ ଏକ ସ୍ୱତନ୍ତ୍ର ଆମନ୍ତ୍ରଣ ସେ ଦିନର ।

ନୈଶ୍ୟ ଭୋଜିକାଳୀନ ଦୀର୍ଘ ଆଳାପ ଆଲୋଚନାବେଳେ–ଚର୍ଚ୍ଚିଲ ଭାରତୀୟ ମୁକ୍ତିସଂଗ୍ରାମ ନେଇ ଅତୀତରେ ଦେଇଥିବା କତିପୟ ଅସମୀଚୀନ ମନ୍ତବ୍ୟ ପାଇଁ ଅନୁତାପ ପ୍ରକାଶ କରିବା ସଙ୍ଗେସଙ୍ଗେ ବିନମ୍ରତାର ସହ କହିଥିଲେ– ମୋର ଧାରଣା ନ ଥିଲା ନେହେରୁ ଏଭଳି ବିରାଟ ପ୍ରତିଭାଶାଳୀ ଓ ପ୍ରଜ୍ଞାବାନ୍ ରାଷ୍ଟ୍ରପୁରୁଷ – ଭାରତୀୟ ହେଲେ ବି ଇଂରାଜୀ ଭାଷାରେ ଆପଣଙ୍କର ପ୍ରଭୁତ୍ୱ ସର୍ବଜନ ସ୍ୱୀକାର୍ଯ୍ୟ– ଆପଣ ଏତେ ବହି ଲେଖିଛନ୍ତି ତାହା ଇତିହାସ, ସଂସ୍କୃତି, ଦର୍ଶନ, ରାଜନୀତି ଓ ଅର୍ଥନୀତିର ନିର୍ଯ୍ୟାସ ବୋଲି ଶୁଣିଥିଲି ଏଥର ମୋତେ ଆପଣଙ୍କ କୃତୀର ସେଇ ଦୁର୍ଲଭ ଗ୍ରନ୍ଥମାନ ଦେଲେ ମୁଁ ଚିରଅନୁଋଣୀ ରହିବି ଓ ଅନେକ କଥା ଜାଣିପାରିବି । ଖ୍ୟାତି, ଯଶ, ପ୍ରସିଦ୍ଧି ଓ ସଫଳତା ଆପଣଙ୍କ ଜୀବନ ଯାତ୍ରାର ସାଥୀ ଓ ସନ୍ନିହାନ ହେଉ– ଏହାହିଁ ମୋର ହାର୍ଦ୍ଦିକ କାମନା।

## ସ୍ନେହେ ବୃକ୍ଷଲତା ପୁଷ୍ପ ପ୍ରକାଶେ ଶିଶୁ ଶ୍ରଦ୍ଧା ପ୍ରୀତି ମହକି ବାସେ :

ଜବାହର ଥିଲେ ଛୋଟ ପିଲାଙ୍କର ପ୍ରିୟାତ୍ ପ୍ରିୟତର ଚାଚା ନେହେରୁ ଛୋଟ ପିଲାଏ ଭଲରେ ବଢ଼ନ୍ତୁ, ଭଲରେ ପଢ଼ନ୍ତୁ, ହସ ଖୁସିରେ ଦିନ କାଟନ୍ତୁ ଏହା ତାଙ୍କର ଶୟନ ସପନ ଓ ଜାଗରଣର ଅନ୍ୟତମ ଅଭିଳାଷ ଥିଲା । ତାଙ୍କ ଅନୁରୋଧ କ୍ରମେ 'ଶଙ୍କର' ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୯୪୯ରେ ଆରମ୍ଭ କଲେ । ଲଗାତାର ଦୁଇବର୍ଷ ଏହି ପ୍ରତିଯୋଗିତାରେ ସେ ସଭାପତିତ୍ୱ କରିଥିଲେ ।

କିନ୍ତୁ ୧୯୫୧ ବର୍ଷ ନେହେରୁ ବ୍ୟସ୍ତ ରହୁଥିବା ଦୃଷ୍ଟେ ତାଙ୍କ ସଚିବ ମାଥାଇ ଏଥର ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ଡାକିବା ପାଇଁ ଶଙ୍କରଙ୍କୁ ପରାମର୍ଶ ଦେଲେ । ସେ ବର୍ଷ ମାଥାଇ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥାଆନ୍ତି । ପଣ୍ଡିତ ନେହେରୁ ଆପଣାର ଆଉ କାମ ବାଟିଲ କରି ଠିକଣା ସମୟରେ ଯାଇ ଆଗ ଧାଡ଼ିରେ ବସି ଛୋଟପିଲାଙ୍କ ସହ ମିଶିବାକୁ ଲାଗିଲେ । ତହିଁ ଆର ଦିନ ଶଙ୍କର ଓ ମାଥାଇ ଉଭୟଙ୍କୁ ଡାକି ଭୁଲିଯା କଲେ– ମୋତେ ଡାକିଥିଲେ ପିଲାଙ୍କୁ ମୁଁ ପୁରସ୍କାର ବିତରଣ କ'ଣ କରି ପାରି ନ ଥାନ୍ତି – ଏଥର ଯାହା କଲ କଲ ଏହାପରଠୁ ପ୍ରତିବର୍ଷ ମୁଁ ପିଲାଙ୍କୁ ସବୁ କାମ ଛାଡ଼ି ପୁରସ୍କାର ବିତରଣ କରିବି । ତାହାହିଁ ହେଲା ଏଇମିତି ଅନେକ ସ୍ମରଣୀୟ ଘଟଣା ନେଇ ଚାଚା ନେହେରୁଙ୍କ 'ଶିଶୁ ସଂପ୍ରୀତି', ଭକ୍ତିମନ୍ତ–ବଖାଣି ବସିଲେ ତାହା ପୋଥିଟିଏ ହେବ ।

ଏଭଳିମିତି ଆଉ ଏକ ଛୋଟ ଘଟଣାର ଅବତାରଣା ଏଠାରେ । ୧୯୫୨ ମସିହା ଶିଶୁ ପୁସ୍ତକ ପ୍ରତିଷ୍ଠାନ ତା'ର ପ୍ରଥମ ବହି ଉନ୍ମୋଚନ ଉତ୍ସବର ମୁଖ୍ୟ ଅତିଥି ଥାଆନ୍ତି ପଣ୍ଡିତ ନେହେରୁ । ବହିଟିର ବିଷୟବସ୍ତୁ ଅଙ୍ଗସଜ୍ଜା ଓ ଛବି ଦେଖି ସେ ଖୁବ୍ ଖୁସି ହୋଇଥିଲେ– ପଚାରିଲେ ଏ ବହିର ଦାମ୍ କେତେ ରଖିଛ ? କର୍ତ୍ତୃପକ୍ଷ ଯେତେବେଳେ ଏହାର ମୂଲ୍ୟ ପାଞ୍ଚ ଟଙ୍କା ରଖାଯାଇଛି ବୋଲି ବୁଝାଇଥିଲେ– ନେହେରୁ ଖପା ହୋଇ ବହିଟିକୁ ଫିଙ୍ଗି ଦେଇ କହିଲେ– ଯାଅ ଭାରତର କେଉଁ ପିଲା କିଣି ପାରିବ– ଏହାର ଦାମ କମାଅ – ତାହାହିଁ ହେଲା । ଛୋଟ ପିଲାଙ୍କ ପାଇଁ କଣ୍ଢେଇ ଯାଦୁଘର (Doll musium) ଓ ଆପୁଘର ଜାତୀୟ ଶିଶୁ ପୁସ୍ତକ ପ୍ରତିଷ୍ଠାନ, ବିଜ୍ଞାନ ଘର ଆଦି ବହୁ ଅନୁଷ୍ଠାନ ସେହି ଚାଚା ନେହେରୁଙ୍କ ମହାନ ଅବଦାନ ।

ନେହେରୁଙ୍କର ଆତ୍ମପ୍ରତ୍ୟୟ ଥିଲା– ଆଜିର ଶିଶୁ ଆଗାମୀ ଭାରତର ଭାଗ୍ୟଧର । ଯେଉଁଳି ପ୍ରଭାତ ଅରୁଣେ୍ୟ ଲୁଚି ରହିଥାଏ ମଧ୍ୟାହ୍ନରେର ପ୍ରଖର । ଛୋଟ ପିଲାଙ୍କ ପ୍ରତି ତାଙ୍କର ଏ ଗଭୀର ଶ୍ରଦ୍ଧା ଓ ଜୀବନ ଦର୍ଶନ ଏବେ ବି ଚେତାଇ ଦିଏ:–

"ଯେ ଦରୋଟିବାଣୀ ମଧୁର ଶୁହାଣୀ
ଯେ ବୁଝି ପାରଇ ନାହିଁ,
କି ହେବ କହତ ହେଉ ଯେତେ ବଡ଼
ଶିଶୁପ୍ରୀତି ଯାର ନାହିଁ ॥

## ପରମ ଦୟାଳୁର ଗୁଣ : ସର୍ବ ଭୂତରେ ମିତପଣ

କେବଳ ମଣିଷ ନୁହେଁ ପ୍ରକୃତି ଓ ଜଣା ଅଜଣା ପଶୁପକ୍ଷୀଙ୍କ ପ୍ରତି ନେହେରୁଙ୍କ ସଂପ୍ରୀତି ଥିଲା ଏକାନ୍ତ ନିବିଡ଼ ।ଅକ୍ଟୋବର ମାସ ୧୯୫୧ ମସିହାର କଥା । ପ୍ରଧାନମନ୍ତ୍ରୀ ଭାରତର ଉତ୍ତର ପୂର୍ବାଞ୍ଚଳ ଗସ୍ତରେ ଥାଆନ୍ତି । ଅପନ୍ତରା ପାହାଡ଼ିଆ ଅଞ୍ଚଳ 'ସ୍ୱର୍ଗ ଦୁଆର' । ସେଠାକାର ପାହାଡ଼ି ଅଧିବାସୀଙ୍କ ଖୁସି କହିଲେ ନସରେ । ତାଙ୍କ ନାଚ ଗୀତରେ ନେହେରୁ ବିଭୋର । ହିମାଳୟର ଜଳବାୟୁ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ସୌନ୍ଦର୍ଯ୍ୟ ପିପାସୁ ନେହେରୁଙ୍କର ଦୁର୍ବଳତା ଥିଲା ଏକାନ୍ତ ଗଭୀର । ପାହାଡ଼ି ଅଧିବାସୀମାନେ ବାଉଁଶ ବୁଣା ଝୁଡ଼ି ହାତକାମ ବହୁ ଉପହାର ନେହେରୁଙ୍କୁ ସମର୍ପି ଥିଲେ । ପ୍ରତି ବଦଳରେ ନେହେରୁ ସମସ୍ତଙ୍କୁ ସାବୁନ, ଲୁଗା, ବାସ୍ନା ତେଲ, ବିଡ଼ି, ହୁକା ଆଦି ଦେଇଥିଲେ । 'ସ୍ୱର୍ଗ ଦୁଆର'ରୁ ଦୁଇ ଦିନ ଗସ୍ତ ପରେ ଦିଲ୍ଲୀ ଫେରିବା ବେଳେ ସେଠାକାର ଅଧିବାସୀମାନେ ଗୋଟିଏ ଦୁର୍ଲଭ ଛୋଟ ପଣ୍ଡାଟିଏ ଉପହାର ଦେଇଥିଲେ – ଯାହା ଭାରତରେ ଅନ୍ୟନ୍ତ ଦୁର୍ଲଭ ।

ପଣ୍ଡାଟିକୁ ଧରି ନେହେରୁ ଯେତେବେଳେ ତିନିମୂର୍ତ୍ତି ଭବନ ହତାରେ ପାଦ ଦେଲେ ତାଙ୍କ ଦୁଇ ନାତି ସଞ୍ଜୟ ଓ ରାଜୀବଙ୍କ ଖୁସି କହିଲେ ନସରେ । ଏଇ ପଣ୍ଡାଟିର ନାଁ ରଖାଗଲା 'ଭିମସା' ସମସ୍ତଙ୍କ ମନରେ ଗୋଟିଏ ଆଶଙ୍କା ହିମାଳୟ ପାଦ ଦେଶର ଏଇ ଦୁର୍ଲଭ ଦିଲ୍ଲୀ ଆବହାଓ୍ୱାରେ ଉଧେଇବତ । ଦିଲ୍ଲୀରେ ଶୀତ ଯେମିତି ଦାରୁଣ; ଖରା ସେଇମିତି ଖଇ ଫୁଟିଲା । ଶୀତ ଦିନଟି ଖୁବ୍ ସୁରୁଖୁରୁରେ କଟିଗଲା 'ଭିମସା'ର ଏତେ କାମ ବୋଝ ଭିତରେ ବି ନେହେରୁ ନିତି 'ଭିମସା' କଥା ବୁଝନ୍ତି ନିଜେ ତା ସହ ମିଶନ୍ତି ବାଉଁଶପଣ, କ୍ଷୀର ଖୁଆନ୍ତି ।

ଖରାଋତୁ ଆଗରୁ ତିନିମୂର୍ତ୍ତି ହତାର ଲତାଘେରା ଏକ ଛାଇକୋଣିଆ ଜାଗାରେ 'ଭିମସା'ର ବସାଘର ବନାଗଲା ନେହେରୁଙ୍କ ତଦାରଖରେ – କିଛି ଦିନ ଅନ୍ତେ : ଭିମସା କିଛି ଖାଇଲାନି, ନିର୍ଜୀବ ଭଳି ଦିଶିଲା । ଏହା ଦେଖି ନେହେରୁ ଭାଙ୍ଗି ପଡ଼ିଲେ ଓ ଦୁଇ ନାତିଙ୍କୁ ବୁଝାଇ ନୈନିତାଲ ଚିଡ଼ିଆଖାନାକୁ ସ୍ଥାନାନ୍ତରିତ କରିବାକୁ ଠିକ୍ କଲେ । ନେହେବାପାଙ୍କର ପ୍ରିୟ ପଣ୍ଡା 'ଭିମସା'କୁ ବିଦାୟ ଦେବା ପାଇଁ ତାଙ୍କର ପ୍ରତିନିଧି ରୂପେ ସଞ୍ଜୀବ ଓ ରାଜୀବ ଦିଲ୍ଲୀ ରେଳ ଷ୍ଟେସନ୍‌ରେ ସେ ଦିନ ଉପସ୍ଥିତ ଥିଲେ – ଯେଣୁ ନେହେରୁ ଏକ ଅଲଘଂନୀୟ ଜରୁରୀ କାମରେ ଲିପ୍ତ ଥିଲେ ।

ଏହାର କିଛି ଦିନ ପରେ ମାସକ ପାଇଁ ନେହେରୁ ୟୁରୋପ ଗସ୍ତରେ ଯାଉଥିବା ବେଳେ, ଘରକୁ ଚିଠି ଦେଉଥିଲେ ସେ ଚିଠିରେ 'ଭିମସା' ନୈନିତାଲରେ କେମିତି ଅଛି ସେ କଥା ଜଣାଇବା ପାଇଁ ସବୁଥର ଲେଖୁଥିଲେ । ଏଥିରୁ ନେହେରୁଙ୍କର ଜୀବେଦୟା କିଭଳି ଆନ୍ତରିକ ଥିଲା ତାହା ସହଜରେ ଅନୁମେୟ ।

## ନବାଜିଲେ ହୃଦେ ଦେଶ ପ୍ରୀତି ବୀଣା : ସବୁ ଅକାରଣ ସବୁ ବୃଥା ସିନା

ସ୍ୱଦେଶ ପ୍ରୀତି ଓ ଜାତୀୟତାବୋଧର ନେହେରୁ ଥିଲେ ଏକ ମୂର୍ତ୍ତିମନ୍ତ ପ୍ରତୀକ । ଉଚ୍ଚ ଭାବାବେଗ ଓ ସମ୍ବେଦନଶୀଳତାରେ ସେ ଥିଲେ ଆପଣାର ଉପମା ଓ ଉପମେୟ–

ଛୋଟ ଦୃଷ୍ଟାନ୍ତଟିଏ । ୧୯୬୨ ଅକ୍ଟୋବର ୨୦ ତାରିଖ ଦିନ ଚୀନ୍ ଅପ୍ରତ୍ୟାଶିତ ଭାବେ ଉତ୍ତର ନେଫା ଓ ଲଦାଖ ଅଞ୍ଚଳରେ ଭାରତ ଉପରେ ବିରାଟ ଆକ୍ରମଣ କଲା – ଏହା ଥିଲା ବିନା ମେଘେ ବଜ୍ରପାତ : ଯାହା ଚୀନ୍‌କୁ ପ୍ରାରମ୍ଭିକ ସଫଳତାରେ କିଛିଟା ପ୍ରୋତ୍ସାହିତ ମଧ୍ୟ କରିଥିଲା । ଠିକଣା ଜବାବ ପାଇଁ ଭାରତ ବାଧ୍ୟ ହୋଇ ଆକ୍ରୋଶ ଶପଥ ନେଲା – ସେତେବେଳର ଅଭୂତପୂର୍ବ ଏକାତ୍ମବୋଧ ଓ ଜନଜାଗରଣକୁ ଅଧିକ ସୁସଂହତ ତଥା ପ୍ରତିରକ୍ଷା ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ସମାରୋହର ଆୟୋଜନରେ ପ୍ରଧାନମନ୍ତ୍ରୀ ନେହେରୁ ଥିଲେ ପୁରୋଧା ।

ଭାରତର ଅପ୍ରତିଦ୍ୱନ୍ଦୀ କୋକିଳକଣ୍ଠୀ ଶିଳ୍ପୀ ଲତା ମଙ୍ଗେସ୍କର ସେହି ମହାର୍ଘ ଉତ୍ସବରେ ଗୀତଟିଏ ଗାଇଥିଲେ – ତାହାର ସଂଳାପ ଥିଲା:–

"ଏ ମେରୀ ୱତନ୍ କି ଲୋଗୋଁ....
ଯରା ଆଖିମେ ଭରଲୋ ପାନୀ
ଯୋ ଶହୀଦ୍ ହୋ ଉନ୍‌କୀ
ଯରା ୟାଦ୍ କରୋ କୁର୍ବାନୀ"

ଏଇ ପ୍ରାଣସ୍ପର୍ଶୀ ଦେଶାତ୍ମବୋଧକ ଗୀତଟି ନେହେରୁଙ୍କୁ ଏଭଳି ଅଭିଭୂତ କରିଥିଲା ଯେ – ସେ ଆପଣାର ସର୍ବକାଳର ହୃଦୟର କୋହ ଓ ଆଖିର ଉଚ୍ଛୁଳା ଲୁହ ସମ୍ବରଣ କରି ନପାରି କାନ୍ଦି ଉଠିଥିଲେ – ଠିକ୍ ଏକ ଅବୋଧ ଛୋଟ ପିଲା ଭଳି । ସେ ଉଠି ଆସି ଲତାଙ୍କୁ ଅନୁରୋଧ କରିଥିଲେ – "ଆପଣଙ୍କ କଣ୍ଠର ଏ ଗୀତ ଏତେ ପ୍ରାଣ ସ୍ପର୍ଶି ଯେ ମୁଁ ମୋ ଆଖିର ଲୁହ ସମ୍ବରଣ କରି ପାରୁନି – ଆଉଥରେ ଗାଆନ୍ତୁ....ଏଇ ଗୀତଟି – ମୁଁ ମନଭରି କାନ୍ଦେ" ତାହାହିଁ ହେଲା । ଏହି ହୃଦୟ ବିଗଳିତ ଦୃଶ୍ୟ ଯିଏ ଦେଖିଛି ସିଏ ବି କାନ୍ଦିଛି ଓ କହିଛି ନେହେରୁ ହିଁ ଭାରତ : ଭାରତ ହିଁ ନେହେରୁ ଯିଏ ଭାରତ ଆତ୍ମା ସିଏ କାନ୍ଦିବନି ତ ଆଉ କିଏ....

ସମୟ ଓ ଜୁଆର କାହାକୁ ଅପେକ୍ଷା କରେ ନାହିଁ । ଠିକଣା ମୁକାବିଲା ସମେତ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ବିଲାତର ଅକୁଣ୍ଠ ସମର୍ଥନହେନେ ନେଫା ଓ ଲଦାଖ୍ ଅଧିକୃତ ଅଞ୍ଚଳରୁ ଚୀନ୍ ଏକତରଫା ଯୁଦ୍ଧ ବିରତି ଘୋଷଣା ସଙ୍ଗେ ସଙ୍ଗେ ଆପଣାର ସୈନ୍ୟ ପ୍ରତ୍ୟାହାର କରିନେଲା ଏହାର ଠିକ୍ ଦୁଇବର୍ଷ ପରର କଥା । ଆପଣାର ଲୁହଣ ଦ୍ୟାଷ୍ଟୀ ନେଇ ନେହେରୁ ବମ୍ବେରେ ଏକ କାର୍ଯ୍ୟକ୍ରମରେ ପୌରହିତ୍ୟ କରୁଥାନ୍ତି । ଅନ୍ୟାନ୍ୟ ସାଂସ୍କୃତିକ ଚିତ୍ରାଭିନେତ୍ରୀ ଲତାମଙ୍ଗେସ୍କର ଶୀତ ଗାଉଥାଆନ୍ତି । ହଠାତ୍ ଏକ ଅନୁରୋଧ ଚିରକୁଟିଟିଏ ତାଙ୍କ ହାତରେ ହେଲା – ସେଥିରେ ଲେଖାଥିଲା – ଲତା – ଏକଦା ମୋ ଆଖିରେ ଲୁହ ଭରିଥିବା ତମର ସେଇ ଗୀତ ତମ କଣ୍ଠରୁ ପୁଣି ଥରେ ଶୁଣିବା ପାଇଁ ଏଠି ଏ ପ୍ରତୀକ୍ଷା ମୋର – ଆଶା ମୋତେ ହତାଶ କରିବନି – ନେହେରୁ ଲୁହ ବିମୁଗ୍ଧ ଶ୍ରୋତା – "ଜବାହର" ଆଗରେ ଏ ଗୀତଟି ଶୁଣିବା ପରେ ନେହେରୁ ବିଦାୟ ନେଲାବେଳେ ତାଙ୍କ ଆଖିରେ ଲୁହର ଶ୍ରାବଣୀ ଝରି ପଡୁଥାଏ – ଯାହା ଏବେ ବି ସୁସ୍ମରଣୀୟ – "Our sweetest songs are those that tells us saddest thought".

## ଦେଶର ବିକାଶ ପଥେ ଯେତେ ଗାଡ଼
## ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼

ଭାରତର ପ୍ରଗତି ଓ ସମୃଦ୍ଧି ଥିଲା ନେହେରୁଙ୍କ ତପସ୍ୟାର ଏକୋଇ ସ୍ୱପ୍ନ ଓ ସଂକଳ୍ପ । ୧୯୬୮ ଫେବୃଆରୀ ୨୨ ତାରିଖ ଦିନ ଦିଲ୍ଲୀଠାରେ ଅନୁଷ୍ଠିତ ଆଜାଦ୍ ସ୍ମାରକୀ ବକ୍ତୃତାମାଳା ସମାରୋହରେ ତାଙ୍କ ପ୍ରଦତ୍ତ "ଭାରତ ଆଜି କାଲିର" ସୁଦୀର୍ଘ ଭାଷଣର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ଯେଉଁଳି କାଳଜୟୀ ସେଉଁଳି ଅନୁସରଣୀୟ – ତାହା ଥିଲା – "ଭାରତ ଭଳି ଏକ ବିଶାଳ ରାଷ୍ଟ୍ରର ସର୍ବାଙ୍ଗୀନ ପ୍ରଗତି, କଲ୍ୟାଣ ଓ ସମୃଦ୍ଧିକୁ ପ୍ରତିହତ କରୁଥିବା ଗଣ ଦାରିଦ୍ର୍ୟ, ଅଜ୍ଞତା, ଅସମତା, ଅନ୍ୟାୟ ଅବିଶ୍ୱାସ, ଅପସଂସ୍କୃତି, ଧର୍ମାନ୍ଧତା ଆଦି ବହୁ ଅନ୍ତରାୟର ମୁକ୍ତି ପାଇଁ ଆଉ ଏକ ଅଭିଯାନର ଆହ୍ୱାନ – ଯେଉଁଠି ବିଶ୍ରାମ ବା ବିରତୀର ସମୟ ନାହିଁ ଏବଂ ଆରାମ୍ ହାରାମ୍ ହେ । ଆମେ ଭୁଲିଯିବା ଅନୁଚିତ ଯେ ଏ ଅଭିଯାନର ସଫଳତା ପାଇଁ ଶ୍ରମ ହିଁ ଏକୋଇ ଆୟୁଧ – ଏଣୁ ସବୁ ଭାରତୀୟଙ୍କର ଉତ୍ସର୍ଗୀକୃତ କର୍ମଯୋଗ ମୋର ଭିକ୍ଷା...ଯେଉଁଠି ଉତ୍ପାଦନ କ୍ଷେତ୍ର ଏକ ଏକ ପୂଣ୍ୟ ପୀଠ ତପୋଭୂମୀ, ଶ୍ରମ ପୂଜା ଫୁଲ ଓ ପ୍ରତ୍ୟେକ ମେହେନତି ଲଦୁଆ ମଣିଷ ଜଣେ ଜଣେ ଉତ୍ସର୍ଗୀକୃତ ଉପାସକ ।"

## ଗ୍ଳଲିବି ଗ୍ଳଲିବି ନପଡ଼ିବି
## ଥକି : ମୁଦିବା ଆଗରୁ ଆଖି

ନେହେରୁଙ୍କର ନୈସର୍ଗିକ ଚେତନା, ସଂପ୍ରୀତି ଓ ଜୀବନ ଦର୍ଶନ ଯେଉଁଳି ମହନୀୟ ସେଉଁଳି ଅନୁପମ । ଏହା ତାଙ୍କ ଜୀବନ ଗ୍ରନ୍ଥର ପ୍ରତିଟି ପୃଷ୍ଠାରେ ଚିର ସଜଳ ଓ ସପ୍ରତିଭ । ଇହଲୀଳା ସମ୍ବରଣର ଠିକ୍ କୋଡ଼ିଏଦିନ ପୂର୍ବର ଘଟଣା । ଭଗ୍ନ ସ୍ୱାସ୍ଥ୍ୟ ନେଇ ସେ ପ୍ରିୟ ପରିଚିତ ହିମାଳୟ ପାଦ ଦେଶର 'ସହସ୍ର ଧାରା' ସମୀପସ୍ଥ ଏକ ନିଭୃତ ପାନ୍ଥଶାଳାରେ ଆଶ୍ରିତ ଥିଲେ – ନିଜର ପ୍ରାଣ ପ୍ରତିମ ତନୟା ଇନ୍ଦିରା ପ୍ରିୟଦର୍ଶିନୀଙ୍କ ସହ – ଘଞ୍ଚ ସବୁଜ ଅରଣ୍ୟାନୀ ଓ ତୁଷାରମଣ୍ଡିତ ହିମାଦ୍ରିର ଦୃଶ୍ୟ ସଂଦର୍ଶନରେ ଅଭିଭୂତ ଥିଲେ – ତାଙ୍କର ପ୍ରତ୍ୟକ୍ଷ ଉପଲବ୍ଧି ଯେଉଁଳି ଥିଲା–


"ଦୃଷ୍ଟ ପୂର୍ବ ହୋଇ ଅଦୃଷ୍ଟ ପ୍ରତୀତି
ସୁନ୍ଦର ପଣର ଚିରନ୍ତନ ରୀତି
ସୁନ୍ଦର ଦୃଷ୍ଟିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ"

ସ୍ୱାସ୍ଥ୍ୟର ପୁନଃ ଅବନତୀ ହେତୁ ନେହେରୁ ନିର୍ଦ୍ଧାରିତ ସମୟଠାରୁ ଦିନଟିଏ ଅଧିକ ରହି 'ସହସ୍ର ଧାରା'ଠାରୁ ବିଦାୟ ନେଇ ତିନିମୂର୍ତ୍ତି ଭବନକୁ ମୁହାଁଇଥିଲେ – ଏହା ହିଁ ଥିଲା ତାଙ୍କର ଅନ୍ତିମ ବିଦାୟ । ୧୯୬୪ ମଇ ୨୭ ତାରିଖ ଦିନ ଭାରତ ଆତ୍ମା ଯୁଗ ଜ୍ୟୋତି ଜବାହରଙ୍କର ଜୀବନ ପ୍ରଦୀପ ଲିଭିଗଲା । ମଲାଶେଯ ପାଖରେ ଥିବା ମେଜ ଉପରେ ଟିପା ଖାତାରେ ସେ ଲେଖିଯାଇଥିଲେ ତାଙ୍କର ଅନ୍ତିମ ସ୍ୱାକ୍ଷର । ଆମେରିକୀୟ କବି ରବର୍ଟ ଫ୍ରଷ୍ଟଙ୍କର ଏକ କବିତାର ପଦଟିଏ ଯାହାର ଓଡ଼ିଆ ମର୍ମାନୁବାଦ ହେଉଛି ଏହିଭଳି :–

## ଅଳ୍ପ ପଥ ଅତିକ୍ରାନ୍ତ : ବାକି ବହୁ ପଥ

"ସୁନ୍ଦର ଯେତିକି ଅନ୍ଧାର ସେତିକି ଏଇ ଯେ ଗହନବନ, ତେଣୁ ହୁ ଆପଣା ସଂକଳ୍ପେ ଅଟକ ଅଟଳ ରହରେ ମନ ଆଗରେ ପଡ଼ିଛି ପଥ ବହୁ ଦୂର ଆହୁରି – କେତେ ଯେ ବାକି ।
ଗ୍ଳଲିବି ଗ୍ଳଲିବି ନପଡ଼ିବି ଥକି ମୁଦିବା ଆଗରୁ ଆଖି", ତାଙ୍କର ଜୀବନ ଦର୍ଶନ ଥିଲା – "To travell hopefully is a better thing then to terminate or arrive in between" ସ୍ମୃତି ଓ ଜୀବନ୍ତ କିମ୍ବଦନ୍ତୀର ଉତ୍ସ ଏହି ରାଷ୍ଟ୍ରପୁରୁଷ ଓ ଭାରତ ଆତ୍ମାଙ୍କର ଦର୍ଶନ ଓ ଜୀବନାଦର୍ଶ ଆଗାମୀ ଶତାବ୍ଦୀ ପାଇଁ ଆକୁମାରୀ ହିମାଚଳ ପ୍ରତି ଭାରତୀୟର ସ୍ୱପ୍ନ ଓ ସଂକଳ୍ପ ହେଉ : ଏତିକି ଅଭିଳାଷ ।

କବି ଭାରତୀ,
କଣ୍ଟିନାଥିଆ, ଭୁବନେଶ୍ୱର–୬



# ନେହେରୁ ଓ ପଞ୍ଚବାର୍ଷିକ ଯୋଜନା

ଶ୍ରୀ ସୌରୀବନ୍ଧୁ କର

ସମାଜବାଦ ଓ ଜାତୀୟକରଣ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କର ବୈଶିଷ୍ଟ୍ୟ ଥିଲା । ସେହି ସମୟରେ ଜାତୀୟକରଣ ଥିଲା ବହୁ ଶକ୍ତିଶାଳୀ ପଦକ୍ଷେପ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅର୍ଥନୈତିକ ସ୍ୱାବଲମ୍ବନଶୀଳ ହୋଇ ସମାଜବାଦ ପ୍ରତିଷ୍ଠା କରିବା ବୋଲି ସେ ଅନୁଭବ କରିଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନର ତିନିଗୋଟି ମହାନ ରଥୀ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ ଓ ସର୍ଦ୍ଦାର ପଟେଲ ଭାରତକୁ ସ୍ୱାଧୀନତା ଆଣିବାରେ ସଫଳ ହୋଇଥିଲେ ମଧ୍ୟ ଏହି ତିନି ବ୍ୟକ୍ତିଙ୍କର ସ୍ୱାଧୀନ ଭାରତର ଅର୍ଥନୀତି ସମ୍ପର୍କରେ ଚିନ୍ତାଧାରା ଭିନ୍ନ ଥିଲା । ମହାତ୍ମା ଗାନ୍ଧୀ ଗାଁ ସହରର ଉନ୍ନତି ପାଇଁ କୁଟୀର ଶିଳ୍ପ ଉପରେ ଗୁରୁତ୍ୱ ଦେଉଥିଲେ । ପଟେଲ ପୁଞ୍ଜିବାଦୀ ଅବସ୍ଥାରେ ଅର୍ଥନୀତି ଢାଞ୍ଚା ଗଠନ କରିବାକୁ ଚାହୁଁଥିବା ବେଳେ ନେହେରୁ ସମାଜବାଦ ଇଚ୍ଛା କରୁଥିଲେ ।

୧୯୩୦ ମସିହା ବେଳକୁ ନେହେରୁଙ୍କର ଲେଖାରେ ତାଙ୍କର ସମାଜବାଦୀ ଚିନ୍ତାଧାରା ପ୍ରକାଶ ପାଉଥିଲା ଏବଂ ଏହାର ପ୍ରଭାବରେ ଜୟପ୍ରକାଶ ନାରାୟଣ ୧୯୩୪ ମସିହାରେ କଂଗ୍ରେସ ସମାଜବାଦୀ ଦଳ ଗଠନ କଲେ । ଦଳ ମଧ୍ୟରେ ଆଉ ଏକ ଦଳରେ ଯୋଗ ଦେବା ଉଚିତ ନୁହେଁ ବୋଲି ନେହେରୁ ଭାବିଲେ । ସେ କଂଗ୍ରେସର 'ଆଭାଡ଼ି' ଅଧିବେଶନ ବେଳେ ଭାରତର ନୀତି 'ସମାଜବାଦୀ ସମାଜ' ହେବ ବୋଲି ଘୋଷଣା କରିଥିଲେ । ସେ ୧୯୫୦ ମାର୍ଚ୍ଚ ୫ ତାରିଖରେ ଫେଡ଼େରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସରେ ଭାଷଣ ଦେଇ କହିଥିଲେ, "ସମାଜବାଦୀ ସମାଜ ଗଠନ କରିବାର ଉଦ୍ଦେଶ୍ୟ ଥିଲା ଲକ୍ଷ୍ୟ ଓ କର୍ମ ପ୍ରଣାଳୀକୁ ପରିଷ୍କାର ଭାବରେ ଲୋକମାନଙ୍କ ଆଗରେ ଥୋଇବା । ଆମ୍ଭମାନଙ୍କୁ ଭାରତକୁ ପରମାଣୁ ଯୁଗରେ ପ୍ରସ୍ତୁତ କରିବାକୁ ହେବ ଏବଂ ବହୁ ଶୀଘ୍ର କରିବାକୁ ହେବ..... ଭାରତ ଯେଉଁ ଯେଉଁ ପରିସ୍ଥିତି ଦେଇ ଗତି କରୁଛି ତାକୁ ମନେ ରଖିବାକୁ ହେବ ।" ନେହେରୁଙ୍କର ସମାଜବାଦୀ ସମାଜ ଗଠନର କଳ୍ପନା କେତେ ମାତ୍ରାରେ ସଫଳ ହେଲା ତାହା ବିଚାର କଲାବେଳେ ଦେଖାଯାଏ ଯେ ନେହେରୁ ତାଙ୍କ ସମୟରେ ଏଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ । ବିଳମ୍ବ ତାଙ୍କ ପାଇଁ ଅସହ୍ୟ ଥିଲା ଏବଂ ସେ ପରିବର୍ତ୍ତନ ଚାହୁଁଥିଲେ । ୪୩ କୋଟି ଲୋକସଂଖ୍ୟା ଦେଶରେ ଯେଉଁଠାରେ ଅଜ୍ଞତା ଓ ଦାରିଦ୍ର୍ୟ ଲୋକମାନଙ୍କର ଚିର ସହଚର ଏତେ ଶୀଘ୍ର ଯେ ସମାଜବାଦ କଳ୍ପନା ସାକାର ହେବ ସେ ଭାବି ପାରୁନଥିଲେ । ସମାଜବାଦ ଅକ୍ଷରେ ଅକ୍ଷରେ ପାଳନ ହେଲା କି ନାହିଁ ତା ଦେଖିବା ପରିବର୍ତ୍ତେ ଅର୍ଥନୀତିକୁ ଆଗକୁ ବଢ଼ାଇବାକୁ ସେ ଚେଷ୍ଟା କରିଥିଲେ ଏବଂ ଲୋକମାନଙ୍କର ଜୀବନ ଧାରଣର ମାନକୁ ବୃଦ୍ଧିକରି ଜାତୀୟ ଅର୍ଥନୀତି ଓ ମୁଣ୍ଡପିଛା ଆୟକୁ ଲୋକସଂଖ୍ୟା ବୃଦ୍ଧି ଅନୁସାରେ ବଢ଼ାଇ ଚାଲିଥିଲେ ।

ଭାରତର ବହୁ ଲୋକ ଦରିଦ୍ର ଏହା ସେ ହୃଦୟଙ୍ଗମ କରିଥିଲେ । ତାଙ୍କ ମତରେ ଲୋକମାନଙ୍କୁ ଦାରିଦ୍ର୍ୟରୁ ଦୂର କରିବା ହେଉଛି ରାଷ୍ଟ୍ରର କର୍ତ୍ତବ୍ୟ । ଭାରତର ସମ୍ବିଧାନର ୩୯ ଧାରା ଚତୁର୍ଥ ପରିଚ୍ଛେଦରେ ଏହା ଲିପିବଦ୍ଧ କରାଯାଇଛି । ଭାରତର ଅର୍ଥନୀତିକୁ ଅଭିବୃଦ୍ଧି କରିବା ପାଇଁ ନେହେରୁ ପଞ୍ଚବାର୍ଷିକ ଯୋଜନାକୁ ସଫଳ ଭାବରେ ବ୍ୟବହାର କଲେ । ଅର୍ଥନୈତିକ ଯୋଜନା ମାଧ୍ୟମରେ ରାଷ୍ଟ୍ରର ଅର୍ଥନୀତିରେ ବିକାଶ ସାଧନ ହୋଇପାରିବ ଏହା ସେ ହୃଦୟଙ୍ଗମ କରିଥିଲେ ବି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ମାତ୍ରେ ହଠାତ୍ ଏ କାର୍ଯ୍ୟରେ ବ୍ରତୀ ହୋଇ ନଥିଲେ । ସେ ଦେଶରେ ଚାଲୁଥିବା ଅର୍ଥନୀତି କିପରି ଭାବରେ ଅଗ୍ରଗତି କରୁଛି, ତାହା ଲକ୍ଷ୍ୟ କରୁଥିଲେ । କେତେକ ଭାବୁଥିଲେ ଦେଶର ରାଜନୈତିକ ପରିବର୍ତ୍ତନ ହେଲେ ମଧ୍ୟ ଅର୍ଥନୈତିକ ପରିବର୍ତ୍ତନ ଘଟିବ ନାହିଁ । କାରଣ ସେ ସମୟରେ ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲ୍ୟୁସନ୍ ପାର୍ଲାମେଣ୍ଟରେ ଆଗତ ହୋଇ କେତେକ ଶିଳ୍ପ କେବଳ ରାଷ୍ଟ୍ରର ନିୟନ୍ତ୍ରଣାଧୀନ, କେତେକ ରାଷ୍ଟ୍ର ଓ ପ୍ରାଇଭେଟ୍ ନିୟନ୍ତ୍ରଣାଧୀନ ଏବଂ ତୃତୀୟ କେବଳ ପ୍ରାଇଭେଟ୍ ନିୟନ୍ତ୍ରଣାଧୀନ ରହିବ ବୋଲି ଘୋଷଣା କରାଯିବା ଦ୍ୱାରା ନେହେରୁ ଯେ ସମ୍ପୂର୍ଣ୍ଣ ଉଦ୍ୟୋଗୀକରଣରେ ବିଶ୍ୱାସ କରୁଛନ୍ତି, ତାହା ପ୍ରତିଫଳିତ ହେଲାନାହିଁ ।

ନେହେରୁ ଅର୍ଥନୀତିର ଯେଉଁ ଧାରା ଚାଲିଛି, ତାର ସମ୍ପୂର୍ଣ୍ଣ ବିନାଶ ପରିବର୍ତ୍ତେ ବିକାଶ ଚାହୁଁଥିଲେ । ନେହେରୁ ରାଜନୀତି ପ୍ରତି ଯେତେ ଆକୃଷ୍ଟ ହୋଇଥିଲେ, ଅର୍ଥନୀତି ପ୍ରତି ତାଙ୍କର ଧାରଣା ସ୍ପଷ୍ଟ ଥିଲା । ଫଳରେ ଭାରତରେ ପ୍ରାଇଭେଟ୍ ସଂସ୍ଥାମାନେ କିପରି ଅର୍ଥନୀତିକୁ କାବୁ କରିଛନ୍ତି, ତାର ଧାରଣା ସେ ପ୍ରଥମରୁ ଠିକ୍ ଭାବେ ଜାଣି ପାରିନଥିଲେ । ବ୍ରିଟିଶ୍ ଶାସନର ଶେଷ ବେଳରେ ଯୋଜନା କମିଶନ୍ ମାର୍ଚ୍ଚ, ୧୯୫୦ ମସିହାରେ ଗଠନ ହେଲା ।

ଯୁଦ୍ଧ ପରେ ଭାରତର ଅର୍ଥନୀତି ଉପରେ ବିଶେଷ ପ୍ରଭାବ ପଡ଼ିଲା । ଭାରତ ବିଭାଜନ ହେବା ଦ୍ୱାରା ଉତ୍ପାଦନକ୍ଷମ ଉଦ୍ୟୋଗ ବିଶେଷ କରି

ଖୋଳ ଓ ଡ୍ରୁଲାର କଞ୍ଚାମାଲ ମିଳିବାରେ ବିଶେଷ ଅସୁବିଧା ହେଲା । ଦୀର୍ଘ ଛଅବର୍ଷ ଧରି ଯାନବାହନ ଯୁଦ୍ଧ ପାଇଁ କାର୍ଯ୍ୟ କରିଥିବା ହେତୁ, ସେଗୁଡ଼ିକ କାମ କରିବାର ଅବସ୍ଥାରେ ନଥିଲେ । ୧୯୪୩ରେ ବଙ୍ଗଳାରେ ଦୁର୍ଭିକ୍ଷ ପଡ଼ିବା ବେଳେ ଦେଖାଗଲା ଯେ ଖାଦ୍ୟ ଦ୍ରବ୍ୟର ଆବଶ୍ୟକୀୟ ସାମଗ୍ରୀର ଘୋର ଅଭାବ ରହିଛି । ବର୍ମା ଭାରତକୁ ଚାଉଳ ଓ ପେଟ୍ରୋଲିୟମ୍ ରପ୍ତାନୀ କରିବା ବନ୍ଦ କରିଦେଲା । ଶରଣାର୍ଥୀମାନେ ଭାରତକୁ ପ୍ରବେଶ କରିବାକୁ ଲାଗିଥିଲେ । ଏହିଭଳି ଏକ ସନ୍ଧିସନ୍ଧି ମୁହୂର୍ତ୍ତରେ ନେହେରୁ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ । ତେଣୁ ହଠାତ୍ ସମାଜବାଦୀ ଢାଞ୍ଚାରେ ଅର୍ଥନୀତିକୁ ନିର୍ମାଣ କରିବା ତାଙ୍କ ଦ୍ୱାରା ସମ୍ଭବ ହୋଇ ନଥିଲା ।

୧୯୪୮ ମସିହାରେ ପ୍ରଥମ ଉଦ୍ୟୋଗିକ ନିଷ୍ପନ୍ନ ପ୍ରସ୍ତାବରେ ଭାରତର ଅର୍ଥନୀତିକୁ 'ମିଶ୍ରିତ ଅର୍ଥନୀତି' ରଖିବାକୁ ସ୍ଥିର କରାଗଲା । ଉଦ୍ୟୋଗଗୁଡ଼ିକୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଗଲା ।

(୧) ରାଷ୍ଟ୍ର ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ଉଦ୍ୟୋଗ ।

(୨) ଉଭୟ ରାଷ୍ଟ୍ର ଓ ପ୍ରାଇଭେଟ୍ ମାଲିକାନା ନିୟନ୍ତ୍ରିତ ।

(୩) ପ୍ରାଇଭେଟ୍ ମାଲିକାନା ଉପରେ କିଛିକାଂଶରେ ସରକାରୀ ନିୟନ୍ତ୍ରଣ ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଚିଠା ପ୍ରସ୍ତାବ ଜୁଲାଇ ୧୯୫୦ ମସିହାରେ ପ୍ରକାଶିତ ହେଲା । ଭାରତର ଅର୍ଥନୀତିର ବିକାଶ ପାଇଁ କେନ୍ଦ୍ରରେ ଉଭୟ ପବ୍ଲିକ୍ ଓ ପ୍ରାଇଭେଟ୍ ସେକ୍ଟର ପାଇଁ ଯୋଜନା କରାଯିବ ବୋଲି ଏଥିରେ ସ୍ପଷ୍ଟ ଭାବରେ ଦେଖାଗଲା । ଏହି ନୀତିକୁ କାର୍ଯ୍ୟକାରୀ କରି 'ସମାଜବାଦ ଢାଞ୍ଚାରେ ସମାଜ' ଗଠନ ପାଇଁ ୧୯୫୪ ମସିହାରେ କଂଗ୍ରେସ ଦଳ ଏକ ଚିଠା ପ୍ରସ୍ତାବ ପାସ୍ କଲେ । ୧୯୫୬ ମସିହାରେ ଦ୍ୱିତୀୟ ଉଦ୍ୟୋଗିକ ନିଷ୍ପନ୍ନ ପ୍ରସ୍ତାବରେ ନେହେରୁଙ୍କର ସମାଜବାଦୀ ଦର୍ଶନ ପ୍ରତିଫଳିତ ହେଲା । ଏହି ପ୍ରସ୍ତାବରେ ଦେଶର ଅର୍ଥନୀତିକୁ ସମାଜବାଦ ଢାଞ୍ଚାରେ ସମାଜ ଗଠନ ପାଇଁ ଏକ ବିଧିବଦ୍ଧ ଯୋଜନାର ଆବଶ୍ୟକ ରହିଛି ଓ ଏହାର ଦ୍ରୁତ ଉନ୍ନତି ଆବଶ୍ୟକ ଏବଂ ଏଥିପାଇଁ ସମସ୍ତ ମୌଳିକ ଉଦ୍ୟୋଗଗୁଡ଼ିକ ଏବଂ ସାଧାରଣ ଲୋକମାନଙ୍କର ସେବା ପାଇଁ ଉଦ୍ଦିଷ୍ଟ ଉଦ୍ୟୋଗକୁ ପବ୍ଲିକ୍ ସେକ୍ଟରକୁ କରାଯିବ ବୋଲି କୁହାଗଲା । ଅନ୍ୟ ଉଦ୍ୟୋଗଗୁଡ଼ିକ ଯାହାକୁ କେବଳ ରାଷ୍ଟ୍ର ଚଳାଇ ପାରିବ, ସେଗୁଡ଼ିକ ମଧ୍ୟ ପବ୍ଲିକ୍ ସେକ୍ଟରରେ ରହିବ । ତେଣୁ ରାଷ୍ଟ୍ର ଉଦ୍ୟୋଗିକ ବିକାଶରେ ବିଶେଷ ଭୂମିକା ଗ୍ରହଣ କରିବ ।

ପଣ୍ଡିତ ନେହେରୁ ବ୍ୟକ୍ତିଗତ ଭାବରେ ଅର୍ଥନୈତିକ ଯୋଜନା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସେ ୧୯୨୭ ମସିହାରେ ସୋଭିଏତ୍ ୟୁନିୟନ୍ ଯିବାବେଳେ ଏହା ତାଙ୍କୁ ଆକର୍ଷିତ କରିଥିଲା । ସେ ସୋଭିଏତ୍ ୟୁନିୟନର ପ୍ରଥମ ପଞ୍ଚବାର୍ଷିକ ଯୋଜନାକୁ ଅଧ୍ୟୟନ କରିଥିଲେ । ଗୋଟିଏ ଅନୁନ୍ନତ ଦରିଦ୍ର ଜନବହୁଳ ଦେଶକୁ ଯୋଜନା ମାଧ୍ୟମରେ ଦ୍ରୁତ ଗତିରେ ବିକାଶଶୀଳ କରାଯାଇ ପାରିବ । ସୋଭିଏତ୍ ୟୁନିୟନ୍ ଭ୍ରମଣ ପରେ ପଣ୍ଡିତ ନେହେରୁ ଏପରି ଧାରଣା କରିଥିଲେ । ଭାରତ ସ୍ୱାଧୀନତା ପରେ ସେ ଏହାକୁ ପ୍ରୟୋଗ କରିଥିଲେ । ୧୯୩୮ ମସିହାରେ କଂଗ୍ରେସ ଏକ ଯୋଜନା କମିଟି ଗଠନ କରିଥିଲା ଯାହାର ଚେୟାରମ୍ୟାନ ପଣ୍ଡିତ ନେହେରୁ ଥିଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଚିଠା ପ୍ରସ୍ତାବ ଘୋଷଣା ହେବା ବେଳକୁ ସାଧାରଣ ଲୋକମାନେ ତାକୁ ଗ୍ରହଣ କଲେ । ସମ୍ଭାବ୍ୟ ଯୋଜନାର ଅନେକ ... ହୋଇ ... ଯାଇଥିଲା । ନେହେରୁ ନିଜେ ଯୋଜନା କମିଶନର ଅଧ୍ୟକ୍ଷ ରହିଲେ । ଯୋଜନା କାର୍ଯ୍ୟକୁ ସୁରୁଖୁରୁ ଭାବେ ଚଳାଇବା ପାଇଁ ଓ ଅର୍ଥନୀତିର ବିକାଶକୁ ଠିକ୍ ବାଟରେ ନେବା ପାଇଁ ଜଣେ ଉପାଧ୍ୟକ୍ଷ ନିଯୁକ୍ତି କରିବାର ଆବଶ୍ୟକତା ଅନୁଭବ କଲେ । ନେହେରୁ ପ୍ରଶାସନିକ ଅଫିସର ନିଯୁକ୍ତି ଦେବା ପକ୍ଷରେ ନଥିଲେ । ତେଣୁ ସେ ପ୍ରଥମ ଉପାଧ୍ୟକ୍ଷ ଭାବରେ ଶ୍ରୀ ଜି. ଏଲ୍. ନନ୍ଦାଙ୍କୁ ନିଯୁକ୍ତି ଦେଲେ ଯାହାଙ୍କର ବ୍ୟବସାୟିକ ବୁଦ୍ଧି ଥିଲା ଓ ବୁଦ୍ଧିଜୀବି ଭାବରେ ପରିଚିତି ଥିଲେ । ଯୋଜନାର ଲକ୍ଷ୍ୟ ପୂରଣ ପାଇଁ ଭାରତ ସମର୍ଥ ହେବ, ଏହି ବିଷୟରେ ପ୍ରଥମ ଯୋଜନା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଯୋଜନା ଶେଷରେ ତାକୁ ସମାଲୋଚନା କରି କୁହାଗଲା ଯେ ଯୋଜନା ବେଶି ଭାବେ ମହତ୍ତ୍ୱପୂର୍ଣ୍ଣ ହୋଇ ନଥିଲା ।

ନେହେରୁ ଅର୍ଥନୀତି ଉପରେ ବେଶୀ ବୋଝ ଲଦି ଦେବାକୁ ଇଚ୍ଛା କରୁନଥିଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ସଫଳ ହେଲା । ଫଳରେ ଯୋଜନା ପ୍ରତି ଲୋକମାନଙ୍କର ଆଗ୍ରହ ସୃଷ୍ଟି ହେବା ସଙ୍ଗେ ଶାସନ କ୍ଷେତ୍ରରେ ଆସପ୍ରତ୍ୟୟ ସୃଷ୍ଟି ହେଲା । ପ୍ରଥମ ଯୋଜନାର ଲକ୍ଷ୍ୟ ଥିଲା ଯେ ବିକାଶକୁ ତ୍ୱରାନ୍ୱିତ କରାଗଲେ ଲୋକମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବ ଓ ଲୋକମାନଙ୍କ ଆଗରେ ସୁସ୍ଥ ଓ ସୁନ୍ଦର ଜୀବନ ଯାପନ ପାଇଁ ନୂତନ ପନ୍ଥା ଉନ୍ମୋଚିତ ହେବ । ପ୍ରତ୍ୟେକ ଉତ୍ତମ ସରକାରର ଏହା ହିଁ ଲକ୍ଷ୍ୟ । ସେହି ଲକ୍ଷ୍ୟକୁ ପୂରଣ କରିବା ପାଇଁ, ଲୋକମାନଙ୍କ ମନରେ ନୂତନ ଆଶା ଓ ଆଲୋକ ଆଣି ଦେବା ପାଇଁ ନେହେରୁ ସକ୍ଷମ ହୋଇଥିଲେ । ସେ ତେଣୁ ଯୋଜନାର ଆବଶ୍ୟକତା ସମ୍ପର୍କରେ ଠିକ୍ ଭାବରେ ବୁଝିଥିଲେ । ଯୋଜନା କମିଶନ ଓ ତାର ସାଙ୍ଗଠନିକ ଗଠନ ମଧ୍ୟ ଥିଲା ନେହେରୁଙ୍କର ଚିନ୍ତାଧାରା । କେନ୍ଦ୍ର ସ୍ତରରେ ଜାତୀୟ ଯୋଜନା କମିଶନର ଅଧ୍ୟକ୍ଷ ଥିଲେ ପ୍ରଧାନମନ୍ତ୍ରୀ ଏବଂ ସଭ୍ୟ ଥିଲେ ଅର୍ଥମନ୍ତ୍ରୀ, ଯୋଜନାମନ୍ତ୍ରୀ, ଉପାଧ୍ୟକ୍ଷ ତାର ପରିଚାଳନା ପାଇଁ ରହିଥିଲେ । ଏମାନଙ୍କ ବ୍ୟତୀତ ଏହି କମିଶନର ସଭ୍ୟ ଭାବେ ଅର୍ଥନୀତିଜ୍ଞ, ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତିଙ୍କୁ ନିଆଯାଇଥିଲା । ରାଜ୍ୟମାନଙ୍କରେ ଥିଲା ନ୍ୟାସନାଲ ଡେଭେଲପମେଣ୍ଟ୍ କାଉନସିଲ୍ ଯାହାର ମୁଖ୍ୟ ଥିଲେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ସଭ୍ୟ ଭାବେ ଥିଲେ ଅନ୍ୟାନ୍ୟ ଡେଭେଲପମେଣ୍ଟ୍ କମିଶନର । ନ୍ୟାସନାଲ୍ ଡେଭେଲପମେଣ୍ଟ୍ କାଉନସିଲ୍ ବର୍ଷରେ ଦୁଇଥର ବସେ ।

ଯୋଜନା କମିଶନର କୌଣସି ପ୍ରଶାସନିକ କ୍ଷମତା ନାହିଁ । କିନ୍ତୁ ଏହା ବିଭିନ୍ନ କେନ୍ଦ୍ର ଓ ରାଜ୍ୟର ବିକାଶ ଭିତ୍ତିରେ ସମନ୍ୱୟ ରକ୍ଷା କରେ । ଏହା କେତେ ଉତ୍ପାଦନ ହେବ ତାର ଲକ୍ଷ୍ୟ ଧାର୍ଯ୍ୟ କରେ ଏବଂ ପଞ୍ଚବାର୍ଷିକ ଯୋଜନାର ଚିଠା ପ୍ରସ୍ତୁତ କରେ । ଏହା ଦେଶର ସମସ୍ତ ଅର୍ଥନୈତିକ ଦିଗର ମୁଖପାତ୍ର କହିଲେ ଭୁଲ ହେବନି । ପଞ୍ଚବାର୍ଷିକ ଯୋଜନାକୁ ସଫଳ କରିବା ପାଇଁ ନେହେରୁ ଅନେକଙ୍କଠାରୁ ପରାମର୍ଶ ନେବାର ବ୍ୟବସ୍ଥା କରିଥିଲେ । ପ୍ରତ୍ୟେକ ଯୋଜନାର ଚିଠାକୁ ଲୋକମାନେ ଯେପରି ଆଲୋଚନା କରିପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯାଉଥିଲା । ନେହେରୁ ବିଶ୍ୱାସ କରୁଥିଲେ ଯେ ଯୋଜନାର ସଫଳତା ଲୋକମାନଙ୍କର ଆନ୍ତରିକ ସହଯୋଗରେ ହିଁ ମିଳିଥାଏ ।

ଯୋଜନାର ଚିଠା ପ୍ରସ୍ତାବ ପ୍ରସ୍ତୁତ ହେବା ମାତ୍ରେ ଯଦିଓ ଏହା ପାର୍ଲିଆମେଣ୍ଟର ଅନୁମୋଦନ ଲାଭ କରେ ତଥାପି ଏହା ସମ୍ବନ୍ଧରେ ମତ ସଂଗ୍ରହ କରାଯାଏ । ବ୍ୟବସାୟିକ ଆସୋସିଏସନ୍, ଚୁମ୍ବର ଅଫ୍ କମର୍ସ, ଟ୍ରେଡ ୟୁନିୟନ ଏବଂ ଅନ୍ୟାନ୍ୟ ସଙ୍ଗଠନମାନଙ୍କର ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବିଭିନ୍ନ କ୍ଷେତ୍ରରୁ ମତାମତ ସଂଗ୍ରହ କରାଯାଏ । ଫଳରେ ଯୋଜନା ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରତିଫଳିତ ହୁଏ । ଏପରିକି ଏ ସମ୍ପର୍କରେ ସମୟ ସମୟରେ ହେଉଥିବା ସମାଲୋଚନାକୁ ମଧ୍ୟ ଗ୍ରହଣ କରାଯାଏ । ପଣ୍ଡିତ ନେହେରୁଙ୍କର ଏ ଦୃଷ୍ଟିକୋଣ ହେତୁ ଯୋଜନା କାର୍ଯ୍ୟକାରୀ ହେବାରେ ଯଦିଓ ବେଳେ ବେଳେ ବିଳମ୍ବ ହୁଏ ମାତ୍ର ତାହା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବାରେ ସକ୍ଷମ ହୋଇଛି । ତାଙ୍କର ଲୋକମାନଙ୍କ ଉପରେ ବିଶ୍ୱାସ ଥିବା ହେତୁ ସେ ତାଙ୍କ ଶେଷ ଇଚ୍ଛାରେ ଲେଖିଥିଲେ ଯେ ତାଙ୍କର ଚିତାଭସ୍ମକୁ ଉଡ଼ାଜାହାଜରେ ଆକାଶକୁ ନେଇ ବିଞ୍ଚିଦେବ ଯେପରି ଭାରତର କୃଷୀ ନିଜ ଦେହରୁ ଝାଳ ନିଗାଡ଼ି ସୁନ

କରେ, ତାହା ଭାରତର ଧୂଳି ଓ ମାଟିରେ ମିଶି ତା ସହିତ ଏକାକାର ହୋଇଯିବ ।

ନେହେରୁଙ୍କର ମୃତ୍ୟୁ ବେଳକୁ ତୃତୀୟ ପଞ୍ଚବାର୍ଷିକ ଯୋଜନା ଚାଲିଥାଏ । ପ୍ରଥମ ଓ ଦ୍ୱିତୀୟର ସଫଳତା ଫଳରେ ଦେଶ ଅର୍ଥନୈତିକ ପ୍ରଗତି ଦିଗରେ ଆଗେଇ ଚାଲିଥାଏ । ପ୍ରଫେସର୍ ପି: ସି: ମହାଲେନୋବିସ୍ କହିଥିଲେ ଜଣେ ଯୋଜନାକାରୀ ଭାବରେ ନେହେରୁଙ୍କର ଆବିର୍ଭାବ । ନେହେରୁ ଜଣେ ସମାଜବାଦୀଠାରୁ ପୃଥକ । ଯୋଜନା ସମ୍ପର୍କରେ ପ୍ରଫେସର୍ ମହାଲୋନୋବିସ୍‌ଙ୍କର ନେହେରୁଙ୍କ ଉପରେ ବହୁତ ପ୍ରଭାବ ଥିଲା । ମହାଲୋନୋବିସ୍‌ଙ୍କ ମତରେ ନେହେରୁ କ୍ଷୁଦ୍ର ଗୋଷ୍ଠୀ ଦ୍ୱାରା ଯୋଜନା ପ୍ରସ୍ତୁତ କରି, ତାହା କାର୍ଯ୍ୟକାରୀ କରାଉଥିଲେ ।

ଡକ୍ଟର୍ ଭି: କେ: ଆ: ଭି: ରାଓ ବହୁବର୍ଷ ଧରି ଯୋଜନା ସହିତ ସମ୍ପୃକ୍ତ ଥିଲେ । ତାଙ୍କ ମତରେ ନେହେରୁଙ୍କୁ ଜଣେ ସମାଜବାଦୀ ବୋଲି କୁହାଯାଇ ପାରିବ ନାହିଁ । ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସାଧାରଣ ଲୋକମାନଙ୍କ ପ୍ରତି ତାଙ୍କର ସମବେଦନା ଭାବ ହେଉଛି ମାନବବାଦୀ ଓ ସେ ମଣିଷ ମଣିଷ ମଧ୍ୟରେ ଥିବା ଅସମାନତାକୁ ଦୂର କରିବାକୁ ଚେଷ୍ଟା କରୁଥିଲେ । ନେହେରୁ କହିଥିଲେ, "ଏହା କମ୍ୟୁନିଜିମ୍, ସମାଜବାଦ ବା ପୁଞ୍ଜିବାଦର କଥା ନୁହେଁ । ଏହା ନିଗାଢ ସତ୍ୟ ଘଟଣା । ଯଦି ଆମେ ଆମ ରାଷ୍ଟ୍ରର ମୂଳ ସମସ୍ୟା ଖାଦ୍ୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦିର ସମାଧାନ ନକରୁ କିନ୍ତୁ ନିଜକୁ ପୁଞ୍ଜିବାଦୀ, ସମାଜବାଦୀ ବା କମ୍ୟୁନିଷ୍ଟ ବୋଲି ଘୋଷଣା କରୁ, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । ଆମର କାର୍ଯ୍ୟ କରିବା ପ୍ରଣାଳୀ ଅତି ଉଗ୍ର ନହୋଇ ପାରେ ଯାହାକୁ ବିରୋଧୁ ଆଦର୍ଶବାଦୀମାନେ ଗ୍ରହଣ କରିଛନ୍ତି, ଆମର ମାର୍ଗ ମଧ୍ୟମ ପନ୍ଥା ଯୁକ୍ତ ହୋଇପାରେ ।" ନେହେରୁ ଏଥିରୁ ସୂଚାଇ ଦେଇଥିଲେ ଯେ ସେ ମଧ୍ୟମ ପନ୍ଥାକୁ ଗ୍ରହଣ କରୁଥିଲେ । ତେଣୁ ନେହେରୁଙ୍କର ମିଶ୍ରିତ ଅର୍ଥନୀତିର ଯୋଜନା ସମାଜବାଦୀମାନଙ୍କୁ ସନ୍ତୁଷ୍ଟ କରି ପାରିଲା ନାହିଁ । ତେଣୁ ନେହେରୁଙ୍କର ସମାଜବାଦୀ ସମାଜ ଶ୍ରେଣୀହୀନ ସମାଜ ନୁହେଁ । ଯଦିଓ ପଞ୍ଚବାର୍ଷିକ ଯୋଜନାରେ ନେହେରୁଙ୍କର ସମାଜବାଦୀ ଚିନ୍ତାଧାରା ପରିସ୍ଫୁଟ ହୋଇଥିଲା, ଅନ୍ୟ ଅନେକ ଉପାୟରେ ସେ ଦେଶର ଅର୍ଥନୀତିକୁ ନୂତନ ଢାଞ୍ଚା ଦେବାକୁ ଚେଷ୍ଟା କରିଥିଲେ । ଭୂସଂସ୍କାର କାର୍ଯ୍ୟକାରୀ କରିବା, ସମବାୟ କୃଷି ପ୍ରଣାଳୀ, ରାଜ୍ୟ ଦ୍ୱାରା ସମବାୟ, ପ୍ରାଇଭେଟ୍ ବ୍ୟବସାୟକୁ ନିୟନ୍ତ୍ରଣ କରିବା ଇତ୍ୟାଦିକୁ ସଫଳ ରୂପଦେବା ନିମିତ୍ତ ତାଙ୍କର ମନ କାର୍ଯ୍ୟ କରୁଥିଲା । ଯାହା ଫଳରେ ସେ ପାର୍ଲିଆମେଣ୍ଟରେ ଅନେକ ବିଲ୍ ଆଣି ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଜମିଜମାର ସର୍ତ୍ତ ଏବଂ କୃଷି କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇ ଅର୍ଥନୈତିକ ବିକାଶ ପାଇଁ ଚେଷ୍ଟା ହୋଇଥିଲା । ଦ୍ୱିତୀୟ ଯୋଜନା କାଳରେ ଏହି ପନ୍ଥାକୁ ଆଗ ନିଆଯାଇ ଆଗେଇ ନିଆଗଲା । ଏବଂ ତୃତୀୟ ଯୋଜନାରେ ଭୂସଂସ୍କାରକୁ ଅଗ୍ରାଧିକାର ଦିଆଗଲା । ତୃତୀୟ ଯୋଜନା କାଳରେ ୧୯୬୨ ମସିହା ମୁଦ୍ରା ଜମିଦାରୀ, ଜାଗିରୀ ପ୍ରଥାର ଲୋପ ହେବାକୁ ସ୍ଥିର ହେଲା । ଫଳରେ ୨୦ କୋଟି ଚାଷୀ ସରକାରଙ୍କ ସହିତ ସିଧା ସଳଖ ସମ୍ପର୍କ ସ୍ଥାପନ କରିପାରିଲେ । ଭୂସଂସ୍କାର କାର୍ଯ୍ୟକାରୀ କରିବାର ମୂଳ ଉଦ୍ଦେଶ୍ୟ ଥିଲା କୃଷି ଉତ୍ପାଦନରେ ସୃଷ୍ଟି ହେଉଥିବା ବାଧାକୁ ଦୂର କରିବା ଏବଂ ଦ୍ୱିତୀୟରେ ଯେଉଁମାନେ ନିର୍ଯ୍ୟାତିତ ହେଉଛନ୍ତି ଓ ସାମାଜିକ ନ୍ୟାୟ ପାଉନାହାନ୍ତି, ସେମାନଙ୍କର ସ୍ୱାର୍ଥକୁ ସୁରକ୍ଷା କରିବା । ଦୀର୍ଘଦିନ ଧରି ନେହେରୁ ବ୍ୟକ୍ତିଗତ ଭାବେ କୃଷକର ଉନ୍ନତି ପାଇଁ ଧ୍ୟାନ ଦେଉଥିଲେ,

କେବଳ ଭୂସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ନୁହେଁ, ଉତ୍ପାଦନ ବୃଦ୍ଧି ଓ ବିତରଣ ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ସେ ଲକ୍ଷ୍ୟ କରିଥିଲେ ଯେ ଭାରତର କୃଷକ ଏ ବିଷୟରେ ବେଶ୍ ରକ୍ଷଣଶୀଳ । ସେ ତେଣୁ ସମବାୟ ମାଧ୍ୟମରେ କୃଷି ଉପରେ ଗୁରୁତ୍ୱ ଦେଇଥିଲେ ଏବଂ କେତେକ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ସ୍ଥିର ହୋଇଥିଲା । ଏହାର ବିରୋଧ ଏତେ ତୀବ୍ର ହେଲା ଯେ ସେ ତାହାକୁ କାର୍ଯ୍ୟରେ ପରିଣତ ନକରିବାକୁ ସ୍ଥିର କଲେ । ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ସମବାୟ କୃଷି ପ୍ରଣାଳୀକୁ କୃଷକର ଉନ୍ନତି ଉପରେ ନିର୍ଭର କରି କରିବାକୁ ସ୍ଥିର ହେଲା । ଏଥିରେ ଯୋଗ ଦେବାକୁ କୌଣସି କୃଷକକୁ ବାଧ୍ୟ କରାଗଲା ନାହିଁ । ଭାରତୀୟ କୃଷକ କେବଳ ରକ୍ଷଣଶୀଳ ନଥିଲେ, ସେମାନେ ଥିଲେ ବ୍ୟକ୍ତିବାଦୀ । ତେଣୁ କୃଷି ବିପ୍ଳବ ପାଇଁ ନେହେରୁ ଯାହା କରିବାକୁ ଇଚ୍ଛା କରୁଥିଲେ, ତାହା କୃଷକର ଇଚ୍ଛାକୁ ନେଇ କରିବା ପାଇଁ ଥିଲା ।

ଦେଶର ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ସେ ପ୍ରଥମ କରି ୧୯୪୯ ଜାନୁୟାରୀ ୧ ତାରିଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଜାତୀୟକରଣ କଲେ । ଏବଂ ୧୯୫୫ ମସିହାରେ ଇମ୍ପେରିଆଲ ବ୍ୟାଙ୍କକୁ ସରକାର ହାତକୁ ନେଇ ତାର ନାଁ ରଖିଲେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ । ଇନସ୍ୟୁରାନ୍ସ କମ୍ପାନୀଗୁଡ଼ିକୁ ହାତକୁ ନନେଲେ ବିକାଶ ତ୍ୱରାନ୍ୱିତ ହୋଇପାରିବ ନାହିଁ ବୋଲି ସ୍ଥିର କରି ୧୯୫୬ ସେପ୍‌ଟେମ୍ବର ୪ ତାରିଖରେ ନେହେରୁ ସରକାର ତାକୁ କାର୍ଯ୍ୟକାରୀ କଲେ । ୧୯୫୩ରେ ସମସ୍ତ ଏୟାର ଲାଇନ୍ ଉପରେ ସରକାର କର୍ତ୍ତୃତ୍ୱ ଜାହିର କଲେ । ତାଙ୍କର ଏ ପ୍ରକାର ପଦକ୍ଷେପକୁ ତାହା ମାର୍କସବାଦର ପ୍ରଭାବ ବୋଲି କୁହାଯାଇ ପାରେ । ସେ ସମୟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ଲୋକମାନେ ମନ୍ତ୍ରୀ ଥିଲେ । ନେହେରୁ ଉଭୟଙ୍କ ମଧ୍ୟରେ ସମତା ରକ୍ଷା କରି ଚାଲିଥିଲେ ।

ଇନସ୍ୟୁରାନ୍ସ କମ୍ପାନୀର ଜାତୀୟକରଣ ସାଧାରଣ ଲୋକମାନଙ୍କୁ ଛୁଇଁ ପାରିଥିଲେ ମଧ୍ୟ ଅନ୍ୟ କୌଣସି ଜାତୀୟକରଣ ସାଧାରଣ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଏ ପଦକ୍ଷେପ ଯୋଗୁ ସେପରି କିଛି ବ୍ୟାପକ ପରିବର୍ତ୍ତନ ଅର୍ଥନୀତିରେ ଘଟିନଥିଲା ।

ତେଣୁ ବିଚାର କରି ଦେଖିଲେ ନେହେରୁ ମଧ୍ୟମ ପନ୍ଥା ଅବଲମ୍ବନ କରି ଚାଲିଥିଲେ । ଯଦିଓ ସେ 'ପବ୍ଲିକ୍ ସେକ୍ଟର୍' ଉପରେ ପ୍ରଭୂତ ଗୁରୁତ୍ୱ ଆରୋପ କରୁଥିଲେ, ତଥାପି ପ୍ରାଇଭେଟ୍ ସେକ୍ଟର୍ ପ୍ରତି ସହାନୁଭୂତିଶୀଳ ଥିଲେ । ବହୁ ସମୟରେ ସେ ଅର୍ଥନୀତି ସମ୍ବନ୍ଧୀୟ ବିଷୟକୁ ରାଜନୀତି ଦୃଷ୍ଟିକୋଣ ଉପରେ ବିଚାର କରୁଥିଲେ । କିନ୍ତୁ ତାଙ୍କର ଦୃଷ୍ଟିକୋଣ ଥିଲା ବ୍ୟାପକ । ଭାରତର ଅର୍ଥନୀତି ଆଗକୁ ମାଡ଼ିଚାଲୁ ଓ ଏଥିରେ ଏମାନ ସାହାଯ୍ୟ କରୁ ଏହା ସେ ଚାହୁଁଥିଲେ । ବହୁ ସମୟରେ ଯଦିଓ ସେ ବାମପନ୍ଥୀ ଚିନ୍ତାଧାରା ପ୍ରକାଶ କରୁଥିଲେ ମାତ୍ର ତାହା କାର୍ଯ୍ୟକାରୀ କରିପାରୁ ନଥିଲେ । ପଞ୍ଚବାର୍ଷିକ ଯୋଜନାର ସଫଳତା ତାଙ୍କର ଦୂରଦୃଷ୍ଟି ଯୋଗୁ ସମ୍ଭବ ହୋଇ ପାରିଥିଲା ଏବଂ ଏଥିପାଇଁ ସେ ବହୁ ଦେଶରୁ ଆର୍ଥିକ ସହାୟତା ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ ।

ଭାରତର ବିକାଶ ଓ ପ୍ରଗତି ପାଇଁ ପଞ୍ଚବାର୍ଷିକ ଯୋଜନା ନେହେରୁଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ।

---

ଗଜପତି ନଗର,
ସୈନିକ ସ୍କୁଲ ଗେଟ୍,

# ନେହେରୁଙ୍କ ଶିକ୍ଷା ଚିନ୍ତାଧାରା

ଶ୍ରୀ ନାଗରୀମୋହନ ପଣ୍ଡା

ନବ ଭାରତର ପ୍ରତିଷ୍ଠାତା ସ୍ୱର୍ଗତ ଜବାହରଲାଲ ନେହେରୁ ନିଜ ଜୀବନ କାଳରେ କେବେହେଲେ ଥରେ ଶିକ୍ଷକତା କରିବାକୁ ସୁଯୋଗ ପାଇପାରି ନଥିଲେ, ଶିକ୍ଷା ତାଙ୍କର ପ୍ରଧାନ ବୃତ୍ତି ନଥିଲା ତଥାପି ସେ ଶିକ୍ଷା ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରି ଭାରତର ଶିକ୍ଷା କ୍ଷେତ୍ରକୁ ଅନେକ ଦିଗ୍‌ଦର୍ଶନ ଦେଇଥିଲେ । ଏକ ପିତା ହିସାବରେ ତାଙ୍କର ଏକମାତ୍ର କନ୍ୟା ପାଖକୁ ବିଭିନ୍ନ ସମୟରେ ଲେଖିଥିବା ପତ୍ର ସମୂହ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ ବିଭିନ୍ନ ପରିପ୍ରେକ୍ଷୀରେ ଦେଶର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କଲାବେଳେ ଦେଇଥିବା ଭାଷଣ ଜରିଆରେ ଶିକ୍ଷା ପ୍ରତି ତାଙ୍କର ଚିନ୍ତାଧାରା ସ୍ପଷ୍ଟ ହୋଇଯାଏ । ତାଙ୍କ କନ୍ୟା ଇନ୍ଦିରାଙ୍କ ସହିତ ହୋଇଥିବା ପତ୍ରାଳାପ ଏବଂ ଭାଷଣ ଦ୍ୱାରା ଦେଇଥିବା ଉଦ୍‌ବୋଧନଗୁଡ଼ିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ତାଙ୍କ ଚିନ୍ତାଧାରାରେ ଶିକ୍ଷାର ଅନେକ ମହତ୍ତ୍ୱ ରହିଛି ।

ନେହେରୁଙ୍କ ମତରେ ଶିକ୍ଷାର ଅର୍ଥ କ'ଣ? ଶିକ୍ଷାର କି ମୂଲ୍ୟବୋଧତା ରହିଛି? ଶିକ୍ଷା କିପରି ଜାତୀୟତା ଭାବ ଜାଗ୍ରତ କରି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମାଜର ଉନ୍ନତି ସାଧନ କରିବା ନିମିତ୍ତ ବ୍ୟକ୍ତି ବିଶେଷକୁ ଜୀବନ ସୂତ୍ର ଯୋଗାଇ ଥାଏ? — ସେ ସମ୍ବନ୍ଧରେ ସଂକ୍ଷେପରେ ଆଲୋକପାତ କରିବା ଏ ପ୍ରବନ୍ଧଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

## ନେହେରୁଙ୍କ ଚିନ୍ତାଧାରାରେ ଶିକ୍ଷାର ଅର୍ଥ :

ପଣ୍ଡିତ ନେହେରୁଙ୍କ ମତରେ, ଶିକ୍ଷା, ମାନବର ସର୍ବାଙ୍ଗୀନ ଉନ୍ନତି ଘଟାଇବା ସଙ୍ଗେ ସଙ୍ଗେ ତାର ମନର ଦ୍ୱନ୍ଦରେ ଐକ୍ୟଭାବ ଏବଂ ଅନ୍ୟମାନଙ୍କ ପ୍ରତି ସହଯୋଗ କରିବା ପାଇଁ ଶକ୍ତି ଆଣିବାରେ ସାହାଯ୍ୟ କରିଥାଏ । ସେ ଶିକ୍ଷାକୁ ବ୍ୟବହାରିକ ଦୃଷ୍ଟିକୋଣରେ ଦେଖିବା ପ୍ରତି ବିଶେଷ ଗୁରୁତ୍ୱ ଦେଉଥିଲେ । ତାଙ୍କର ମନ୍ତବ୍ୟରେ ଶିକ୍ଷା ହେଉଛି, ଲକ୍ଷ୍ୟ ସାଧନର ଏକ ପନ୍ଥା, ସେ ଲକ୍ଷ୍ୟ ହେଉଛି ସାମାଜିକ ତଥା ଜାତୀୟ ଲକ୍ଷ୍ୟ । ସେ ନିଜର ଅଭିଜ୍ଞତା ଏବଂ ଦୃଷ୍ଟିକୋଣରୁ ଲକ୍ଷ୍ୟ କରି କହିଥିଲେ ଯେ ଦେଶରେ ଏପରି ଅନେକ ଶିକ୍ଷିତ ବ୍ୟକ୍ତି ଅଛନ୍ତି, ଯେଉଁମାନେ କୌଣସି କାର୍ଯ୍ୟକୁ ଯୋଗ୍ୟ ନୁହନ୍ତି । ଏଥିପାଇଁ ସେ ବ୍ୟକ୍ତି ବିଶେଷଙ୍କୁ ଯେତିକି ଦୋଷ ଦେଉଥିଲେ, ଦେଶର ଶିକ୍ଷା ପଦ୍ଧତିକୁ ମଧ୍ୟ ସେତିକି ଦୋଷ ଦେଉଥିଲେ । ସ୍କୁଲ କଲେଜର ପରୀକ୍ଷାକୁ ଲକ୍ଷ୍ୟକରି ଶିକ୍ଷା ସାଧନ କରିବା ମନୋଭାବ ପ୍ରତି ତାଙ୍କର ପ୍ରବଳ ପ୍ରଣାଭାବ ଥିଲା । ସେ ମତ ଦେଇଥିଲେ ଯେ ଶିକ୍ଷା କେବଳ ପରୀକ୍ଷା ପାଇଁ ନୁହେଁ । ଜ୍ଞାନ ପ୍ରଶିକ୍ଷଣର ଗୁରୁତ୍ୱ, ଯେତିକି ପରିମାଣରେ, ମନୁଷ୍ୟ ତାର ଜୀବନର ପ୍ରତ୍ୟେକ କାର୍ଯ୍ୟକୁ ସୁଷ୍ଠୁ ରୂପେ ଦକ୍ଷତାର ସହ ତୁଲାଇବା ପାଇଁ ଶକ୍ତି ପ୍ରଦାନରେ ରହିଛି ତା'ଠାରୁ ଅନେକ ପରିମାଣରେ ରହିଛି ପ୍ରକୃତ ପ୍ରଶିକ୍ଷଣର ଉଦ୍ଦେଶ୍ୟରେ — ବ୍ୟବହାରରେ, ଆଦର୍ଶରେ, ଲକ୍ଷ୍ୟରେ, ମନରେ ଐକ୍ୟଭାବ ଆଣିବାରେ ଏବଂ ଅନ୍ୟର ସହଯୋଗ ପାଇଁ ଚିନ୍ତା ଜନ୍ମାଇବାରେ । ପ୍ରକୃତ ଶିକ୍ଷାର ଅର୍ଥ ହେଉଛି — ବିବେକର ସ୍ୱାଧୀନତା ଏବଂ ଭୟହୀନତା । ସେ ବାରମ୍ବାର ଚେତାଇ ଦେଉଥିଲେ ଯେ ଯଦି ଶିକ୍ଷା ମନୁଷ୍ୟର ଜୀବନୀଠାରୁ ଦୂରରେ ରହେ ତେବେ ସେ ଶିକ୍ଷାର କୌଣସି ମୂଲ୍ୟ ନାହିଁ । ଶିକ୍ଷା, ପରିବେଶରେ ମନୁଷ୍ୟକୁ ତାର ଜୀବନ ସହିତ ଖାପ ଖୁଆଇବା ପାଇଁ ଶକ୍ତି ଦେଇଥାଏ । ଏହାର ଅର୍ଥ ନୁହେଁ ଜୀବନର ଏକ ସଂକୀର୍ଣ୍ଣ ପରିବେଶରେ । ତାଙ୍କ ଲକ୍ଷ୍ୟରେ, ଶିକ୍ଷା ମନୁଷ୍ୟକୁ ତାର ବୃହତ ସମାଜରେ ଏକ ସୁସଂପର୍କ ସଦସ୍ୟ ବଣି ରହିବାର ଶକ୍ତି ପ୍ରଦାନ କରିଥାଏ ।

ସେ ମନୁଷ୍ୟକୁ ସମାଜର ଏକ ଅଂଶ ଭାବରେ ମଣିଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ସମାଜର ଉନ୍ନତି ବ୍ୟକ୍ତିର ଉନ୍ନତି ବିନା ସାଧିତ ହୋଇ ପାରିବ ନାହିଁ । ସେଥିପାଇଁ ମନୁଷ୍ୟ ଶିକ୍ଷା ମାଧ୍ୟମରେ ନିଜର ଉନ୍ନତି କରିବା ଉଚିତ୍ କିନ୍ତୁ ଏହାର ଲକ୍ଷ୍ୟ ସମାଜର ଉନ୍ନତି ହେବା ଉଚିତ । ଏହି ପରିପ୍ରେକ୍ଷୀରେ ନେହେରୁ ଶିକ୍ଷାର ଅର୍ଥ ଏକ ମହତ୍ ତଥା ସାମାଜିକ ଉଦ୍ଦେଶ୍ୟରେ ନେଇଥିଲେ ଏବଂ ସ୍ପଷ୍ଟ କରି ଦେଇଥିଲେ ଯେ ଶିକ୍ଷା ସ୍ୱକେନ୍ଦ୍ରୀ ବା ସ୍ୱାର୍ଥବାଦୀ ମନୋଭାବ ଜାଗ୍ରତ କରିବା ଉଚିତ ନୁହେଁ ।

## ଶିକ୍ଷା ଓ ଜୀବିକା :

ନେହେରୁଙ୍କ ଚିନ୍ତାଧାରାରେ ଶିକ୍ଷା ମନୁଷ୍ୟର ଅତି ନିକଟତମ ଭବିଷ୍ୟତ ପ୍ରତି ଲକ୍ଷ୍ୟ କରିବା ସହିତ ତାର ଦୀର୍ଘ ଜୀବନ ପ୍ରତି ଦକ୍ଷତା ପ୍ରଦର୍ଶନ କରିଥାଏ । ବସ୍ତୁବାଦୀ ବ୍ୟକ୍ତି ଶିକ୍ଷାର ନୈତିକତା ଦ୍ୱାରା ନିଜର ସ୍ୱାର୍ଥ ସମାଧାନ କାର୍ଯ୍ୟରେ ଶିକ୍ଷାକୁ ବ୍ୟବହାର କରିଥାଏ କିନ୍ତୁ ସେ ଜାଣିବା ଉଚିତ୍ ଯେ ଶିକ୍ଷାର ଅର୍ଥ ନୁହେଁ ସ୍ୱକେନ୍ଦ୍ରୀ ବା ସ୍ୱାର୍ଥବାଦୀ ହେବା । ସେ ସଦାସର୍ବଦା ଶିକ୍ଷାର ଏହି ସଂକୀର୍ଣ୍ଣ ବ୍ୟବହାର ପ୍ରତି

ଅପସନ୍ଦ ଭାବ ପ୍ରଦର୍ଶନ କରି ମାନବ ସମାଜକୁ ଏହା ବିରୁଦ୍ଧରେ ସତର୍କବାଣୀ ଦେଇଥିଲେ । ସେ ସ୍ପଷ୍ଟ କରି କହିଥିଲେ ଯେ ଶିକ୍ଷାର ଅର୍ଥ ନୁହେଁ କେବଳ ଅର୍ଥ ଉପାର୍ଜନ । ଜ୍ଞାନ ଓ ପ୍ରଶିକ୍ଷଣ ଆହରଣ କରି କେବଳ ଅର୍ଥ ଉପାର୍ଜନଶୀଳ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଲେ ଶିକ୍ଷାକୁ ମର୍ଯ୍ୟାଦା ଦିଆଯାଏ ନାହିଁ । ତାଙ୍କ ସମୟରେ ଓକିଲାତି ଧନ୍ଦା ଆଜିକାଲିର ଡାକ୍ତରୀ ଏବଂ ଇଞ୍ଜିନିୟରିଂ ଧନ୍ଦାପରି ସବୁଠାରୁ ଲାଭଜନକ ଏବଂ ଉପାର୍ଜନଶୀଳ ହୋଇଥିବାରୁ ଅନେକ ଯୁବକ ଏହି ବୃତ୍ତି ପନ୍ଥାର ଯାତ୍ରୀ ହୋଇ ଶିକ୍ଷାକୁ ନିଜର ସ୍ୱାର୍ଥସାଧନରେ ବ୍ୟବହାର କରୁଥିଲେ । ସେହି ମନୋଭାବକୁ ଲକ୍ଷ୍ୟ କରି ତଥା ଶିକ୍ଷାର ସଂକୀର୍ଣ୍ଣ ବ୍ୟବହାର ପ୍ରତି ଦୁଃଖ ପ୍ରକାଶ କରି ପ୍ରକାଶ କରିଥିଲେ ଯେ ଆଜିର ଶିକ୍ଷା କେବଳ ଅର୍ଥ ଉପାର୍ଜନର ଏକ ପନ୍ଥା । ଦୈନନ୍ଦିନ ଜୀବନ ଅତିବାହିତ କରିବା ନିମନ୍ତେ ଅବଶ୍ୟ କିଛି ଅର୍ଥର ଆବଶ୍ୟକତା ରହିଛି । କିନ୍ତୁ ଶିକ୍ଷାର ଉପଯୋଗିତା ମୂଲ୍ୟବାନ କାର୍ଯ୍ୟରେ ନ୍ୟସ୍ତ ହେବା ଆବଶ୍ୟକ ବିଶେଷ କରି ଯେଉଁ କାର୍ଯ୍ୟ ବୃହତ ମାନବ ସମାଜ ପାଇଁ ଉପଯୁକ୍ତ ହୋଇଥାଏ ।

ଅନ୍ୟମାନଙ୍କୁ ଶୋଷଣ କରିବା ବା ଏକ ବ୍ୟବସାୟୀକ ପନ୍ଥାରେ ବ୍ୟବହୃତ ହେବା ଶିକ୍ଷାର ଅର୍ଥ ନୁହେଁ ଏବଂ ସେଥିପାଇଁ ସେ ସଦାବେଳେ ବିଜ୍ଞାନ ତଥା ଯାନ୍ତ୍ରିକ କଳାକୌଶଳ ସମ୍ବନ୍ଧୀୟ ଶିକ୍ଷା ସପକ୍ଷରେ ନିଜର ଯୁକ୍ତି ପ୍ରକାଶ କରୁଥିଲେ । ସେ ନିଜର ଦୂରଦୃଷ୍ଟିର ସହାୟତା ନେଇ ଭାରତୀୟ ଯୁବକମାନଙ୍କୁ ଉଚ୍ଚକୋଟୀର ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର ତଥା କୃଷି ବୈଜ୍ଞାନିକ ହେବା ପାଇଁ ଉପଦେଶ ଦେଉଥିଲେ । ତାଙ୍କର ଯୁକ୍ତି ହେଲା, "ଆମେ ବୈଜ୍ଞାନିକ ହୋଇପାରନ୍ତି କାରଣ ବିଶ୍ୱରେ ସବୁକିଛି ମୂଳରେ ରହିଛି ବିଜ୍ଞାନ, ଆମେ ଇଞ୍ଜିନିୟର ହୋଇପାରନ୍ତି କାରଣ ବିଜ୍ଞାନକୁ ନିତ୍ୟ ବ୍ୟବହାର କାର୍ଯ୍ୟରେ ବ୍ୟବହାର କରିପାରିବା, କିମ୍ବା ଡାକ୍ତର ହୋଇପାରନ୍ତି, ଯେ ମାନବ ସମାଜର ପୀଡ଼ା ହ୍ରାସ କରିଥାଏ ଏବଂ ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଆରେ ରୋଗ ନାଶ କରିଥାଏ; ଆବାଳ ବୃଦ୍ଧଙ୍କୁ ଶିକ୍ଷା ବା ପ୍ରଶିକ୍ଷଣ ଦେବା ପାଇଁ ଶିକ୍ଷକ ବା ଶିକ୍ଷାବିତ୍ ହୋଇପାରନ୍ତି, କିମ୍ବା ନୂତନ ବୈଜ୍ଞାନିକ ପ୍ରଣାଳୀ ମାଧ୍ୟମରେ ଜମିର ଉତ୍ପନ୍ନ ବଢ଼ାଇବା ତଥା ରାଜ୍ଯର ସମ୍ପତ୍ତି ବଢ଼ାଇବା ପାଇଁ ଆଧୁନିକ କୃଷକ ହୋଇପାରନ୍ତି ।"

ଉପରୋକ୍ତ ବକ୍ତବ୍ୟଟି ବିଶ୍ଳେଷଣ କଲେ ସ୍ପଷ୍ଟ ହୁଏ ଯେ, ସେ ଶିକ୍ଷାକୁ ଉନ୍ନତି ଏବଂ ପ୍ରଗତି ପଥରେ ନିୟୋଜିତ କରି ସମଗ୍ର ମାନବ ସମାଜର ହିତ କାମନା କରୁଥିଲେ । ଏହାର ଲକ୍ଷ୍ୟ ନୁହେଁ ଯେ ସେ କଳା ଓ ସଂସ୍କୃତି ଶିକ୍ଷା ପ୍ରତି ଘୃଣାଭାବ ରଖୁଥିଲେ । କଳା ଓ ସଂସ୍କୃତି ଶିକ୍ଷାର ବିକାଶରେ ମଧ୍ୟ ସେ ସମାନ ଭାବରେ ଜୋର୍ ଦେଉଥିଲେ । ତାଙ୍କ ଚିନ୍ତାଧାରାରେ ମନୁଷ୍ୟର ସମ୍ପୂର୍ଣ୍ଣତା ପାଇଁ କଳା ଓ ସଂସ୍କୃତିର ଯଥେଷ୍ଟ ଆବଶ୍ୟକତା ରହିଛି । କଳା ଆମକୁ ଜୀବନରେ ଶାନ୍ତି ଦେଇ ଭାବନାଶକ୍ତିକୁ ବଢ଼ାଇଥାଏ ଏବଂ ବିଜ୍ଞାନ ଆମକୁ ବିକାଶ ପଥରେ ଆଗେଇ ନିଏ । ତେଣୁ ଶିକ୍ଷାରେ ଉଭୟଙ୍କୁ ଏକ ସମନ୍ୱୟ ଭାବରେ ଦେଖିବା ଉଚିତ ।

ତଥାପି ତାଙ୍କର ବିଜ୍ଞାନ ଓ ଆଧୁନିକତା ପ୍ରତି ଏକ ଦୁର୍ବଳଭାବ ଥିଲା । ସଦାସର୍ବଦା ବିଜ୍ଞାନ ଏବଂ ବୈଷୟିକ ଶିକ୍ଷାର ଉନ୍ନତି ପାଇଁ ଚେଷ୍ଟା କରୁଥିଲେ । ତାଙ୍କର ଏହି ଦୁର୍ବଳତା ଯୋଗୁଁ ଭାରତର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ସେ ବିଜ୍ଞାନ ଓ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଅଧିକ ଗୁରୁତ୍ୱ ଦେଇଥିଲେ । ସେ ପାଶ୍ଚାତ୍ୟ ଦେଶମାନଙ୍କ ଶିଳ୍ପୋନ୍ନତି ପ୍ରତି ଦୃଷ୍ଟି ଆକର୍ଷଣ କରି ଭାରତରେ ଏକ ଶିଳ୍ପ ବିପ୍ଳବ ଆଣିବାକୁ ଆପ୍ରାଣ ଚେଷ୍ଟା କରିଥିଲେ । ସେଥିପାଇଁ ଗାନ୍ଧିଜୀ ଯେତେବେଳେ କ୍ଷୁଦ୍ର ଓ କୁଟୀର ଶିଳ୍ପ ତଥା ଦୈହିକ ଶ୍ରମ ଉପରେ ଗୁରୁତ୍ୱ ଦେଉଥିଲେ, ସେ ନିଜର ଦୂରଦୃଷ୍ଟି ନେଇ ବୃହତ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ଏହି ଲକ୍ଷ୍ୟକୁ ନିଜର ଦୂରଦୃଷ୍ଟିରେ ରଖି ସେ କଳା ଓ ସଂସ୍କୃତିକୁ ଦ୍ୱିତୀୟ ସ୍ଥାନରେ ରଖୁଥିଲେ ଏବଂ କହିଥିଲେ, "ଅନ୍ୟ କିଛି ଅଗ୍ରାଧିକାର ନ କରାଗଲେ କଳା ସଂସ୍କୃତି ମନୁଷ୍ୟଙ୍କୁ ନିଃସହାୟ କରିଦିଏ । ଏହା ବୁଝିବା ପାଇଁ ଆମକୁ ବୈଷୟିକ ଜ୍ଞାନ ଆହରଣ କରିବାକୁ ପଡ଼ିବ କାରଣ ଆଧୁନିକ ଯୁଗରେ ବିଶ୍ୱ, ବିଜ୍ଞାନ ଏବଂ ବୈଷୟିକ ପ୍ରଣାଳୀରେ ଆଧାରିତ କୌଣସି ବ୍ୟକ୍ତି ଯଦି ବିଜ୍ଞାନ, ଅର୍ଥନୀତି ଏବଂ ବୈଷୟିକ ଜ୍ଞାନ ଆହରଣ କରି ନଥାଏ, ତେବେ ନିଜକୁ ଶିକ୍ଷିତ ବୋଲାଇବା ଅଯୌକ୍ତିକର ହେବ ।"

ଆଧୁନିକ ଶିକ୍ଷାବିତ୍‌ମାନଙ୍କ ପରି ସେ ଇଚ୍ଛା ପ୍ରକାଶ କରୁଥିଲେ ଯେ ଛାତ୍ର ତାର ଭବିଷ୍ୟତ ନିଜ ବୁଦ୍ଧି ଏବଂ ଇଚ୍ଛା ନେଇ ନିର୍ଣ୍ଣୟ କରୁ । କୌଣସି ଏକ ଜୀବନ ବ୍ରତ ବା ବୃତ୍ତି ପନ୍ଥା ବା ଜୀବନ ଦର୍ଶନ ତା' ଉପରେ ଜବରଦସ୍ତ କରିବା ଅନୁଚିତ । ଛାତ୍ରକୁ ତାର ନିର୍ଣ୍ଣୟ ଅନୁସାରେ କୌଣସି ଏକ ବୃତ୍ତି ପନ୍ଥାକୁ ନିର୍ବାଚନ କରିବା ପାଇଁ ସ୍ୱାଧୀନତା ଦେବା ସପକ୍ଷରେ ସେ ଯୁକ୍ତି ବାଢ଼ୁଥିଲେ । ଥରେ ତାଙ୍କର ଏକମାତ୍ର କନ୍ୟା ଇନ୍ଦିରା ଶିକ୍ଷକ ହେବାର ଅଭିଳାଷା ଉପସ୍ଥାପନ କଲାବେଳେ ସେ କୌଣସି ପ୍ରକାର ଆପତ୍ତି କରିନଥିଲେ ବରଂ ଶିକ୍ଷକର କାର୍ଯ୍ୟକଳାପ, ଭୂମିକା ଏବଂ ଆବଶ୍ୟକୀୟ ଗୁଣ ସବୁ ବ୍ୟାଖ୍ୟା କରିଥିଲେ । ତା' ସହିତ ସେ ଅନ୍ୟ ବୃତ୍ତି ସପକ୍ଷରେ ମଧ୍ୟ ଧାରଣା ଦେଇଥିଲେ କିନ୍ତୁ ଅନ୍ତିମ ନିର୍ଣ୍ଣୟ ତାଙ୍କ ସ୍ଥିର ଉପରେ ଛାଡ଼ି ଦେଇଥିଲେ ।

ଉପରୋକ୍ତ ଘଟଣାବଳୀକୁ ବିଶ୍ଳେଷଣ କରି ଅନୁଧ୍ୟାନ କଲେ, ସ୍ପଷ୍ଟିକରଣ ହୁଏ ଯେ ନେହେରୁ ଛାତ୍ରମାନଙ୍କୁ ସ୍ୱାଧୀନତା ଦେଉଥିଲେ ନିଜର ଜୀବନ ବ୍ରତକୁ ନିଜେ ନିର୍ଣ୍ଣୟ କରିବା ପାଇଁ କିନ୍ତୁ ସିଏ ଯେଉଁ ବ୍ରତ ଅନୁସରଣ କରୁନା କାହିଁକି ସେ ପାଇଥିବା ଶିକ୍ଷାକୁ ନିଜ ବୃତ୍ତିରେ ବିନିଯୋଗ କରି ସମାଜର ଉନ୍ନତି କରିବା ଉଚିତ୍ ।

## ଶ୍ରେଣୀ ଗୃହ ଶିକ୍ଷା :

ବର୍ଟ୍ରେଣ୍ଡ ରସେଲ୍‌ଙ୍କ ପରି ନେହେରୁ ମଧ୍ୟ ବାଧ୍ୟତାମୂଳକ ଶ୍ରେଣୀ ଗୃହ ଶିକ୍ଷା ବିପକ୍ଷରେ ଥିଲେ ଏବଂ ସେ ମତ ଦେଉଥିଲେ ଯେ ଏପରି ଏକ ବାଧ୍ୟତାମୂଳକ ପ୍ରଣାଳୀ ଶିକ୍ଷା ଉପରେ ବିଶେଷ ଭାବରେ କୌଣସି ପ୍ରଭାବ ପକାଇ ନଥାଏ । ବରଂ ଶ୍ରେଣୀ ଗୃହରେ ଯଦି ଛାତ୍ର ତାର ମନ ନିୟୋଜିତ ନକରେ ଏବଂ ଶିକ୍ଷକ ଯଦି ଅବହେଳା କରେ ତେବେ ବାଧ୍ୟତାମୂଳକ ଉପସ୍ଥିତି ଛାତ୍ରର ସମୟ ନଷ୍ଟ କରେ । ଭାରତରେ ଯେତେବେଳେ ଉଚ୍ଚ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନମାନଙ୍କରେ ଯେତେବେଳେ ଶ୍ରେଣୀ ଗୃହ ଉପସ୍ଥିତି ଉପରେ ଗୁରୁତ୍ୱ ଦିଆଯାଉଥିଲା ସେତେବେଳେ ସେ ପ୍ରକାଶ କରିଥିଲେ ଯେ କୋଡ଼ିଏ ବର୍ଷ ହୋଇଥିବା ଯୁବକ ଇଚ୍ଛାକଲେ ତାର ବିଷୟବସ୍ତୁ ନିଜେ ବୁଝିପାରିବ । କଲେଜରେ ପଢୁଥିଲା ବେଳେ ସେ ଏବଂ ତାଙ୍କର ଅନେକ ପାଶ୍ଚାତ୍ୟ ବନ୍ଧୁ ଶ୍ରେଣୀ ଗୃହ ଶିକ୍ଷାକୁ ସମୟ ଅପଚୟ ବୋଲି ଆଖ୍ୟା ଦେଉଥିଲେ ।

ସେ ଏ ପ୍ରକାର ଏକ ମତ ଦେବା ପଛରେ ଯେଉଁ ସାରମର୍ମ ଥିଲା ତାହା ହେଉଛି କଲେଜ ଛାତ୍ର ତାର ଅଧ୍ୟାପକ ଉପରେ ଯେତେଟା ନିର୍ଭର କରିବା ଉଚିତ ନୁହେଁ । ସେ ଅଧ୍ୟାପକମାନଙ୍କଠାରୁ ସମ୍ୟକ ଧାରଣା ନେଇ ନିଜ ପରିଶ୍ରମରେ ଉଚ୍ଚ ଶିକ୍ଷା ଲାଭ କରିବା ଉଚିତ । ଏ ପ୍ରକାର ଏକ ଶିକ୍ଷା ମାଧ୍ୟମରେ ଛାତ୍ରର ସ୍ୱାବଲମ୍ବୀ ଶକ୍ତି ବଢ଼ିଥାଏ ଏବଂ ସଦାବେଳେ ଶିକ୍ଷକ ଉପରେ ନିର୍ଭର କରିବା ବଦଭ୍ୟାସ ଦୂର ହୋଇଯାଏ । ତେଣୁ ସେ ନିଜ ହିତ ପାଇଁ କ୍ରମ୍ବ୍ରିଜ୍‌ପାଶ୍ଚାତ୍ୟ ଶିକ୍ଷା ପ୍ରଣାଳୀ ପ୍ରତି ଆକର୍ଷିତ ହେବା ପାଇଁ । ଇଂଲଣ୍ଡରେ ଯେଉଁ ଉପାୟରେ ଛାତ୍ରଛାତ୍ରୀମାନେ ଶିକ୍ଷା ଲାଭ କରୁଛନ୍ତି, ଭାରତରେ ଘରି ମଧ୍ୟ ସେହି ଉପାୟଗୁଡ଼ିକୁ ତାଙ୍କ ହିତ ଅବଲମ୍ବନ କରିବା ଉଚିତ୍ ବୋଲି ଉପଦେଶ ଦେଉଥିଲେ । କାରଣ ଏହା ଦ୍ୱାରା ଶିକ୍ଷାର ପ୍ରଭାବ ବେଶ୍ ପଡ଼ିଥାଏ । ଆହୁରି ମଧ୍ୟ ସେ କହିଥିଲେ ଯେ ଅଧ୍ୟାପକମାନେ ନିଜ ଛାତ୍ର ପାଖରେ ଏକ ପ୍ରଭାବଶାଳୀ କ୍ଷମତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ । କଲେଜ ଏବଂ ବିଶ୍ୱବିଦ୍ୟାଳୟସ୍ତର ଶିକ୍ଷା ପ୍ରତି ନିକ୍ଷେପ କରି କହିଥିଲେ ଯେ ସ୍କୁଲ ଅପେକ୍ଷା କଲେଜରେ ଶ୍ରେଣୀ ଗୃହ ଶିକ୍ଷାର ସମୟ କମିଯିବା ଦରକାର ଏବଂ ବିଶ୍ୱବିଦ୍ୟାଳୟମାନଙ୍କରେ ଆହୁରି କମିବା ଦରକାର । ଉଚ୍ଚ ଶିକ୍ଷା

ସ୍ତରରେ ଛାତ୍ରଛାତ୍ରୀମାନେ ପରୋକ୍ଷ ଭାବରେ ଶିକ୍ଷା ଅର୍ଜନ କରିବା ଉଚିତ ଓ ... ସମୟେ ସମୟେ କେବଳ ଅଧ୍ୟାପକମାନଙ୍କଠାରୁ ନିଜର ସନ୍ଦେହ ଦୂର କରିବା ଆବଶ୍ୟକ ।

ଶାନ୍ତିନିକେତନରେ ତାଙ୍କ ଝିଅ ଅଧ୍ୟୟନ କରୁଥିଲା ବେଳେ ରବୀନ୍ଦ୍ରନାଥ ଟାଗୋର ଯେଉଁ ପ୍ରଣାଳୀରେ ସଂସ୍କୃତି ଏବଂ ଜ୍ଞାନ ପ୍ରଦାନ କରୁଥିଲେ ତାହା ନେହେରୁଙ୍କ ଦ୍ୱାରା ଅତି ପ୍ରଶଂସନୀୟ ହୋଇଥିଲା । ତାଙ୍କ ଝିଅ ପାଖକୁ ସାକ୍ଷାତ ନିମନ୍ତେ ଯାଉଥିବା ବେଳେ ସେ କହୁଥିଲେ ସାଧାରଣତଃ ନିଜ ପରିଶ୍ରମରେ ଶିକ୍ଷା ଅର୍ଜନ କରିବା ଉଚିତ । ସେ ନିଜ ଝିଅକୁ ମଧ୍ୟ ଶ୍ରେଣୀ ଗୃହ ବାହାରେ ଅଧିକ ପୁସ୍ତକ ପଢ଼ିବା ପାଇଁ ସତର୍କ କରାଇ ଦେଉଥିଲେ । ସେ କହୁଥିଲେ ଯେ ସେ କେମ୍ବ୍ରିଜରେ ଅଧ୍ୟୟନ କରିବାବେଳେ ଜାଣିବାକୁ ପାଇଥିଲା ଯେ ଛାତ୍ର ଏବଂ ଅଧ୍ୟାପକ ପ୍ରଭୃତି ଅଧ୍ୟାପକଙ୍କ ସହିତ ପରୋକ୍ଷ ଭାବରେ କଥୋପକଥନ ଶ୍ରେଣୀରେ ପ୍ରଦାନ କରାଯାଉଥିବା ଶିକ୍ଷା ତୁଳନାରେ ଅଧିକ ଲାଭଜନକ ଥିଲା । ବାସ୍ତବରେ ସେ ନିଜେ ଶ୍ରେଣୀ ଗୃହ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ ଏବଂ ଏହି ଚିନ୍ତାଧାରା, ସାହିତ୍ୟ, ରାଜନୀତି, ଅର୍ଥନୀତି ଆଦି ସମସ୍ତ ବିଷୟବସ୍ତୁ ପାଇଁ ପ୍ରଯୁଜ୍ୟ ହୋଇପାରେ ବୋଲି ମତ ପ୍ରକାଶ କରିଥିଲେ ।

## ନାରୀ ଶିକ୍ଷା :

ନେହେରୁଙ୍କ ଶିକ୍ଷା ଚିନ୍ତାଧାରାରେ ଲିଙ୍ଗଗତ ଭେଦଭାବ ନଥିଲା । ତାଙ୍କ ମତରେ ପୁରୁଷ ଓ ନାରୀ ଉଭୟ ଦୁଇ ଚକ ପରି ସମାଜର ଦୁଇ ପକ୍ଷ । ସମାଜର ସର୍ବାଙ୍ଗୀନ ଉନ୍ନତିରେ ପୁରୁଷମାନଙ୍କ ପରି ନାରୀର ମଧ୍ୟ ଅନେକ ଭୂମିକା ରହିଛି । ତେଣୁ ମହିଳାମାନଙ୍କୁ ଶିକ୍ଷା ପ୍ରଦାନ ନକରିବା ବା ଶିକ୍ଷାରୁ ବଞ୍ଚିତ କରିବା ଅର୍ଥ ହେଉଛି ସମାଜର ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିବା । ଏହି ପରିପ୍ରେକ୍ଷୀରେ ସେ ଅନେକ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ମତରେ ସହମତ ନଥିଲେ । ଭାରତରେ ନେହେରୁ ନେତୃତ୍ୱ ସ୍ୱାଧୀନତା ସଂଗ୍ରାମରେ ବ୍ୟସ୍ତ ଥିଲାବେଳେ ଇଂଲଣ୍ଡରେ, ସମାଜରେ ନାରୀର ସ୍ଥାନକୁ ନେଇ ଭୀଷଣ ତର୍କ ବିତର୍କ ଚାଲିଥାଏ । ଏହି ସମୟରେ, ବର୍ଣ୍ଣାଡ୍ ଶ'ଙ୍କ ... ଚିନ୍ତାଧାରାର ପ୍ରଭାବ ପଡ଼ିଥିଲା ନେହେରୁଙ୍କ ଉପରେ । ଯେତେ ପ୍ରଭାବ ପଡ଼ିଲେ ମଧ୍ୟ ସେ କେବଳ ସଂସ୍କୃତ ଏବଂ ଉଦାର ଚିନ୍ତାଧାରାକୁ ସ୍ୱୀକାର କରୁଥିଲେ । ସ୍ତ୍ରୀ ଜାତିକୁ ସମାଜରେ ଏକ ଶୋଚ୍ୟ ସ୍ଥାନ ଦେଉଥିବା ପ୍ରାଚୀନ ଦାର୍ଶନିକ ପ୍ଲେଟୋଙ୍କୁ ଏବଂ କୌଟିଲ୍ୟ ଇତ୍ୟାଦିଙ୍କ ଏହି ଚିନ୍ତାଧାରା ପ୍ରତି ନେହେରୁ ଅସ୍ୱୀକାର କରୁଥିଲେ । ପରୋକ୍ଷରେ ନାରୀର ଏବଂ ଉନ୍ନତ ସ୍ୱର ଉତ୍ତୋଳନ କରି ନିଜର ସ୍ଥିତି ବାଢ଼ିଥିଲେ । ସେ ଏହି ପରିପ୍ରେକ୍ଷୀରେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ ଯେ ସମଗ୍ର ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ବିଶିଷ୍ଟ ଦାର୍ଶନିକ ଏବଂ ... ଏପରି ଏକ ... ପ୍ରଚାର କେମିତି କରି ପାରନ୍ତି ଯେ ପୁରୁଷର ସ୍ଥାନ ଓ ନାରୀର ସମାଜରେ ... । ସେ ... ପ୍ରକାଶ କରିଥିଲେ, [illegible]

ନିଜ ଦୃଷ୍ଟି ସହ କରି ଦେଉଥିଲେ । ସେ କେତେବେଳେ ଭାବୁନଥିଲେ ଯେ ନାରୀ ଶିକ୍ଷା ଦ୍ୱାରା ନାରୀ କେବଳ ଘର ଭିତରେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ହେବ । ତାଙ୍କ ମତରେ ନାରୀର ଯଥେଷ୍ଟ ଶକ୍ତି ରହିଛି । ମନୁଷ୍ୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେ ଏକ ପୁରୁଷ ସହିତ କନ୍ଧ ମିଳାଇ ଚାଲି ପାରିବ । ସେ ଏହି ପରିପ୍ରେକ୍ଷୀରେ ଥରେ ପ୍ରକାଶ କରିଥିଲେ, – "ଯଦି ମୋତେ ସୁଯୋଗ ମିଳନ୍ତା ମୁଁ ଇଚ୍ଛା କରିବି ମୋ ଝିଅ ତାର ଶିକ୍ଷାର ଏକ ଅଂଶ ଭାବରେ ଠିକ୍ ଅନ୍ୟ ଶ୍ରମିକମାନଙ୍କ ପରି ହୋଟେଲ ମାନଙ୍କରେ ... ପାଇଁ କାମ କରୁ ।"

ଉପରୋକ୍ତ ତଥ୍ୟଗୁଡ଼ିକରୁ ସ୍ପଷ୍ଟୀକରଣ ହୋଇଯାଏ ଯେ ତାଙ୍କ ଧାରଣାରେ ନାରୀ ପୁରୁଷମାନଙ୍କ ତୁଳନାରେ କିଛି କମ ନୁହେଁ ଏବଂ ପୃଥିବୀରେ ପ୍ରବୃତ୍ତି କରିପାରିଲା ପରି ପ୍ରତ୍ୟେକ କାର୍ଯ୍ୟକୁ ନାରୀ ମଧ୍ୟ ସୁରୁଖୁରୁରେ ତୁଲାଇ ପାରିବ । ନାରୀର ଶକ୍ତି ଏବଂ ସକ୍ଷମତା ଉପରେ ନେହେରୁଙ୍କର ଯେଉଁ ବିଶ୍ୱାସ ଥିଲା ତାହା ଆମକୁ ପ୍ରାଞ୍ଜଳ ଭାବରେ ବୁଝାଇ ଦିଏ ତାଙ୍କର ନାରୀ ଶିକ୍ଷା ପ୍ରତି ଚିନ୍ତାଧାରା ।

## ଶିକ୍ଷା ଓ ଜାତୀୟତା ଭାବ :

ନେହେରୁଙ୍କ ପାଖରେ ଥିବା ଜାତୀୟତା ଭାବ କେବଳ ଅସାଧାରଣ ବ୍ୟକ୍ତିମାନଙ୍କ ପାଖରେ ମିଳିଥାଏ । ତାଙ୍କର ମୌଳିକ ଚିନ୍ତାଧାରାରେ ମାନବିକତା, ପ୍ରେମଭାବ ଓ ନ୍ୟାୟପରାୟଣତାର ଉପସ୍ଥିତିକୁ ଲକ୍ଷ୍ୟ କଲେ କୌଣସି ବ୍ୟକ୍ତି ଚିନ୍ତା କରିପାରିବ ନାହିଁ ଯେ ଯେଉଁଳି ଏକ ବିଶିଷ୍ଟ ବ୍ୟକ୍ତିର କାର୍ଯ୍ୟକଳାପ କେବଳ ଗୋଟିଏ ରାଷ୍ଟ୍ର ମଧ୍ୟରେ ସୀମିତ ହୋଇ ରହି ପାରିବ । ତଥାପି ମହାତ୍ମା ଗାନ୍ଧୀଙ୍କ ସହ ଅସହଯୋଗ ଆନ୍ଦୋଳନ ତଥା ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଯୋଗଦାନ, ବ୍ରିଟିଶ ସରକାରଙ୍କ ଶୋଷଣ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା, ପ୍ରଧାନ ମନ୍ତ୍ରୀ ରହିଥିବା ସମୟରେ ଦେଶର ନେତୃତ୍ୱରେ ତାଙ୍କର ନିଷ୍ଠାଭାବ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମଗୁଡ଼ିକୁ ଲକ୍ଷ୍ୟ କଲେ ତାଙ୍କର ଦେଶପ୍ରେମ ଏବଂ ଜାତୀୟତା ଭାବ ପ୍ରତିଫଳିତ ହୁଏ । ଦେଶର ଅଗ୍ରଗତି ଏବଂ ସମୃଦ୍ଧି ପାଇଁ ତାଙ୍କର ନିଜ କର୍ତ୍ତବ୍ୟ ପାଳନକୁ ଅନୁଧ୍ୟାନ କଲେ ଜଣାପଡେ ଯେ ତାଙ୍କର ଦେଶ ପ୍ରତି ପ୍ରେମଭାବ ବାସ୍ତବିକ ରୋମାଞ୍ଚକର ଭାବ ପ୍ରବଣ ଏବଂ ଚିର ସ୍ମରଣୀୟ । ସ୍ୱାଭାବିକ ଭାବରେ ଶିକ୍ଷା ପ୍ରତି ତାଙ୍କର ଧାରଣା ଏହି ଜାତୀୟତା ଭାବକୁ କେନ୍ଦ୍ର କରିଥିଲା । ତେଣୁ ସେ ଭାବିଥିଲେ ଯେ ଶିକ୍ଷା ମାଧ୍ୟମରେ ହିଁ ପ୍ରତିଭାଶାଳୀ ବ୍ୟକ୍ତି ନିଜ ମନରେ ଜାତୀୟତା ଭାବ ଜାଗ୍ରତ କରି ପାରିବ । ସେ ପ୍ରକାଶ କରିଥିଲେ, "ମୋର ଲକ୍ଷ୍ୟ ନୁହେଁ ଶାନ୍ତି ରକ୍ଷା କିମ୍ବା ଅନ୍ଧ ଜାତୀୟତା ଭାବର ଶିକ୍ଷା । କିନ୍ତୁ ମୁଁ ଅନୁଭବ କରୁଛି ଯେ କୌଣସି ବ୍ୟକ୍ତି ଯଦି ରହୁଥିବା ଦେଶର ସାଂସ୍କୃତିକ ବାତାବରଣରୁ ନିଜକୁ ପ୍ରତ୍ୟାହାର କରିନିଏ ତେବେ ସେ ନିଜ କାର୍ଯ୍ୟକ୍ଷମତାରେ ଦକ୍ଷତା ପ୍ରତି ଏକ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ପ୍ରଗତି ପଥ [illegible] ମଧ୍ୟ ନିଜର ଜୀବନକୁ ଏକ ସ୍ୱଦେଶୀ ଭାବରେ ଜିଇବା ଉଚିତ, ବିଦେଶୀ ଭାବରେ ନୁହେଁ ।

ନେହେରୁଙ୍କ ମତରେ ଶିକ୍ଷାର ଲକ୍ଷ୍ୟ ହେଉଛି ସମାଜର ଉନ୍ନତି । ... ହିଁ ... ମାନବ ସମାଜର ଏକ ପ୍ରତ୍ୟକ୍ଷ ସ୍ୱୀକୃତିଯୋଗ୍ୟ ... ଓ ସମାଜ ଉନ୍ନତର ... । [illegible]

ଦେବାପାଇଁ ଆମେ ନିଜର କାର୍ଯ୍ୟକଳାପ ସ୍ଥିର କରିବା ଉଚିତ । ଆମେ ସବୁ ଭାରତୀୟ ଏବଂ ଭାରତରେ ଆମକୁ ନିଜର କର୍ତ୍ତବ୍ୟ ପାଳନ କରିବାକୁ ହେବ ।"

ଭବିଷ୍ୟତ ପାଇଁ ନିଜକୁ ପ୍ରଶିକ୍ଷଣ ଦେବା ଯଦିବା ଛାତ୍ରର ପ୍ରଥମ କର୍ତ୍ତବ୍ୟ, ରାଜନୀତି ପ୍ରତି ତାର ନିରପେକ୍ଷତା ରହିବା ଅବାଞ୍ଛନୀୟ । ରାଜନୈତିକ ପରିସ୍ଥିତିର ଚାପ ତଥା ଅର୍ଥନୈତିକ ଦୁରାବସ୍ଥାର ଶ୍ରାପ ଦେଶର ଅଧିକାଂଶ ଜନତାଙ୍କୁ ଶିକ୍ଷା ସୁଯୋଗ ପାଇବାରୁ ବଞ୍ଚିତ କରିଥାଏ । ତେଣୁ ଦେଶରେ ଉଚିତ ଶିକ୍ଷା ନିମିତ୍ତ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଛାତ୍ରର କର୍ତ୍ତବ୍ୟ ।

ସେ ମତ ଦେଇଥିଲେ ଯେ ଆମ ଶିକ୍ଷା ପ୍ରଣାଳୀ ଅନେକ ଭାବନା ଓ ଚିନ୍ତାଧାରା ବ୍ୟକ୍ତ କରିଥିଲେ ମଧ୍ୟ ନିଜେ ଦେଶର ପାରିପାର୍ଶ୍ୱିକ ଏକ ଅଙ୍ଗ ଏବଂ ପରିଣାମ । ଶିକ୍ଷା ପ୍ରଣାଳୀ, ଦେଶର ପାରିପାର୍ଶ୍ୱରେ ନିଜର ଶକ୍ତି ରକ୍ଷା କରିବା ନିମିତ୍ତ ଉପାୟ ପାଇଥାଏ ଏବଂ ଜ୍ଞାତସାରରେ ବା ଅଜ୍ଞାତସାରରେ ତାହା ପ୍ରତି ସହାୟତା ପ୍ରଦର୍ଶନ କରିଥାଏ । ଆଜି ସଂସାରରେ ଯଦି କିଛି ଶାନ୍ତିକରଣ ହୋଇଛି ତେବେ ତାହା ହେଉଛି ଆମର ଅଧିକାଂଶ ରାଜନୈତିକ ଓ ସାମାଜିକ ଲୋକମାନେ, ସେଗୁଡ଼ିକୁ ଅସମାଧାନ ଅବସ୍ଥାରେ ରଖିବା ତଥା ସେଗୁଡ଼ିକୁ ଏକ ବିପରୀ ଆଡ଼କୁ ଅଗ୍ରସର କରାଇବାର କାରଣ ହେଉଛି ଆମର ପାରିପାର୍ଶ୍ୱ ।

ନେହେରୁଙ୍କର ଏ କଥା କହିବାର ଅର୍ଥ ନଥିଲା ଯେ କେବଳ ରାଜନୈତିକ ବ୍ୟକ୍ତିମାନେ ଭାରତର ଭାଗ୍ୟ ଗଢ଼ିବେ । ଛାତ୍ର ଓ ଶିକ୍ଷକ ସମେତ ସମସ୍ତ ଶିକ୍ଷାବିତ୍‌ମାନଙ୍କର ଦେଶର ପୁନର୍ଗଠନରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବରଂ କହିବାକୁ ଗଲେ ପୁରାପୁରି ଅଧିକ । ରାଜନୀତିଜ୍ଞ ସବୁ ଦେଶର ରାଜନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ଚେଷ୍ଟା କରନ୍ତି କିନ୍ତୁ ସେମାନେ ତାର ଭିତ୍ତି ସ୍ଥିର ହୋଇ ପାରିବେ ନାହିଁ । ସମାଜର ବାସ୍ତବ ଭିତ୍ତି ସ୍କୁଲ ଓ କଲେଜର ଶିକ୍ଷା ଉପରେ ପଡ଼ିବା ଆବଶ୍ୟକ ।

## ଶିକ୍ଷା ଓ ଧର୍ମନିରପେକ୍ଷତା :

ନେହେରୁଙ୍କର ଭାଷଣ ଓ କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ନିଃସନ୍ଦେହରେ ଜଣାଯାଉଥିଲା ଯେ ତାଙ୍କ ମନ ଭିତରେ କୌଣସି ଧର୍ମ ପ୍ରତି ସଂକୀର୍ଣ୍ଣତା ଭାବ ନଥିଲା । ସେ ଆମ ଦେଶର କାହିଁକି ସମଗ୍ର ବିଶ୍ୱର ପ୍ରତ୍ୟେକ ଧର୍ମକୁ ସମକକ୍ଷରେ ଦର୍ଶନ କରୁଥିଲେ । ସେ ଦୃଢ଼ ଭାବରେ ମତ ପ୍ରକାଶ କରିଥିଲେ ଯେ ଶିକ୍ଷାରେ ଧର୍ମ ସଂକୀର୍ଣ୍ଣତା ବା ସାମ୍ପ୍ରଦାୟିକତା ଅନ୍ତର୍ଭୁକ୍ତ କରିବା ଅନୁଚିତ । ଶିକ୍ଷା ସଦାସର୍ବଦା ଜାତି, ଧର୍ମ, ବର୍ଣ୍ଣ ଏବଂ ସଂପ୍ରଦାୟଠାରୁ ଅନେକ ଦୂରରେ ରହିବା ଆବଶ୍ୟକ । କୌଣସି ଏକ ଧର୍ମକୁ ଅନୁସରଣ କରିବା ପାଇଁ ତଥା ସେହି ଧର୍ମର ଆଦର୍ଶଗୁଡ଼ିକୁ ବାଧ୍ୟକାରୀ କରିବା ପାଇଁ କୌଣସି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ପ୍ରତି ତାଙ୍କର ଆଦୌ ଆପତ୍ତି ନଥିଲା । କିନ୍ତୁ ସେ ମତ ପ୍ରକାଶ କରିଥିଲେ ଯେ ଏ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜ ଧର୍ମ ପ୍ରତି ସଂକୀର୍ଣ୍ଣତା ଭାବ ରଖିଥିବା ବ୍ୟକ୍ତିମାନଙ୍କର ଆଶ୍ରୟ ସ୍ଥଳ ହେବା ଉଚିତ ନୁହେଁ । ସେମାନେ ଏ ଅନୁଷ୍ଠାନ ମାଧ୍ୟମରେ ଧର୍ମକୁ ନେଇ ଗଣ୍ଡଗୋଳ କରିବା ପାଇଁ ଚେଷ୍ଟା କରିବା ଅନୁଚିତ ।

ସେ ଥରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ଭାଷଣ ଦେଲାବେଳେ ନିଜର ଚିନ୍ତାଧାରା ପ୍ରକାଶ କରି ମତ ଦେଇଥିଲେ ଯେ ଶିକ୍ଷା ମନୁଷ୍ୟର ଆଚାର ସଦ୍‌ଗତି ପାଇଁ ଉଦ୍ଦିଷ୍ଟ ହୋଇଥାଏ ତାକୁ ଅବରୋଧ କରି ରଖିବା ପାଇଁ ନୁହେଁ । ସେ ଏ ବିଶ୍ୱବିଦ୍ୟାଳୟର ନାମକରଣ ପ୍ରତି ସନ୍ତୋଷଭାବ ଆଦୌ ପ୍ରକାଶ କରି ନଥିଲେ । ଠିକ୍ ସେହିପରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ନାମକରଣରେ ହିନ୍ଦୁ ଶବ୍ଦର ଉପସ୍ଥିତି ପ୍ରତି ତାଙ୍କ ମନରେ ଅସନ୍ତୋଷ ଭାବ ଜାଗ୍ରତ ହୋଇଥିଲା । ଏହାର ଅର୍ଥ ନୁହେଁ ଯେ ବିଶ୍ୱବିଦ୍ୟାଳୟ କୌଣସି ଏକ ଧର୍ମ ସମ୍ବନ୍ଧରେ ବା ସଂସ୍କୃତି ଚିନ୍ତାଧାରା ଉପରେ ପାରଙ୍ଗମତା ଅର୍ଜନ କରିବା ଅନୁଚିତ । ସେ ନିଜ ଭାଷଣରେ ସେଠାରେ ସ୍ପଷ୍ଟ କରିଦେଇଥିଲେ ଯେ ସେହି ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ଇସ୍‌ଲାମିକ୍ ଧର୍ମ ଏବଂ ସଂସ୍କୃତି ଚିନ୍ତାଧାରା ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ ।

ଏହି ଭାଷଣରୁ ସ୍ପଷ୍ଟ ଭାବରେ ଜଣା ପଡ଼ିଯାଏ ଯେ ସବୁ ଧର୍ମ ପ୍ରତି ସମ୍ମାନ ଓ ପ୍ରେମଭାବ ପ୍ରଦର୍ଶନ କରିଥିଲେ । ତାଙ୍କ ମତରେ ସବୁ ଧର୍ମର ଆଦର୍ଶବାଦ ରହିଛି ଏବଂ ମନୁଷ୍ୟର ବିକାଶ ପାଇଁ ତଥା ତାର ଆଚାର ବୃଦ୍ଧି ପାଇଁ ସେ ଧର୍ମରେ ଥିବା ହିତ ବାଣୀ ଏବଂ ଉପଦେଶ ସମୂହକୁ ଅବଲମ୍ବନ କରିବା ଉଚିତ । କିନ୍ତୁ ନିଜର ସ୍ୱାର୍ଥ ନିମିତ୍ତ ଧର୍ମ ଭାବର ସାହାଯ୍ୟ ନେଇ କୌଣସି ଏକ ସାମାଜିକ ତଥା ରାଜନୈତିକ ଦୁଃପରିସ୍ଥିତି ପାଇଁ ଅନ୍ୟକୁ ପ୍ରବର୍ତ୍ତାଇବା ତାଙ୍କ ନିୟମର ବାହାରେ ଥିଲା । ତାଙ୍କ ଶିକ୍ଷା ଚିନ୍ତାଧାରା ପ୍ରକାଶ କରେ ଯେ ଶିକ୍ଷା ଏପରି ଏକ ଦୃଢ଼ପରିସ୍ଥିତି ପାଇଁ ଧର୍ମ ସଂକୀର୍ଣ୍ଣତା ଭାବ ଜାଗ୍ରତ କରାଇବା ପ୍ରତି ପ୍ରତିକୂଳ ପ୍ରଭାବ ପକାଇବା ଆବଶ୍ୟକ ।

ଧର୍ମକୁ ନେଇ ଯେ ହିଂସାକାଣ୍ଡ କରିବାକୁ ବୁଝୁନଥିଲେ ଏବଂ ଏପରି କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ ନକରିବାକୁ ମଧ୍ୟ ଚାହୁଁ ନଥିଲେ । ସେ ସଦାସର୍ବଦା ହିଂସାକାଣ୍ଡରେ ଲିପ୍ତ ଥିବା ସ୍ୱାର୍ଥପର ବ୍ୟକ୍ତିମାନଙ୍କ ପ୍ରତି ଘୃଣାଭାବ ପ୍ରଦର୍ଶନ କରିଥିଲେ । ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଧର୍ମ ବିଶେଷରେ କୌଣସି ମନାନ୍ତର କିମ୍ବା ହିଂସାକାଣ୍ଡ ତାଙ୍କ ଚିନ୍ତାଧାରାର ବହୁ ଦୂରରେ ଥିଲା ।

## ଶିକ୍ଷା ଓ ମୂଲ୍ୟବୋଧତା :

ନେହେରୁ ସଦାସର୍ବଦା ବିଶ୍ୱାସ କରୁଥିଲେ ଯେ ଶିକ୍ଷାରେ ମୂଲ୍ୟବୋଧତା ଅନ୍ତର୍ନିହିତ ହୋଇ ରହିଛି । ଶିକ୍ଷାର ଲକ୍ଷ୍ୟ ହିଁ ମୂଲ୍ୟବୋଧତା । ସେ କେବେହେଲେ ଖୁସି ନଥିଲେ ଯେ ଶିକ୍ଷା ଛାତ୍ରକୁ ଏକ ପୁସ୍ତକ କୀଟରେ ପରିଣତ କରୁ, କାରଣ ଏହାଦ୍ୱାରା ଛାତ୍ର ସମାଜଠାରୁ ଅନେକ ଦୂରକୁ ଚାଲିଯାଏ । ଶିକ୍ଷାର ମହତ୍ୱପୂର୍ଣ୍ଣ ମୂଲ୍ୟବୋଧତା ହେଲା ପରସ୍ପର ପ୍ରତି ସମ୍ପର୍କଭାବ, ସହଯୋଗ ଏବଂ ସମନ୍ୱୟଭାବ । ସେ ସେଥିପାଇଁ ନିଜ ଝିଅ ଶାନ୍ତିନିକେତନରେ ଅଧ୍ୟୟନ କରୁଥିବାବେଳେ ତା' ପାଇଁ ଏକ ସ୍ୱତନ୍ତ୍ର କୋଠରୀ ଦେବା କିମ୍ବା ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇବା ବିପକ୍ଷରେ ଥିଲେ । ସେ ଏଥିପାଇଁ ପ୍ରକାଶ କରିଥିଲେ, "ମୁଁ ପରିଲକ୍ଷିତ କରେ ଯେ ଏହା ଅଣିଷ୍ଟ ରୀତିନୀତି ଏବଂ ଅବସ୍ଥାର ପ୍ରତିପତ୍ତି । ଏହା କଦାପି ହୋଇ ପାରେନା । ଆମେ ଯେଉଁଠି ଗଲେ ମଧ୍ୟ ନିଜର ପାରିପାର୍ଶ୍ୱ ସହିତ ନିଜକୁ ସମାନ କରି ରଖିବାକୁ ପଡ଼ିବ ଏବଂ ନିଜକୁ ଏକ ଉଚ୍ଚମାନର ବ୍ୟକ୍ତି ମଣିବା ଅନୁଚିତ । ନିଜକୁ କୌଣସି ସ୍ଥାନରେ ଅନ୍ୟଠାରୁ ଉଚ୍ଚମାନର ମଣି ଯିବା ଅପେକ୍ଷା ସେ ସ୍ଥାନକୁ ନଯିବା ଶ୍ରେୟସ୍କର । କେବେ ତୁମେ ଗ୍ରାମୀଣ ସମାଜ ସହିତ ବା କୌଣସି କାରଖାନାର ଶ୍ରମିକ ଦଳ ସହିତ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କର, ତେବେ ତାଙ୍କ ସହିତ ମିଳିତ ଅଭିବାଦିତ କିମ୍ବା ସାକ୍ଷାତକାର କରିବାରେ ଚିନ୍ତା କରିବ କିପରି ? ଦୁର୍ନୀତି ଦୂରୀକରଣ ପାଇଁ ଏକ ସୁନ୍ଦର ରୁମାଲ ଧରି ସେମାନଙ୍କ ପ୍ରତି ସାମୟିକ ପୃଷ୍ଠପୋଷକତା ବା ଦାନର ପିଠୁଳା ପ୍ରଦର୍ଶନ କଲେ ତାଙ୍କ ପାଖରେ ସାମାଜିକ ନାରୀ ହେବ କିପରି ?"

ନେହେରୁ ଶିକ୍ଷାର ଅନ୍ୟ ଏକ ମୂଲ୍ୟବୋଧତା ଉପରେ ବିଶେଷ ଧ୍ୟାନ ଦେଉଥିଲେ । ସେ ମୂଲ୍ୟବୋଧତାଟି ହେଲା କର୍ମରତ । ସେ ସଦାବେଳେ ଦେଶବାସୀଙ୍କୁ ଆରାମଗିରି ଏବଂ ଭାଗ୍ୟବାଦ ପ୍ରତି ସତର୍କ କରାଇ ଦେଉଥିଲେ । ସେ କହୁଥିଲେ ଆରାମଗିରି ବା ଆମୋଦ ପ୍ରମୋଦ ସର୍ବଦା ଦୁଃଖର କାରଣ ହୋଇଥାଏ । "ଆରାମ୍ ହରାମ୍ ହେଁ" — ଏହାହିଁ ଥିଲା ତାଙ୍କ ଦ୍ୱାରା ଘୋଷିତ ଏକ ମନ୍ତ୍ର ଧ୍ୱନୀ । ତାଙ୍କ ମତରେ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିର ଅଜ୍ଞାନ ଦୂରୀକରଣ ଏବଂ ମଣିଷ ମନରୁ ଶ୍ରେଣୀଭାବ, ଜାତିଭାବ ଦୂର କରି ସମଗ୍ର ମାନବ ସମାଜର ଉନ୍ନତି ସାଧନ କରିବା । ସେ ମତ ପ୍ରକାଶ କରିଥିଲେ ଯେ ଶ୍ରମର ମୂଲ୍ୟ

ଉଚ୍ଚ ବୁଦ୍ଧି ବା ଉଚ୍ଚ ଜ୍ଞାନ ଆହରଣ କରିବାଠାରୁ ଅନେକ ଉଚ୍ଚରେ। ଭାରତୀୟମାନଙ୍କ ସର୍ବାଙ୍ଗୀନ ଉନ୍ନତି ଥିଲା ତାଙ୍କ ଜୀବନର ଏକ ବିରାଟ ସ୍ୱପ୍ନ।

ଶିକ୍ଷାର ଏହି ଏକ ମୂଲ୍ୟବୋଧତା ସମାଜ ପ୍ରତି ପ୍ରେମଭାବ ଏବଂ ଅନୁଚାରୀ ଉପରେ ଅଧିକ ଗୁରୁତ୍ୱ ଦେଇ ସେ ସାମୁଏଲ୍ ସ୍ମାଇଲସ୍‌ଙ୍କ ବ୍ୟକ୍ତିକେନ୍ଦ୍ରିକ ଦର୍ଶନ ପ୍ରତି ସହମତ ହୋଇ ନଥିଲେ କିନ୍ତୁ ଏହି ପରିପ୍ରେକ୍ଷୀରେ କ୍ରୋପଟ୍‌କିନ୍‌ଙ୍କ ଚିନ୍ତାଧାରା ପ୍ରତି ସେ ସହଯୋଗ କରୁଥିଲେ। ସେ ସମୟରେ କ୍ରୋପଟ୍‌କିନ୍‌ଙ୍କ ଦ୍ୱାରା ଲିଖିତ "A word to youngman" ସମଗ୍ର ବିଶ୍ୱର ଯୁବ ଜନତାଙ୍କ ସଙ୍କୀର୍ଣ୍ଣ ଚିନ୍ତାଧାରାକୁ ପରିବର୍ତ୍ତନ କରି ପାରିଥିଲା।

ଶିକ୍ଷାର ମୂଲ୍ୟବୋଧତାକୁ ଆଧାର କରି ସେ ନିଜ ସ୍ଥିତ ଏବଂ ସମଗ୍ର ଯୁବ ସମାଜ ପ୍ରତି ଯେଉଁ ଆଦର୍ଶଭାବ ପ୍ରଦର୍ଶନ କରିଥିଲେ ତାହା ହେଉଛି, "ମୁଁ ତୁମକୁ ଅନେକଥର କହିଛି ଯେ ମୋର ଏକ ଦୀର୍ଘ ଅଭିଳାଷ ରହିଛି ଯେ ତୁମର ତଥା ପ୍ରତ୍ୟେକ ବାଳକ ବାଳିକାର ଶିକ୍ଷା କୃଷିକ୍ଷେତ୍ର କିମ୍ବା କଳକାରଖାନାର ବ୍ୟାବସାୟିକ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ହେବା ଉଚିତ। ଦୁର୍ଭାଗ୍ୟବଶତଃ ଭାରତୀୟ ପରିସ୍ଥିତିରେ ଏହା ସମ୍ଭବ ହୋଇ ପାରେନା କିନ୍ତୁ ଏହା ହେବା ଦ୍ୱାରା ମୋ ଶିକ୍ଷା ଚିନ୍ତାଧାରା ତୁମ ପାଇଁ କିଛି ପରିମାଣରେ ସ୍ପଷ୍ଟ ହୋଇ ପାରିବ। ତୁମେ କାରଖାନାରେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କଲେ, କ'ଣ ତୁମେ ଅନ୍ୟମାନଙ୍କଠାରୁ ଦୂରରେ ଏବଂ ତୁଳନାତ୍ମକ ସୁବ୍ୟବସ୍ଥାରେ ରହି ଏବଂ ନିଜକୁ ଉଚ୍ଚମାନର ବ୍ୟକ୍ତି ଭାବି ଏ କାର୍ଯ୍ୟ କରିପାରିବ ? ଏ ଧାରଣା ଅଯୁକ୍ତିକର। ସେଠାକୁ ଯିବାର ଏକ ମାତ୍ର ଅର୍ଥ ହେଉଛି – ଯେଉଁ ଶାରିରୀକ କ୍ଳେଶ, ଅସ୍ୱାଚ୍ଛନ୍ଦ ଓ ଯନ୍ତ୍ରଣା ଆଦି ଅଧିକାଂଶ ଜନତାକୁ ଗ୍ରାସ କରିଛି, ସେ ସମ୍ପର୍କରେ କିଛି ଶିକ୍ଷାଲାଭ କରିବା, କିଛିଅଂଶରେ ସେ ସମାଜ ପ୍ରତି ସମ୍ପର୍କ ରଖିବା, ସେମାନଙ୍କର କଥା ବୁଝିବା, ବାସ୍ତବର ଏକ ଡ୍ରାମା ଦେଖିବା, ସେ ଦୁଃଖ ଯନ୍ତ୍ରଣାରୁ ସେମାନଙ୍କ ମୁକ୍ତି ପାଇଁ ଉପାୟ ଜାଣିବା। ଏ କଠିନ କାର୍ଯ୍ୟ ରେଶମ ଶଯ୍ୟା ଉପରେ ଶୋଇ ରହୁଥିବା ବ୍ୟକ୍ତି ଦ୍ୱାରା ସମ୍ଭବପର ନୁହେଁ କିନ୍ତୁ ଖରା, ପବନ ଓ କଷ୍ଟକର ଜୀବନର ସମ୍ମୁଖୀନ ହୋଇପାରିଲା ଭଳି ବ୍ୟକ୍ତି ପକ୍ଷରେ ସମ୍ଭବ।"

ଉପରୋକ୍ତ କେତୋଟି ବାକ୍ୟ, ନେହେରୁଙ୍କ ଚିନ୍ତାଧାରାରେ ଶିକ୍ଷାର ମୂଲ୍ୟବୋଧତା ଯଥେଷ୍ଟ ଆଲୋକପାତ କରିଥାଏ।

## ଉପସଂହାର :

ନିଜ ଚିନ୍ତାଧାରା ଅନୁସାରେ ସ୍ୱର୍ଗତ ନେହେରୁ ଶିକ୍ଷାକୁ ଯେଉଁ ଅର୍ଥରେ ପ୍ରକାଶ କରିଛନ୍ତି ତାହା ବାସ୍ତବିକ ମହତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ। ଭାରତକୁ ଏକ ସୁବର୍ଣ୍ଣ ଦେଶରେ ପରିଣତ କରିବା ତାଙ୍କର ଏକ ଜୀବନର ଏକ ବିରାଟ ସ୍ୱପ୍ନ ଥିଲା। ଏହି ଉଦ୍ଦେଶ୍ୟରେ ସେ ସଦାସର୍ବଦା ଶିକ୍ଷାର ସହାୟତା ଖୋଜିଥିଲେ। ଶିକ୍ଷା ସହିତ ସଂପୃକ୍ତ ଥିବା ପ୍ରତ୍ୟେକ ଛାତ୍ର, ଶିକ୍ଷକ ଏବଂ ଶିକ୍ଷାବିତ୍ ଯଦି ନେହେରୁଙ୍କର ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ନିଜର ସର୍ବାଙ୍ଗୀନ ଉନ୍ନତି ଘଟାଇବା ସହିତ ଦେଶର ଉନ୍ନତି ଘଟାଇବାରେ ମନଯୋଗ ଦେଇ ସାହାଯ୍ୟ କରେ, ତେବେ ତାଙ୍କ ଜୀବନର ସ୍ୱପ୍ନ ଏକ ବାସ୍ତବ ରୂପରେଖ ନେଇ ପାରିବ। ଦେଶରେ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଶିକ୍ଷା ପ୍ରସାର ହେବା ଉଚିତ ଏବଂ ପ୍ରତ୍ୟେକ ଛାତ୍ର ନିଜ ମନରେ ଏକ ଜାତୀୟତାଭାବ ଜନ୍ମାଇ ଏବଂ ଶିକ୍ଷାରେ ଅନ୍ତର୍ନିହିତ ହୋଇ ରହିଥିବା ମୂଲ୍ୟବୋଧତା ପ୍ରତି ସମ୍ମାନ ପ୍ରଦର୍ଶନ କରି ବୃହତ ମାନବ ସମାଜର କଲ୍ୟାଣ ସାଧନ ନିମନ୍ତେ ଅଗ୍ରସର ହେବା ବାଞ୍ଛନୀୟ। ମୋର ଦୃଢ଼ ବିଶ୍ୱାସ ରହିଛି ନେହେରୁଙ୍କ ଏହି ଶିକ୍ଷା ଚିନ୍ତାଧାରା ଦେଶକୁ ଉନ୍ନତି ପଥରେ ଆଗେଇ ନେଇ ପାରିବ।

ନେହ୍ରୁ, କୋହିମା,
ନାଗାଲ୍ୟାଣ୍ଡ।



# ପଣ୍ଡିତ ନେହେରୁ- ଏକ ଅଧ୍ୟୟନ

ଶ୍ରୀ ରମେଶ ଚନ୍ଦ୍ର ରଥ
ଗରଳିଆଗଡ଼, ମଠସାହି,

ପଣ୍ଡିତ ଜବାହରଲାଲ ନେହେରୁ ଆଧୁନିକ ଭାରତର ରାଜନୈତିକ ଇତିହାସରେ ଏକ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ । ପରାଧୀନ ଭାରତର ଦୁଇ ଦଶନ୍ଧି ଓ ସ୍ୱାଧୀନ ଭାରତର ଦୁଇ ଦଶନ୍ଧି କାଳ ନେହେରୁ ଥିଲେ ଏକ ସର୍ବାକର୍ଷଣୀୟ ପ୍ରତିଭାଧର ତଡ଼ିତ୍‌ପ୍ରବାହ । ସମଗ୍ର ଜାତି ତାଙ୍କୁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ କେବଳ ନୁହେଁ , ବରଂ ନବଭାରତର ନିର୍ମାତାଭାବେ ଏକ ସର୍ବ ଗ୍ରହଣଯୋଗ୍ୟ ସ୍ୱୀକୃତି ଦାନ କରିଥିଲା । ଅର୍ଥାତ୍ କ୍ଷମତା ରାଜନୀତି ଓ ସଙ୍ଗଠନ ରାଜନୀତି ଉଭୟରେ ସେ ଥିଲେ ଜଣେ ସମନ୍ୱୟକାରୀ । ଜାତିର ପିତା ମହାତ୍ମା ଗାନ୍ଧୀ ଥିଲେ ତାଙ୍କର ରାଜନୈତିକ ମନ୍ତ୍ରଦାତା । ତେଣୁ ଗାନ୍ଧୀଯୁଗ କହିଲେ ସ୍ୱତଃ ନେହେରୁଙ୍କ ନାମ ଯୁକ୍ତି ହୋଇଯାଏ । ଭାରତୀୟ ରାଜନୀତିକୁ ଗାନ୍ଧୀ-ନେହେରୁ ଭାବାଦର୍ଶ ଯେତେ ବେଶି ଅନୁପ୍ରାଣିତ କରିଛି ସେପରି ଅନ୍ୟ କୌଣସି ବ୍ୟକ୍ତିତ୍ୱ କରି ନାହାନ୍ତି । ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସମାଜ ଚେତନାରେ ଗାନ୍ଧୀଙ୍କ ଅପେକ୍ଷା ନେହେରୁଙ୍କ ପ୍ରଭାବ ବେଶି ଅନୁଭୂତ ହୋଇଥିଲା । କାରଣ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଗାନ୍ଧୀ ଥିଲେ ଗୋଟିଏ 'ପ୍ରଫେଟ୍' ବା ତ୍ରାଣକର୍ତ୍ତା– ଯାହାଙ୍କର ଚରମ ଲକ୍ଷ୍ୟ ଥିଲା ଭାରତର ସ୍ୱାଧୀନତା ପ୍ରାପ୍ତି । ସେହି ଲକ୍ଷ୍ୟ ପୂରଣ ହେଲା ପରେ ନେହେରୁ ହେଲେ 'ଲିଡର୍' ବା ନେତା– ଯେ ସ୍ୱାଧୀନତାର ସନ୍ଦେଶକୁ ଦେଶବାସୀଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ସେଥିପାଇଁ ଯଥାଯୋଗ୍ୟ ଭାବେ ପ୍ରସ୍ତୁତ କରିଥିଲେ । ନେହେରୁଙ୍କ ପ୍ରଧାନମନ୍ତ୍ରିତ୍ୱ ସେହି ଦୃଷ୍ଟିରୁ ଅନନ୍ୟ ଗଣନାୟକର ଭୂମିକାକୁ ଉଦ୍ଭୁତ ହୋଇଥିଲା । ତାଙ୍କୁ ସମର୍ଥନ କରିବା ଓ ବିରୋଧ କରିବା, ଏ ଦୁଇଟି ଭିତରେ ଥିଲା ତାଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ପ୍ରତି ତୀବ୍ର ଆକର୍ଷଣ । ଏକ ଦୁର୍ବାର ଅପ୍ରତିରୋଧ୍ୟ ବ୍ୟକ୍ତିତ୍ୱ ପ୍ରତି ସତେ ଯେପରି ତାହା ଥିଲା ଯୁଗପତ୍ ଆହ୍ୱାନ ଓ ଆନୁଗତ୍ୟ ।

ଏହି ପରିପ୍ରେକ୍ଷୀରେ ନେହେରୁଙ୍କ ବ୍ୟକ୍ତିତ୍ୱ ଅନୁଧ୍ୟାନ କଲେ, ନେହେରୁ ଗୋଟିଏ ଐତିହାସିକ ଶକ୍ତି–ସ୍ରୋତର ପ୍ରତୀକ ଥିଲେ । ଶହଶହ ବର୍ଷର ପରାଧୀନତା ପରେ ଭାରତୀୟ ସମାଜ ଚେତନା ଯେଉଁ ପରିବର୍ତ୍ତନ ପାଇଁ ପ୍ରତୀକ୍ଷା କରିଥିଲା ତାହା ନେହେରୁଙ୍କ ଯୋଗୁଁ ସମ୍ଭବ ହେଲା । ତାଙ୍କର ପ୍ରଗାଢ଼ ଦେଶପ୍ରୀତି ସହିତ ଏକ ଗତିଶୀଳ ଯୁଗଚେତନା ଓତଃପ୍ରୋତ ଜଡ଼ିତ ହୋଇ ରହିଥିଲା । ଫଳରେ ସେ ରକ୍ଷଣଶୀଳ ଓ ଜୀର୍ଣ୍ଣ ଭାରତୀୟ ମୂଲ୍ୟବୋଧଗୁଡ଼ିକୁ ଯୁଗୋପଯୋଗୀ ବାସ୍ତବତା ଆଡ଼କୁ ମୁହାଁଇ ନେଇ ତାକୁ ଏକ ବୈଜ୍ଞାନିକ ଅଭିମୁଖ୍ୟ ଦେବାରେ ନେଲେ ଏକ ସୁସ୍ଥ ପଦକ୍ଷେପ । ଏକଦା ଯେଉଁ ଜାତୀୟ କଂଗ୍ରେସ୍ ନେତୃତ୍ୱରେ ଦଳମତ, ବିଶ୍ୱାସ ନିର୍ବିଶେଷରେ ସ୍ୱାଧୀନତା ପାଇଁ ଏକ ସର୍ବ ବ୍ୟାପକ ଆନ୍ଦୋଳନ ହୋଇଥିଲା ତାହା ତାଙ୍କରି ନେତୃତ୍ୱ ଯୋଗୁଁ ଏକ ବିଧିବଦ୍ଧ ଶକ୍ତିଶାଳୀ ରାଜନୈତିକ ସ୍ରୋତକୁ ବହି ଚାଲିଲା । ନେହେରୁ କଂଗ୍ରେସ୍‌କୁ ଏକ ଗଣତାନ୍ତ୍ରିକ ଦଳରେ ପରିଣତ କରିବାରେ ସଫଳ ହେଲେ ଏବଂ ଦେଶର ବିକ୍ଷିପ୍ତ ଚିନ୍ତାସ୍ରୋତଗୁଡ଼ିକୁ ଏକୀଭୂତ କରି ସେ ସମଗ୍ରର ନିର୍ଯ୍ୟାସକୁ ଏକ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ରୂପାୟିତ କରିବାକୁ ଲାଗିଲେ । ଏଥିପାଇଁ ନେହେରୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଦର୍ଶନର ଏକ ସେତୁବନ୍ଧ ରଚନା କରି ଭାରତକୁ ଅତିକ୍ରାନ୍ତ ଯୁଗର ସମସ୍ତ ଦୋଷ, ଅସଙ୍ଗତି ଓ ଅପୂର୍ଣ୍ଣତାର ଅବସାଦରୁ ମୁକ୍ତ କରି ଅଗ୍ରଜ ଯୁଗର ସ୍ୱପ୍ନ ଓ ଅଣାବାଦର ବିପୁଳ ଅବଦାନ ପ୍ରତି ଉନ୍ମୁଖ କରାଇ ପାରିଲେ । ଯାହାର ବ୍ଲୁ ପ୍ରିଣ୍ଟ ବା ନକ୍ସା ହେଲା ବିଶ୍ୱଶାନ୍ତି ଓ ଶୈବ୍ୟ ଗଣତାନ୍ତ୍ରିକ ସମାଜବାଦ, ଗୋଷ୍ଠୀ ନିରପେକ୍ଷବାଦ, ପଞ୍ଚଶୀଳ, ନିରସ୍ତ୍ରୀକରଣ, ଉପନିବେଶବାଦର ବିଲୋପ ସାଧନ, ବର୍ଣ୍ଣବୈଷମ୍ୟ ଦୂରୀକରଣ, ସାମ୍ପ୍ରଦାୟିକତାର ବିଲୋପ, ଧର୍ମନିରପେକ୍ଷତା ଇତ୍ୟାଦି । ଏହିପରି ଏକ ବୈପ୍ଳବିକ ତଥା ସାର୍ବଜନୀନ ନୀତି ନିର୍ଦ୍ଦେଶ ଦ୍ୱାରା ସେ ଅନ୍ତର୍ଜାତିକ ପ୍ରତିଷ୍ଠା ଅର୍ଜନ କଲେ ।

ନେହେରୁଙ୍କର ଏକାଦିକ୍ରମେ ୧୭ ବର୍ଷ କାଳ ପ୍ରଶାସନିକ ସାର୍ବଭୌମ କର୍ତ୍ତୃତ୍ୱ, ଭାରତଭଳି ଏକ ସମସ୍ୟା ସଙ୍କୁଳ ବିରାଟ ରାଷ୍ଟ୍ରର ସର୍ବମୟ କର୍ତ୍ତା ହେବାର ଯୋଗ୍ୟତା ଓ ଦକ୍ଷତା ତାଙ୍କୁ ଦେଲା ଏକ ଐତିହାସିକ ପିଣ୍ଡି । ଗଣତନ୍ତ୍ରର ଭିତ୍ତିଭୂମିରେ ବହୁ ବିଧ,

ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରତିକ୍ରିୟାର ଶିବିରାଙ୍ଗନରୁ ବର୍ଷିତ ବୌଦ୍ଧିକ ତଥା ବୈଷୟିକ ସମାଲୋଚନାର ଶାଣିତ ତୀରପୁଞ୍ଜକୁ ପଣ୍ଡିତ ନେହେରୁ ଯେ କି କୌଶଳ ଓ ଧୀମତାର ସହିତ ପ୍ରତିହତ କରିପାରିଲେ ତାହା ବର୍ତ୍ତମାନ ଭାବିଲେ ଅଭିଭୂତ ହେବାକୁ ପଡେ । ଖାଲି ସେତିକି ନୁହେଁ, ସ୍ୱାଧୀନତା ପ୍ରାପ୍ତିର ଗୋଟିଏ ବର୍ଷ ଭିତରେ ଜାତିର ତ୍ରାଣକର୍ତ୍ତା ମହାତ୍ମା ଗାନ୍ଧୀଙ୍କ ହତ୍ୟା, କାଶ୍ମୀର ସଂଘର୍ଷ, ସାମ୍ପ୍ରଦାୟିକ ବିସ୍ଫୋରଣ ଇତ୍ୟାଦି ବିଭିନ୍ନ ଜାତୀୟ ବିପର୍ଯ୍ୟୟ ସମୟରେ ସେ ପ୍ରଧାନମନ୍ତ୍ରୀ ଭାବରେ ଯେଉଁ ଧୈର୍ଯ୍ୟ, ସହିଷ୍ଣୁତା, ଦୂରଦର୍ଶିତା ଓ ସମ୍ବେଦନଶୀଳତା ରକ୍ଷା କରିପାରିଲେ ତାହା ଆଜି ମନେ ପଡିଲେ ରୋମାଞ୍ଚ ଜାତ ହୁଏ ।

ଏହିପରି ପଣ୍ଡିତ ନେହେରୁ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରମୁଖ୍ୟ ହେବା ସଙ୍ଗେସଙ୍ଗେ ପୃଥିବୀର ସକଳ ନିର୍ଯ୍ୟାତିତ ମୁକ୍ତିକାମୀ ଜନଗଣଙ୍କର ଆଶା ଭରସାର ଦିବ୍ୟଜ୍ୟୋତି ହୋଇଥିଲେ । ଏସିଆ ମହାଦେଶର ଏହି ଅପ୍ରତିଦ୍ୱନ୍ଦ୍ୱୀ ମାନବବାଦୀ ରାଷ୍ଟ୍ରନାୟକ ଖାଲି ଭାରତର ଜନଗଣଙ୍କ ପାଖରେ ଯେ ଏକ ଦେବୋପମ ଭାବମୂର୍ତ୍ତିରେ ପ୍ରତିଭାତ ହେଉଥିଲେ ତା ନୁହେଁ, ସୁଦୂର ୟୁରୋପର ସବୁ ସମ୍ଭ୍ରାନ୍ତ ରାଷ୍ଟ୍ର– ଋଷ, ଆମେରିକା, ଦକ୍ଷିଣ ଆଫ୍ରିକା, ମଧ୍ୟପ୍ରାଚ୍ୟାନ୍ତର୍ଗତ ଆରବ ରାଷ୍ଟ୍ରସମୂହ ଇତ୍ୟାଦି ଗସ୍ତ କାଳରେ ସେ ଯେଉଁ ସ୍ୱତଃସ୍ଫୂର୍ତ୍ତ ଅଭ୍ୟର୍ଥନା ପାଉଥିଲେ ତାହା ତାଙ୍କର ବିଶ୍ୱବିଦିତ ସନ୍ଦେଶର ପ୍ରତିଧ୍ୱନୀ ଥିଲା ମାତ୍ର ! ସେହିଭଳି ନିଜ ଦେଶର କୋଣେକୋଣେ, କେଉଁ ପାର୍ବତ୍ୟ ଅଧ୍ୟୁଷିତ ନାଗା, ମିଜୋ, ଅଞ୍ଚଳରୁ ଆରମ୍ଭ କରି ଅଗମ୍ୟ ଘଞ୍ଚ ଅରଣ୍ୟ ସମାକୁଳ ଆଦିବାସୀ ଅଞ୍ଚଳରେ ମଧ୍ୟ ସେ ଜାତିର ଗଣସମ୍ପଦକୁ ଆବିଷ୍କାର କରିଥିଲେ ଏବଂ ସେମାନଙ୍କ ପ୍ରତି ଆତ୍ମୀୟତାର ଭାବ ସମ୍ବନ୍ଧ ସ୍ଥାପନ କରି ପାରିଥିଲେ । ଭାରତର ଐତିହ୍ୟ ସଂସ୍କୃତି ଓ ହଜାର ହଜାର ବର୍ଷର ସଭ୍ୟତାର ବିସ୍ତୃତ ଇତିହାସକୁ ଗଭୀରଭାବେ ଅନୁଶୀଳନ କରି ଭାରତାତ୍ମାକୁ ଚିହ୍ନିଥିଲେ ଏବଂ ସେହି ଭାରତାତ୍ମାର ଆହ୍ୱାନକୁ କାୟମନୋବାକ୍ୟରେ ଗ୍ରହଣ କରି ନେଇ ଏକ ନିର୍ବୈଚିତ ସଭା– ପୁରୁଷର ଦୁର୍ଭେଦ୍ୟଦୁର୍ଗ ନିର୍ମାଣ କରିଥିଲେ । ଏଥିପାଇଁ ତାଙ୍କୁ ଗଣତାନ୍ତ୍ରିକ ସମ୍ରାଟ୍ ବୋଲି ରାଜନୈତିକ ମହଲ ବିବେଚନା କରନ୍ତି ।

ସୁତରାଂ ପଣ୍ଡିତ ନେହେରୁଙ୍କୁ ଆଧୁନିକ ଭାରତର ଇତିହାସରେ ସମଗ୍ରଭାବେ ଏକ ଯୁଗପୁରୁଷ କୁହାଯିବା ଯଥାର୍ଥ । ମହାତ୍ମା ଗାନ୍ଧୀ ଯେଉଁଭଳି ଭାରତୀୟ ମୁକ୍ତି ସଂଗ୍ରାମର ସର୍ବୋଚ୍ଚ କର୍ତ୍ତା ଥିଲେ ଏବଂ ତାଙ୍କରି ଇଚ୍ଛା ଓ ଇଙ୍ଗିତରେ ସମଗ୍ର ଜାତି ଯେପରି ପରିଚାଳିତ ହେଉଥିଲା, ସେହିପରି ପଣ୍ଡିତ ନେହେରୁ ସ୍ୱାଧୀନ ଭାରତ ରାଷ୍ଟ୍ରଯନ୍ତ୍ରର ମୁଖ୍ୟ ବିଧାତା ଥିଲେ ଏବଂ ତାଙ୍କରି ସ୍ୱପ୍ନ ଓ ସଙ୍କଳ୍ପରେ ଦେଶର ଜନସାଧାରଣଙ୍କର ଭାଗ୍ୟ–ନିର୍ମାଣ କରାଯାଇଥିଲା । ସେଥିନେଇ ଗାନ୍ଧୀ–ନେହେରୁ ଯୁଗ କହିଲେ ଆମେ ସ୍ୱାଧୀନ ଭାରତର ନିର୍ମାଣ ପର୍ବକୁ ହିଁ ବୁଝୁ । ତାହା ଆଜି ସୁଦ୍ଧା ଅବଲମ୍ବିତ ହୋଇଆସିଛି । ଗାନ୍ଧିଜୀଙ୍କ ଅହିଂସାକୁ ନେହେରୁ ଗଣତନ୍ତ୍ରରେ ରୂପାନ୍ତରିତ କରିଥିଲେ । ଗଣତନ୍ତ୍ର ହିଁ ଥିଲା ନେହେରୁଙ୍କର ସାମ୍ୟବାଦୀ ଚିନ୍ତାଧାରାର ପ୍ରୟୋଗଭୂମି । ଏଥିପାଇଁ ତାଙ୍କୁ ଅନବରତ ସଂଗ୍ରାମ କରିବାକୁ ପଡିଛି । ସେ ଚାହିଁଥିଲେ ଏକଛତ୍ର ଶାସକ ଭାବେ ନିରଙ୍କୁଶ କ୍ଷମତା ଉପଭୋଗ କରିଥାନ୍ତେ, କିନ୍ତୁ ଜନଗଣଙ୍କ ଇଚ୍ଛାରେ ସେହି 'ଏକକ' କ୍ଷମତାର କେନ୍ଦ୍ରବିନ୍ଦୁ ଭାବେ ଆଜୀବନ ଏକ ନିର୍ବାଚିତ ସମ୍ରାଟ୍ ହେବାର ଐତିହାସିକ ଗୌରବ ଅର୍ଜନ କରିଥିଲେ । କାରଣ ତାଙ୍କର ଇଚ୍ଛା ହିଁ ଜନଗଣଙ୍କ ଇଚ୍ଛାରେ ପ୍ରତିବିମ୍ବିତ ହେଉଥିଲା । ସେ ଥିଲେ ଭାରତୀୟ ଜନଗଣଙ୍କ ଇଚ୍ଛାର ପ୍ରତୀକ । ତେଣୁ ସେ ରାଜନୈତିକ କ୍ଷମତାକୁ ଦେଶର ଜନଗଣଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ହିଁ ନିୟୋଜିତ କରିଥିଲେ । ପଣ୍ଡିତଜୀ ତାଙ୍କର ସମକାଳୀନ ସମକକ୍ଷ ଜାତୀୟ ନେତାମାନଙ୍କ ନିକଟରେ ଏକ ବିବଦମାନ ବିତର୍କିତ ବ୍ୟକ୍ତିତ୍ୱ ଭାବରେ ଦେଖା ଦେଉଥିଲେ ସତ୍ୟ କିନ୍ତୁ ତାଙ୍କର ସିଦ୍ଧାନ୍ତ ହିଁ ଶେଷରେ ଏକ ଅବଶ୍ୟମ୍ଭାବୀ ବାସ୍ତବତାର ସ୍ଥାନ ଗ୍ରହଣ କରୁଥିଲା ଏବଂ ପ୍ରତିପକ୍ଷମାନଙ୍କର ନୀରବ ସ୍ୱୀକୃତି ଲାଭ କରୁଥିଲା । ଏହିପରି ଗୋଟିଏ ସର୍ବମୁଖୀ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ନେହେରୁ । ଯେ କୌଣସି ନୀତିଗତ ବିରୋଧକୁ ସେ ସ୍ୱାଗତ କରି ତା'ର ଯୁକ୍ତିଯୁକ୍ତତା ପ୍ରତି ସଚେତନ ରହୁଥିଲେ କିନ୍ତୁ ସର୍ବାଧିକ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ ସ୍ୱପକ୍ଷ ନୀତିକୁ ହିଁ ସାବ୍ୟସ୍ତ କରୁଥିଲେ । ଏଥିରେ ତାଙ୍କର ଆତ୍ମଶ୍ଳାଘା ନ ଥିଲା । ବରଂ ସେ ବିପକ୍ଷ ନୀତିକୁ ସସମ୍ମାନେ ପ୍ରତିହତ କରିବାରେ ବିଚକ୍ଷଣ ଶାଳୀନତା ଅବଲମ୍ବନ କରୁଥିଲେ । ଭାରତୀୟ ସାମନ୍ତ ଶ୍ରେଣୀର ରକ୍ଷଣଶୀଳ ଅଭିଜାତ୍ୟକୁ ସେ ଏଭଳି ବୈଜ୍ଞାନିକ ଢଙ୍ଗରେ ଜାତୀୟ ସ୍ୱାର୍ଥ ସହିତ ଘୂରାଇ divert ଦେଉଥିଲେ, ଯେଉଁଥିପାଇଁ ତାଙ୍କୁ କୌଣସି ପ୍ରକାର ହିଂସ୍ର ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡୁ ନ ଥିଲା । ସେ ଥିଲେ ହିଂସ୍ର ପ୍ରତିହିଂସାର ଊର୍ଦ୍ଧ୍ୱରେ ଏକ ସର୍ବମାନ୍ୟ ବ୍ୟକ୍ତିତ୍ୱ । ତାଙ୍କର ଦୀର୍ଘକାଳୀନ କ୍ଷମତା ବଳୟ ଭିତରେ ସାମ୍ପ୍ରଦାୟିକତାର ବିଷବହ୍ନି ଅବଶ୍ୟ ତାଙ୍କ ପାଇଁ କ୍ଷୋଭର ବିଷୟ ଥିଲା ଏବଂ ସବୁଠାରୁ ବେଶି ଭାରତ–ଚୀନ୍ ଯୁଦ୍ଧ ତାଙ୍କୁ ଦାରୁଣ ଆଘାତ ଦେଇଥିଲା । ସେଥିରେ ସେ ମର୍ମାନ୍ତିକ ଯନ୍ତ୍ରଣା ପାଇଥିଲେ ।

ପଣ୍ଡିତ ନେହେରୁଙ୍କୁ ଆକସ୍ମିକ ନେତୃତ୍ୱ ମିଳି ନ ଥିଲା । ସେ ଆଜନ୍ମରୁ ଯେପରି ନେତୃତ୍ୱ ପାଇଁ ପ୍ରସ୍ତୁତ ହୋଇଥିଲେ । ତାଙ୍କର ମହାନ୍ ପିତା ପଣ୍ଡିତ ମୋତିଲାଲ୍ ନେହେରୁ ହିଁ ଥିଲେ ତାଙ୍କ ନେତୃତ୍ୱର ମୂଳ ଉତ୍ସ । ପଣ୍ଡିତ ମୋତିଲାଲ୍‌ଙ୍କ ପୂର୍ବ ବଂଶଧର ମାନେ ଏକଦା କାଶ୍ମୀରର ଅଧିବାସୀ ଥିଲେ । 'ନହର' ନଦୀ କୂଳରେ ପ୍ରତିଷ୍ଠିତ ଏହି ପରିବାର ନେହେରୁ ବଂଶରୂପେ ପରିଚିତ ହୋଇଥିଲେ । ପଣ୍ଡିତ ମୋତିଲାଲ୍ ଥିଲେ ଅତ୍ୟନ୍ତ ସମ୍ଭ୍ରାନ୍ତ ପରିଚ୍ଛନ୍ନ ଓ ସୁଶିକ୍ଷିତ ସୁବ୍ୟବସ୍ଥିତ ପ୍ରକୃତିର ବ୍ୟକ୍ତି । ଘଟଣାଚକ୍ରରେ ସେ ଏଲାହାବାଦ୍ ଚାଲିଆସିଲେ ଏବଂ ସେଠାରେ ଆରମ୍ଭ କଲେ ଗୋଟିଏ ନୂତନ ଯାତିର କର୍ମଶାଳା । ତାଙ୍କରି ବାସଭବନ 'ଆନନ୍ଦ ଭବନ' ହୋଇ ଉଠିଲା ଭାରତୀୟ ଜାତୀୟତାବାଦର ପରୀକ୍ଷାଗାର । ପଣ୍ଡିତ ମୋତିଲାଲ୍ ନେହେରୁ ଥିଲେ ଏହାର ମୁଖ୍ୟ ପୃଷ୍ଠପୋଷକ । ସେହି ମହାନ୍ ବଂଶର ବୁନିୟାଦ୍ ଉପରେ ଭୂମିଷ୍ଠ ହୋଇଥିଲେ ଜବାହର ଲାଲ୍ । ପଣ୍ଡିତ ନେହେରୁ ବିଶ୍ୱ ରାଜନୀତିରେ ଏକ ଆଲୋଚ୍ୟ ନିବନ୍ଧ ଭାବେ ଏଯାବତ୍ ଅନୁଧ୍ୟେୟ ହୋଇଛନ୍ତି ଏବଂ ଭବିଷ୍ୟତ ପାଇଁ ଅନୁସରଣୀୟ ହୋଇ ରହିବେ । ତାଙ୍କର ଜନ୍ମ ଓ ଜୀବନର ଗୋଟିଏ ଶତାବ୍ଦୀ ଖାଲି ଭାରତବାସୀଙ୍କ ପାଇଁ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ଉଦ୍‌ବୋଧନୀ ହୋଇ ରହିବ ।

—୦୦—

# ଶିଶୁପ୍ରିୟ ନେହେରୁ

ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି

ବାପୁଜୀଙ୍କ ପରି ଜବାହରଲାଲ୍ ନେହେରୁ ଅତ୍ୟଧିକ ଶିଶୁପ୍ରିୟ ଥିଲେ । ଏହା ତାଙ୍କର ଏକ ଉଲ୍ଲେଖନୀୟ ଗୁଣ ଥିଲା ବୋଲି କହିଲେ ଚଳେ । କର୍ମ ଗହଳରୁ ଟିକିଏ ଛୁଟି ମିଳିଲେ ସେ ଶିଶୁମାନଙ୍କ ମେଳରେ ଶିଶୁଟିଏ ହୋଇ, ସେମାନଙ୍କ ସହ କଥୋପକଥନରେ, ହସ ଖୁସି ହେବାରେ, ଖେଳ କସରତ କରିବାରେ ସମସ୍ତ [illegible] ଦେଉଥିଲେ । ଯାହାଙ୍କର ମନ ନୂଆ ନୂଆ ଘଟଣାରେ ଆଶ୍ଚର୍ଯ୍ୟ ଓ କୌତୂହଳ ହୋଇଉଠେ, ସେହି ଦୀପ୍ତିମାନ କିଶୋରମାନଙ୍କ ମେଳରେ ଭାରତର ପ୍ରତ୍ୟେକ ନିଭୃତ କୋଣକୁ ସେ ବୁଲିବାକୁ ଭଲ ପାଉଥିଲେ । ଏପରିକି ଭାରତର ଐତିହ୍ୟ ପ୍ରକାଶ କରୁଥିବା ପ୍ରାଚୀନ କୀର୍ତ୍ତିମାନ, ବଡବଡ ସହର, ପର୍ବତ, ବନ ଓ ନଦନଦୀ ପ୍ରଭୃତି ସ୍ଥାନକୁ ସେ ଯିବାକୁ ଭଲ ପାଉଥିଲେ ମଧ୍ୟ ସେଠାକୁ ଅନେକବାର ଯିବାକୁ ପସନ୍ଦ କହୁଥିଲେ ଭାରତର ବରଫପାତ ଅଞ୍ଚଳରେ ବୁଲି ପିଲାମାନେ ସେମାନଙ୍କ ଖେଳ ଆବିଷ୍କାର କରନ୍ତୁ, ସେମାନେ ମୁକ୍ତପ୍ରାଣରେ ଗ୍ରୀଷ୍ମପ୍ରଧାନ ଜଙ୍ଗଲକୁ ଅବଲୋକନ କରନ୍ତୁ । ଏହା ତାଙ୍କର ଇଚ୍ଛା ଥିଲା । ତାଙ୍କର ଏହା ମଧ୍ୟ ଧାରଣା ଥିଲା ଯେ ପିଲାମାନଙ୍କ ସହ ଏପରି ଏକ ଭଲ ଭାରତ, ତାହାର ବନଭୂମି, ଗିରିପାର୍ଶ୍ୱ, [illegible] ପ୍ରକୃତି ଯାହା ପରିବର୍ତ୍ତିତ ଋତୁ ସମୂହକୁ ବିଭୂଷିତ କରେ, ଜୀବନ ପ୍ରଦାନ କରେ, ତାହା ଆବିଷ୍କାର କରିବାକୁ ଏହା ଏକ ଉପଯୋଗୀ ପରି ହେବ ।

ତେଣୁକରି ସେ କହିଥିଲେ ଯେ, ଯେତେବେଳେ ସେ ପିଲାମାନଙ୍କ ମେଳରେ ରହନ୍ତି ସେ ମୁହୂର୍ତ୍ତରେ ସେ ନିଜକୁ ଜଣେ ଅତି ବୃଦ୍ଧ ବୋଲି ଭୁଲିଯାଆନ୍ତି ଓ ତାଙ୍କର ପିଲାଦିନର କଥା ମନେ ପଡ଼ିଯାଏ ।

ଏପରି ମଧ୍ୟ ହୋଇଥାଏ, ସେ ଯେତେବେଳେ ଦେଶ ବିଦେଶର କୌଣସି ସ୍ଥାନକୁ ଯାଆନ୍ତି ଓ ସେଠାରେ ଥିବା ପିଲାମାନଙ୍କୁ ଦେଖନ୍ତି, ତାଙ୍କରି ଗହଣରେ ସେ ଯାଇ ବସିପଡ଼ନ୍ତି । ସେମାନଙ୍କ ସହ ଗପସପ କରୁକରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଭୁଲିଯାଆନ୍ତି । ପିଲାମାନେ ମଧ୍ୟ ଅନୁରୂପ ତାଙ୍କୁ ଖୁସିରେ ଘେରିଯାଇ କିଏ ତାଙ୍କର ପିଠି, ବାହୁ ଓ କୋଳରେ ଲୋଟି ପଡ଼ନ୍ତି ।

ପିଲାମାନଙ୍କ ପ୍ରତି ତାଙ୍କର ଏହିପରି ଅସୀମ ସ୍ନେହ ଓ ଶ୍ରଦ୍ଧା ଥିବାରୁ ସେ ସେମାନଙ୍କ ପାଇଁ ଯାହା ସବୁ ହିତକର ଅର୍ଥାତ୍ ସେମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟର ବିସ୍ତାର, ନୀତି ନିୟମ, ପୋଷାକ ପରିଚ୍ଛଦ, ପୁଷ୍ଟିକର ଖାଦ୍ୟ, ପଢ଼ିବା ପାଇଁ ଆନନ୍ଦଦାୟକ ଓ ମନୋରଞ୍ଜକ ଶିଶୁ ପୁସ୍ତକ, ଆଲୋକିତ ଓ ଉପଯୋଗୀ ସାମଗ୍ରୀରେ ପରିପୂର୍ଣ୍ଣ ଚିତ୍ର ବିଚିତ୍ର [illegible], ମନୋରମ ଉଦ୍ୟାନଗୁଡ଼ିକ, ଖେଳିବା ପାଇଁ ମୁକ୍ତ ପରିବେଶ ଓ [illegible], ସେମାନଙ୍କୁ ଉତ୍ତମ, କର୍ତ୍ତବ୍ୟନିଷ୍ଠ ନାଗରିକ ରୂପେ ଗଢ଼ି ତୋଳିବା, ସେମାନଙ୍କ ମନରେ ଦେଶପ୍ରେମ ଓ ସେବାମୂଳକ ମନୋଭାବ ଜାଗ୍ରତ କରିବା । ପ୍ରଭୃତି [illegible] ବିଷୟ ପ୍ରତି ସେ ସମ୍ପୂର୍ଣ୍ଣଭାବେ [illegible] କରୁଥିଲେ ।

ବେଳେବେଳେ ବୟସ୍କ ଲୋକେ ନିଜର ଅସଂଶୋଧନୀୟ ଅଭ୍ୟାସଗତ [illegible] ନୀତିବାଣୀ ଓ ସତ୍ୟପଦେଶ ଦେଇଥାନ୍ତି । କିନ୍ତୁ ପିଲାମାନେ ସେଗୁଡ଼ିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥାନ୍ତି । ଏଠାରେ ନେହେରୁ ବୟସ୍କ ଲୋକଙ୍କୁ ଯୋଗାଯୋଗ କରି କହନ୍ତି ଯେ ପିଲାମାନେ ବଡ଼ ଲୋକଙ୍କ ଧର୍ମୋପଦେଶ ଗ୍ରହଣ କରିବାକୁ ରାଜି ନୁହନ୍ତି । ସେମାନେ ଯାହା ପ୍ରକୃତ ତାହା [illegible] ବଡ଼ ଲୋକଙ୍କ ନିମନ୍ତେ, ପିଲାଙ୍କ ସହ ମିଶିବା [illegible] ପାଇଁ ପ୍ରକୃତି ଓ ସାମାଜିକ ଭାବରେ ସେମାନଙ୍କର ନେତାଗିରି ଭୁଲିଯିବା ।

ଅନେକ ସମୟରେ ବଡ଼ମାନେ ନିଜକୁ ଅତି ବୁଦ୍ଧିମାନ ବୋଲି ଭାବନ୍ତି । ଯଦିଓ ସେମାନଙ୍କ ମଧ୍ୟରୁ କେତେକ ଏହି ବୁଦ୍ଧିର ଉପଯୋଗୀ [illegible] । ଏହାର ଅର୍ଥ ନୁହେଁ ଯେ ସେମାନେ ସର୍ବଦା [illegible] ଆଲୋଚନା କରିବେ ଓ ନିଜକୁ [illegible] ଦେଖାଇବେ । ନେହେରୁଙ୍କ ମତରେ ପିଲାମାନେ [illegible] ହେବା ଉଚିତ ନୁହେଁ ।

ପିଲାଙ୍କ ପ୍ରତିଭାକୁ ବିକଶିତ କରିବାରେ ମାତାଙ୍କ ଭୂମିକା ପ୍ରଧାନ [illegible] । [illegible]

"ଯଦି ତୁମେ ସ୍ତ୍ରୀମାନଙ୍କୁ ଶିକ୍ଷିତ କରାଇବ, ସମ୍ଭବତଃ ପୁରୁଷମାନେ ଏଥିରେ ପ୍ରତିକ୍ରିୟାଶୀଳ ହେବେ ଏବଂ ବହୁ କ୍ଷେତ୍ରରେ ପିଲାମାନେ ପ୍ରଭାବିତ ହେବେ । ପ୍ରତ୍ୟେକ ଶିକ୍ଷାବିତ୍‌ମାନେ ଏହା ଜାଣନ୍ତି ଯେ ମାନବର ପ୍ରଥମ ସାତ କିମ୍ବା ଆଠ ବର୍ଷ ତାହାର ଗଠନକ୍ଷମ ବୟସ ଅଟେ । ଆମେ ଯେଉଁ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ କଥା କହୁଛେ ତା ନିଃସନ୍ଦେହରେ ଗୁରୁତ୍ୱ ଅଟେ, କିନ୍ତୁ ଜଣେ ଲୋକ ତା ଜୀବନର ପ୍ରଥମ ଦଶ ବର୍ଷ ଭିତରେ ଗଠିତ ହୋଇଥାଏ । ପ୍ରକୃତ ପକ୍ଷେ, ସେ ସମୟରେ ଜଣେ ପ୍ରଶିକ୍ଷିତ ମାଆ ପିଲାକୁ ଶିକ୍ଷା ଦେବାରେ ଆବଶ୍ୟକ ହୋଇଥାଏ । ଅଧିକାଂଶ ମାଆ ଶିକ୍ଷିତ ଅଛନ୍ତି ଓ ଯେଉଁମାନେ ଶିକ୍ଷା ପାଇନାହାନ୍ତି ମୁଁ ପ୍ରାର୍ଥନା କରି କହିପାରେ ସେମାନେ ଭଲ ମାଆ ନୁହନ୍ତି । ସେମାନେ ଅତି ଧୀର ଅଟନ୍ତି । ସେମାନେ ସେମାନଙ୍କ ପିଲାଙ୍କୁ ସୁଖାଦ୍ୟମାନ ଖୁଆନ୍ତି । ଭଲ ପୋଷାକମାନ ପିନ୍ଧନ୍ତି ଓ ସେମାନଙ୍କୁ ଉତ୍ତମ ପୋଷାକରେ ଆବୃତ କରନ୍ତି । ସେହି ପୁଅ ଝିଅମାନେ ବଢ଼ିବା ପର୍ଯ୍ୟନ୍ତ ସେମାନଙ୍କୁ ଦୁର୍ବଳ କରି ଦିଅନ୍ତି । ତେଣୁକରି ସ୍ତ୍ରୀ ଲୋକମାନଙ୍କୁ ଶିକ୍ଷିତ କରାଇବା ଦରକାର । ସେମାନଙ୍କ ପାଇଁ ଯଦି ନୁହେଁ, ଯେ କୌଣସି ପ୍ରକାରେ ସେମାନଙ୍କ ପିଲାଙ୍କ ପାଇଁ ଦରକାର ।"

୧୯୫୫ ମସିହା ଜାନୁୟାରୀ ୨୩ ତାରିଖରେ ଆଭାଡ଼ିଠାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ସେ ପିଲାଙ୍କୁ ମୌଳିକ ଶିକ୍ଷା ଦେବା ଉପରେ ଅଧିକ 'ଗୁରୁତ୍ୱ' ଦେଇଥିଲେ ଏବଂ ଏଥି ସହିତ ସେ ଅନେକ ସିଦ୍ଧାନ୍ତ ପାଇଁ ପ୍ରସ୍ତାବମାନ ଦେଇଥିଲେ । ତାଙ୍କ ବକ୍ତୃତାରେ ସେ କହନ୍ତି, "ସୁଯୋଗ ଦେଲେ, ଭାରତ ବହୁ କାମରେ, ବହୁ କ୍ଷେତ୍ରରେ ଅତି ଉତ୍ତମ ଧରଣର ପିଲାମାନ ଗଠନ କରିପାରିବ । କିନ୍ତୁ ଲୋକମାନେ ସେ ସବୁ ସୁବିଧା ପାଉନାହାନ୍ତି । ପିଲାମାନଙ୍କୁ ଶିକ୍ଷାରୁ, କେଉଁ କେଉଁ ଖାଦ୍ୟ ଓ ପୋଷାକରୁ ବଞ୍ଚିତ କରାଯାଉଛି । ଏପରି ଦୃଶ୍ୟ ବ୍ୟତୀତ ମୋତେ ଆଉ କିଛି ବେଶୀ ଦୁଃଖ ଦିଏନାହିଁ । ଯଦି ଆମର ପିଲାଙ୍କୁ, ସମସ୍ତେ ଶିକ୍ଷାଦାନରୁ ବଞ୍ଚିତ କରାଯାଏ, ତେବେ ଆମ ଭାରତ ଆଗାମୀ ଦିନରେ କ'ଣ ହେବ ? ଦେଶର ପ୍ରତ୍ୟେକ ପିଲାଙ୍କୁ ସୁଶିକ୍ଷା ଦେବା ଏହା ରାଜ୍ୟର କର୍ତ୍ତବ୍ୟ ଅଟେ । ଦୁର୍ଭାଗ୍ୟବଶତଃ ଆମେ ଏସବୁ ଶୀଘ୍ର ଓ ହଠାତ କରିପାରୁ ନାହୁଁ । କାରଣ ଆମ ପାଖରେ ସମ୍ବଳ ଓ ଶିକ୍ଷକର ଅଭାବ ଅଛି । କିନ୍ତୁ ଏସବୁ ଆମେ ପାରିବାକୁ ଯାଉଛୁ(୨) ।

ତାଙ୍କ ମତରେ ପିଲାମାନଙ୍କ ପ୍ରାଥମିକ ଶିକ୍ଷା ଆମର ବହୁଳକରି ଦେବା ଜ୍ଞାନ ଓ ପୁସ୍ତକମାନଙ୍କରେ ଲିପିବଦ୍ଧ ଥିବା ଜ୍ଞାନ ଉପରେ ଆଧାରିତ ହେବା ଉଚିତ ନୁହେଁ, କିନ୍ତୁ ସେମାନେ ଯେପରି ପ୍ରକୃତିକୁ ସନ୍ଦର୍ଶନ କରିବେ ଓ ତାହାକୁ ପସନ୍ଦ କରିବେ, ତାହାରି ଉପରେ ଆଧାରିତ ହେବା ଉଚିତ । ପ୍ରକୃତି, ଶିକ୍ଷା ଲାଭ ପାଇଁ ଓ ଆଶ୍ଚର୍ଯ୍ୟ ହେବା ପାଇଁ ଏକ ବିରାଟ ପ୍ରୟୋଗଶାଳା ଅଟେ । ତେଣୁ ପିଲାମାନେ ପୁସ୍ତକ ଅପେକ୍ଷା ଏହି ପ୍ରୟୋଗଶାଳାରୁ ଅଧିକ ଶିକ୍ଷା ଲାଭ କରିବା ଉଚିତ । ଶିକ୍ଷା ଉପରେ ତାଙ୍କର ଅନ୍ୟ ଏକ ଆନନ୍ଦଦାୟକ ଧାରଣା ଥିଲା ଯେ ଯୁବକମାନଙ୍କର ଶିକ୍ଷା ଶାରୀରିକ ପରିଶ୍ରମ ଉପରେ ଆଧାରିତ ହେବା ଉଚିତ । ଅନ୍ୟ କିଛି କାରଣ ନଥିଲେ ମଧ୍ୟ ଶାରୀରିକ ଉନ୍ନତି ଓ ସ୍ୱାସ୍ଥ୍ୟ ପାଇଁ ଏହା ନିତ୍ୟାନ୍ତ ଦରକାର ।

ପିଲାମାନଙ୍କ ଯାଦୁଘର, ଚିଡ଼ିଆଖାନା, ଖେଳନା ଓ ସୁନ୍ଦର ଜିନିଷ ଉପରେ ଥିବା ଆଗ୍ରହ ସମ୍ବନ୍ଧରେ, ୧୯୪୯ ମସିହା ନଭେମ୍ବର ୨୭ ତାରିଖରେ ମାଡ୍ରାସ ସରକାରଙ୍କ ଯାଦୁଘର ଶତବାର୍ଷିକୀ ପାଳନ ଓ ଜାତୀୟ କଳା ପ୍ରକୋଷ୍ଠ ଉଦ୍‌ଘାଟନ ଉତ୍ସବରେ ସେ ଆଲୋକପାତ କରିଥିଲେ । ସେ ତାଙ୍କର ଭାଷଣରେ କହିଥିଲେ ଯେ ସାଧାରଣ ଅର୍ଥରେ ସେ ଯାଦୁଘରର ଯାହା ଅର୍ଥ କରନ୍ତି ତାହା ହେଉଛି ଯାଦୁଘର କୋଟିଏ ଘନୀଭୂତ ଇତିହାସ ସଦୃଶ କିମ୍ବା ଅତୀତର କିଛି ଅଂଶ ଯାହା ଜଣଙ୍କର ବାକ୍ସରେ ତାଲାପଡ଼ି ବନ୍ଦ ହୋଇଛି ଓ ଅନ୍ୟର ଦେଖିବା ପାଇଁ ରଖାଯାଉଛି । ସବୁ ପ୍ରକାର ସୁନ୍ଦର କିମ୍ବା ଅତୀତ ଓ ବର୍ତ୍ତମାନର ଉପଯୋଗୀ ପଦାର୍ଥଗୁଡ଼ିକର ସମାହାର ହୋଇଥିବାରୁ ଏହା ଲୋକଙ୍କୁ ଜୀବନର ବୃହତ୍ ପରିକଳ୍ପନା ପାଇଁ କେତେକ ଧାରଣା ଜଣାଇ ଦେଇଥାଏ । ଏହା ଏକ ପୁରାତନ ଯାଦୁଘର କିମ୍ବା ଆଧୁନିକ ଯାଦୁଘର ହୋଇପାରେ, କିଛି ଯାଏ ଆସେ ନାହିଁ, କିନ୍ତୁ ଏଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସୀମିତ ହେବା ଉଚିତ ନୁହେଁ । ଅଧିକରୁ ଅଧିକ ପଠନ ସୁବିଧା ଦର୍ଶକମାନଙ୍କୁ ଯୋଗାଇଦେବା ଉଚିତ । ସେହି ସମୟ ଭିତରେ ସେଠାକୁ ଆସୁଥିବା ସାଧାରଣ ଜନତାଙ୍କୁ ବକ୍ତୃତା ଦେବା ପାଇଁ ଏବଂ ପଥ ପ୍ରଦର୍ଶକ (Guide)ମାନେ ସେ ସବୁ ପଦାର୍ଥମାନ କ'ଣ ତାହା ବୁଝାଇବାକୁ ଓ ସେଗୁଡ଼ିକ ପ୍ରତି ଦର୍ଶକ ସମୂହ ବିଶେଷ କରି ବିଦ୍ୟାଳୟର ବାଳକ, ବାଳିକାଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ବନ୍ଦୋବସ୍ତ ହେବା ଉଚିତ । ଏହା ହେଉଛି ଯାଦୁଘରର ମୁଖ୍ୟ ଉଦ୍ଦେଶ୍ୟ ।

ପିଲାଙ୍କ ଖେଳନା ବିଷୟ ଉପରେ ସେ କହନ୍ତି ଯେ ପିଲାମାନଙ୍କୁ ସେମାନଙ୍କ ଶୈଶବ କାଳରୁ ଖେଳନା ଯାହା ବ୍ୟଙ୍ଗ ଚିତ୍ରଠାରୁ ଅନ୍ୟ କିଛି ନୁହେଁ ତାହାକୁ ତାଙ୍କୁ ଦେବା ବ୍ୟତୀତ ସୌନ୍ଦର୍ଯ୍ୟକୁ ପସନ୍ଦ କରିବା ପାଇଁ ଶିଶୁମାନଙ୍କୁ ଶିକ୍ଷା ଦେବା ଉଚିତ । ଏହା ନିଃସନ୍ଦେହ ଯେ ଏହି ଖେଳନାଗୁଡ଼ିକ ସେମାନଙ୍କ କୌତୁହଳ ବଢ଼ାଇଥାଏ, କିନ୍ତୁ ସେ ସମୟରେ ସେମାନଙ୍କୁ ସୌନ୍ଦର୍ଯ୍ୟ ଉପଲବ୍ଧିରୁ ବିଚଳିତ କରେ(୭) ।

ଏହିପରି ଭାବରେ ସେ ସତତ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି କଥା ଚିନ୍ତା କରୁଥିଲେ । ପିଲାମାନେ ମଧ୍ୟ ତାଙ୍କୁ ଚାଚା ନେହେରୁ (Uncle Nehru) କହି ତାଙ୍କର ସ୍ନେହ ଭାଜନ ହେଉଥିଲେ । ତାଙ୍କର ଜନ୍ମ ଦିନ ନଭେମ୍ବର ୧୪ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରି ପିଲାମାନେ ନେହେରୁଙ୍କ ଶିଶୁ ସ୍ନେହ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଏହି ଦିବସରେ ସେ ନିଜେ ହଜାର ହଜାର ପିଲାଙ୍କ ପଟୁଆରରେ ଦେଖା ଦେଇ ପିଲାଙ୍କ ଭିତରେ ଭାରତର ଭାବି ବଂଶଧରଙ୍କୁ ଦେଖୁଥିଲେ । ଯେଉଁ ପିଲାମାନେ ତାଙ୍କର ସାନ୍ନିଧ୍ୟ ଲାଭ କରୁଥିଲେ ସେମାନଙ୍କୁ ସେ ପୁରସ୍କୃତ କରୁଥିଲେ ।

ଆଜି ସେ ଆମ ପାଖରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅସୀମ ଶିଶୁ ସ୍ନେହ ତାଙ୍କର ଜନ୍ମ ଦିବସ ଯାହା ଶିଶୁ ଦିବସ ନାମରେ ଖ୍ୟାତ ତାକୁ ବହୁ ଆଡ଼ମ୍ବର ସହକାରେ ପାଳନ କରିବାକୁ ଅଧିକ ପ୍ରେରଣା ଯୋଗାଇଥାଏ— । ନିରପେକ୍ଷର ପ୍ରସିଦ୍ଧ ସାମ୍ବାଦିକ ଜିମ୍ ବିସର୍କଙ୍କ ଭାଷାରେ "ପଣ୍ଡିତ ନେହେରୁଙ୍କୁ ଆପଣ ଯଦି ଶିଶୁମାନଙ୍କ ଗହଣରେ କେବେ ଲକ୍ଷ୍ୟ କରି ନାହାନ୍ତି, ତାହାହେଲେ ତାଙ୍କ ସ୍ୱଭାବ ସମ୍ପର୍କରେ କିଛି ଧାରଣା କରି ପାରିବେ ନାହିଁ । କେବଳ ସେତିକି ନୁହେଁ, ଭାରତର ଭାବି ଉନ୍ନତି ସମ୍ପର୍କରେ ମଧ୍ୟ ଆପଣ କିଛି ବୁଝିପାରିବେ ନାହିଁ ।"

(1) Nehru, speeches, Vol. 2, Publication Division, PP. 439.
(2) Nehru, speeches, Vol. 2, Publication Division, PP. 435.
(3) କୌଶଲ, (ଡ଼) ମନୋଜ, "ଏଇମିତି ଥିଲେ ଆମ ଚାଚା ନେହେରୁ" ଅନୁବାଦକ ଶ୍ରୀ ମେଘନାଦ ପ୍ରଧାନ, PP, 'ଝ' ।
(4) Chand, Alter, Jawaharlal Nehru and His Social Philosophy, Amar Prakashan, PP.132.
(5) Nehru, speeches, Vol. 2, Publication Division, PP. 435.
(6) Nehru, speeches, Vol. 3, Publication Division, PP. 402.
(7) Zakaria, Rafiq, ed. A study of Nehru Spl Centenary Ed. Rupa & Company, PP. 383.

# ସେ ଏକ ଅଭୁଲା ସ୍ମୃତି

*ଚୌଧୁରୀ ଗୌରହରି ମିଶ୍ର*

୧୯୭୩ ସାଲର କଥା । ଶୀତଦିନର ଉଷ୍ମ ମଧୁର ପ୍ରାତଃକାଳ । ଆସିକାରୁ ବୁଗୁଡ଼ା ବାହାରିଥାଏ । ରାସ୍ତା କଡ଼ ବିଲରେ କୃଷ୍ଣସାର ମୃଗ ! ବିଶ୍ୱାସ କରି ପାରିଲି ନାହିଁ । ଯାନ ବନ୍ଦ ରଖି ତାଙ୍କ ପଛେ ପଛେ ଗୋଡ଼ାଇବାକୁ ପ୍ରବଳ ଇଚ୍ଛା ହେଲା । ଆଖି ମଳି ଆଉ ଥରେ ଚାହିଁଲି । ତଥାପି ବିଶ୍ୱାସ ହେଉ ନଥାଏ । ମୁଁ ସେମାନଙ୍କ ପାଖକୁ ଯିବା ଦେଖି ସେ ଦଳଟି ଆଉ କିଛି ଦୂର ଆଗେଇ ଯାଉଥାଆନ୍ତି । କିଛି ସମୟ ଏହି ଲୁଚକାଳି ଖେଳ ଚାଲିଲା ଓ ମୁଁ ଯେତେବେଳେ ବ୍ୟବସ୍ଥିତ ହେଲି ଦେଖିଲି ଯେ ବେଶ୍ କିଛି ବାଟ ଚାଲି ଆସିଛି ! ସେ ସମୟର ମାନସିକ ସ୍ଥିତି ଓ ଯୁଗପତ୍ ଆନନ୍ଦ କେବଳ ଅନୁଭବ ଗ୍ରାହ୍ୟ........ବୁଝାଇ କହିବା ସମ୍ଭବ ନୁହେଁ ।

ଏକ ଅସଂଯତ ସଭ୍ୟତାର କ୍ରମବର୍ଦ୍ଧମାନ ପରିସର ଯେତେବେଳେ ନିତାନ୍ତ ଉଚ୍ଛୃଙ୍ଖଳ ଭାବେ ପ୍ରକୃତି ମାତାର ବସ୍ତ୍ରହରଣ କରିବାକୁ ଉଦ୍ୟତ ହୋଇ ଅରଣ୍ୟ ଓ ତାର ଅଭୟ କୋଳରେ ଆଶ୍ରୟ ନେଉଥିବା ଜୀବଜନ୍ତୁଙ୍କ ଆଡ଼େ ଲେଲିହାନ ଜିହ୍ୱା ବିସ୍ତାର କରି ଧାବମାନ, ସେତେବେଳେ କୃଷ୍ଣସାର ମୃଗ ଭଳି ଏକ ନିରୀହ, ମନୋରମ ତଥା ଆକର୍ଷଣୀୟ ତୃଣଭୋଜୀ ଜୀବ ଏହାର କରାଳଗ୍ରାସ କବଳରୁ ରକ୍ଷା ପାଇଯାଇ ରାଜପଥର ଦୁଇଧାରରେ ଚାଷ ଜମି ମଧ୍ୟରେ ଅନାୟାସରେ ଦୃଷ୍ଟିଗୋଚର ହେବ — ଏହା କଅଣ ସହଜରେ ବିଶ୍ୱାସଯୋଗ୍ୟ ?

ମାତ୍ର ସ୍ୱଚକ୍ଷୁରେ ଥରେ ଏହି ଅନୁପମ ଅନୁଭବ ତଥା ଶୋଭା ସନ୍ଦର୍ଶନରେ ଆପଣ ଏହା ବିଶ୍ୱାସ କରିବାକୁ ବାଧ୍ୟ ହେବେ । ଗଞ୍ଜାମ ଜିଲ୍ଲାର ଆସିକା ଓ ବୁଗୁଡ଼ା ରାସ୍ତାର ଦୁଇଧାରରେ ଏବଂ ବାହୁଦା ଓ ବଡ଼ନଦୀ ମଧ୍ୟବର୍ତ୍ତୀ ବିସ୍ତୀର୍ଣ୍ଣ ଅଞ୍ଚଳରେ ଥିବା ଶସ୍ୟକ୍ଷେତ୍ରରେ କୃଷ୍ଣସାର ମୃଗ ଏବେବି ନିର୍ଭୟରେ ଚଲାବୁଲା କରୁଥିବାର ଦେଖାଯାଆନ୍ତି । କେବଳ ସ୍ଥାନୀୟ ଲୋକମାନଙ୍କ ସକ୍ରିୟ ସଂରକ୍ଷଣର ଅଦମ୍ୟ ପ୍ରଚେଷ୍ଟା ଯୋଗୁଁହିଁ ଏ ଅସମ୍ଭବ ସମ୍ଭବ ହୋଇପାରିଛି ଓ ସେଥିପାଇଁ ସେମାନେ ଅଶେଷ ଧନ୍ୟବାଦାର୍ହ । କେବଳ ଓଡ଼ିଶାରେ କାହିଁକି ସାରା ଭାରତବର୍ଷରେ ଖୁବ୍ କମ୍ ସ୍ଥାନରେ ସ୍ଥାନୀୟ ଜନସାଧାରଣ ବନ୍ୟପ୍ରାଣୀ ସଂରକ୍ଷଣ ନିମିତ୍ତ ଏଭଳି ଅପୂର୍ବ ଦୃଷ୍ଟାନ୍ତ ଦେଖାଇଛନ୍ତି । ଏହି ଆଶାର ଆଲୋକ ଯେତେ କ୍ଷୁଦ୍ର ହେଲେ ମଧ୍ୟ ଆଦୌ ନିଷ୍ପ୍ରଭ ନୁହେଁ । ମୋର ମନେହୁଏ ଆମ ଜାତୀୟ ଚେତନାକୁ ଅନ୍ଧକାର ଗହ୍ୱର ମଧ୍ୟରୁ ଆଲୋକ ଆଡ଼କୁ ବାଟ କଢ଼ାଇ ନେବାରେ ଏହାର ଅବଦାନ ରହିବ ଓ କିଛିକାଳ ପରେ ସ୍ୱୀକୃତିଲାଭ କରିବ ।

ସ୍ଥାନୀୟ ବାସିନ୍ଦାମାନେ ବହୁକାଳରୁ ସେମାନଙ୍କୁ ରକ୍ଷଣାବେକ୍ଷଣ କରି ଆସୁଛନ୍ତି ଓ ସେମାନଙ୍କର ବିଶ୍ୱାସ ଯେ ଏହି କୃଷ୍ଣସାର ମୃଗମାନେ ସେମାନଙ୍କର ସୌଭାଗ୍ୟର ପ୍ରତୀକ । ସେତେବେଳେ ତା୧୪–୫–୭୩ରିଖରେ ବନ ବିଭାଗ ପକ୍ଷରୁ ମୁଁ ସେମାନଙ୍କର ସଂଖ୍ୟା ଗଣନା କରାଇଥିଲି । ସେଥିରୁ ଜଣାପଡ଼ିଲା ଯେ, ସେତେବେଳେ ସେମାନଙ୍କର ସଂଖ୍ୟା ଥିଲା ୫୭୩ ଓ ସେମାନଙ୍କ ମଧ୍ୟରେ ୨୫୦ଟି ଅଣ୍ଡିରା, ୩୦୨ଟି ମାଈ ଓ ୨୧ଟି ଛୁଆ ଥିଲେ । ସେମାନେ ପ୍ରଥମେ ୪୩୭ ଓ ୮୬ ହୋଇ ଦୁଇଟି ମୁଖ୍ୟ ଦଳରେ ବିଭକ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ ମଧ୍ୟ ସେମାନଙ୍କୁ ଗଣନା କରାଯାଇଅଛି । ମୁଁ ସେମାନଙ୍କୁ ଗଣତି କଲାବେଳେ ମୋତେ କେତେକ ବୁଢ଼ା ବୁଢ଼ୀ ଲୋକ କହିଥିଲେ ଯେ ପ୍ରସିଦ୍ଧ 'ମୃଗୁଣୀ ସ୍ତୁତି' କିମ୍ବଦନ୍ତୀ ଏହି ସ୍ଥାନର ପୂର୍ବକାଳର ଘଟଣା ଓ ସେହି ସମୟରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଏଭଳି ସୁରକ୍ଷାର କବଚ ଦେଇ ଆସିଅଛନ୍ତି । ଯିଏ ଏମାନଙ୍କୁ ଶିକାର କରେ ତାକୁ ବିପତ୍ତି ଗ୍ରାସ କରେ ବୋଲି ସ୍ଥାନୀୟ ଲୋକେ ସେତେବେଳେ ବିଶ୍ୱାସ କରୁଥିଲେ । ଏପରିକି ୧୯୭୨ ମସିହାର ସର୍ବଗ୍ରାସୀ ମରୁଡ଼ି ଏହି ଅଞ୍ଚଳକୁ କ୍ଷତିଗ୍ରସ୍ତ କରି ନଥିଲା ବୋଲି ସେମାନେ ଆଲୋଚନା ବେଳେ ମୋତେ ବୁଝାଉଥିଲେ, ଯଦିଓ ଏହି ଅଞ୍ଚଳଟି କ୍ଷତିଗ୍ରସ୍ତ ଇଲାକା ମଧ୍ୟରେ ଏକ ଟାପୁ ଭଳି ଅବସ୍ଥିତ । ସେମାନଙ୍କ ସହିତ ଆପଣ ଯଦି ଆଲୋଚନା ବେଳେ ଉପସ୍ଥିତ ଥାଆନ୍ତେ, ଏସବୁକୁ କେବଳ ଅନ୍ଧବିଶ୍ୱାସ କହି ସହଜରେ ଉଡ଼ାଇ ଦେଇ ପାରି ନଥାନ୍ତେ ।

କୃଷ୍ଣସାର ମୃଗ ଏକାନ୍ତ ଭାବେ ଭାରତୀୟ ଓ ଭାରତୀୟ ଉପମହାଦେଶ ବ୍ୟତୀତ ଅନ୍ୟତ୍ର ଏହା ଦେଖାଯାଏ ନାହିଁ । ଅବଲୁପ୍ତ ହୋଇ ଆସୁଥିବା ଜୀବମାନଙ୍କ ମଧ୍ୟରୁ ଏହା ଅନ୍ୟତମ । ଆମ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ନରଲା ଜଙ୍ଗଲ ଏହାର ଆଦିମ ବାସସ୍ଥାନ ବୋଲି ଧରାଯାଏ । ମାତ୍ର ଏବେ ସେଠାରେ ଏହା ଅବଲୁପ୍ତ । କେବଳ ପୁରୀ ଓ କୋଣାର୍କ ଉପକୂଳର ବାଲିବନରେ ଏବଂ ଗଞ୍ଜାମ ଜିଲ୍ଲାର ଉପରୋକ୍ତ ଅଞ୍ଚଳରେ ଏମାନେ ଦୃଷ୍ଟିଗୋଚର ହୁଅନ୍ତି ।


ଏମାନେ ସାଧାରଣତଃ ସମତଳ ଭୂମିରେ ଅବସ୍ଥିତ [illegible] ଜଙ୍ଗଲ ବା ଶସ୍ୟକ୍ଷେତ୍ରରେ ରହନ୍ତି ଏବଂ ପାହାଡ଼କୁ ଯାଆନ୍ତି ନାହିଁ । ଏହାହିଁ ସେମାନଙ୍କ ଧ୍ୱଂସର ପ୍ରଧାନ କାରଣ । ତାʼପରେ ସେମାନଙ୍କ ଶାରୀରିକ ସୌନ୍ଦର୍ଯ୍ୟ, ସୁନ୍ଦର ଶିଙ୍ଗ ଓ ସୁସ୍ୱାଦ ମାଂସ ଅନ୍ୟତମ ଆକର୍ଷଣ । ପୂର୍ବେ ଆମ ଦେଶରେ ଚିତାବାଘକୁ ବିଶେଷ ଶିକ୍ଷା ଦେଇ କୃଷ୍ଣସାର ମୃଗ ଧରିବା ପାଇଁ ନିୟୋଜିତ କରାଯାଉଥିଲା । ଚିତା ପରି କୃଷ୍ଣସାର ମୃଗ ମଧ୍ୟ ନିଜର କ୍ଷିପ୍ର ଗତିଶୀଳତା ପାଇଁ ବିଖ୍ୟାତ । ମୋଗଲ ବାଦଶାହମାନଙ୍କ ସମୟରେ ପୋଷା ଚିତା ଦ୍ୱାରା କୃଷ୍ଣସାର ମୃଗ ଶିକାର ଏକ ସାଧାରଣ ସୌଖୀନ କ୍ରୀଡ଼ା ଥିଲା । ମୋଗଲ ସାହିତ୍ୟରେ ଭାଲୁ ଏବଂ ହରିଣ ଶିକାରର ପ୍ରାୟ ଆଦୌ ବର୍ଣ୍ଣନା ନଥିବା ବେଳେ, କୃଷ୍ଣସାର ମୃଗ, ନିଲଗାଈ ଓ ଚଉସିଂଗା ପ୍ରଭୃତିର ବିସ୍ତୃତ ଶିକାର ବିବରଣୀ ରହିଛି ।

କୃଷ୍ଣସାର ମୃଗ ସାଧାରଣତଃ ବର୍ଷର ସବୁ ସମୟରେ ସନ୍ତାନ ପ୍ରସବ କରିଥାଆନ୍ତି ଓ ଥରକେ ଗୋଟିଏ ବା ଦିଓଟି ଛୁଆ ଦିଅନ୍ତି । ପ୍ରାୟ ୬ ମାସ ଗର୍ଭ ଧାରଣର ସମୟ ଓ ପ୍ରସବ ପରେ ମାʼ କିଛି ସମୟ ପାଇଁ ଛୁଆକୁ ଲୁଚାଇ ରଖେ । ଏତିକି ବେଳେ ଶୃଗାଳମାନଙ୍କ ଆଡୁ ବିପଦ ବହୁତ ବେଶୀ । ମାତ୍ର ଶୀଘ୍ର ସେମାନେ ମାତୃସ୍ତନ୍ୟ ପାନ ପୂର୍ବକ ଶକ୍ତି ସଂଗ୍ରହ କରନ୍ତି ଓ ଦଳରେ ଯୋଗ ଦିଅନ୍ତି । ଗୋଟିଏ ଗୋଟିଏ ଦଳରେ ସାଧାରଣତଃ ୧୦ଟିରୁ ୩୦ଟି ପର୍ଯ୍ୟନ୍ତ ଦେଖାଯାଆନ୍ତି । ଭୟ ପାଇଲେ ସେମାନେ ଜଙ୍ଗଲ ଭିତରକୁ ଯାଇ ଲୁଚିଯାଆନ୍ତି । ଘାସ ଏବଂ ଡାଲି ଜାତୀୟ ଶସ୍ୟ ସେମାନଙ୍କର ପ୍ରିୟ ଖାଦ୍ୟ । ପ୍ରଖର ଦୃଷ୍ଟିଶକ୍ତି ଓ କ୍ଷିପ୍ର ଗତିଶୀଳତା ଆତ୍ମରକ୍ଷା ନିମିତ୍ତ ସେମାନଙ୍କର ପ୍ରଧାନ ସମ୍ବଳ ।

କ୍ରମଶଃ ଲୋପପାଇ ଆସୁଥିବା ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ ବର୍ତ୍ତମାନ ଏକ ଅତ୍ୟାବଶ୍ୟକୀୟ ଜାତୀୟ କର୍ତ୍ତବ୍ୟ ରୂପେ ବିବେଚିତ ହେବା ଉଚିତ ।







ମନ୍ଦିରମାଳିନୀ ଭୁବନେଶ୍ୱରରେ ପଣ୍ଡିତ ନେହେରୁ



ଡକ୍ଟର କାଟ୍‌ଜୁଙ୍କ ସହ ନେହେରୁ




ମୁକ୍ତେଶ୍ୱର ମନ୍ଦିର ବେଢାରେ......




ଭୁବନେଶ୍ୱରରେ ପଣ୍ଡିତଜୀ






ଭୁବନେଶ୍ୱର ବିମାନ ଘାଟିରେ......






ହୀରାକୁଦ ବନ୍ଧର ନିର୍ମାଣ କାର୍ଯ୍ୟ ପରିଦର୍ଶନ





ହୀରାକୁଦଠାରେ ବିଭିନ୍ନ କର୍ମଚାରୀଙ୍କ ସହ



ହୀରାକୁଦ ବନ୍ଧ ପରିଦର୍ଶନ



ଓଡିଶାରେ ନେହେରୁଜୀ



ଓଡ଼ିଶାରେ ପଣ୍ଡିତ ଜବାହରଲାଲ



ଭେନ୍ସା ମହାବିଦ୍ୟାଳୟରେ...... ..



ହୀରାକୁଦ ଡ୍ୟାମର ଏକ ସୁଡଙ୍ଗ ପଥରେ.........



ଓଡ଼ିଶାରେ ଜବାହରଲାଲ





ପଣ୍ଡିତ ଜବାହରଲାଲ, ଡକ୍ଟର ଖୋସଲା ଓ ଡକ୍ଟର ମହତାବଙ୍କ ସହ



ଭୁବନେଶ୍ୱରରେ ଅନୁଷ୍ଠିତ ପି.ଇ.ଏନ୍. ସମ୍ମିଳନୀରେ ନେହେରୁ...





ଭୁବନେଶ୍ୱର କଂଗ୍ରେସ ଅଧିବେଶନରେ ଜବାହରଲାଲ

# ବିଶ୍ୱଯୁଦ୍ଧକାଳୀନ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଆମେରିକା

ପ୍ରଫେସର ଭବାନୀ ଚରଣ ରାୟ

ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ବିଦେଶରେ ଥିବା ଜାତୀୟତାବାଦୀ ଭାରତୀୟମାନଙ୍କର ପ୍ରଗାଢ଼ ପରିଶ୍ରମ ଓ ଆନ୍ତରିକ ଅଧ୍ୟବସାୟ ଯୋଗୁଁ ଅନ୍ୟ କିଛି ତତ୍‌କ୍ଷଣିକ ସଫଳତା ମିଳୁ ବା ନମିଳୁ ଅନ୍ତତଃପକ୍ଷେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା । ଏହି ସମୟ ମଧ୍ୟରେ ମସ୍କୋ, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଜାପାନ, ଜର୍ମାନୀ, ଇଟାଲି, ହଙ୍ଗେରୀ, ନରୱେ ଓ ଅନ୍ୟାନ୍ୟ ଅନେକ ରାଷ୍ଟ୍ରର ସମ୍ବାଦ ପତ୍ରଗୁଡ଼ିକ ବିଶେଷ କରି ଭାରତୀୟ ସମସ୍ୟା ଉପରେ ଗୁରୁତ୍ୱ ଆରୋପ କରିବାକୁ ଆରମ୍ଭ କରିଥିଲେ । ବୋଷ୍ଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବାସିଲ ମାଥ୍ୟୁସ୍ ଭାରତୀୟ ଘଟଣାବଳୀ ଉପରେ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ସମ୍ପର୍କରେ ବିସ୍ମୟ ପ୍ରକାଶ କରି ଉଲ୍ଲେଖ କରିଥିଲେ ଯେ ମସ୍କୋଠାରୁ ଚିକାଗୋ ପର୍ଯ୍ୟନ୍ତ.... ଷ୍ଟାଲିନ୍‌ଙ୍କଠାରୁ ଆରମ୍ଭ କରି ହର୍ଣ୍ଣଙ୍କ ପର୍ଯ୍ୟନ୍ତ — ସବୁଠି ଓ ସବୁରି ବକ୍ତବ୍ୟରେ ଆଜି ଏକ ଅଦ୍ଭୁତ ଗୁଞ୍ଜରଣ, ଯୁଦ୍ଧ ଓ ଭାରତବର୍ଷ — ବିଶ୍ୱବ୍ୟାପୀ ସର୍ବତ୍ର ଏହି ଦୁଇଟି ପ୍ରସଙ୍ଗ ହିଁ ଆଜି ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇ ପଡ଼ିଛି ।

ବସ୍ତୁତଃ, ୧୯୪୧ ମସିହା ଡିସେମ୍ବର ମାସରେ ଜାପାନୀମାନଙ୍କ ଦ୍ୱାରା ପର୍ଲ ବନ୍ଦର ଆକ୍ରମଣ କରାଯିବା ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାର ସରକାରୀ କର୍ତ୍ତୃପକ୍ଷ ଭାରତୀୟ ଘଟଣାବଳୀ ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁନଥିଲେ । ପର୍ଲ ବନ୍ଦରରେ ଆମେରିକୀୟମାନଙ୍କର ବିପର୍ଯ୍ୟୟ ସମ୍ବାଦ କେବଳ ଆମେରିକା ନୁହେଁ, ଏହାର ମିତ୍ରପକ୍ଷ ବ୍ରିଟେନ୍ ପାଇଁ ମଧ୍ୟ ଏକ ଶକ୍ତ ଧକ୍କା ସଦୃଶ ଥିଲା । ଜାପାନୀ ବାହିନୀର ପଶ୍ଚିମାଭିମୁଖୀ ଅଭିଯାନ, ଉଲ୍ଲେଖନୀୟ ଅଗ୍ରଗତି ଓ ବିଶେଷତଃ ସିଙ୍ଗାପୁର ଅଧିକାର ପରେ ଭାରତର ନିରାପତ୍ତା ବିପଦସଂକୁଳ ହୋଇପଡ଼ିଥିବା ବିଷୟ ବିବେଚନା କରାଗଲା । ରାଜନୈତିକ ଓ ଭୌଗଳିକ ଦୃଷ୍ଟିକୋଣରୁ ବିଶ୍ୱଯୁଦ୍ଧରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆମେରିକା କର୍ତ୍ତୃପକ୍ଷ ବିଚାର କରିବାକୁ ଆରମ୍ଭ କଲେ । ଏ ସମ୍ପର୍କରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ର ସଚିବ କୋର୍ଡେଲ ହଲ୍‌ଙ୍କ ମନ୍ତବ୍ୟ ବିଶେଷ ପ୍ରଣିଧାନଯୋଗ୍ୟ । ସେ କହିଥିଲେ ଯେ ପ୍ରତିରକ୍ଷା ନିମନ୍ତେ ସମର ସରଞ୍ଜାମ ଯୋଗାଣ ତଥା ଶତ୍ରୁପକ୍ଷ ବିରୁଦ୍ଧରେ ବ୍ରିଟେନ୍ ସହ ଯୋଗସୂତ୍ର ସ୍ଥାପନ ଦୃଷ୍ଟିରୁ ଏହି ବିଶାଳ ଉପମହାଦେଶ ମିତ୍ରପକ୍ଷ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ଭାରତର ଭୌଗଳିକ ଅବସ୍ଥିତିର ବୈଶିଷ୍ଟ୍ୟ ବିଷୟରେ ବିଶିଷ୍ଟ ଆମେରିକୀୟ ଯୁଦ୍ଧ ବିଶାରଦ ଡି: ଡି: ଆଇକେନ୍ ତାଙ୍କର ଉଲ୍ଲେଖ କରିଥିଲେ ଯେ, "ଅଷ୍ଟ୍ରେଲିଆ ସହ ଆକାଶ ଓ ଜଳ ପଥରେ ଯୋଗାଯୋଗ ରକ୍ଷା କରାଯିବା ନିମନ୍ତେ ଭାରତବର୍ଷର ମାଧ୍ୟମ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏତଦ୍‌ଭିନ୍ନ ଭାରତୀୟ ଉପକୂଳର ସମସ୍ତ ଘାଟିକୁ ସୁରକ୍ଷିତ ରଖାଯିବା ବିଧେୟ; ଅନ୍ୟଥା ପାରସ୍ୟ ମଧ୍ୟ ଦେଇ ଜର୍ମାନ ବାହିନୀ ଏହି ଅଞ୍ଚଳରେ ପ୍ରବେଶ କରିବା ପରେ ଜାପାନୀ ବାହିନୀ ସହ ସମ୍ମିଳିତ ହେଲେ ଦୁରୂହ ବିପଦର ସମ୍ଭାବନା ସୃଷ୍ଟି ହେବ ।" ବିଶ୍ୱଯୁଦ୍ଧକାଳୀନ ଏବଂବିଧ ଘଟଣାବଳୀ ପରିପ୍ରେକ୍ଷୀରେ ଭାରତବର୍ଷର ଭୌଗଳିକ ଅବସ୍ଥିତିର ବିଶେଷତାରେ ଆମେରିକାର ସ୍ୱାର୍ଥ ନିହିତ ଥିବା ଦୃଷ୍ଟିରୁ 'ନ୍ୟୁୟର୍କ ଟାଇମ୍‌ସ'ରେ ଯଥାର୍ଥ ଭାବରେ ଉଲ୍ଲେଖ କରାଯାଇଥିଲା ଯେ "ଏସିଆର ଦକ୍ଷିଣ ପୂର୍ବାଞ୍ଚଳ ଦେଶଗୁଡ଼ିକ ଉପରେ ନାଜି ଆକ୍ରମଣ ଆଶଙ୍କାରେ କଳାମେଘ ଘୋଟି ରହିଥିବା ସ୍ଥଳେ ଭାରତବର୍ଷର ୪୦ କୋଟି ଲୋକମାନଙ୍କ ସ୍ୱାର୍ଥ ଓ ସମସ୍ୟା ପ୍ରତି ବିହିତ ଧ୍ୟାନ ଦିଆଯିବା ନିତାନ୍ତ ଆବଶ୍ୟକ ।"

ଭାରତୀୟ ଉପମହାଦେଶରେ ମିତ୍ରପକ୍ଷର ସ୍ଥିତି ଓ ନିୟନ୍ତ୍ରଣ କିପରି ସୁରକ୍ଷିତ ରଖାଯାଇ ପାରିବ ତାହା ହିଁ ଥିଲା ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରେ ଏକ ଚିନ୍ତାର କାରଣ । ମାତ୍ର ଇଂରେଜ ଶାସକ କର୍ତ୍ତୃପକ୍ଷ ଓ ଜାତୀୟତାବାଦୀ ଭାରତୀୟମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଗୁରୁତର ଦ୍ୱନ୍ଦ୍ୱରୁ ଜନିତ ତତ୍କାଳୀନ ରାଜନୈତିକ ଅବସ୍ଥା ପରିପ୍ରେକ୍ଷୀରେ ତାହା ସହଜସାଧ୍ୟ ନଥିଲା । ଭାରତବର୍ଷର ପ୍ରମୁଖ ରାଜନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସର ନେତୃବୃନ୍ଦଙ୍କ ସହ କୌଣସି ପରାମର୍ଶ ନକରି ଇଂରେଜ କର୍ତ୍ତୃପକ୍ଷ ଏକତରଫିଆ ଭାବରେ ଯୁଦ୍ଧରେ ଭାରତବର୍ଷର ଯୋଗଦାନ ବିଷୟ ଘୋଷଣା କରି ଦେଇଥିଲେ । ଏହି ଘୋଷଣା ଉଦ୍ଦେଶ୍ୟମୂଳକ ଥିଲା ବୋଲି ମଧ୍ୟ କେତେକ ମହଲରେ ବିଚାର କରାଯାଉଥିଲା । ଇଂରେଜ ସରକାରଙ୍କ ଏତାଦୃଶ ମନମୁଖୀ ନିଷ୍ପତ୍ତିର ପ୍ରତିବାଦ କରି ଭାରତରେ ଯେଉଁ ଆନ୍ଦୋଳନ ସବୁ ହେଲା ସେ ସବୁ ଅତି ଦୃଢ଼ ହସ୍ତରେ ଦମନ କରାଗଲା । ସ୍ୱାଧୀନତା ହାସଲ ପାଇଁ ହେଉଥିବା ସମସ୍ତ ପ୍ରକାର ଦାବୀକୁ ନାକଚ କରି ଦିଆଗଲା । ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ଏହି କାର୍ଯ୍ୟକଳାପର ପ୍ରତିକ୍ରିୟା ସ୍ୱରୂପ କେତେକ ଉଗ୍ରବାଦୀ ଜାତୀୟତାବାଦୀ ନେତା ପ୍ରତ୍ୟକ୍ଷ ଭାବରେ ଶତ୍ରୁ ପକ୍ଷଙ୍କ ଶିବିରରେ ଯୋଗ

ଦେଇଥିଲେ । ଅବଶ୍ୟ ଗାନ୍ଧିଜୀଙ୍କ ନେତୃତ୍ୱରେ ଦେଶର ସଂଖ୍ୟାଗରିଷ୍ଠ ଲୋକେ ଏହି ବିଶ୍ୱଯୁଦ୍ଧରେ ଭାରତବର୍ଷ ନିରପେକ୍ଷ ରହିବ ବୋଲି ଘୋଷଣା କରିଥିଲେ । ମାତ୍ର ଭାରତବର୍ଷ ସହ ଇଂରେଜମାନଙ୍କ ଶାସିତ – ଶାସକ ସମ୍ପର୍କ ରହିଥିବା ଦୃଷ୍ଟିରୁ ଜାପାନ ପକ୍ଷରୁ ଏ ଦେଶ ଉପରେ ଆକ୍ରମଣ ହେବାର ଆଶଙ୍କା ରହିଛି, କୌଣସି ପ୍ରକାର ସେହି ସମ୍ପର୍କ ଛିନ୍ନ ହେଲେ ଜାପାନୀ ଆକ୍ରମଣ ଆଶଙ୍କାକୁ ଏଡ଼ି ଦିଆଯାଇ ପାରିବ ବୋଲି ସେ ଓ ତାଙ୍କର ଅନୁଗାମୀମାନେ ଲୋକମାନଙ୍କୁ ବୁଝାଉଥିଲେ ।

ଇଂରେଜମାନଙ୍କ ବିରୁଦ୍ଧରେ ଭାରତୀୟମାନଙ୍କ ପକ୍ଷରୁ ଏବଂବିଧ ରାଜନୈତିକ ଶତ୍ରୁଭାବାପନ୍ନ ଆଚରଣ ପ୍ରକାଶ ପାଉଥିବା ବେଳେ ଏସିଆରୁ ୟୁରୋପୀୟ ଉପନିବେଶବାଦର ମୂଳୋଚ୍ଛେଦନ ନିମନ୍ତେ ଜାପାନ କର୍ତ୍ତୃକ ଦିଆଯାଉଥିବା 'ଏସୀୟମାନଙ୍କ ଏସିଆ' ଡାକରାର ପ୍ରଭାବରେ ଭାରତୀୟ ଜନଗଣ ପ୍ରଭାବିତ ହୋଇ ଜାପାନୀ ଆକ୍ରମଣକୁ ସମର୍ଥନ କରିପାରନ୍ତି ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ସରକାରୀ କର୍ତ୍ତୃପକ୍ଷ ଆଶଙ୍କା କରୁଥିଲେ । ଏଭଳି ପରିସ୍ଥିତି ଉଦ୍ଭବ ହେଲେ ମିତ୍ର ଶକ୍ତିର ପ୍ରତିଯୋଗୀ ସ୍ୱାର୍ଥ ଗୁରୁତର ବ୍ୟାହତ ହେବାର ଆଶଙ୍କା ଥିବା ଦୃଷ୍ଟିରୁ ଆମେରିକାର ରାଜନୈତିକ ମହଲ ବିଶ୍ୱାସ କଲେ ଯେ ଭାରତର ରାଜନୈତିକ ଅବସ୍ଥାରେ ଅନୁକୂଳ ଉନ୍ନତି ସାଧିତ ହେବା ସର୍ବାଦୌ ବାଞ୍ଛନୀୟ ଯଦ୍ୱାରା ନୂଏତ ଭାରତୀୟମାନେ ସମ୍ଭାବ୍ୟ ଜାପାନୀ ଆକ୍ରମଣକୁ ସମର୍ଥନ କରିବା ବଦଳରେ ଏହାକୁ ପ୍ରତିରୋଧ କରିବା ନିମନ୍ତେ ଉତ୍ସାହିତ ହେବେ । ଏଭଳି ଏକ ପରିପ୍ରେକ୍ଷୀରେ ଉଭୟ ଭାରତୀୟ ଓ ଇଂରେଜମାନଙ୍କୁ ସେମାନଙ୍କ ମଧ୍ୟରେ ଥିବା ମତଭେଦର ସମାଧାନ ପାଇଁ ଏକ ବୁଝାମଣା ନିମନ୍ତେ ପ୍ରବର୍ତ୍ତାଇବାକୁ ଆମେରିକା ପକ୍ଷରୁ ବିହିତ ପଦକ୍ଷେପ ନିଆଯିବା ନିତ୍ୟାନ୍ତ ଆବଶ୍ୟକ ବୋଲି ଆମେରିକାର ରାଜନୈତିକ ମହଲ ବିଶ୍ୱାସ କରୁଥିଲେ । ବିଶ୍ୱଯୁଦ୍ଧ ଓ ଭାରତ ଉପରେ ସମ୍ଭାବ୍ୟ ଜାପାନୀ ଆକ୍ରମଣ ମିତ୍ରଶକ୍ତିଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଭୟ ଇଂରେଜ ଓ ଭାରତୀୟମାନେ ମିଳିତ ଭାବରେ ଏହି ଆକ୍ରମଣକୁ ପ୍ରତିରୋଧ କରିବା ଆବଶ୍ୟକ ଥିଲା କାରଣ ସେମାନେ ଜାଣିଥିଲେ ଯେ, "ଯୁଦ୍ଧରେ ଭାରତୀୟମାନଙ୍କର ସର୍ବାନ୍ତଃକରଣ ସହଯୋଗ ଇଂରେଜ ପ୍ରତିରକ୍ଷା ବ୍ୟବସ୍ଥା ପ୍ରତି ଯେଉଁଳି ପ୍ରକୃତ ସହାୟକ ହେବ; ସେହିଭଳି ସେମାନଙ୍କର ବିରୋଧ ଭୟଙ୍କର ବିପଦ ସୃଷ୍ଟି କରିବ ।"

ଏଭଳି ଏକ ପରିସ୍ଥିତିରେ ବ୍ରିଟେନ୍ ଓ ଭାରତ ମଧ୍ୟରେ କିପରି ବୁଝାମଣା ହୋଇପାରିବ ସେ ବିଷୟରେ ଆମେରିକାର ଉଚ୍ଚ ରାଜନୈତିକ କର୍ତ୍ତୃପକ୍ଷ ବିଶେଷ ବିମର୍ଶ କରିବାକୁ ଲାଗିଲେ । ଭାରତୀୟ ସମସ୍ୟାର ଆପୋଷ ସମାଧାନ ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ସରକାର ବ୍ରିଟେନ୍ ସରକାର ସହ ଯୋଗାଯୋଗ କରୁ ବୋଲି ଏକ ପ୍ରସ୍ତାବ ଆଗତ ହୋଇଥିଲା । ମାତ୍ର ଭାରତୀୟ ସମସ୍ୟାର ସମାଧାନ ବ୍ରିଟିଶ ସରକାରଙ୍କ ଆଭ୍ୟନ୍ତରୀଣ ଶାସନଗତ ବ୍ୟାପାର ହୋଇଥିବା ବିଷୟ ପ୍ରକାଶ କରି ଯୁକ୍ତରାଷ୍ଟ୍ର ଆମେରିକାର ଉପରାଷ୍ଟ୍ରପତି ଓ୍ୱେଲେସ୍ କହିଥିଲେ ଯେ ସରକାରୀ ଭାବରେ ଆମେରିକା ପକ୍ଷରୁ ଏଭଳି ପତ୍ର ଲେଖାଯିବା ଅବାଞ୍ଛନୀୟ ।

ନାନା ବାଦବିବାଦ ପରେ ରାଷ୍ଟ୍ରପତି ରୁଜଭେଲ୍ଟ ଇଂଲାଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ସହ ବ୍ୟକ୍ତିଗତ ଆଲୋଚନା ପ୍ରସଙ୍ଗରେ ବେସରକାରୀ ଭାବେ ଏହି ପ୍ରଶ୍ନ ଉତ୍ଥାପନ କରିବେ ବୋଲି ସ୍ଥିର କଲେ ।

ଆଟଲାଣ୍ଟିକଠାରେ ଯେଉଁବେଳେ ରୁଜଭେଲ୍ଟ ଓ ଚର୍ଚ୍ଚିଲଙ୍କର ସାକ୍ଷାତ ହେଲା ସେତେବେଳେ ରୁଜଭେଲ୍ଟ ଭାରତକୁ ଏକ ଡମିନିୟନ ମର୍ଯ୍ୟାଦା ଦିଆଯିବାର ପ୍ରାସଙ୍ଗିକତା ବିଷୟ ଚର୍ଚ୍ଚିଲଙ୍କ ସହ ଆଲୋଚନା କଲେ । ଉଭୟଙ୍କ ଦ୍ୱାରା ସ୍ୱାକ୍ଷରିତ ଆଟଲାଣ୍ଟିକ୍ ଚୁକ୍ତିରେ ଉଲ୍ଲେଖ କରାଗଲା ଯେ, "ସରକାର ଗଠନ କରିବା ନିମନ୍ତେ ଲୋକମାନଙ୍କର ଅଧିକାରକୁ ସେମାନେ ସମ୍ମାନ କରନ୍ତି ଓ ସାର୍ବଭୌମତ୍ୱ ତଥା ସ୍ୱାୟତ୍ତ ଶାସନ ଅଧିକାରରୁ ବଳପୂର୍ବକ ବଞ୍ଚିତ ସମସ୍ତ ଲୋକ ସାଧାରଣଙ୍କୁ ସେମାନଙ୍କର ଅଧିକାର ଦେବା ସେମାନେ ଚାହାନ୍ତି ।" ମିତ୍ରଶକ୍ତି ସପକ୍ଷରେ ଶାସିତ ପ୍ରଜା ସାଧାରଣଙ୍କ ସହାନୁଭୂତି ହାସଲ କରିବା ଥିଲା ଏହି ଘୋଷଣାନାମାର ମୁଖ୍ୟ ଉଦ୍ଦେଶ୍ୟ । ଭାରତ ମଧ୍ୟ ଏହି ଘୋଷଣାର ସୁଫଳଲାଭ କରିବ ବୋଲି ରୁଜଭେଲ୍ଟ ବିଶ୍ୱାସ କରୁଥିଲେ । ଚର୍ଚ୍ଚିଲଙ୍କ ସପକ୍ଷରେ ଭାରତ ବିଷୟରେ ନିଜର ଚିନ୍ତାଧାରା ଉପସ୍ଥାପିତ କରିବା ନିମନ୍ତେ ସେ କ୍ଷେତ୍ର ପ୍ରସ୍ତୁତ କରିପାରିଛନ୍ତି ବୋଲି ମନେ କରୁଥିଲେ । ମାତ୍ର ଇଂଲଣ୍ଡର ହାଉସ୍ ଅଫ୍ କମନ୍ସରେ ଆଟଲାଣ୍ଟିକ୍ ଚୁକ୍ତିର ବ୍ୟାଖ୍ୟା କରି ଚର୍ଚ୍ଚିଲ ଯେଉଁଳି ଭାବରେ ଭାରତ ଏହି ଚୁକ୍ତିର ପରିସରର ବହିର୍ଭୁତ ବୋଲି ବର୍ଣ୍ଣନା କଲେ ସେଥିରେ ରୁଜଭେଲ୍ଟ ଚମତ୍କୃତ ହୋଇଗଲେ । ଚର୍ଚ୍ଚିଲଙ୍କର ଏହି ବ୍ୟାଖ୍ୟାନ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଯୁକ୍ତରାଷ୍ଟ୍ର ଆମେରିକାର ପରରାଷ୍ଟ୍ର ସଚିବ କୋର୍ଡେଲ ହିଲ କହିଥିଲେ ଯେ, "ମୁଁ ବା ରାଷ୍ଟ୍ରପତି ...ଆମେ କେହି ଏଭଳି ଏକ ବ୍ୟାଖ୍ୟାନକୁ ସ୍ୱୀକାର କରିବାର ପ୍ରଶ୍ନ ନାହିଁ ।" ପକ୍ଷାନ୍ତରରେ ଆଟଲାଣ୍ଟିକ୍ ଚୁକ୍ତିର କାର୍ଯ୍ୟକାରୀ କରାଯିବା କ୍ଷେତ୍ରରେ କୌଣସି ପ୍ରକାର ଭ୍ରାନ୍ତିପୂର୍ଣ୍ଣ ବିବେଚନାକୁ ପ୍ରଶ୍ରୟ ଦିଆଗଲେ ଅବଶେଷରେ ତାହା ବ୍ରିଟିଶ୍ ସାମ୍ରାଜ୍ୟ ନିମନ୍ତେ ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ—"The British Empire would probably run into constant difficulties if it should seek to have the Atlantic charter applied in separate compartments." ମାତ୍ର ଇଂଲଣ୍ଡ ସହ ଏକ ଅଯଥା ଅପ୍ରିତିକର ମତାନ୍ତର ସୃଷ୍ଟି ହେବାର ଆଶଙ୍କା ଥିବା ଦୃଷ୍ଟିରୁ ଆଟଲାଣ୍ଟିକ୍ ଚୁକ୍ତିର ଘୋଷଣା ସମ୍ପର୍କରେ ନିଜସ୍ୱ ବ୍ୟାଖ୍ୟାନକୁ ଗ୍ରହଣ କରି ନେବାକୁ ଚର୍ଚ୍ଚିଲଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ସେ କ୍ଷାନ୍ତ ରହିଥିଲେ । ଭାରତକୁ ଆଟଲାଣ୍ଟିକ୍ ଚୁକ୍ତିରରୁ ବାହାରେ ରଖାଯିବା ସମ୍ପର୍କୀୟ ଚର୍ଚ୍ଚିଲଙ୍କ ବିବୃତି ଫଳରେ ସାରା ଭାରତବର୍ଷରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏପରିକି ଭାରତୀୟ ଜାତୀୟ କଂଗ୍ରେସ ସହ ଭିନ୍ନ ମତ ପୋଷଣ କରୁଥିବା 'ଇଣ୍ଡିଆ କାଉନ୍‌ସିଲ' ପକ୍ଷରୁ ଭାଇସ୍‌ରାୟଙ୍କ ଜରିଆରେ ବ୍ରିଟିଶ ସରକାରଙ୍କୁ ପରିଷଦର ଗଭୀର ଅସନ୍ତୋଷ ବିଷୟ ଜଣାଇଦେବା ନିମନ୍ତେ ଏକ ପ୍ରସ୍ତାବ ଗ୍ରହଣ କରାଗଲା । ଏହି ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିଲା ଯେ "ଏଭଳି ଏକ ଜଟିଳ ପରିସ୍ଥିତିରେ ଇଂରେଜ 'ସରକାରଙ୍କ' ଏତାଦୃଶ ଘୋଷଣା ଭାରତରେ ଯୁଦ୍ଧ ଆୟୋଜନରେ ଗୁରୁତର ବିଭ୍ରାନ୍ତି ସୃଷ୍ଟି କରିବ ।"

ଏଥିରୁ ଭାରତବର୍ଷରେ ପ୍ରକାଶ ପାଉଥିବା ସାର୍ବଜନୀନ ଅସନ୍ତୋଷ ଓ ଅଶ୍ରଦ୍ଧା ଭାବ ସୂଚିତ ହୁଏ । ଏହି ଅସନ୍ତୋଷ ଭାବ କ୍ରମଶଃ ବଦ୍ଧମୂଳ ହୋଇ ଏସିଆରେ ମିତ୍ରଶକ୍ତିର ସମର ସ୍ୱାର୍ଥ ବିରୋଧରେ ବିବିଧ ସମସ୍ୟାମାନ ସୃଷ୍ଟି କରିବ ବୋଲି ରୁଜଭେଲ୍ଟ ଭାବିଥିଲେ । ତେଣୁ ସେ ୧୯୪୧ ମସିହା ଡିସେମ୍ବର ମାସରେ ଚର୍ଚ୍ଚିଲଙ୍କ ୱାଶିଂଟନ୍ ଗସ୍ତ କାଳରେ ତାଙ୍କ ଆଗରେ 'ଭାରତବର୍ଷ ପ୍ରସଙ୍ଗ' ଉତ୍ଥାପନ କରିଥିଲେ । ମାତ୍ର ଭାରତକୁ ହରାଇ ବସିବାର ଆଶଙ୍କାରେ ଅତି ମାତ୍ରାରେ ଅସ୍ଥିର ଚର୍ଚ୍ଚିଲ ରୁଜଭେଲ୍ଟଙ୍କ ପ୍ରସ୍ତାବ ଓ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରି ଏଭଳି ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯେ ଆଲୋଚନାକୁ ଅଧାରୁ ବନ୍ଦ ରଖାଯାଇଥିଲା ।

ଭାରତବର୍ଷର ରାଜନୈତିକ ପରିସ୍ଥିତିରେ କ୍ରମାଗତ ଅଧୋଗତି ଘଟୁଥିବା ଦୃଷ୍ଟିରୁ ରାଷ୍ଟ୍ରପତି ରୁଜଭେଲ୍ଟ ବ୍ରିଟିଶ୍ ସରକାରଙ୍କ ସହ ଭାରତ ବିଷୟରେ ପୁଣି ଥରେ ଆଲୋଚନା ଆରମ୍ଭ କରିବା ନିମନ୍ତେ ବିଶେଷ ତତ୍ପରତା ପ୍ରକାଶ କରିଥିଲେ । ସେ ସମୟରେ ଲଣ୍ଡନରେ ଥିବା ଆମେରିକାର ରାଷ୍ଟ୍ରଦୂତ ଡବ୍ଲ୍ୟୁ. ଏଭେରେଲ୍ ହାରିମ୍ୟାନ୍‌ଙ୍କ ନିକଟକୁ ରୁଜଭେଲ୍ଟ ଏକ ସରକାରୀ ପ୍ରତିନିଧି ଦଳ ପଠାଇ ତାଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ନିକଟରେ ଭାରତ ସମସ୍ୟାର ସମାଧାନ ପାଇଁ କେତେକ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଉପସ୍ଥାପିତ କରାଇଥିଲେ । ସେ ପଠାଇଥିବା ବାର୍ତ୍ତାରେ ଉଲ୍ଲେଖ ଥିଲା ଯେ, "ଆମେରିକୀୟ ସ୍ୱାଧୀନତା ସଂଗ୍ରାମ

କାଳରେ ୧୩ଟି ଉପନିବେଶ ଏକ ପ୍ରତିନିଧି ସଭା ବିଶିଷ୍ଟ ଅସ୍ଥାୟୀ ସରକାର ଅଧୀନରେ ନିଜକୁ ସ୍ୱତନ୍ତ୍ର ଓ ସାର୍ବଭୌମ ବୋଲି ଘୋଷଣା କରିଥିଲେ । ଯୁଦ୍ଧ ଆରମ୍ଭ ହେବା ପରେ ୧୭୮୯ ମସିହାରେ ସମ୍ବିଧାନ ପ୍ରଣୟନ କରାଯାଇ ପ୍ରକୃତ ଯୁକ୍ତରାଷ୍ଟ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ପର୍ଯ୍ୟନ୍ତ ଏହି କାମଚଳା ବ୍ୟବସ୍ଥାକୁ ଅନୁସରଣ କରାଯାଇଥିଲା ।" ତତ୍କାଳୀନ ପରିସ୍ଥିତିରେ ଭାରତବର୍ଷରେ ଏକ ଅନୁରୂପ ବ୍ୟବସ୍ଥା କାର୍ଯ୍ୟକାରୀ କରି "ବ୍ରିଟିଶ୍ ଶାସିତ ପ୍ରଦେଶ ସମୂହ ଓ ଭାରତ ରାଜନ୍ୟମଣ୍ଡଳରେ ପ୍ରତିନିଧି ଭାବରେ ଧର୍ମ, ଆଞ୍ଚଳିକତା, ବୃତ୍ତି ଓ ସମ୍ପ୍ରଦାୟ ଭିତ୍ତିରେ ଏକ କ୍ଷୁଦ୍ର ପ୍ରତିନିଧି ହାତରେ ସରକାର ଗଠନ କରିବାର କ୍ଷମତା ହସ୍ତାନ୍ତର କରି ତାହାକୁ ଏକ ସ୍ୱାୟତ୍ତ ସରକାର ଭାବରେ ସ୍ୱୀକାର କରାଯାଇ ପାରେ" ବୋଲି ସେ ପରାମର୍ଶ ଦେଇଥିଲେ । ଏହି ପ୍ରତିନିଧି ସଭାର ସ୍ୱାୟତ୍ତ ଶାସନ ଅଧିକାରକୁ ଆପାତତଃ ପାଞ୍ଚ ବା ଛଅ ବର୍ଷ ଅଥବା ବିଶ୍ୱଯୁଦ୍ଧ ଅବସାନ ହେବାଠାରୁ ଏକ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇପାରେ । ଏତଦ୍ୱାରା ଭାରତୀୟମାନଙ୍କର ବ୍ରିଟିଶ୍ ବିରୋଧୀ ମନୋଭାବର ପରିବର୍ତ୍ତନ ଘଟିବ ଓ ସେମାନେ ବ୍ରିଟିଶ୍ ସାମ୍ରାଜ୍ୟ ପ୍ରତି ଅଧିକ ଅନୁରକ୍ତ ହେବେ ତଥା ବ୍ରିଟିଶ୍ ବିରୋଧୀ ବିଦ୍ରୋହର ପନ୍ଥା ପ୍ରସ୍ତୁତି କରିବାବଦଳରେ ସେମାନେ ଜାପାନୀ ବାହିନୀର ସମ୍ଭାବ୍ୟ ଭାରତ ଆକ୍ରମଣକୁ ସଫଳ ଭାବରେ ପ୍ରତିହତ କରିବା ପାଇଁ ଆଗଭର ହେବେ ବୋଲି ରାଷ୍ଟ୍ରପତି ରୁଜଭେଲ୍ଟ ଆଶା ପ୍ରକଟ କରିଥିଲେ । ସେ ପରାମର୍ଶ ଦେଇଥିଲେ ଯେ, "ଭାରତକୁ ସ୍ୱାୟତ୍ତ ଶାସନ ପ୍ରଦାନ କରାଯିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନମାନ ଲଣ୍ଡନରୁ ହିଁ ଆରମ୍ଭ ହେବା ଉଚିତ; ଯେପରିକି ଏହାର ପୃଷ୍ଠଭୂମି କାରଣ ସ୍ୱରୂପ-କୌଣସି ଦୁରଭିସନ୍ଧି ବା ବାଧବାଧକତା ବିଷୟରେ ଭାରତୀୟମାନଙ୍କ ମନରେ କୌଣସି ପ୍ରକାର ଧାରଣା ସୃଷ୍ଟି ନହୁଏ !" ଅନ୍ୟ ପକ୍ଷରେ ସେ ବିଶ୍ୱାସ କରୁଥିଲେ ଯେ ଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ବିଶ୍ୱରେ ସଂଗଠିତ ଯୁଗାନ୍ତକାରୀ ଘଟଣାବଳୀରୁ ସୃଷ୍ଟି ହୋଇଥିବା ପରିବର୍ତ୍ତିତ ପରିସ୍ଥିତିରେ 'ନାଜୀ ଶକ୍ତି' ବିରୋଧରେ ଯୁଦ୍ଧ ଘୋଷଣାକାରୀ ବିଶ୍ୱର ସବୁ ଜାତି ସବୁ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାର ପ୍ରତି ସମ୍ମାନ ଜଣାଇ ଏଭଳି ଏକ ପଦକ୍ଷେପ ନିଆଗଲା ବୋଲି ସେମାନଙ୍କର ହୃଦବୋଧ ହେବା ଆବଶ୍ୟକ । ତତ୍କାଳୀନ ଭାରତର ରାଜନୈତିକ ଅଚଳାବସ୍ଥା ଓ ଜଟିଳତାର ସମାଧାନ ନିମନ୍ତେ ରୁଜଭେଲ୍ଟ ଦେଇଥିବା ଏବଂବିଧ ପରାମର୍ଶକୁ ଅଗ୍ରାହ୍ୟ କରିଦେଇ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ତୀବ୍ର ପ୍ରତିକୂଳ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଆମେରିକାର ରାଷ୍ଟ୍ରପତିଙ୍କ ପରାମର୍ଶକୁ ବ୍ୟଙ୍ଗ କରି ସେ ମନ୍ତବ୍ୟ କରିଥିଲେ ଯେ, "ଗୋଟିଏ ଜାତିର ଲୋକେ ବାସ କରୁଥିବା ଦେଶଗୁଡ଼ିକ ବର୍ଣ୍ଣବୈଷମ୍ୟ ବିଷୟରେ ଉଚ୍ଚ ମୂଲ୍ୟବୋଧ ଓ ପ୍ରଗତିବାଦୀ ଚିନ୍ତାଧାରା ବ୍ୟକ୍ତ କରିପାରନ୍ତି, କିନ୍ତୁ ପ୍ରଶାନ୍ତମହାସାଗରୀୟ ଭୂଖଣ୍ଡରେ ଉପନିବେଶ ସ୍ଥାପନକାରୀ ଦେଶଗୁଡ଼ିକୁ ନିଜର ଗୋଟିଏ ବି ଉପନିବେଶ ନଥିବା ଯୁକ୍ତରାଷ୍ଟ୍ର ଆମେରିକା ଉଦାର ବିଶ୍ୱାସ ବିଷୟରେ ପରାମର୍ଶ ଦେବା ବଡ଼ ସହଜ !"

ଏଥିରୁ ଚର୍ଚ୍ଚିଲ ରୁଜଭେଲ୍ଟଙ୍କ ପ୍ରସ୍ତାବରେ କିଭଳି ଭାବରେ ଉତ୍ତେଜିତ ହୋଇପଡ଼ିଥିଲେ ଜଣାଯାଏ । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ହୋଇ ବ୍ରିଟେନ୍‌ର ନିଜସ୍ୱ ଭାବରେ ରୁଜଭେଲ୍ଟଙ୍କ ଉପରୋକ୍ତ ପରାମର୍ଶ ବ୍ରିଟେନ୍‌ର ଆଭ୍ୟନ୍ତରୀଣ ବ୍ୟାପାରରେ ଏକ ପ୍ରକାର ଅବାଞ୍ଛିତ ହସ୍ତକ୍ଷେପ ବୋଲି ସେ ବିବେଚନା କରିଥିଲେ. କେବଳ ତାହା ନୁହେଁ, ଏହା ଦ୍ୱାରା ରାଜନୈତିକ ସ୍ତରରେ ମଧ୍ୟରେ ଥିବା ନିବିଡ଼ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରେ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିବ ବୋଲି ସେ ସତର୍କ ବାର୍ତ୍ତା ଦେଇଥିଲେ । [illegible] ସମସ୍ୟା [illegible] ସମ୍ପର୍କରେ [illegible] ମଧ୍ୟରେ [illegible] [illegible] ସୃଷ୍ଟି [illegible] [illegible] ସମ୍ପର୍କ ଏହି [illegible] [illegible] ପ୍ରଭାବ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କରି [illegible] କହିଥିଲେ, "ଯେପରି ବିଶ୍ୱାସ ଓ ଯେତେ ବଡ଼ ବନ୍ଧୁତ୍ୱକୁ [illegible]

ବ୍ୟାପାରରେ ତାଙ୍କର କର୍ତ୍ତବ୍ୟ ବିଷୟରେ ଆମେରିକୀୟମାନଙ୍କର ପରିମାପ ହେବାର ଅଧିକାରକୁ ଗ୍ରହଣ କରିବା ଅପେକ୍ଷା ବରଂ ଚର୍ଚ୍ଚିଲ ଇଂରେଜ ସାମ୍ରାଜ୍ୟର ପତନ ଓ ଏପରିକି ନିଜର ପତନକୁ ସହ୍ୟ କରିଯିବାକୁ ଅଧିକ ଶ୍ରେୟସ୍କର ମନେ କରିବେ ।"

ରୁଜଭେଲ୍ଟଙ୍କ ପରାମର୍ଶ — ଭାରତରୁ ଅନ୍ୟାନ୍ୟ ବିଷୟ ସହିତ ଆମେରିକୀୟମାନଙ୍କର ଭାରତୀୟ ବ୍ୟାପାରରେ ସମବେଦନାପୂର୍ଣ୍ଣ ମନୋଭାବ ବିଷୟରେ ଚର୍ଚ୍ଚିଲ ନିଶ୍ଚିତ ହୋଇସାରିଥିଲେ । ପୂର୍ବରୁ ଏପରି କ୍ରୁଟିପୂର୍ଣ୍ଣ ଦୃଷ୍ଟିକୋଣ ଆମେରିକୀୟ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ଥିବାବେଳେ ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ସ୍ୱୟଂ ସମବେଦନାପୂର୍ଣ୍ଣ ମନୋଭାବର ବଶବର୍ତ୍ତୀ ହୋଇଥିବା ବିଷୟରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କର କୌଣସି ସନ୍ଦେହ ରହିଲା ନାହିଁ । ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାନଗଲେ ଆମେରିକୀୟମାନଙ୍କ ପକ୍ଷରୁ ସେ ଦେଶର ରାଷ୍ଟ୍ରପତିଙ୍କ ମାଧ୍ୟମରେ ବ୍ରିଟେନ୍ ଉପରେ ଉପର୍ଯ୍ୟୁପରି ଅବାଞ୍ଛିତ ରାଜନୈତିକ ଚାପ ପଡ଼ିବାର ଆଶଙ୍କା ବିଷୟରେ ସେ ଅବହିତ ହେଲେ । ସେ ଏକ ବିଚକ୍ଷଣ ନୀତିଗତ ସିଦ୍ଧାନ୍ତ ଗ୍ରହଣ କରି ସମ୍ବାଦ ପରିବେଷଣ ଏବଂ ସମ୍ବାଦ ପତ୍ର ବ୍ୟବସ୍ଥା ଉପରେ କଠୋର କଟକଣା ଜାରି କଲେ ଯେପରିକି ଭାରତୀୟ ରାଜନୈତିକ ଘଟଣାବଳୀ ସମ୍ପର୍କରେ ଆମେରିକୀୟମାନେ କୌଣସି ସମ୍ବାଦ ପାଇ ପାରିବେ ନାହିଁ । ଫଳରେ ଆମେରିକୀୟମାନେ ଭାରତରୁ ଆସୁଥିବା କୌଣସି ସମ୍ବାଦ ପତ୍ର ପାଇ ପାରିଲେ ନାହିଁ । ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ତତ୍କାଳୀନ ଜଣେକ ଆମେରିକୀୟ ସମ୍ବାଦିକ ଉଲ୍ଲେଖ କରିଥିଲେ ଯେ "ଜାପାନ ଆମେରିକାକୁ ପ୍ରକୃତ ଖବର ଆସିବାରେ ଦେଇଁ ଦକ୍ଷିଣ ଆଫ୍ରିକାରେ ବହୁ ସଂଖ୍ୟକ ସମ୍ବାଦ ପତ୍ରକୁ ଜବତ ଓ ରଦ୍ଦ କରାଯିବା ଫଳରେ ଲୋକେ ଜାଣନ୍ତି ଯେ ସବୁ ସମ୍ବାଦ ପତ୍ର ବିଷୟ ଲୁଚି ଯାଉଥିଲେ ।" ଏହିପରି ଆଲୋଚନାକୁ ଯେତେବେଳେ ଭାରତ ପଠାଗଲା ସେତେବେଳେ ବିଲାତ ପ୍ରଧାନମନ୍ତ୍ରୀ ତାଙ୍କୁ ଯାହା କହିଥିଲେ ତାହା ଉଲ୍ଲେଖଯୋଗ୍ୟ, ସେ କହିଥିଲେ "ଆମେରିକୀୟ ମତାମତ ଆପଣଙ୍କ ପାଇଁ ଆଉ କିଛି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ମୁଁ ମନେ କରୁଛି । ସମ୍ବାଦ ପତ୍ରମାନଙ୍କରେ ଭାରତ ସମ୍ପର୍କରେ ସମସ୍ତ ପ୍ରକାର ମନ୍ତବ୍ୟ ପ୍ରକାଶନ ଉପରେ ବିଶେଷ କଟକଣା ଜାରି କରାଯାଇଛି ।"

କେବଳ ସମ୍ବାଦ ପତ୍ର ଉପରେ କଟକଣା ଜାରି କରିଦେଇ ଚର୍ଚ୍ଚିଲ ସନ୍ତୁଷ୍ଟ ନଥିଲେ । ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତରେ ସ୍ୱାଧୀନତା ଦାବି ଭିତ୍ତି ଆନ୍ଦୋଳନ ବିରୋଧରେ ଏକ ବିପୁଳ ଓ ବ୍ୟାପକ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଥିଲେ । ବକ୍ତୃତା ଓ ସମ୍ବାଦ ମାଧ୍ୟମରେ ପ୍ରଚାର କରାଗଲା ଯେ ଭାରତୀୟ ଜାତୀୟତାବାଦୀମାନଙ୍କର ସ୍ୱାଧୀନତା ଦାବୀ ସମ୍ପୂର୍ଣ୍ଣ ଅଯଥାର୍ଥ । ଆମେରିକୀୟମାନଙ୍କୁ ଭାରତୀୟ ରାଜନୈତିକ ବ୍ୟାପାର ସମ୍ପର୍କରେ ବିଭ୍ରାନ୍ତ କରିବା ଥିଲା ଏହି ପ୍ରଚାର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଆମେରିକାରେ ଯେତେବେଳେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଏକ ସ୍ୱତନ୍ତ୍ର [illegible] ପ୍ରଚାର ମାଧ୍ୟମରେ [illegible] ବିରୋଧ [illegible] [illegible] [illegible] ଗାନ୍ଧିଜୀଙ୍କ ନେତୃତ୍ୱରେ ବ୍ୟକ୍ତି ଭାବରେ [illegible] ଜାତୀୟତାବାଦୀ ରାଜନୈତିକ ଘଟଣାବଳୀକୁ ଭାରତରେ [illegible] ଆମେରିକୀୟମାନଙ୍କଠାରୁ ଦୂରରେ [illegible] ସମସ୍ତ [illegible] [illegible] । [illegible] ଓ [illegible] ମଧ୍ୟରେ ଏକ [illegible] ଓ [illegible] [illegible] ପାଇଁ [illegible] [illegible] ଆମେରିକୀୟ [illegible] ଭାରତକୁ [illegible] ଭାବରେ [illegible] ପରାମର୍ଶ [illegible] ସମ୍ପର୍କରେ [illegible] [illegible] [illegible] ଭାରତୀୟ [illegible] [illegible] ଆମେରିକା ଯୁକ୍ତରାଷ୍ଟ୍ର [illegible] [illegible] [illegible]

ଭାରତ ଓ ଚୀନର ସମସ୍ୟା ଏବଂ ଭାରତୀୟ ସମସ୍ୟାର ସମାଧାନ ଦିଗରେ ଓ ସବୁ ବିଗ୍ରାହିକର ପକ୍ଷପାତପୂର୍ଣ୍ଣ ଭୂମିକା ବିଷୟରେ ଭାରତ ସମର୍ଥକ ସାମ୍ବାଦିକ ଓ ଅନ୍ୟ ଆମେରିକୀୟ ନାଗରିକମାନେ ସମାଲୋଚନା କରିଥିଲେ । ସେମାନଙ୍କର ଜଣେ ପ୍ରତିନିଧି ଲୁଇ ଫିସର ଏ ସମ୍ପର୍କରେ ମନ୍ତବ୍ୟ କରି କହିଥିଲେ, "ଇଂରେଜମାନେ ଏ ଦେଶରେ ରାଜନୀତିକ ବିଭ୍ରାଟରେ ଅପପ୍ରଚାର କରିବାର ଉଦ୍ଦେଶ୍ୟ ମୁଁ ଆଦୌ ବୁଝିପାରୁନାହିଁ । ଏଭଳି ଦୁର୍ବ୍ୟବହାର ଦେଖାଇବା ଦ୍ୱାରା ଭାରତୀୟ ସମସ୍ୟାର ସମାଧାନ କଦାପି ହୋଇପାରିବ ନାହିଁ ।"

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଆମେରିକୀୟମାନଙ୍କୁ ଭାରତ ବ୍ୟାପାରରେ ବିଭ୍ରାନ୍ତ କରିବା ପାଇଁ ଚର୍ଚ୍ଚିଲଙ୍କର ସବୁ କୂଟକୌଶଳ ବ୍ୟର୍ଥ ହୋଇଥିଲା ।

ଇଂରେଜ ସରକାର ଭାରତ ବ୍ୟାପାରରେ ଶୀଘ୍ର ସମାଧାନ ଦିଗରେ କିଛି ଆଗ୍ରହ ପ୍ରଦର୍ଶନ କରୁନଥିବା ବିଷୟରେ ଆମେରିକାର ସାଧାରଣ ନାଗରିକମାନଙ୍କୁ ନେଇ ଏକ ଧାରଣା ସୃଷ୍ଟି ହୋଇଥିଲା । "କଂଗ୍ରେସକୁ ଦାୟିତ୍ୱ ହସ୍ତାନ୍ତର କରି ଏଭଳି ଏକ ପରିସ୍ଥିତିରେ ଆମେ ଭାରତୀୟ ସମସ୍ୟାରୁ ଦୂରେଇଯିବା ଉଚିତ" ବୋଲି ରାଷ୍ଟ୍ରପତି ରୁଜଭେଲ୍ଟ ଯେଉଁ ପରାମର୍ଶ ଦେଇଥିଲେ ତାହାକୁ ଚର୍ଚ୍ଚିଲ ଭ୍ରାନ୍ତ ଓ ବିଭ୍ରମ ବୋଲି କହିଥିଲେ, ତଥାପି ତାଙ୍କ ସରକାରଙ୍କର ଭାରତ ନୀତି ଆମେରିକୀୟମାନଙ୍କ ଦ୍ୱାରା ସାଧାରଣ ଭାବରେ ସମାଲୋଚିତ ହେଉଥିଲା । ଏପରି ଏକ ସାଧାରଣ ଧାରଣା ସୃଷ୍ଟି ହୋଇଥିଲା ଯେ ଭାରତ ସହ ପ୍ରକୃତ ବୁଝାମଣା ପାଇଁ ବ୍ରିଟିଶର ଆନ୍ତରିକ ଉଦ୍ୟମର ଅଭାବ ରହିଛି । ଏଥିରେ ଚର୍ଚ୍ଚିଲ ବ୍ୟସ୍ତ ହୋଇ ଭାବିଥିଲେ ଯେ ଏମିତି କେତେ ଦିନ ଯାଏ ସେ ଭାରତ ପ୍ରତି ବ୍ରିଟିଶ ନୀତି ଉପରେ ଥିବା ଆମେରିକୀୟ ସମାଲୋଚନାର ସମ୍ମୁଖୀନ ହେବେ ଏବଂ ଆମେରିକୀୟମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କ'ଣ କରିପାରିବେ । ଭାରତର ଭାଇସରାୟଙ୍କୁ ଏକ ପତ୍ରରେ ସେ ଲେଖିଥିଲେ ଯେ, ତତ୍କାଳୀନ ପରିସ୍ଥିତିର ଦୁର୍ଭାଗ୍ୟଜନକ ଗୁଜବ ଓ ଅପପ୍ରଚାର ଏବଂ ଆମେରିକାର ଜନସାଧାରଣମାନଙ୍କର ଦୃଷ୍ଟିକୋଣ ଯୋଗୁଁ ଏକ ସମ୍ପୂର୍ଣ୍ଣ ନାସ୍ତିବାଚକ ମନୋଭାବ ପୋଷଣ କରିବା କୌଣସିମତେ ସମ୍ଭବ ନୁହେଁ । ଆସ୍ତିବାଚକ ମନୋଭାବ କହିଲେ ସେ ଏପରି କିଛି କରିବା ପାଇଁ ଚାହୁଁଥିଲେ ଯଦ୍ୱାରା ଆମେରିକୀୟମାନଙ୍କର ହୃଦବୋଧ ହେବ ଯେ ତାଙ୍କ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯାଉଛି; ମାତ୍ର ବୁଝାମଣା ନହୋଇ ପାରିବା ଯୋଗୁଁ ସବୁ ଦୋଷ ଭାରତୀୟମାନଙ୍କର । ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ସେ ବ୍ରିଟିଶ ମନ୍ତ୍ରିମଣ୍ଡଳ ବୈଠକରେ ଭାରତ ପ୍ରସଙ୍ଗ ଉତ୍ଥାପନ କଲେ ଓ ଆଲୋଚନା ପରେ ଘୋଷଣା କଲେ ଯେ ଭାରତ ଯାଇ ସେଠାକାର ସବୁ ଦଳୀୟ ନେତୃବୃନ୍ଦ ଓ ସାମ୍ପ୍ରଦାୟିକ ମୁଖ୍ୟମାନଙ୍କ ସହ ସ୍ୱାୟତ୍ତ ଶାସନ ଅଧିକାରକୁ ପ୍ରଦାନ କରାଯିବା ବିଷୟରେ ଆଲୋଚନା କରିବାକୁ ସାର୍ ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ମନୋନୟନ କରାଯାଉଛି । ଚର୍ଚ୍ଚିଲଙ୍କର ଏହି ଘୋଷଣାରେ ଅଧିକାଂଶ ଆମେରିକୀୟ ଆନନ୍ଦ ପ୍ରକାଶ କରିଥିଲେ । ଆମେରିକା ଶାସନ ସଭାର ସଦସ୍ୟବୃନ୍ଦ ବିଶ୍ୱଯୁଦ୍ଧ ସଙ୍କଟ ସମୟରେ ଇଂରେଜ ସରକାରଙ୍କର ଭାରତୀୟମାନଙ୍କୁ ସ୍ୱାୟତ୍ତ ଶାସନ ଅଧିକାର ପ୍ରଦାନ ଘୋଷଣା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ଉଲ୍ଲେଖ କରି ନ୍ୟୁୟର୍କ ଟାଇମସ ସମ୍ବାଦ ପତ୍ରରେ ଏହି ଘୋଷଣାକୁ ଅତ୍ୟନ୍ତ ଉତ୍ସାହର ସହିତ ସ୍ୱାଗତ କରାଯାଇଥିଲା ।

ଭାରତ ଅଭିମୁଖେ ଯାତ୍ରା କରି କ୍ରିପ୍ସ ୧୯୪୨ ମସିହା ମାର୍ଚ୍ଚ ୨୨ ତାରିଖରେ ନୂଆଦିଲ୍ଲୀଠାରେ ପହଞ୍ଚିଥିଲେ । ଯୁଦ୍ଧ ପରେ ଏକ 'ନବ ଭାରତ ସ୍ୱାୟତ୍ତ ଶାସନ' ବା ଡୋମିନିଅନ ଶାସନ ବ୍ୟବସ୍ଥା ପ୍ରଚଳନ କରାଯିବା ବିଷୟରେ [illegible]

ମାତ୍ର । ଭାରତୀୟମାନଙ୍କର ଅଧିକାର ପ୍ରଦାନ ବିଷୟରେ ଏଥିରେ କୌଣସି ନିର୍ଭରଯୋଗ୍ୟ ଆଶ୍ୱାସନା ନଥିଲା, ତେଣୁ ଭାରତର ସବୁ ରାଜନୈତିକ ଦଳ ଏହାକୁ ପ୍ରତ୍ୟାଖ୍ୟାନ କଲେ ।

ଭାରତରେ କ୍ରିପ୍ସ ବିଭିନ୍ନ ରାଜନୈତିକ ନେତାଙ୍କ ସହ ଆଲୋଚନା କରୁଥିବା ବେଳେ ଏଣେ ଚର୍ଚ୍ଚିଲ ଭାରତ ବ୍ୟାପାରରେ ଇଂରେଜ ସରକାରଙ୍କ ପରିସ୍ଥିତି ବିଷୟରେ ରୁଜଭେଲ୍ଟଙ୍କୁ ପ୍ରଭାବିତ କରିବାରେ ବ୍ୟସ୍ତ ଥିଲେ । କିଛି ରାଜନୈତିକ, ସାମରିକ ଓ ଅନ୍ୟାନ୍ୟ କାରଣ ଯୋଗୁଁ ସମସ୍ୟା ସମାଧାନ ଦିଗରେ [illegible] କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧ ବିଷୟ ଉଲ୍ଲେଖ କରି ସେ ଗୋଟିଏ ପତ୍ରରେ ଲେଖିଥିଲେ, "ଆମେରିକୀୟମାନେ ଭାରତବର୍ଷରେ ହିନ୍ଦୁମାନଙ୍କ ମନୋଭାବ ସହିତ ପରିଚିତ । ମାତ୍ର ସେ ଦେଶର ମୁସଲମାନମାନଙ୍କର ମନୋଭାବ ସେମାନଙ୍କୁ ମଧ୍ୟ ଜଣାଇଦେବା ଉଚିତ ବୋଲି ମୁଁ ମନେ କରେ ।" ଚର୍ଚ୍ଚିଲ ଆହୁରି ରୁଜଭେଲ୍ଟଙ୍କ ନିକଟକୁ କେତେକ ପ୍ରମୁଖ ଦାୟିତ୍ୱସମ୍ପନ୍ନ ମୁସଲମାନ ନେତାଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀର ନକଲ ପଠାଇଥିଲେ । ସେହି ବିବରଣୀଗୁଡ଼ିକ ମଧ୍ୟରେ ମୁସଲମାନମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପାକିସ୍ଥାନ ରାଷ୍ଟ୍ର ଦାବି କରି ମୁସଲିମ୍ ଲିଗର ଅଧ୍ୟକ୍ଷ ଜିନ୍ନା ପ୍ରଦାନ କରିଥିବା ଆପତ୍ତି ବିବରଣୀ ଥିଲା ଅନ୍ୟତମ । ଇଂରେଜ ସରକାର ଯଦି କଂଗ୍ରେସ ଦ୍ୱାରା ଦିଆଯାଉଥିବା ଚାପରେ ପଡ଼ି ସ୍ୱତନ୍ତ୍ର ପାକିସ୍ଥାନ ବିଷୟରେ ଉଦାସୀନ ରହିବେ ତେବେ ଭାରତର ମୁସଲମାନ ସମ୍ପ୍ରଦାୟ ପ୍ରତି ଘୋର ଅପମାନ ହେବ ଏବଂ ଏହାର ଭୟାବହ ପରିଣାମ ସ୍ୱରୂପ ଯୁଦ୍ଧରେ ଭାରତୀୟ ମୁସଲମାନ ସମ୍ପ୍ରଦାୟ ଇଂରେଜମାନଙ୍କୁ ସମର୍ଥନ କରିବେ ନାହିଁ ।"ଭାଇସରାୟଙ୍କ କାର୍ଯ୍ୟକାରୀ ପରିଷଦର ଜଣେ ସଦସ୍ୟ ସାର୍ ଫିରୋଜ ଖାଁ ନୁନ୍ଙ୍କର ଅନୁରୂପ ଆପତ୍ତି ପତ୍ର ମଧ୍ୟ ରାଷ୍ଟ୍ରପତି ରୁଜଭେଲ୍ଟଙ୍କ ନିକଟକୁ ପଠାଯାଇଥିଲା । ରୁଜଭେଲ୍ଟଙ୍କ ନିକଟକୁ ପ୍ରେରିତ ଅନ୍ୟ ଗୋଟିଏ ଦଲିଲ ଥିଲା ଭାରତ ବ୍ୟାପାରର ରାଷ୍ଟ୍ର ସଚିବଙ୍କ ସାମରିକ ପରାମର୍ଶଦାତାଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀ । ଜାତୀୟ କଂଗ୍ରେସ ଓ ମୁସଲିମ ଲିଗ୍ ଦଳର ଦାବି ବିଷୟରେ ଉଲ୍ଲେଖ କରି ସେ ଦର୍ଶାଇଥିଲେ ଯେ, ପ୍ରଚଳିତ ଅବସ୍ଥାରେ ବର୍ତ୍ତମାନ କୌଣସି ମୌଳିକ ପରିବର୍ତ୍ତନ କରାଗଲେ ସୈନ୍ୟମାନଙ୍କ ମଧ୍ୟରେ ନାନା ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି ହେବ ।

ପ୍ରଚଳିତ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଗଲେ, ତାହା ପଞ୍ଜାବରେ ଦେଖାଦେଇଥିବା ଶିଖ ମୁସଲମାନ ବିଭେଦ ପରିସ୍ଥିତିକୁ ଅଧିକ ଜଟିଳ କରିବ ଓ ତାହା ଯୁଦ୍ଧ ସଂକ୍ରାନ୍ତ କାର୍ଯ୍ୟକ୍ରମକୁ ବିଶେଷ ଭାବରେ ପ୍ରଭାବିତ କରିବ ବୋଲି ପଞ୍ଜାବର ଗଭର୍ଣ୍ଣର ଦେଇଥିବା ପର୍ଯ୍ୟବେକ୍ଷଣ ବିବରଣୀକୁ ମଧ୍ୟ ରୁଜଭେଲ୍ଟଙ୍କ ଅବଗତି ନିମନ୍ତେ ପଠାଇ ଦିଆଯାଇଥିଲା ।

ଭାରତୀୟମାନଙ୍କ ମଧ୍ୟରେ ମତୈକ୍ୟର ଘୋର ଅଭାବ ଥିବା ହେତୁ ଏଭଳି ପରିସ୍ଥିତିରେ ପ୍ରଚଳିତ ଶାସନ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଗଲେ ଏସିଆରେ ମିତ୍ର ଶକ୍ତିର ସମୂହ ସ୍ୱାର୍ଥ ଯେ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହେବ – ଏହି ବିଷୟରେ ରୁଜଭେଲ୍ଟଙ୍କ ମଧ୍ୟରେ ଏକ ଧାରଣା ବଦ୍ଧମୂଳ କରାଇବା ଥିଲା ଚର୍ଚ୍ଚିଲଙ୍କର ଏକମାତ୍ର ଲକ୍ଷ୍ୟ ।

ମାତ୍ର ରୁଜଭେଲ୍ଟ ଚର୍ଚ୍ଚିଲଙ୍କ ଦୃଷ୍ଟିଭଙ୍ଗୀ ସହ ସହମତ ହୋଇ ପାରିଲେ ନାହିଁ ବରଂ ସେ କହିଥିଲେ ଯେ ବ୍ରିଟେନ ଓ ଭାରତ ମଧ୍ୟରେ ଏକ ଆପୋଷ ବୁଝାମଣା ସମ୍ଭବ ଏବଂ ଏତଦ୍ୱାରା ଏସିଆରେ ମିତ୍ର ଶକ୍ତିର ସମର ସ୍ୱାର୍ଥ ସୁରକ୍ଷିତ ରହିପାରିବ । ଭାରତ ସମସ୍ୟା ସମାଧାନ ଦିଗରେ କ୍ରିପ୍ସଙ୍କ କାର୍ଯ୍ୟକଳାପ ସମ୍ପର୍କରେ ପ୍ରତ୍ୟକ୍ଷ ସମ୍ବାଦ ପାଇବା ପାଇଁ ସେ ପୂର୍ବତନ ସହକାରୀ ଯୁଦ୍ଧ ସଚିବ କର୍ଣ୍ଣେଲ ଲୁଇ ଜନସନଙ୍କୁ ନିଜର ବ୍ୟକ୍ତିଗତ ପ୍ରତିନିଧି ଭାବରେ ଭାରତ ପଠାଇଥିଲେ ।

ବୁଝାମଣା ନିମନ୍ତେ ପଥ ସୁଗମ କରିବା ପାଇଁ ଜନସନ ଉଦ୍ୟମ କରିଥିଲେ ଓ କେତେକ କ୍ଷେତ୍ରରେ କ୍ରିପ୍ସଙ୍କୁ ସହାୟତା ମଧ୍ୟ ପ୍ରଦାନ

କରିଥିଲେ । ମାତ୍ର ଜନ୍‌ସନ୍‌ଙ୍କ ଏତାଦୃଶ ଭୂମିକାକୁ ଭାରତର ଗଭର୍ଣ୍ଣର ଜେନେରାଲ୍ ନାପସନ୍ଦ କରିଥିଲେ. ତାଙ୍କର ପରାମର୍ଶକୁ ବ୍ରିଟିଶ୍ ସ୍ୱାର୍ଥର ପରିପନ୍ଥୀ ବୋଲି ଉଲ୍ଲେଖ କରି କ୍ରିପ୍‌ସଙ୍କ ଲଣ୍ଡନ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଚର୍ଚ୍ଚିଲଙ୍କ ନିକଟକୁ ଏକ ପତ୍ର ଲେଖି ସେ ଜଣାଇଥିଲେ ଯେ, ତାଙ୍କ ସହ ଆଦୌ ପରାମର୍ଶ ନକରି କ୍ରିପ୍‌ସ ଜନ୍‌ସନ୍‌ଙ୍କ ମନ୍ତ୍ରଣାକ୍ରମେ ନେହେରୁଙ୍କ ନିକଟରେ ଏକ ନୂତନ ପ୍ରସ୍ତାବ କରିଛନ୍ତି । ଏହି ସମୟରେ ସେ ପୁନଶ୍ଚ ଦେଖିଥିଲେ ଯେ ମୂଳ ପ୍ରସ୍ତାବରେ ନେହେରୁଙ୍କୁ ରାଜି କରାଯାଇ ପାରିବାର ଯଥେଷ୍ଟ ସମ୍ଭାବନା ଥିବାବେଳେ ଜନ୍‌ସନ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇ କ୍ରିପ୍‌ସ ଏଭଳି ଏକ ନୂତନ ପ୍ରସ୍ତାବ ଆଗତ କରିବା ଅନାବଶ୍ୟକ ଥିଲା ! ଜନ୍‌ସନ୍‌ଙ୍କ ଏତାଦୃଶ ଅବାଞ୍ଛିତ ଭୂମିକାରେ ବିରକ୍ତ ପ୍ରକାଶ କରି ଗଭର୍ଣ୍ଣର ଜେନେରାଲ୍ ଲେଖିଥିଲେ ଯେ, "ଜନ୍‌ସନ୍‌ଙ୍କ କଥା ଓ କାର୍ଯ୍ୟରୁ ମନେ ହୁଏ ଯେପରି ଭାରତ ବ୍ୟାପାରରେ ସମସ୍ୟା ସମାଧାନ ପାଇଁ ମଧ୍ୟସ୍ଥି କରିବାକୁ ରୁଜଭେଲ୍ଟଙ୍କ ବ୍ୟକ୍ତିଗତ ପ୍ରତିନିଧି ଭାବରେ ତାଙ୍କୁ ଭାରତ ପଠାଯାଇଛି !"

ଏ ବିଷୟରେ ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟ ଚର୍ଚ୍ଚିଲ ଏକ ପତ୍ର ଲେଖିବାରେ ସେ ଜଣାଇଥିଲେ ଯେ, ଚାରୋଟି ସରକାର ସମ୍ପୃକ୍ତ ସମାଧାନ ପାଇଁ କିଭଳି ପ୍ରସ୍ତାବ ଦେବେ ସେ ବିଷୟରେ ମୁଁ ଲେଖିବା ପାଇଁ ଜନ୍‌ସନ୍‌ଙ୍କୁ ଭାରତ ପଠାଯାଇ ନାହିଁ, ଭାରତ ସମସ୍ୟା ସମାଧାନ ପାଇଁ ମଧ୍ୟସ୍ଥି କରିବାକୁ ବ୍ୟକ୍ତିଗତ ପ୍ରତିନିଧି ଭାବରେ ଜନ୍‌ସନ୍ [illegible] ଯାଇନାହାନ୍ତି, ଅପରପକ୍ଷେ କ୍ରିପ୍‌ସ ନିଜ ସୁବିଧା ପାଇଁ ଜନ୍‌ସନ୍‌ଙ୍କ ସହାୟତା ନେଇଥିଲେ କାରଣ ବ୍ରିଟିଶ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବରେ ତାଙ୍କୁ ଏ ବିଷୟରେ ମଧ୍ୟସ୍ଥତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଏପରିକି ସେ ଭାରତ ବ୍ୟାପାରରେ ସିଧାସଳଖ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଥିଲେ । ରାଷ୍ଟ୍ରପତି ରୁଜଭେଲ୍ଟ ଏହି ଚିଠିରେ ଅସନ୍ତୋଷ ପ୍ରକାଶ କରିଥିଲେ ଓ ଭାରତର ଗଭର୍ଣ୍ଣର ଜେନେରାଲଙ୍କୁ ଲେଖି ଜଣାଇ ଦେଇଥିଲେ ଯେ, ଜନ୍‌ସନ୍ ଭାରତରେ ବ୍ରିଟିଶ୍ ସ୍ୱାର୍ଥର ପରିପନ୍ଥୀ କୌଣସି କାର୍ଯ୍ୟ କରିଥିବାର କିଛି ପ୍ରମାଣ ନାହିଁ ।

ବ୍ରିଟିଶ୍ ସରକାର ଓ ଭାରତ ମଧ୍ୟରେ ଏକ ବୁଝାମଣା ପ୍ରତିଷ୍ଠା ଦେବା ଦିଗରେ ଆମେରିକାର ଆଗ୍ରହ ତଥା ପ୍ରଚ୍ଛନ୍ନ କୂଟନୈତିକ ଭୂମିକା ବହୁ ଭାରତୀୟ ନେତାଙ୍କୁ ବିଶେଷ ଭାବରେ ଉତ୍ସାହିତ କରିଥିଲା । [illegible] ମହାତ୍ମା ଗାନ୍ଧୀ ମନେ କରୁଥିଲେ ଯେ, ଭାରତ ବ୍ୟାପାର [illegible] ଚର୍ଚ୍ଚିଲଙ୍କର କୌଣସି ଆନ୍ତରିକତା ନାହିଁ, ସମସ୍ୟା ସମାଧାନ ଦିଗରେ [illegible] ପାଇଁ ସେ ଉପଯୁକ୍ତ ଭାରତ [illegible] ଆମେରିକୀୟମାନଙ୍କୁ [illegible]

[illegible]

କ୍ରିପ୍‌ସଙ୍କ ଭାରତ ଆଗମନ ଓ ବୁଝାମଣା ପ୍ରଚେଷ୍ଟା ଓ ବିଫଳତାକୁ ଏକ ପୂର୍ବନିର୍ଦ୍ଧାରିତ ଯୋଜନା ଭାବରେ ବର୍ଣ୍ଣନା କରି ଅନୁପ ସିଂହ ଉଲ୍ଲେଖ କରିଥିଲେ, "ବିଦେଶରେ ଭାରତକୁ ବଦନାମ କରି ବ୍ରିଟିଶ୍ ସରକାର ସପକ୍ଷରେ ଅନୁକୂଳ ସହାନୁଭୂତି ଆଦାୟ କରିବା ଉଦ୍ଦେଶ୍ୟରେ ଅଭିପ୍ରେତ କ୍ରିପ୍‌ସଙ୍କ ବୁଝାମଣା ଅଭିଯାନ କେବଳ ଏକ ଚାଲ ଥିଲା ।" କୂଟନୈତିକ ଦୃଷ୍ଟିକୋଣରୁ କ୍ରିପ୍‌ସଙ୍କ ବିଫଳତା ଥିଲା ଚର୍ଚ୍ଚିଲଙ୍କ ନିମନ୍ତେ ଏକ ବଡ ସାଫଲ୍ୟ । ବ୍ରିଟିଶ କର୍ତ୍ତୃପକ୍ଷ ଯେ ଯୋଗ୍ୟତାର ସହ ଉଦ୍ୟମ କରିଥିଲେ ତାହା କହିବା ପାଇଁ ଅନେକଙ୍କୁ ସୁଯୋଗ ମିଳିଲା । ଆମେରିକାରେ ଅବସ୍ଥିତ ବ୍ରିଟିଶ ସରକାରଙ୍କ ରାଜଦୂତ [illegible] ଭାରତ ସହ ବୁଝାମଣା କରିବା ଦିଗରେ ତାଙ୍କ ଦେଶର ଆନ୍ତରିକ ପ୍ରଚେଷ୍ଟା ବିଷୟରେ କାହାରି କୌଣସି ସନ୍ଦେହର ଅବକାଶ ନାହିଁ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟ ପକ୍ଷରେ ଭାରତ ବ୍ୟାପାରରେ [illegible] ଆମେରିକୀୟ ନାଗରିକ କ୍ରିପ୍‌ସଙ୍କ ବିଫଳତା ପାଇଁ ବ୍ରିଟିଶ ସରକାରଙ୍କୁ ଦାୟୀ କରି ଭାରତୀୟ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ ପ୍ରତ୍ୟକ୍ଷ ଆମେରିକାର ହସ୍ତକ୍ଷେପ ପାଇଁ ଦାବି କରିଥିଲେ । କ୍ରିପ୍‌ସଙ୍କ ଭାରତ ଗସ୍ତ ଓ ବୁଝାମଣା ଉଦ୍ୟମର ବିଫଳତା ସତ୍ତ୍ୱେ ସମାଧାନର ସମସ୍ତ ପଥ ରୁଦ୍ଧ ହୋଇଯାଇନି ବୋଲି ନିଜେ [illegible]

[illegible]

ନିର୍ଦ୍ଧାରଣ କରିବାକୁ ସମର୍ଥ ହୋଇପାରିବେ । ରୁଜଭେଲ୍ଟ ଲେଖିଥିଲେ "ଆପଣ ଏଭଳି ଏକ ପ୍ରସ୍ତାବ ଦେଇ ପାରିଲେ ଯଦ୍ୟପି କ୍ରିପ୍ସ ଭାରତୀୟ ନେତୃମାନଙ୍କୁ ଏକ ରାଜିନାମା ନିମନ୍ତେ ରାଜି କରାଇବାରେ ବିଫଳ ହୁଅନ୍ତି ତେବେ ଯୁକ୍ତରାଷ୍ଟ୍ରର ସାଧାରଣ ଜନତା ସନ୍ତୋଷର ସହିତ ଅନୁଭବ କରେ ଯେ ଉଦାର ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଅତ୍ୟନ୍ତ ଯୁକ୍ତିସଙ୍ଗତ ସାଧୁ ପ୍ରସ୍ତାବ ଦିଆଯାଇଥିଲା ଓ ଭୁଲମାନ ନହେବ ପାରିଲେ କାରଣ ସ୍ୱୟଂ ଶେଷରେ ଭାରତୀୟମାନଙ୍କୁ ହିଁ ଦାୟୀ ହେବେ ।"

ମାତ୍ର ରୁଜଭେଲ୍ଟଙ୍କର କୌଣସି ପ୍ରସ୍ତାବ ବା ପରାମର୍ଶକୁ ଗ୍ରହଣ କରିବା ପାଇଁ ମାନସିକ ସ୍ଥିତିରେ ଚର୍ଚ୍ଚିଲ ନଥିଲେ । କ୍ରିପ୍ସଙ୍କ ଭାରତ ଯାତ୍ରା ବିଫଳତାରେ ପର୍ଯ୍ୟବସିତ ହେବା ପରେ ବୁଝାମଣା ପାଇଁ ଆଲୋଚନାର ସମସ୍ତ ଦ୍ୱାର ରୁଦ୍ଧ ହୋଇଯାଇଛି ବୋଲି ସେ ଗ୍ରହଣ କରିନେଇଥିଲେ । ସମାଧାନ ପାଇଁ ଅନ୍ୟ କୌଣସି ମାର୍ଗ ଉନ୍ମୋଚନ କରିବା ନିମନ୍ତେ କ୍ରିପ୍ସଙ୍କୁ ପୁନର୍ବାର ପ୍ରବର୍ତ୍ତାଇବାର କିଛି ଅବକାଶ, ଆବଶ୍ୟକତା ବା ସମ୍ଭାବନା ତାଙ୍କର ଧାରଣା ନଥିଲା ବରଂ କ୍ରିପ୍ସ ଯଥାଶୀଘ୍ର ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବାରେ ସନ୍ତୋଷ ପ୍ରକାଶ କରି ସେ କହିଥିଲେ, "ମୁଁ ଅତ୍ୟନ୍ତ ଖୁସି ଯେ ସେମାନେ କାଳ ବିଳମ୍ବ ନକରି ଘରକୁ ଫେରି ଆସିଛନ୍ତି ।" ରୁଜଭେଲ୍ଟଙ୍କର ପତ୍ର ପରାମର୍ଶ ସମ୍ପର୍କରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ ତାହାକୁ 'ମସ୍ତିଷ୍କ ବିଭ୍ରମ' ବୋଲି ଉଲ୍ଲେଖ କରି କଡ଼ା ଭାଷାରେ ସମାଲୋଚନା କରିଥିଲେ । ରୁଜଭେଲ୍ଟଙ୍କ ପରାମର୍ଶକୁ ବ୍ୟଙ୍ଗ କରି ସେ କହିଥିଲେ ଯେ, ବ୍ରିଟିଶ୍ ସରକାରଙ୍କ ସ୍ୱାର୍ଥ-ସମ୍ବଳିତ ବ୍ୟାପାରରେ ଯୁକ୍ତରାଷ୍ଟ୍ର ଆମେରିକାର ଅଦୂରଦର୍ଶୀ ପରାମର୍ଶ ବଢ଼ ବିପ୍ଳବକର; ଭାରତ ସଂପୃକ୍ତ ସମସ୍ୟାକୁ ନେଇ ଯୁକ୍ତରାଷ୍ଟ୍ର ଆମେରିକାରେ କୌଣସି ପ୍ରକାର ଜନମତ ପ୍ରକାଶ ପାଇବା ଓ ଉକ୍ତ ସମସ୍ୟା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକାର ଜନମତକୁ ବିଶ୍ୱାସକୁ ନେବାରେ କୌଣସି ପ୍ରାସଙ୍ଗିକତା ନାହିଁ ।"

ରୁଜଭେଲ୍ଟଙ୍କ ପତ୍ର ଉତ୍ତରରେ ସେ ତାଙ୍କୁ ସତର୍କ କରିଦେଇ ଲେଖିଥିଲେ, "ଆପଣ ଓ ମୋ ଭିତରେ କୌଣସି ଏକ ଗୁରୁତର ମତଭେଦ ମୋ ପାଇଁ ହୃଦୟ ବିଦାରକ ବ୍ୟଥାର କାରଣ ହେବ ଏବଂ ଏହା ଫଳରେ ମହାଯୁଦ୍ଧର ଏଭଳି ଏକ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଦୁଇଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ନିଶ୍ଚିତ ଭାବରେ କ୍ଷୁର୍ଣ୍ଣ ହେବ ।"

ଚର୍ଚ୍ଚିଲଙ୍କର ଏବଂବିଧ ପ୍ରତିକ୍ରିୟା ପରେ ରୁଜଭେଲ୍ଟ ନୀରବ ହୋଇଯାଇଥିଲେ । ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଛିନ୍ନ ହୋଇଯିବାର ଆଶଙ୍କାରେ ସେ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ଉପରେ ଆଉ ଅଧିକ କୂଟନୈତିକ ଚାପ ପ୍ରୟୋଗ କରିବାକୁ ସମୀଚୀନ ମନେ କଲେନାହିଁ । ଫଳରେ ଭାରତର ସ୍ୱାଧୀନତା ହାସଲ ଅଧିକାରକୁ ସ୍ୱୀକୃତି ଦେବାକୁ ବ୍ରିଟିଶ୍ ସାମ୍ରାଜ୍ୟବାଦ ନୀତି ଉପରେ ଚାପ ପକାଇ କୃତକାର୍ଯ୍ୟ ହେବା ପାଇଁ ଆମେରିକାର ପ୍ରଚେଷ୍ଟା ବିଫଳ ହୋଇଥିଲା ।

୯୦ ନମ୍ବର ଭୁବନେଶ୍ୱରୀ କଲୋନୀ,
ଭୁବନେଶ୍ୱର-୬



# ଭାରତର ଜାତୀୟ ରାଜନୀତିରେ ମହାତ୍ମାଗାନ୍ଧୀ

ଶ୍ରୀ ବ୍ରଜ ମୋହନ ସାମନ୍ତରାୟ

'ତୁଳସୀ ଦୁଇପତ୍ରରୁ ବାସେ' । ଏହି ଉକ୍ତିର ଯଥାର୍ଥତା ବାପୁଜୀଙ୍କ ଜୀବନଯାତ୍ରାର ପହିଲି ସୋପାନରୁ ପ୍ରତିଫଳିତ । ସେ ଥିଲେ ଜାତିର ଏକ ଅଲେଖ୍ୟ । ଭାରତ ଇତିହାସର ଏକ ଅବିସ୍ମରଣୀୟ ସ୍ରଷ୍ଟା ।

ମୋହନଦାସ କରମଚାନ୍ଦ ଗାନ୍ଧୀ ୧୮୬୯ ଖ୍ରୀ:ଅ: ଅକ୍ଟୋବର ୨ ତାରିଖରେ ଗୁଜୁରାଟର ପୋରବନ୍ଦରଠାରେ ଏକ ବୈଶ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନକ କରମଚାନ୍ଦ ଗାନ୍ଧୀ ପୋରବନ୍ଦର ରାଣାଙ୍କର ଦେୱାନ୍ ଥିଲେ । ମାତା ପୁତୁଳିବାଈ ଏକ ଧର୍ମପ୍ରାଣା ମହିଳା । ପିତାମାତାଙ୍କର ମହାନ୍ ଆଦର୍ଶ, ଶୁଦ୍ଧପୂତ ଜୀବନ ମୋହନଦାସଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ତାଙ୍କ ଜାତୀୟ ଜୀବନର ପୃଷ୍ଠପଟ ଏହି ସ୍ୱର୍ଗୀୟ ଆଲୋକ ସମ୍ପାତରେ ଉଦ୍ଭାସିତ ହୋଇଥିଲା ।

**ଜୀବନଯାତ୍ରାର ଶୁଭାରମ୍ଭ :**

ମୋହନଦାସ ତ୍ରୟୋଦଶ ବର୍ଷ ବୟସରେ ସମବୟସ୍କା କସ୍ତୁରବାଈଙ୍କୁ ବିବାହ କରିଥିଲେ । କସ୍ତୁରବାଈ ଏକ ମହାନ୍ ଆଦର୍ଶର ପ୍ରତିଛବି । ଧର୍ମପରାୟଣା, ସାରଲ୍ୟର ପ୍ରତୀକ ଓ ପତିବ୍ରତା ଥିଲେ । ମୋହନଦାସ ପିତାଙ୍କୁ ଷୋଳବର୍ଷ ବୟସରେ ହରାଇଥିଲେ । ଦୁଇବର୍ଷରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମହାବିଦ୍ୟାଳୟରେ ନାମ ନମୋଦ କଲେ । ଗାନ୍ଧୀ ପରିବାରର ଅନେକ ଶୁଭେଚ୍ଛୁକ ବନ୍ଧୁ ମୋହନଦାସଙ୍କୁ ବାରିଷ୍ଟରୀ ପଢିବା ପାଇଁ ଇଂଲଣ୍ଡ ପଠାଇବା ପାଇଁ ପରାମର୍ଶ ଦେଲେ । ଧର୍ମପରାୟଣା ଜନନୀ ପୁତୁଳିବାଈ ପ୍ରଥମେ ରାଜି ନ ଥିଲେ, କିନ୍ତୁ ମୋହନଦାସ ମାତାଙ୍କ ନିକଟରେ ବିଲାତରେ ମାଛ, ମାଂସ, ମଦ ସ୍ପର୍ଶ କରିବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହେବାରୁ ସରଳା, ଧର୍ମପ୍ରାଣା ଜନନୀ ରାଜି ହେଲେ । ବିଲାତ ଯାତ୍ରା ଗାନ୍ଧିଜୀଙ୍କ ଜୀବନରେ ଏକ ନୂତନ ଭଙ୍ଗୀ ନେଲା ।

୧୮୮୮ ଖ୍ରୀ:ଅ:ରେ ଗାନ୍ଧିଜୀ ଇଂଲଣ୍ଡ ଯାତ୍ରା କଲେ । ସେଠାରେ ବାରିଷ୍ଟରୀ ପାଶ୍ କରି ୧୮୯୧ ଖ୍ରୀ:ଅ:ରେ ଭାରତ ଫେରିବେ । ଇତିମଧ୍ୟରେ ତାଙ୍କର ସ୍ନେହମୟୀ ମାତାଙ୍କର ମୃତ୍ୟୁ ଘଟିଲା, କିନ୍ତୁ ଗାନ୍ଧିଜୀଙ୍କୁ ଏହି ମୃତ୍ୟୁ ସମ୍ବାଦ ଜଣାଇ ଦିଆଯାଇ ନ ଥିଲା । ଗାନ୍ଧିଜୀ ପ୍ରଥମେ ରାଜକୋଟଠାରେ ଓ ପରେ ବମ୍ବେଠାରେ ଆଇନ୍ ବ୍ୟବସାୟ ଆରମ୍ଭ କଲେ । ମାତ୍ର ଅଳ୍ପକାଳ ପରେ ଜଣେ ମୁସଲମାନ୍ ବ୍ୟକ୍ତିଙ୍କର ଏକ ଅନୁଷ୍ଠାନ ପକ୍ଷରୁ ମକଦମା ଲଢିବା ପାଇଁ ଦକ୍ଷିଣ ଆଫ୍ରିକା ଯାତ୍ରା କଲେ । ଦକ୍ଷିଣ ଆଫ୍ରିକାରେ ସେ ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲେ । ଯାହାଫଳରେ ତାଙ୍କୁ ସେଠାରେ ୨୦ ବର୍ଷରୁ ଅଧିକ କାଳ ଅତିବାହିତ କରିବାକୁ ପଡିଲା । ଜୀବନସୋପାନର ଏକ ନୂତନ ଶିଳାନ୍ୟାସ ହେଲା । ଗାନ୍ଧିଜୀଙ୍କର ଆଧ୍ୟାତ୍ମିକତା ଓ ପ୍ରତିଭାର ବିକାଶ ଆଫ୍ରିକାର ଇତିହାସରେ ଏକ ନବୀନ ଅଧା ସୃଷ୍ଟିକଲା ଓ ତାଙ୍କର ମହୀୟାନ୍ ଭବିଷ୍ୟତର ଶିଳାନ୍ୟାସ ହେଲା ।

**ଦକ୍ଷିଣ ଆଫ୍ରିକା ଓ ବାପୁଜୀ– ଜୀବନର ଏକ ନବୋଦୟ :**

ଭାରତଭଳି ଦକ୍ଷିଣ ଆଫ୍ରିକା ଇଂରେଜମାନଙ୍କର ଏକ ଉପନିବେଶ ଥିଲା । ଇଂରେଜମାନଙ୍କ ସଂଖ୍ୟା ସେଠାରେ କମ୍ ଥିଲେ ମଧ୍ୟ କଳା, ଗୋରାର ପ୍ରକାରଭେଦ ଅତି ଜଘନ୍ୟ ରୂପ ଧାରଣ କରିଥିଲା । ଇଂରେଜମାନେ ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରି ଦମନ କରି ଚାଲିଥିଲେ । ଭାରତର ଅନେକ ବଣିକ, ଶ୍ରମିକ ଓ ବୃତ୍ତିଜୀବୀ ଦକ୍ଷିଣ ଆଫ୍ରିକାରେ ବାସ କରୁଥିଲେ । ସେମାନଙ୍କ ସଂଖ୍ୟା ପ୍ରାୟ ଦେଢଲକ୍ଷ ଥିଲା । ଇଉରୋପୀୟମାନେ ସେମାନଙ୍କୁ 'ଭାରତୀୟ କୁଲି' ଆଖ୍ୟାରେ ଅଖ୍ୟାୟିତ କରିଥିଲେ ଓ ସେମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିବା ପାଇଁ ପଛଘୁଞ୍ଚା ଦେଉ ନ ଥିଲେ । ଏହି ଅତ୍ୟାଚାରର ମର୍ମନ୍ତୁଦ ଦୃଶ୍ୟ ବାପୁଜୀଙ୍କୁ ଗଭୀର ଆଘାତ ଦେଇଥିଲା । ସେ ଆଇନ୍ ବ୍ୟବସାୟ ପରିତ୍ୟାଗ କରି,

ପଦଦଳିତ, ଅବହେଳିତ, ନିଷ୍ପେଷିତ ଭାରତୀୟମାନଙ୍କର ପ୍ରତିନିଧିରୂପେ ଠିଆହେଲେ । ଗୋରାମାନେ ତାଙ୍କୁ ସେହିପରି ଭାବରେ ଗ୍ରହଣ କରିବା ପାଇଁ କୁଣ୍ଠା ପ୍ରକାଶ କଲେ ନାହିଁ । ବାପୁଜୀ ଥରେ ରେଳଗାଡ଼ିର ପ୍ରଥମଶ୍ରେଣୀ ପ୍ରକୋଷ୍ଠରେ ଯାତ୍ରା କରୁଥିବା ବେଳେ, ଜଣେ ଗୋରା ତାଙ୍କୁ ଡବା ଭିତରୁ ପ୍ଲାଟ୍‌ଫର୍ମକୁ ବାହାର କରିଦେଇଥିଲେ । ଅନ୍ୟାନ୍ୟ ଭାରତୀୟମାନଙ୍କ ସହ ସେ ନିର୍ଯ୍ୟାତିତ ହୋଇଥିଲେ । ଜୀବନରେ ସେ ଏହି ନିର୍ଯ୍ୟାତନାକୁ ଏକ ଆହ୍ବାନ ରୂପେ ଗ୍ରହଣ କରି, ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।

## ଗାନ୍ଧିଜୀ ଓ ତାଙ୍କ ଆନ୍ଦୋଳନର ଆଭିମୁଖ୍ୟ ଏକ ଅଭୂତପୂର୍ବ ପର୍ବ :

ତାଙ୍କର ଆନ୍ଦୋଳନର ମାର୍ଗ ଅଭିନବ ଓ ଅଭୂତପୂର୍ବ । ସେ ଅନ୍ତରେ ଅନ୍ତରେ ଉପଲବ୍ଧି କରିଥିଲେ, ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ସରକାରଙ୍କୁ ପରାକ୍ରମରେ ପାରିହେବ ନାହିଁ । ସେଥିପାଇଁ ସେ ଏକ ନୂତନ ପଦ୍ଧତି ଅନୁସରଣ କରିଥିଲେ । ଏହା ଥିଲା **ନିଷ୍କ୍ରିୟ** ପ୍ରତିରୋଧ (Passive Resistance). ଗାନ୍ଧିଜୀ ଏହାକୁ ସତ୍ୟାଗ୍ରହ ନାମରେ ଅଭିହିତ କଲେ । 'ସତ୍ୟାଗ୍ରହର ମୂଳମନ୍ତ୍ର ଥିଲା, ସତ୍ୟ, ଅହିଂସା, ପ୍ରେମ ଓ ତ୍ୟାଗ । ଏହି ମୂଳମନ୍ତ୍ରରେ ମନ୍ତ୍ରିତ କଲେ ତାଙ୍କର ସହକର୍ମୀ ଓ ସହଯୋଗୀମାନଙ୍କୁ । ଇଂରେଜ୍ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ ସ୍ୱର ଟେକିବା ପାଇଁ ଜନତାକୁ ଉଦ୍‌ବୋଧନ ଦେଲେ । ବିନା ପ୍ରତିବାଦରେ, ପ୍ରତିରୋଧରେ ନିର୍ଯ୍ୟାତନା ଓ କାରାଦଣ୍ଡ ଭୋଗ କରିବା ପାଇଁ ଉପଦେଶ ଦେଲେ । ହସିହସି ମୃତ୍ୟୁକୁ ବରଣ କରିବା ପାଇଁ ସତ୍‌ସାହସର ବୀଜବପନ କଲେ । କାରଣ ଗାନ୍ଧିଜୀ ଜାଣିଥିଲେ, ବିଦ୍ରୋହର ମାର୍ଗ କଣ୍ଟକିତ, ଦୁର୍ଗମ ଓ ଖୁବ୍ ଦୀର୍ଘ ଅଟେ । ତାଙ୍କର ଦୃଢ଼ ଅବଧାରଣା ଥିଲା, ହିଂସା ଉପରେ ଅହିଂସାର ଜୟ, ବିଦ୍ୱେଷ ଉପରେ ପ୍ରେମର ବିଜୟ, ଅସତ୍ୟ ଉପରେ ସତ୍ୟର ଜୟଧ୍ୱନୀ । ସେ ଗୋରାମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ରାଜନୈତିକ ଚରିତ୍ରର ଏହା ଏକ ବୈଶିଷ୍ଟ୍ୟ । ଅତୁଳି ଏକ ମହନୀୟତା ବାପୁଜୀଙ୍କର ପରିସ୍ଫୁଟ ହୋଇଥିଲା । ସଙ୍କଟ ସମୟରେ ଗୋରାମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜ ଜୀବନକୁ ସଙ୍କଟାପନ୍ନ କରୁଥିଲେ । ତାଙ୍କର ସେବାଗୁଣ ଓ ସାହସିକତା ପାଇଁ ସେ ବହୁବାର ଦକ୍ଷିଣ ଆଫ୍ରିକା ସରକାରଙ୍କଠାରୁ ପ୍ରଶଂସାପତ୍ର ଲାଭ କରିଥିଲେ । ଗାନ୍ଧିଜୀଙ୍କ ନୀତି ଓ ଦର୍ଶନମାର୍ଗକୁ ପ୍ରଥମେ କେହି ବୁଝିପାରୁ ନ ଥିଲେ, ଏଣୁ ସେ ବହୁବାର ବିଦ୍ରୂପର ଶୀକାର ହେଉଥିଲେ । **ସମୟ ତା'ର ନିଷ୍ପତ୍ତି ଦିଏ ।** କ୍ରମେ କ୍ରମେ ଲୋକେ ତାଙ୍କର ନୈତିକତା ଓ ଆଧ୍ୟାତ୍ମିକତାର ଗୁରୁତ୍ୱ ଉପଲବ୍ଧି କଲେ ଓ ତାଙ୍କର ନୀତି ଅନୁସରଣ କରିବା ପାଇଁ ବଦ୍ଧପରିକର ହେଲେ । ଫଳରେ 'ସତ୍ୟାଗ୍ରହ' ଆନ୍ଦୋଳନ ବ୍ୟାପକ ଓ ଶକ୍ତିଶାଳୀ ହେଲା । ପରିଶେଷରେ ସରକାର ମଧ୍ୟ ଗାନ୍ଧିଜୀଙ୍କ ଆଗରେ ମୁଣ୍ଡ ନୁଆଁଇଲେ ଏବଂ ଭାରତୀୟମାନଙ୍କ ଅନେକ ଦାବି ପୂରଣ ହୋଇ ଆଇନ୍ ପ୍ରଣୀତ ହେଲା । ଦକ୍ଷିଣ ଆଫ୍ରିକା ପ୍ରଶାସନିକ ଇତିହାସରେ ଏହା ଏକ ଗୌରବମୟ ପର୍ଯ୍ୟାୟ । ଦକ୍ଷିଣ ଆଫ୍ରିକାର ନିଷ୍ଠୁର ସେନାପତି ଓ ପ୍ରଶାସକ ଜେନେରାଲ୍ ସ୍ମଟ୍‌ସ୍ (General Smuts) ଗାନ୍ଧିଜୀଙ୍କୁ କହିଥିଲେ, "ତୁମକୁ କ'ଣ କରିବାକୁ ହେବ, ମୁଁ ଚିନ୍ତା କରିପାରୁନାହିଁ । ଆମ ବିପଦରେ ତୁମେ ଆମକୁ ସାହାଯ୍ୟ କରୁଛ, ତୁମ ବିରୁଦ୍ଧରେ ଆମ ହାତ ଉଠିବ କିପରି ? ତୁମେ ଶତ୍ରୁକୁ ମଧ୍ୟ ଆଘାତ ଦେବାକୁ ଚାହୁଁନାହିଁ । ତୁମେ କଷ୍ଟ ବରଣ କରି, ବିଜୟ କାମନା କରୁଛ । ଶିଷ୍ଟତା ଓ ମାନବିକତାର ସୀମା କେବେବି ଅତିକ୍ରମ କରୁନାହିଁ । ବାସ୍ତବିକ୍, ତୁମର ବ୍ୟବହାର ଆମକୁ ନିରୁପାୟ କରିଦେଇଛି ।" ଜେନେରାଲ୍ ସ୍ମଟ୍‌ସ୍‌ଙ୍କର ଏହି ସ୍ୱୀକାରୋକ୍ତିରେ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନର ମୂଲ୍ୟାଙ୍କନ ଯଥାର୍ଥ ଭାବରେ କରାଯାଇଅଛି । ବାସ୍ତବିକ୍, ଗାନ୍ଧିଜୀଙ୍କ ଚରିତ୍ର ପରିପ୍ରକାଶନ ଓ ରୂପାୟନ ଭାରତ ଇତିହାସର ଏକ ସ୍ୱର୍ଣ୍ଣ ଅଧ୍ୟାୟ । ତାଙ୍କର ଜୀବନଧାରା, ଚାରିତ୍ରିକ ପ୍ରାବଲ୍ୟ ଏକ ଚୁମ୍ବକର ଆକର୍ଷଣ ।

## ଗାନ୍ଧିଜୀଙ୍କ ଜୀବନଯାତ୍ରାର ଆଉ ଏକ ପର୍ଯ୍ୟାୟ – ଭାରତରେ ପ୍ରଥମ ସୂର୍ଯ୍ୟୋଦୟ :

୧୯୧୪ ମସିହା ଜୁଲାଇ ମାସରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକା ପରିତ୍ୟାଗ କରି ଇଂଲଣ୍ଡ ଯାତ୍ରା କଲେ ଏବଂ ସେଠାରୁ ୧୯୧୫ ଖ୍ରୀ.ଅ. ଜାନୁୟାରୀ ମାସରେ ଭାରତକୁ ଫେରିଲେ । ୧୮୯୩ ମସିହାରୁ ୧୯୧୫ ପର୍ଯ୍ୟନ୍ତ ଗାନ୍ଧିଜୀ ଭାରତର ରାଜନୈତିକ ଘଟଣାବଳି ସହ ଆଦୌ ସମ୍ପୃକ୍ତ ନ ଥିଲେ । ମୁଷ୍ଟିମେୟ ଭାରତୀୟ ନେତା ଗାନ୍ଧିଜୀଙ୍କ ଦକ୍ଷିଣ ଆଫ୍ରିକାରେ 'ସତ୍ୟାଗ୍ରହ' ଆନ୍ଦୋଳନ ସମ୍ପର୍କରେ ଭଲଭାବରେ ଅଭିହିତ ଥିଲେ । କିନ୍ତୁ ଭାରତର ସାଧାରଣ ଲୋକଙ୍କ ଆଗରେ ସେ ଥିଲେ ସମ୍ପୂର୍ଣ୍ଣ ଅପରିଚିତ । ସୂର୍ଯ୍ୟୋଦୟ ହେଲା ଭାରତର ନୀଳାକାଶରେ । ଗାନ୍ଧିଜୀ ଦେଶର ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛା ପୋଷଣ କଲେ । ସହାୟକ ଖୋଜି ବସେ ବିଶ୍ୱଲୋକ ଠିକ୍ ସମୟରେ ଚଲାପଥ ପ୍ରସ୍ତୁତ କରିବା ପାଇଁ । ଗାନ୍ଧିଜୀ ଯଥା ସମୟରେ ଉଦାରବାଦୀ ନେତା ଗୋପାଳକୃଷ୍ଣ ଗୋଖଲେଙ୍କୁ ତାଙ୍କର ରାଜନୈତିକ ଗୁରୁ ରୂପେ ଗ୍ରହଣ କଲେ । ତାଙ୍କର ଭାରତୀୟ ଲୋକସେବକ ସମାଜରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମାତ୍ର କେତେକଙ୍କର ଆପତ୍ତି ଯୋଗୁଁ ସେ ଏହି ଅନୁଷ୍ଠାନର ସଦସ୍ୟ ହୋଇ ପାରିଲେ ନାହିଁ । ୧୯୧୫ ଖ୍ରୀ.ଅ.ରେ ଗୋଖଲେଙ୍କର ମୃତ୍ୟୁ ହେବାରୁ ଏ ପ୍ରଶ୍ନ ଆଉ ଉତ୍‌ଥାପିତ ହେଲା ନାହିଁ ।

## 'ସାବରମତୀ' ଆଶ୍ରମରେ ଗାନ୍ଧିଜୀ :

ଅହମଦାବାଦ୍ ନିକଟରେ ସାବରମତୀ ନଦୀକୂଳରେ ୧୯୧୫ ଖ୍ରୀ.ଅ.ରେ ଏକ ଆଶ୍ରମ ଗଠନ କଲେ । ଏହି ପୁଣ୍ୟପୀଠ ସତ୍ୟାଗ୍ରହ ଆଶ୍ରମ ନାମରେ ଅଭିହିତ ହେଲା । ସତ୍ୟ, ଅହିଂସା, ସାଧୁତା, ନିର୍ଭିକତା, ଦେଶପ୍ରାଣତା ପ୍ରଭୃତି ମହନୀୟ ଗୁଣର ଅଧିକାରୀ ହୋଇ, ଦେଶ, ଜାତିର ଧର୍ମ ନିର୍ବିଶେଷରେ ସେବା କରିବା ପାଇଁ ଏହି ଆଶ୍ରମର ମୂଳ ଲକ୍ଷ୍ୟ ଥିଲା । ଏହି 'ପୁଣ୍ୟାଶ୍ରମ' ୧୯୩୧ ମସିହା ପର୍ଯ୍ୟନ୍ତ ଗାନ୍ଧିଜୀଙ୍କର ମୁଖ୍ୟ ଅନୁଷ୍ଠାନ ହୋଇ ରହିଥିଲା । ସେହିବର୍ଷ ଆଇନ୍ ଅମାନ୍ୟ, ଲବଣ ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ଗାନ୍ଧିଜୀ ଆଶ୍ରମ ତ୍ୟାଗ କରି, ୱାର୍ଦ୍ଧା ନିକଟସ୍ଥ 'ସେବାଗ୍ରାମ'ଠାରେ ଅନ୍ୟ ଏକ ଆଶ୍ରମ ପ୍ରତିଷ୍ଠା କଲେ ।

## ପରୀକ୍ଷାର ସମ୍ମୁଖୀନ ଗାନ୍ଧିଜୀ – ପ୍ରଥମ ପର୍ଯ୍ୟାୟ :

ସତ୍ୟାଗ୍ରହର ପ୍ରଥମ ପରୀକ୍ଷା ୧୯୧୭ ଖ୍ରୀ:ଅ:ରେ ବିହାର ପ୍ରଦେଶରେ । ସେହି ସମୟରେ ବିହାରର ଉତ୍ତର ଭାଗରେ ଇଉରୋପୀୟ ଜମିଦାରମାନେ 'ନୀଳଚାଷ'ରୁ ଅତ୍ୟଧିକ ଲାଭ ପାଉଥିଲେ । ସାଧାରଣ ଚାଷୀ ଓ ଶ୍ରମିକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ଗାନ୍ଧିଜୀ ଅତିଷ୍ଠ ହୋଇଉଠିଲେ । ବିହାରର 'ଚମ୍ପାରଣ' ଜିଲ୍ଲାକୁ ଯାଇ ସତ୍ୟାଗ୍ରହ ଆରମ୍ଭ କଲେ । ସତ୍ୟାଗ୍ରହ ସଫଳତା ଲାଭ କଲା । ବିହାର ସରକାର ଆଇନ୍ ପ୍ରଣୟନ କରି ଚାଷୀମାନଙ୍କୁ କେତେକ ସୁବିଧା ପ୍ରଦାନ କଲେ । ୧୯୧୮ ଖ୍ରୀ:ଅ:ରେ ଗାନ୍ଧିଜୀ ଗୁଜୁରାଟ 'କଇରା'ଠାରେ ଟିକସ ବନ୍ଦ ଆନ୍ଦୋଳନ ଆରମ୍ଭ କରି ସଫଳତା ଲାଭ କଲେ । ସେହିବର୍ଷ 'ଅହମଦାବାଦ୍'ର ମିଲ୍ ଶ୍ରମିକଙ୍କ ପାଇଁ ସତ୍ୟାଗ୍ରହ କରି ମଜୁରୀ ବୃଦ୍ଧି କରିଥିଲେ ।

ଗାନ୍ଧିଜୀ ପ୍ରଥମେ ଉଦାରପନ୍ଥୀ ଦଳପ୍ରତି ଅନୁରକ୍ତ ଥିଲେ । 'ଗୋଖଲେ'ଙ୍କର ଆଦର୍ଶ ତାଙ୍କ ଜୀବନ ପରୀକ୍ଷାର ଏକ ପର୍ଯ୍ୟାୟ । ବ୍ରିଟିଶ୍ ସରକାରଙ୍କ ପ୍ରତି ତାଙ୍କର ପୂର୍ଣ୍ଣ ଆନୁଗତ୍ୟ ଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସେ ମିତ୍ରପକ୍ଷଙ୍କୁ ସାହାଯ୍ୟ କରିବା ପାଇଁ ଏକ ସ୍ୱେଚ୍ଛାସେବକ ବାହିନୀ ଗଠନ କରିଥିଲେ । ତାଙ୍କ ସେବାରେ ଅତୀବ ସନ୍ତୁଷ୍ଟ ହୋଇ ବ୍ରିଟିଶ୍ ସରକାର ତାଙ୍କୁ 'କାଇସର୍-ଇ-ହିନ୍ଦ୍' ଉପାଧିରେ ବିଭୂଷିତ କଲେ । ଗାନ୍ଧିଜୀ ସର୍ବଦା ଆଶାବାଦୀ । ଇଂରେଜ୍ ସରକାରଙ୍କ ସହଯୋଗ ପ୍ରତିଷ୍ଠା କରି, ଶାନ୍ତିପୂର୍ଣ୍ଣଭାବରେ ସମ୍ବିଧାନିକ ଉପାୟରେ ଭାରତୀୟମାନଙ୍କ ଅବସ୍ଥାର ଉନ୍ନତି କରିପାରିବେ ବୋଲି ଆଶା ପୋଷଣ କରିଥିଲେ । ମାତ୍ର ୧୯୧୮ ଖ୍ରୀ:ଅ:ରେ 'ରାଓଲଟ୍' ଆଇନ୍ ପ୍ରଣୟନ ଓ ୧୯୧୯ ଖ୍ରୀ:ଅ:ରେ 'ଜାଲିଆନାୱାଲାବାଗ୍' ଅମାନୁଷିକ ଅତ୍ୟାଚାର, ହତ୍ୟାକାଣ୍ଡରେ ତାଙ୍କର ସବୁ ଆଶା ଓ ଭରସାର ଦୀପାଳୀ ନିର୍ବାପିତ ହେଲା । ନିର୍ବାପିତ ଦୀପଶିଖା ତାଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେଲା । ସତ୍ୟାଗ୍ରହ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଦୃଢ଼ ସଙ୍କଳ୍ପ ନେଲେ ।

## ଦ୍ୱିତୀୟ ପର୍ଯ୍ୟାୟରେ ଆନ୍ଦୋଳନର ଦୀପଶିଖା କ୍ରମଶଃ ପ୍ରଜ୍ୱଳିତ ହେଲା :

୧୯୨୦–୨୧ ଖ୍ରୀ:ଅ:ରେ ଅସହଯୋଗ ଆନ୍ଦୋଳନ, ୧୯୩୦–୩୧ ଖ୍ରୀ:ଅ:ରେ ଆଇନ୍ ଅମାନ୍ୟ ଆନ୍ଦୋଳନ, ୧୯୪୦ ଖ୍ରୀ:ଅ:ରେ ବ୍ୟକ୍ତିଗତ ଆଇନ୍ ଅମାନ୍ୟ ଆନ୍ଦୋଳନ ଏବଂ ୧୯୪୨ ଖ୍ରୀ:ଅ:ରେ 'ଭାରତ ଛାଡ ଆନ୍ଦୋଳନ'ର ପ୍ରଦୀପ୍ତ ଦୀପଶିଖା ସାମ୍ରାଜ୍ୟବାଦୀ ଇଂରେଜ୍ ଶାସନ-ଆକାଶରେ ଏକ ବଳିଷ୍ଠ ପ୍ରତିକ୍ରିୟାଶୀଳ, ପ୍ରତିହତ ପ୍ରତିଫଳନ ସୃଷ୍ଟି କଲା । ପାଶ୍ଚାତ୍ୟ ଆକାଶରେ ବାରମ୍ବାର ପ୍ରତିବନ୍ଧ ପ୍ରତିବିମ୍ବିତ ବିଦ୍ୟୁତର ପ୍ରତିଫଳନ । ଏଥିରେ ସତ୍ୟ, ଗାନ୍ଧିଜୀଙ୍କର ବୈଶିଷ୍ଟ୍ୟର ରୂପାୟନ ଉଲ୍ଲେଖଯୋଗ୍ୟ । ସେ ସର୍ବଦା ଅହିଂସା ନୀତିରେ ଗାନ୍ଧିଜୀ ଥିଲେ ଅଟଳ । ସେ କହୁଥିଲେ, **"ଜଣେ ରାଜନୀତିଜ୍ଞର ପୋଷାକ ପରିଧାନ କରିଥିଲେ ମଧ୍ୟ, ମୁଁ ଅନ୍ତରରେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଅଟେ"** ।

## ବୈଶିଷ୍ଟ୍ୟର ପ୍ରମାଣପତ୍ର :

ଯଦି ଗାନ୍ଧିଜୀ କେବଳ ରାଜନୈତିକ ନେତା ରୂପେ ଭାରତର ସ୍ୱାଧୀନତା ସଂଗ୍ରାମର ସାରଥି ହୋଇଥାନ୍ତେ, ତେବେ ତାଙ୍କୁ **'ମାଜିନି, ଗାରିବାଲ୍ଡି, ଡି. ଭେଲେରା, ସନ୍ୟାତ ସେନ'** ପ୍ରଭୃତି ବିଶ୍ୱନେତାଙ୍କ ସହିତ ତୁଳନା କରାଯାଇଥାନ୍ତା । ମାତ୍ର ତାଙ୍କର ଆଧ୍ୟାତ୍ମିକତା, ନୈତିକତା ତାଙ୍କୁ ଏମାନଙ୍କ ଊର୍ଦ୍ଧ୍ୱରେ ପ୍ରତିଷ୍ଠା କରିଥିଲା । ଇତିହାସ ତାଙ୍କୁ ନିରପେକ୍ଷ ଭାବରେ **'ବୁଦ୍ଧଦେବ, ଯୀଶୁଖ୍ରୀଷ୍ଟ'**ଙ୍କ ସହିତ ସମକକ୍ଷ ଆସନ ଦାବିଦେଇଛି । "ଶତ୍ରୁକୁ ପ୍ରେମ କର । ଆଘାତ ଦେଇଥିବା ବ୍ୟକ୍ତିକୁ କ୍ଷମା ପ୍ରଦାନ କର", ଯୀଶୁଖ୍ରୀଷ୍ଟଙ୍କର ଉକ୍ତ ଉକ୍ତି ତାଙ୍କର ସତ୍ୟାଗ୍ରହ ଆନ୍ଦୋଳନକୁ ବଳୀୟାନ୍ କଲା । ହିଂସା, ରକ୍ତପାତରେ ସଫଳତା କଦାପି ସମ୍ଭବପର ହୋଇନଥାନ୍ତା ।

## ମହାପୁରୁଷ ଗାନ୍ଧିଜୀଙ୍କର କର୍ମମୟ ଜୀବନର ଲକ୍ଷ୍ୟବିନ୍ଦୁ :

ତାଙ୍କ କର୍ମମୟ ଜୀବନର ତିନୋଟି ଲକ୍ଷ୍ୟ ଥିଲା । ଭାରତର ସ୍ୱାଧୀନତା ଲାଭ, ନିଷ୍ପେଷିତ ଦଳିତ, ଅବହେଳିତ ଅସ୍ପୃଶ୍ୟ ଜାତିର ଉନ୍ନତି ବିଧାନ ଓ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଏକତା ସ୍ଥାପନ ।

ସାମ୍ରାଜ୍ୟବାଦୀ ଇଂରେଜ୍ ସରକାରଙ୍କ ବିରୁଦ୍ଧରେ ୩୦ ବର୍ଷ ଧରି ଅବିରତ ସଂଗ୍ରାମ କରି ଗାନ୍ଧିଜୀ ସ୍ୱାଧୀନତାର ରାଜମୁକୁଟ ତାଙ୍କର ପ୍ରିୟ ଭାରତବର୍ଷକୁ ପିନ୍ଧାଇ ଦେଇଥିଲେ ୧୯୪୭ ଅଗଷ୍ଟ ୧୫ ତାରିଖରେ । ଭାରତରେ ନିଷ୍ପେଷିତ ଅସ୍ପୃଶ୍ୟ ଜାତିକୁ **'ହରିଜନ, ହରିଙ୍କର ଜନ'** ନାମରେ ଅଭିହିତ କରି, ସେମାନଙ୍କର ଉନ୍ନତିବିଧାନ ପାଇଁ ଆତ୍ମନିୟୋଗ କଲେ । ଏତଦ୍‌ବ୍ୟତୀତ ଗାନ୍ଧିଜୀ ସମାଜର କେତେକ କୁସଂସ୍କାର ଦୂର କରି, ତାକୁ ଉନ୍ନତ ଓ ମହନୀୟ କରି ଗଢ଼ିବା ପାଇଁ ପ୍ରଗାଢ଼ ଉଦ୍ୟମ କଲେ । ଇଂରେଜମାନେ କୂଟିଳ ଭେଦନୀତି ପ୍ରୟୋଗ କରି ସାଧୁ ଉଦ୍ୟମରେ ବ୍ୟାହତ ସୃଷ୍ଟି କରି, ସାମ୍ପ୍ରଦାୟିକ କଳହକୁ ଉତ୍ସାହିତ କରୁଥିଲେ । ହିନ୍ଦୁ ମୁସଲମାନମାନଙ୍କର ଐକ୍ୟ ପ୍ରତିଷ୍ଠା ଗାନ୍ଧିଜୀଙ୍କ ଚରମ ଲକ୍ଷ୍ୟ ଥିଲା । ଏହି ସାମ୍ପ୍ରଦାୟିକ ଐକ୍ୟ ପ୍ରତିଷ୍ଠା ପାଇଁ ବହୁବାର ଗାନ୍ଧିଜୀ ଉପବାସ ବ୍ରତ ପାଳନ କରୁଥିଲେ । ଇତିହାସ ଭୁଲିନାହିଁ, ଭୁଲି ପାରିବ ନାହିଁ ମଧ୍ୟ ଏହି ଦେବତ୍ୱର ପରିପ୍ରକାଶକୁ ।

## କର୍ମମୟ ଜୀବନରେ ଅକାଳ ଚନ୍ଦ୍ରକ :

ଐକ୍ୟ ପ୍ରତିଷ୍ଠା ପାଇଁ ୧୯୪୮ ଜାନୁୟାରୀ ୧୩ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଶେଷ ପଦକ୍ଷେପ । 'ଦଳର ବିଧାନ କେ କରିବ ଆନ' । ଭାରତର ନଭୋମଣ୍ଡଳରେ ଧୂମକେତୁ ! ମେଘାଚ୍ଛନ୍ନ '୧୯୪୮' ମସିହା ହେଲା ସ୍ୱାଧୀନ ଭାରତର ନଭୋମଣ୍ଡଳ । **ଜାନୁୟାରୀ ୩୦ ତାରିଖ' – ପ୍ରାର୍ଥନା ସଭା ।** ସାମ୍ପ୍ରଦାୟିକତାର ବହ୍ନିରେ ଆତ୍ମାହୁତି ଦେଇ ସେ ଶହୀଦ୍ ହେଲେ । 'ନାଥୁରାମ୍ ଗଡସେ' ନାମକ ଜଣେ ଧର୍ମାନ୍ଧ ହିନ୍ଦୁ ଭାରତରେ ହିନ୍ଦୁଧର୍ମକୁ ଅତୁଟ ରଖିବା ପାଇଁ ଗାନ୍ଧିଜୀଙ୍କୁ ଏକମାତ୍ର ପ୍ରତିବନ୍ଧକ ବୋଲି ଚିନ୍ତାକରି, ସେଦିନ ତାଙ୍କୁ ଗୁଳିକରି ପ୍ରାର୍ଥନା ସଭାରେ ହତ୍ୟାକଲା । 'ଗ୍ଲାରିନ୍ ଜୋନ୍ସ' ଲେଖିଛନ୍ତି, – ଗାନ୍ଧିଜୀଙ୍କୁ ପରି

ନିଜ ମୃତ୍ୟୁର କାରଣ ବାଛିବା ପାଇଁ ସୁବିଧା ଦିଆଯାଇଥାନ୍ତା, ସେ ଏହାଠାରୁ ବଳି ମହତର କାରଣ ପାଇପାରି ନଥାନ୍ତେ" । ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ଅବିରତ ସାଧନା କରି ସାଧନାପୀଠରେ ତାଙ୍କର ନିଧନ ହେବା ଫଳରେ ତାଙ୍କର ଜୀବନ ଦର୍ଶନ ସ୍ୱର୍ଗୀୟ ଦୀପ୍ତିରେ ଦୀପ୍ତ ହେଲା । ଚରିତାର୍ଥ ହେଲା ତାଙ୍କର ବାସନା ଓ ସାଧନା । ତାଙ୍କର ମୃତ୍ୟୁର ପ୍ରାୟ ଦଶବର୍ଷ ପର୍ଯ୍ୟନ୍ତ ହିନ୍ଦୁ, ମୁସଲମାନମାନଙ୍କର କୌଣସି ବିଶେଷ ଧରଣର ସାମ୍ପ୍ରଦାୟିକ ଗଣ୍ଡଗୋଳ ଭାରତରେ ଦେଖାଯାଇ ନଥିଲା ।

## ବିଶ୍ୱନେତା ଗାନ୍ଧିଜୀଙ୍କ ମୃତ୍ୟୁରେ ଏକ ଚମକ୍‌ପ୍ରଦ ପ୍ରତିକ୍ରିୟା– ବିଶ୍ୱାକାଶ ମେଘାଚ୍ଛନ୍ନ :

ବିଶ୍ୱାକାଶ ମେଘାଚ୍ଛନ୍ନ ହୋଇଗଲା । ବିଶ୍ୱ ସ୍ତମ୍ଭୀଭୂତ ହେଲା । ପୃଥିବୀର ସବୁ ଦେଶର ରାଜଧାନୀରେ ଏବଂ ଜାତିସଂଘର କାର୍ଯ୍ୟାଳୟରେ ପତାକାମାନ ଅର୍ଦ୍ଧନମିତ ରଖି, ଅମର ଆତ୍ମାକୁ ସମ୍ମାନ ପ୍ରଦର୍ଶନ କରାଗଲା । ଫ୍ରାନ୍ସ ଦେଶର ଜଣେ ସମାଜବାଦୀ 'ଲିୟଁବ୍ଲୁମ୍' ଲେଖିଛନ୍ତି, "ମୁଁ ଗାନ୍ଧୀଙ୍କୁ କେବେ ଦେଖିନାହିଁ, ତାଙ୍କର ଭାଷା ଜାଣେ ନାହିଁ । ତାଙ୍କର ଦେଶକୁ କେବେ ଯାଇନାହିଁ । ତଥାପି ମୁଁ ଦୁଃଖ ଅନୁଭବ କରୁଛି । ସତେ ଯେପରି ମୋର ଜଣେ ଆତ୍ମୀୟସ୍ୱଜନ ଚାଲିଯାଇଛନ୍ତି । ଏହି ଅଲୌକିକ ମାନବର ମୃତ୍ୟୁରେ ସମଗ୍ର ବିଶ୍ୱ ଶୋକାଭିଭୂତ ହୋଇପଡ଼ିଛି" । ଲିୟଁବ୍ଲୁମ୍‌ଙ୍କ ଭଳି ଅଗଣିତ ବ୍ୟକ୍ତି ପୃଥିବୀର ବିଭିନ୍ନ ଅଞ୍ଚଳରେ, ସେ ଦୁର୍ଦ୍ଦିନରେ ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁ ଓ ମହନୀୟତା ନିଶ୍ଚିତ ଭାବରେ ଉପଲବ୍ଧି କରିଥିବେ ।

## ହେ ମୋହନ ! ତୁମେ ଥିଲ ବିଶ୍ୱାକାଶର ଏକ ଜ୍ୟୋତିର୍ମୟ ଜ୍ୟୋତିରେଖା :

ଶତମୁଖରେ ମୁଖରିତ ହୋଇ ଉଠିଲା,

"ହେ ମୋହନ ! କି ମୋହନ ମନ୍ତ୍ର ଦେଇ ଚାଲି<br>
ଭାରତର ବକ୍ଷେ ଦେଲ ଅଗ୍ନିଶିଖା ଜାଳି<br>
ଜଗାଇଲ କୋଟି ପ୍ରାଣେ ତପ୍ତ ଉନ୍ମାଦନା<br>
ଖେଳିଗଲା ସାରା ଦେଶେ ତବ ଉଦ୍ଦୀପନା ।"

ଇଂରେଜ୍ କବି ଜର୍ଜ ହର୍ବର୍ଟ୍‌ଙ୍କ ପଂକ୍ତି ମନେପଡେ–

"Only a sweet and Virtuous Soul,<br>
Like Season'd timber, never gives;<br>
But though the whole world turn to Cool,<br>
Then chiefly lives."

ହେ ଜାତିର ଜନକ ବାପୁଜୀ ! ତୁମର ଅନବଦ୍ୟ ଅବଦାନ ଚିରଭାସ୍ୱର ହୋଇରହୁ । ଜାତୀୟ ରାଜନୀତିରେ ଦେବୋପମ ତୁମେ । ଜାତିର ଆଚାର୍ଯ୍ୟ ଓ ଭାସ୍କର ତୁମେ ! ଭାରତର ରାଜନୈତିକ ଆକାଶରେ ତୁମେହିଁ ଏକ ଦୀପ୍ୟମାନ ଜ୍ୟୋତିଷ୍କ । ଭାରତର ଗିରି, ଗୁହା, ବନ, ବନାନୀ, ନଦ, ନଦୀ, ହ୍ରଦ, ସାଗର, ବେଳାଭୂମି ନୁହେଁ, ମାତ୍ର ସାତ ସମୁଦ୍ର ତେର ନଈ, ପାଶ୍ଚାତ୍ୟ ଆକାଶ, ଉତ୍ତର, ଦକ୍ଷିଣମେରୁ ସାରା ବିଶ୍ୱ ତୁମ ପବିତ୍ର ଆତ୍ମାର ଦୀପ୍ତିରେ ଦେଦୀପ୍ୟମାନ ହୋଇ ରହୁଥିବ ଯୁଗଯୁଗ ଧରି । ତୁମେ ଏକ ଯୁଗସ୍ରଷ୍ଟା ।

ଅଧ୍ୟକ୍ଷ, ପବ୍ଲିକ୍ ସ୍କୁଲ୍ (ଇଂଲିଶ୍ ମିଡିୟମ୍),<br>
ଭୁବନେଶ୍ୱର ।






## ମନ ମିଳନର ଜୀବନ–ସାଥୀ ଧନ ଯୌତୁକ ହରାଏ ପ୍ରୀତି

ଚୋରା ବସନ୍ତର ସୁଲୁସୁଲିଆ ସମୀରରେ ଭାସି ଆସୁଛି – ଆନନ୍ଦ–ଉଲ୍ଲାସର ମଧୁର ସଙ୍ଗୀତ। ବିଦ୍ୟାଦେବୀ–ମରାଳବାହିନୀ–ବୀଣାପୁସ୍ତକ ଧାରିଣୀ ସରସ୍ୱତୀଙ୍କର ପବିତ୍ର ଶ୍ରୀପଞ୍ଚମୀ ପୂଜା ଅବସରରେ ଟିଙ୍ଗୁଡିଘାଇ ଗ୍ରାମର ଆବାଳ–ବୃଦ୍ଧ–ବନିତା ହର୍ଷୋତ୍‌ଫୁଲ୍ଲ ଭାବେ ଗ୍ରାମର ସାହି ସାହିକୁ ଘର–ଘରକୁ ସୁମଣ୍ଡନ, ସୁସଜ୍ଜିତ କରିଛନ୍ତି। ମନେ ହେଉଛି ସତେ ଅବା ଗ୍ରାମଯାତ୍ରା ଚାଲିଛି। କିନ୍ତୁ ଏ ତ ବିବାହର ମନ୍ତ୍ରପାଠ ଶୁଣାଯାଉଛି। କି ବିଚିତ୍ର ଏ ତା ସହିତ ବିବାହର ଉତ୍ସବର ସଙ୍ଗୀତ। କି ବିଚିତ୍ର ଏ ସମାଗମ। ଏଣେ ଗ୍ରାମର ସମସ୍ତ ଯୁବକ ସଂଘର ସଭ୍ୟମାନେ ସାଧାରଣ ସଭାର ଆୟୋଜନରେ ବ୍ୟସ୍ତ। ଗ୍ରାମକୁ ଖଲିକୋଟ ନିର୍ବାଚନ ମଣ୍ଡଳୀର ବିଧାୟିକା, ଜିଲ୍ଲାପାଳ, ତହସିଲଦାର ପୁରୁଷୋତ୍ତମପୁର ଓ ସ୍ଥାନୀୟ ବ୍ଲକ୍ ଚେୟାରମ୍ୟାନ୍ ଆସିବା ସମୟ ପାଖେଇ ଆସୁଥାଏ। ଶାନ୍ତ, ସୁସ୍ଥ ତଥା ମଧୁର ବାତାବରଣ ଗ୍ରାମବାସୀଙ୍କୁ ଅଧିକ ଉତ୍ସାହିତ କରି ଚାଲିଥାଏ। ଏ ଗାଁର ଯାତ୍ରା ନୁହେଁ। କିନ୍ତୁ ସମାଜ ସଂସ୍କାର ନୀତି–ନିୟମର ପ୍ରଭାବରେ ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗର ଦୃଶ୍ୟଶ୍ରାବ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ ତଥା ଦଳଗତ ଆଲୋଚନା, ଦୂରଦର୍ଶନ ପ୍ରଚାର ସହ ଶିକ୍ଷାର ପ୍ରସାର ଗ୍ରାମବାସୀଙ୍କୁ ଅଧିକ ପ୍ରୋତ୍ସାହିତ କରିଥିବାର ଉଦାହରଣ ସ୍ୱରୂପ ଏକ ଆଦର୍ଶ ଯୌତୁକ ବିହୀନ ବିବାହ ଉତ୍ସବ ଗ୍ରାମର ଯୁବକ ସଂଘର ସଭାପତି 24 ବର୍ଷ ବୟସ୍କ, ପ୍ଲସ୍ ମହାବିଦ୍ୟାଳୟ ଶିକ୍ଷାର୍ଥୀ ତଥା କୃଷକ ଯୁବକ ଶ୍ରୀ ଦୀନବନ୍ଧୁ ପତିଆଲି ବିନା ଯୌତୁକରେ ଢେଙ୍କ ଗ୍ରାମର 20 ବର୍ଷ ବୟସ୍କା ଶ୍ରୀମତୀ କ୍ରିଷ୍ଣା ପତିଆଲିଙ୍କୁ ବିବାହ କରି ଯୁବକ ସଂଘର ଲକ୍ଷ୍ୟସିଦ୍ଧି ପ୍ରତିପାଦନ ସହ ଆଦର୍ଶ କାର୍ଯ୍ୟ ଦେଖାଇ ପାରିଛନ୍ତି। ବିନା ଯୌତୁକରେ ବିବାହ ହେବା ଦ୍ୱାରା ସମାଜରୁ ନାରୀ ନିର୍ଯ୍ୟାତନ ଦୂରହେବା ସହ ନାରୀଜାତିକୁ ସମ୍ମାନ, ସମଅଧିକାର ପ୍ରଦାନର ସୁଯୋଗ ଦେବା ନିମନ୍ତେ ଏ ଗ୍ରାମର ପଲ୍ଲୀଶ୍ରୀ ମଣ୍ଡଳୀ ତଥା ଯୁବକ ସଂଘର ସଭ୍ୟମାନେ ନିଷ୍ପତ୍ତି ନେଇଥିଲା। ସର୍ବାଗ୍ରେ 24 ବର୍ଷ ବୟସରେ ଶ୍ରୀ ଦୀନବନ୍ଧୁ ପତିଆଲି ଗ୍ରାମାଞ୍ଚଳର ତାଣାପୁର ଭାବେ ପଲ୍ଲୀବଧୂରୂପେ 7ମ ଶ୍ରେଣୀ ଶିକ୍ଷାଲାଭ କରିଥିବା କ୍ରିଷ୍ଣା ପତିଆଲିଙ୍କୁ 10.2.1989 ଶ୍ରୀପଞ୍ଚମୀ ସରସ୍ୱତୀ ପୂଜାଦିନ ବିବାହ କରିଲେ। ଏଥିପାଇଁ ଯୁବକ ସଂଘ ଏ ପଲ୍ଲୀରେ ବିରାଟ ସାଧାରଣ ସଭା, ଉତ୍ସବ ପାଳନ କରି ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ ଗାଁ ଗାଁରେ ଘରେ ଘରେ କନ୍ୟାପିତାମାନଙ୍କୁ ତଥା ଯୌତୁକ ପନ୍ଥାରେ ବିବାହ ନ କରି ସମାଜ ଦ୍ୱାରା ଛଟପଟ ହେଉଥିବା ଝିଅମାନଙ୍କୁ ଆଶ୍ୱାସନା ଦେବା ପାଇଁ ଆୟୋଜନ କରିଥିଲେ। ଏହା ସଙ୍ଗେସଙ୍ଗେ ଯୁବସମାଜଙ୍କୁ ତଥା ପୁତ୍ର ପିତାମାନଙ୍କୁ ଏ କୁସଂସ୍କାର ଉପରକୁ ଉଠିଆସି ଏକ ସୁନ୍ଦର ସମାଜ ଗଠନ କରିବାକୁ ଆହ୍ୱାନ ଦେଲେ। ଯଦ୍ୱାରା ଏହି ଯୌତୁକବିହୀନ ଆଦର୍ଶ ବିବାହର ଦ୍ୱିତୀୟ ଅର୍ଘ୍ୟ ସ୍ୱରୂପ ପଲ୍ଲୀଶ୍ରୀ ମଣ୍ଡଳୀର ତଥା ଯୁବକ ତଥା ଯୁବକ ସଂଘର ଅଗ୍ରଣୀ ସଭ୍ୟ କିଶୋର ଚନ୍ଦ୍ର ନାୟକ 26 ବର୍ଷରେ ମାର୍ଚ୍ଚ, 20 ତାରିଖ 1989ରେ ବିନା ଯୌତୁକରେ ବିବାହ କରିଲେ। ଜିଲ୍ଲାପାଳଙ୍କ ତରଫରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିବେକାନନ୍ଦ ମିଶ୍ର, ପଲ୍ଲୀଶ୍ରୀ ମଣ୍ଡଳୀର ମଣ୍ଡଳ ସଙ୍ଗଠକ ଶ୍ରୀ ଦାମୋଦର ପାଣି ଛତ୍ରପୁରରୁ ଆସି ସଭାରେ ପହଞ୍ଚି ଏ ଯୌତୁକ ବିହୀନ ଆଦର୍ଶ ବିବାହ, 18 ବର୍ଷରୁ କମ୍ ଅୟୁରେ ବିବାହ ନ କରିବା ଉପରେ ଏକ ଚଳଚ୍ଚିତ୍ର ଶ୍ରବଣଙ୍କ, ଶଙ୍ଖମୟୂରୀ ପରିବେଷଣ କରିଥିଲେ। ସାଧାରଣ ସଭାରେ ଖଲିକୋଟ ନିର୍ବାଚନ ମଣ୍ଡଳୀର ବିଧାୟିକା ଶ୍ରୀମତୀ ଭି. ସୁଗ୍ଧାନୀ କୁମାରୀ ଦେଓ, ପୂର୍ବତନ ବିଧାୟକ ଶ୍ରୀ ତ୍ରିନାଥ ସାମନ୍ତରାୟ, ପୁରୁଷୋତ୍ତମପୁର ବ୍ଲକ୍ ଚେୟାରମ୍ୟାନ୍ ଶ୍ରୀ ଶାରଙ୍ଗଧର ପଣ୍ଡା, ନେହେରୁ ଯୁବକ ସଂଘର ଯୁବ ସଂଯୋଜକ, ପୁରୁଷୋତ୍ତମପୁର ତହସିଲଦାର ନବଦମ୍ପତିଙ୍କୁ

ଶୁଭାଶୀର୍ବାଦ ଦେଇ ଏ ଧରଣର ଆଦର୍ଶ ଶାନ୍ତିମୟ ବିବାହକୁ ଉତ୍ସାହିତ କରିଲେ ।

ଅର୍ଥନୀତିରେ ଯୌତୁକ ନ ଥାଇ ବିବାହ କରିବା ସହ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ପଲ୍ଲୀଶ୍ରୋତା ମଣ୍ଡଳୀର ଆବାହକ ଶ୍ରୀ ଦୀନବନ୍ଧୁ ପଢ଼ିଆଳି କୃଷକପୁଅ ଭାବେ ନିଜର 5 ଏକର ଜଳସେଚିତ ଜମିରେ 70 ବର୍ଷ ବୟସ୍କ ପିତା ଶ୍ରୀ ଗୁରୁଚରଣ ପଢ଼ିଆଳି ସହ ବର୍ଷ ତମାମ ଲାଗିଥାନ୍ତି । ଉନ୍ନତ ତଥା ବୈଜ୍ଞାନିକ ପଦ୍ଧତିରେ ଚାଷକାମ କରି ବେଶ ସନ୍ତୋଷଜନକ ଫସଲ ଉତ୍ପାଦନ କରି ପାରୁଛନ୍ତି । ଜମିକୁ ପତିଆ ରଖିବାକୁ ସେ ନାରାଜ । ସୁନାର ମାଟିରେ ସୁନାର ଫସଲ ଫଳାଇବା ପାଇଁ ଦୀନବନ୍ଧୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଲାଲବାହାଦୁର ଶାସ୍ତ୍ରୀଙ୍କର "ଜୟ ଜବାନ, ଜୟ କିଷାନ" ଏବଂ "ନିଜ ମୁଠି ଉପରେ ଭରଷା ରଖ" ନୀତିକୁ କାର୍ଯ୍ୟରେ ଦେଖାଇ ପାରିଛନ୍ତି । ବର୍ଷକ ମଧ୍ୟରେ 50 କ୍ୱିଣ୍ଟାଲ୍ ଧାନ, 2 କ୍ୱିଣ୍ଟାଲ୍ ମାଣ୍ଡିଆ, 3 କ୍ୱିଣ୍ଟାଲ୍ ଚିନାବାଦାମ, 3 କ୍ୱିଣ୍ଟାଲ୍ ମୁଗ ଓ ଗୋଟିଏ କ୍ୱିଣ୍ଟାଲ୍ ବିରି ପାଉଥାନ୍ତି । ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମରେ ପ୍ରଚାରିତ ବିଷୟଗୁଡ଼ିକୁ ଫସଲ କ୍ଷେତରେ ଲଗାଉଛନ୍ତି । ଯଦ୍ୱାରା ବାର୍ଷିକ ଆୟ 20 ହଜାର ଟଙ୍କାରୁ ଅଧିକ ହେଉଥିବା ପ୍ରକାଶ କରିଛନ୍ତି । ଏହି ପଲ୍ଲୀଶ୍ରୋତା ମଣ୍ଡଳୀ ଯୁବକ ସଂଘର ସଭ୍ୟମାନଙ୍କୁ ତଥା ଗ୍ରାମବାସୀଙ୍କୁ ଏକତ୍ରିତ କରି ଐକ୍ୟରେ ପ୍ରତୀତ ହୋଇପାରିଛି । ବିଙ୍ଗୁଟି ଘାଇକୁ ପ୍ରଥମେ ରାସ୍ତା ନ ଥିଲା । କିନ୍ତୁ ଗ୍ରାମର ଯୁବକ ସଂଘ ତଥା ମଣ୍ଡଳୀ ସଭ୍ୟମାନେ ସମାଗ୍ରାମରୁ ବିଙ୍ଗୁଟି ଘାଇ ଯାଏ ଶ୍ରମଦାନ କରି ରାସ୍ତା ତିଆରି କରିପାରିଛନ୍ତି । ଗ୍ରାମଞ୍ଚଳରେ ପୋଖରୀ ଖୋଳି ପାରିଛନ୍ତି । ବନୀକରଣ କାର୍ଯ୍ୟକ୍ରମରେ ଗ୍ରାମ ରାସ୍ତା କଡ଼େକଡ଼େ, ଗୋଚର ଜମିରେ ଗଛ ଲଗାଇ ରାସ୍ତା, ବିଦ୍ୟାଳୟ, ଜନହିତ ସଫାକାର୍ଯ୍ୟ କରୁଛନ୍ତି । ଏହା ବ୍ୟତୀତ 20 ଜଣଙ୍କୁ ଛୋଟ ପରିବାର ସୁଖୀ ପରିବାର ଉପରେ ବୁଝାଇ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଇ ପାରିଛନ୍ତି । ଗାଁରେ ଅନୁଷ୍ଠାନ ବ୍ୟବସ୍ଥା କରିଛନ୍ତି ।

ସଫଳତାର ମୂଳରେ ସରକାରଙ୍କର ପ୍ରଗତିମୂଳକ କାର୍ଯ୍ୟକ୍ରମରେ ଅସଲ କରଦାନ ଓ ପ୍ରଚାର ଦ୍ୱାରା ଲୋକଙ୍କୁ ଅଧିକ ସଚେତନ କରାଉଥିବାର ଏକ ସଫଳ ଉଦାହରଣ ହେଲା– "ପୁରୁଷୋତ୍ତମପୁର ବ୍ଲକ୍, ଗଞ୍ଜାମ ଜିଲ୍ଲାର ବିଙ୍ଗୁଟି ଘାଇ ଗ୍ରାମର ଏ ଆଦର୍ଶ ମିଳନ ଜୀବନସାଥୀର ବିବାହ କାହାଣୀ" ।

ଶ୍ରୀ ଦାମୋଦର ପାଢୀ,
ମଣ୍ଡଳ ସଙ୍ଗଠକ, ପଲ୍ଲୀଶ୍ରୋତା ମଣ୍ଡଳୀ,
ବ୍ରହ୍ମପୁର ।

# ଚିଲିକା କୂଳେ....ସଞ୍ଜ ସକାଳେ

ସୂର୍ଯ୍ୟଦେବତାଙ୍କ ଉଦୟ ଅସ୍ତ ଚିଲିକା କୂଳରେ କଟିଯାଏ । ଦିନଟି ସାରା ହାଡ଼ଭଙ୍ଗା ପରିଶ୍ରମର ଫଳକୁ ପରିବାରର ୬ ଜଣ ଲୋକ ଉତ୍କଣ୍ଠାର ସହ ସେହି ସନ୍ଧିଆ ବେଳକୁ ଅନାଇ ରହନ୍ତି । ଝଡ଼, ବତାସ ଓ ତୋଫାନିଆ ପ୍ରବଳ ହେଲେ ସମସ୍ତଙ୍କ ମୁହଁ ଶୁଖିଯାଏ । ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଲକ୍ଷ୍ମୀଧର ଶୂନ୍ୟହସ୍ତରେ ଫେରେ । ଦିନ ଗଡ଼ିଗଲେ ରୋଜିଲା ପେଟରେ ହିସାବ ରଖେ ବା କିଏ । ବ୍ରହ୍ମଗିରି ମୁଦିରଥ ଗ୍ରାମର ଲକ୍ଷ୍ମୀଧର ଘଡ଼େଇର ଏଇତ ମୋଟାମୋଟି କଥା ।

1983 ସାଲର କଥା । ରାଜ୍ୟସାରା ନୂଆ ହାୱା । ଦେଶରୁ ଗରୀବି ହଟିବ । କ'ଣ ସହଜ କଥା ଏ ? କିପରି ହଟିବ, କିଏ ବା ହଟାଇବ ? ଘଡ଼େଇ ପୁଅର ମନରେ ବିରାଟ ଏକ ପ୍ରଶ୍ନବାଚୀ । ଦିନେ ସବୁ କାମଦାମ ଛାଡ଼ି, ଧାଇଁଲା ସେ ବ୍ଲକ୍ ଅଫିସ୍, ବୁଝିବ ସେ, କ'ଣ ଏସବୁ ଘଟଣା । ଭାଗ୍ୟକୁ ଉନ୍ନୟନ ଅଧିକାରୀ ଓ ଅନ୍ୟମାନେ ସରକାରଙ୍କ ନୂତନ ଅର୍ଥନୈତିକ ଥଇଥାନ ପରିକଳ୍ପନା ବିଷୟରେ ତାହାର ମନକୁ ଘେନିଲା ଭଳି କେତେ କଥା କହିଥିଲେ । ଦରିଦ୍ରତମ ପରିବାରଙ୍କ ମଧ୍ୟରେ ଘଡ଼େଇ ପରିବାର ଚିହ୍ନଟ ହୋଇଥିବାରୁ ଲୁଣପାଣି ଚିଙ୍ଗୁଡ଼ି ଚାଷ ଯୋଜନାରେ ସେ ଅନ୍ତର୍ଭୁକ୍ତ ହେବାରେ କୌଣସି ଅନ୍ତରାୟ ନ ଥିଲା । ଆବଶ୍ୟକୀୟ ତାଲିମ, ପଟ୍ଟାସୂତ୍ରରେ ଗୋଟିଏ ପୋଖରୀ, ଆବଶ୍ୟକୀୟ ଛାଉଁଳ ଓ ସାର ଇତ୍ୟାଦି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା ।

ଆଜି ୫3 ମସିହାର ସେ ପୂର୍ବ ଘନଘଟାମୟ ପାରିବାରିକ ଜୀବନ ନାହିଁ । ଦୁଃଖର ତାଡ଼ନା, ଦାରିଦ୍ର୍ୟର କଶାଘାତ ପୁରାପୁରି ଅପସରି ନାହିଁ ସତ, ତଥାପି ଘଡ଼େଇ ବର୍ତ୍ତମାନ ସ୍ୱୀକାର କରେ ଯେ, ବର୍ତ୍ତମାନ ତା'ର ଆଉ ସେ ପୂର୍ବର ଅବସ୍ଥା ନାହିଁ । ଦୁଇଓଳି ନିଜେ ଓ ପରିବାରର ଅନ୍ୟମାନେ ପେଟପୂରା ଖାଉଛନ୍ତି । ଉପବାସରେ ରାତି ବିତାଇବାର କାଳ ଅପସରି ଯାଇଛି । ମଶିଷ ଚଳିଲା ଭଳି ପୁରୁଣା ଘରକୁ ମରାମତି କରିବା ସଙ୍ଗେସଙ୍ଗେ 2 ବଖରା ନୂଆଘର କରିଛି । ସାହୁକାରମାନଙ୍କ ଦୁଆରେ ନେହୁରା ହେବା ଦରକାର ପଡୁନାହିଁ । ପ୍ରତିବର୍ଷ ଚିଙ୍ଗୁଡ଼ି ଚାଷରୁ 4 ହଜାରରୁ 5 ହଜାର ଟଙ୍କା ସେ ରୋଜଗାର କରିବାର କ୍ଷମତା ହାସଲ କରିଛି । ଏହାଛଡ଼ା 20 ରୁ 25 ହଜାର ଅଧିକ ଜଳ ପ୍ରସ୍ତୁତ କରି ଚିଲିକାରେ ସକାଳ, ସଞ୍ଜ ବିତାଇବାର ସ୍ୱପ୍ନ ସାକାର କରିବାରେ ଲାଗିଛି ।

ଶ୍ରୀ ବି. ସି. ପଟ୍ଟନାୟକ,
ଜିଲ୍ଲା ଲୋକସମ୍ପର୍କ ଅଧିକାରୀ, ପୁରୀ ।

# ପ୍ରଗତି ପଥେ ସନାତନ

ଢେଙ୍କାନାଳ ଜିଲାର ସବୁଠାରୁ ଛୋଟିଆ ଉପଖଣ୍ଡଟି ହେଉଛି ହିନ୍ଦୋଳ । କିନ୍ତୁ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଏହି ଉପଖଣ୍ଡରେ ଦେଖିବାକୁ ମିଳିଥାଏ । ହିନ୍ଦୋଳ ସହରର ଅନତି ଦୂରରେ କାରଡ଼ା ଗ୍ରାମଟି ଅବସ୍ଥିତ । ଗ୍ରାମଟିରେ ପ୍ରଗତିର ଛାପ ଯଥେଷ୍ଟ ପରିଲକ୍ଷିତ ହୁଏ । ଉଚ୍ଚ ବିଦ୍ୟାଳୟ, ଉପପ୍ରାଥମିକ ବିଦ୍ୟାଳୟ ପ୍ରଭୃତି ଅଛି । ଜନସାଧାରଣ ବେଶ ଦୁଇଓଳି ପେଟ ପୂରାଇ ଖାଇବାକୁ ପାଉଥିବାର ଦେଖିବାକୁ ମିଳେ । ସେହି ଗ୍ରାମରେ "ସନାତନ ସାହୁ" ବାସ କରନ୍ତି । ତାଙ୍କର କିଛି ଜମିବାଡ଼ି ନ ଥିଲା ତାଙ୍କର ବାପା ଫେରି ବେପାର କରି

ପରିବାର ଗୁଜୁରାଣ ମେଣ୍ଟାଉଥିଲେ । ବୃଦ୍ଧ ବୟସ ଆସିବାରୁ ଅଉ ବୁଲାଇ ବିକିବାକୁ ଅକ୍ଷମ ହୋଇ ପଡିଲେ । ତେଣୁ ସନାତନ ବଡପୁଅ ଭାବରେ ପରିବାର ଚଳାଇବାର ଗୁରୁ ଦାୟିତ୍ୱ ବହନ କଲେ । ବାରଣ୍ଡା ଛକରେ ଗୋଟିଏ ପାନ ଦୋକାନ ଦେଲେ କିନ୍ତୁ ସେଥିରେ ପରିବାର ଗୁଜୁରାଣ ମେଣ୍ଟିପାରି ପାରିଲା ନାହିଁ । ଛୋଟଛୋଟ ଭାଇଭଉଣୀଙ୍କୁ ପାଠ ପଢିବା ପାଇଁ ବହିପତ୍ର ଯୋଗାଇ ପାରିଲେ ନାହିଁ । ତେଣୁ ସେ ଦୁଃଖରେ ଭାଙ୍ଗି ପଡୁଥିନ୍ତି । ଥରେ ତାଙ୍କ ବନ୍ଧୁମାନଙ୍କଠାରୁ ଶୁଣିବାକୁ ପାଇଲେ ସରକାର ଦରିଦ୍ର ଲୋକମାନଙ୍କୁ କର୍ମକ୍ଷମ ହେବା ପାଇଁ ଋଣ ଯୋଗାଇ ଦେଉଛନ୍ତି । ଦିନେ ସେ ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରେ ଋଣ ପାଇବା ନିମନ୍ତେ ଦରଖାସ୍ତ କରନ୍ତି । ୧୯୮୫-୮୬ ମସିହାରେ ଖଜୁରିଆକଟା ଷ୍ଟେଟ୍ ବ୍ୟାଙ୍କ୍ ଶାଖାରୁ ତାଙ୍କୁ ୩,୦୦୦ ଟଙ୍କା ଋଣ ଯୋଗାଇ ଦିଆଗଲା, ୧,୦୦୦ ଟଙ୍କା ଛାଡ ମିଳିଲା । ସେହି ଟଙ୍କାରେ ସେ ଗୋଟିଏ ଜଳଖିଆ ଦୋକାନ ବାରଣ୍ଡା ଛକରେ ଦେଲେ । ଦୋକାନଟି ଚାଲିଲା । ଦୁଇ ପଇସା ଲାଭ କରି ପାରିଲେ । ତାଙ୍କର ପରିବାରଟି ପୁନର୍ବାର ହସି ଉଠିଲା । ଏହା ମଧ୍ୟରେ ସେ ବିବାହ କରିଛନ୍ତି । ତାଙ୍କର ଏବେ ଗୋଟିଏ ପୁଅ । ସାନଭାଇଟି ବର୍ତ୍ତମାନ ପାଠ ସୁରୁଖୁରୁରେ ପଢିପାରୁଛି । ବାପ, ମା ତାଙ୍କର ସରକାରଙ୍କର ଯେ ଏଭଳି ସହଯୋଗରେ ତାଙ୍କର ଯେ ଏଭଳି ପରିବର୍ତ୍ତନ ହେବ ତାହା କଳ୍ପନା କରିପାରି ନଥିଲେ । ବର୍ତ୍ତମାନ ସନାତନ ବାବୁ, ନିଜ ଗ୍ରାମରେ ଦୁଇ ବଖରା ଅଜବେଷ୍ଟସ୍ ଘର ତିଆରି କରିପାରିଛନ୍ତି । ବ୍ଲକ୍ ତରଫରୁ ତାଙ୍କୁ ପ୍ରଥମ ଋଣ ଶୁଝିବା ପରେ ୮୭-୮୮ ଆର୍ଥିକ ବର୍ଷରେ ଦ୍ୱିତୀୟ କିସ୍ତି ଋଣ ଯୋଗାଇ ଦେଇଛନ୍ତି । ଛକ ଦୋକାନଟି ତାଙ୍କର ସୁରୁଖୁରୁରେ ଚାଲିଛି । ତାଙ୍କ ମନରେ ଏବେ ଅନେକ ସ୍ୱପ୍ନ ଅନେକ କୁଆର । ଏବେ ସେ ସେହିଗ୍ରାମ ଛକରେ ଏକ ଲୁଗା ଦୋକାନ ଖୋଲିବା ପାଇଁ ଚେଷ୍ଟା ଚଳେଇଛନ୍ତି । ବର୍ତ୍ତମାନ ସେ ତାଙ୍କର ଅତୀତକୁ ଫେରିବାହିଁ ନାହାନ୍ତି । ପ୍ରଗତି ପଥେ ଗୋଟିଏ ପରେ ଗୋଟିଏ ପାଦ ଆଗେଇ ଚାଲିଛନ୍ତି ।

ଶ୍ରୀ ଚନ୍ଦ୍ରକାନ୍ତ ନାୟକ,
ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ହିନ୍ଦୋଳ ।

# ଦାରିଦ୍ର୍ୟ ମୋଚନର ଅନ୍ୟ ନାମ

ଭାରତ ବର୍ଷ ଗୋଟିଏ ସ୍ୱାଧୀନ ଗଣତନ୍ତ୍ର ଦେଶ । ୪୨ବର୍ଷ ଧରି ସ୍ୱାଧୀନତା ପାଇଲେ ମଧ୍ୟ ଦାରିଦ୍ର୍ୟତା ହେତୁ ଉନ୍ନତ ରାଷ୍ଟ୍ରମାନଙ୍କ ସମକକ୍ଷ ହୋଇପାରିନାହିଁ । ସ୍ୱାଧୀନତା ପାଇଲା ବେଳକୁ ଆମ ଦେଶର ଜନସାଧାରଣ ବନ୍ୟା, ମରୁଡି ମହାମାରୀ ଓ ବିଦେଶୀ ଶାସନରେ ନିଷ୍ପେଷିତ ହୋଇ ଯାଇଥିନ୍ତି । ଏହିଭଳି ପରିସ୍ଥିତିରେ ସ୍ୱାଧୀନ ଭାରତର ଗୁରୁ ଦାୟିତ୍ୱ ବହନ କରନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ । ତାଙ୍କର ଉପଯୁକ୍ତ ଦାୟାଦ ଭାବରେ ତାଙ୍କର ସୁତା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆରମ୍ଭ କରନ୍ତି ଅନେକ ଉନ୍ନୟନମୂଳକ ଯୋଜନା ଏହି ଯୋଜନାର ଅନ୍ୟନାମ ବିଂଶସୂତ୍ରୀ । ଏହି କୋଡିଏ ଦଫା କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଓଡିଶାର ସଫଳ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ଦୃଷ୍ଟିପାତ ଦିଅନ୍ତି । ଓଡିଶାର ଦୀର୍ଘ ସରକାର ହେତୁ ସମଗ୍ର ଦେଶରେ ଓଡିଶାର ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳତାର ପ୍ରଥମ ସୋପାନରେ ପହଞ୍ଚି ପାରିଛେ । ବାସହୀନ ଲୋକମାନଙ୍କୁ ଘରଡିହ ଯୋଗାଇଦେବା । ହରିଜନ ପରିବାର ସହାୟତା କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା । ସିଲିଂ ବହିର୍ଭୂତ ଜମି ବଣ୍ଟନ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ରତିଷ୍ଠା, ଇନ୍ଦିରା ଆବାସ ଯୋଜନାରେ ବାସଗୃହ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତିକରଣ, ଉନ୍ନତ ଚୁଲି ନିର୍ମାଣ କ୍ଷେତ୍ରରେ ବାର୍ଷିକ ଲକ୍ଷ୍ୟ ହାସଲର ଉପରେ ରହିଛି । ଇ.ଆର୍.ଆର୍.ପି., ଆଇ.ଆର୍.ଡି.ପି., ଯୋଜନା ଆଜି ପ୍ରତ୍ୟେକ ଗ୍ରାମର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଧିକାଂଶ ଜନସାଧାରଣଙ୍କ ମୁଖରେ ହସ ଫୁଟାଇ ପାରିଛି । ମଣିଷ ପରି ମଣିଷଟିଏ ହୋଇ ବଞ୍ଚି ରହିବାର ପଥ ଦେଖାଇଛି ।

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଗୋଟିଏ ଛୋଟିଆ ଉପଖଣ୍ଡ । ଦାରିଦ୍ର୍ୟ ସୀମାରେଖା ତଳେ ରହି ଯାଇଥିଲେ ମଧ୍ୟ ଯଥେଷ୍ଟ ପ୍ରଗତିର ସୂଚନା ଏବେ ଦେଖିବାକୁ ମିଳୁଛି । ସରକାରଙ୍କର ବିଂଶସୂତ୍ରୀ କାର୍ଯ୍ୟକ୍ରମ ଏ ଅଞ୍ଚଳରେ ଦାରିଦ୍ର୍ୟତା ରୂପ ବଦଳାଇ ଦେଇଛି । ଏହି ଉପଖଣ୍ଡର ସଦର ମହକୁମାର ଅନତି ଦୂରରେ ଅଳୁଡିଂ ଗ୍ରାମ । କେତୋଟି ସବର୍ଣ୍ଣ, ଆଦିବାସୀ ଓ ହରିଜନ ପରିବାରକୁ ନେଇ ଗାଁଟି ସମ୍ପୃକ୍ତ । ଏହି ଗ୍ରାମର ଚତୁର୍ପାର୍ଶ୍ୱରେ ଘନ ଜଙ୍ଗଲ ଘେରି ରହିଛି । ସେଇଠୁ ଲମ୍ବି ଯାଇଛି ନରସିଂହପୁର ପର୍ଯ୍ୟନ୍ତ ଦୀର୍ଘ ୪୦ କିଲୋମିଟର ଜଙ୍ଗଲ । ଗ୍ରାମ ନିକଟସ୍ଥ ଝରଣା ପାଖକୁ ଅଧିକାଂଶ ସମୟରେ ହାତୀ ଓ ଅନ୍ୟାନ୍ୟ ବନ୍ୟପଶୁ ପ୍ରଭୃତି ପାଣି ପିଇବାକୁ ଗଡି ଆସିଛନ୍ତି । ଏହାର ପରିବେଶ ଅତ୍ୟନ୍ତ ମନୋରମ ।

ଏହି ଅଳୁଡିଂ ଗ୍ରାମର "ଲମ୍ବୋଦର ସାହୁ" ଅନୁଶିକ୍ଷାଭୁକ୍ତ ବ୍ୟକ୍ତିଟି ପେଟ ଗୁଜୁରାଣ ମେଣ୍ଟାଇବା ପାଇଁ ଅନେକ ଦୁଃଖ ପାଉଥାଏ । ଏକଦା ଦିନେ ଗୋଷ୍ଠୀ ଉନ୍ନୟନ ବିଭାଗ ଗ୍ରାମସେବକଙ୍କ ଠାରୁ ଶୁଣିବାକୁ ପାଇଲା ବ୍ଲକ୍ ତରଫରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣଙ୍କୁ ସରକାର ଗାଈ ପାଳନ ନିମନ୍ତେ ଋଣ ଯୋଗାଇ ଦେଉଛନ୍ତି । ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପାଖକୁ ଯାଇ ଗାଈ ଋଣ ପାଇଁ ଦରଖାସ୍ତ କଲା । ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତା'ର ଦରଖାସ୍ତକୁ ବିଚାର କରି ୧୯୮୭-୮୮ ମସିହାରେ ଆଇ.ଆର୍.ଡି.ପି. ଯୋଜନାରେ ହିନ୍ଦୋଳସ୍ଥ କାନାଡା ବ୍ୟାଙ୍କ୍ ଶାଖାରୁ ୪,୦୦୦ ଟଙ୍କା ଋଣ ଗାଈ ବାବଦକୁ ଦେଲେ । ସେହି ଅର୍ଥରୁ ତାଙ୍କୁ ୧,୪୦୦ ଟଙ୍କା ଛାଡ ମିଳିଲା । ଏହା ମଧ୍ୟରେ ସେ ଅବଶିଷ୍ଟ ଋଣ ପରିଶୋଧ କରି ସାରି ଦ୍ୱିତୀୟ ଗାଈ ପାଇଁ ଦରଖାସ୍ତ କରିଛି । ପ୍ରଥମ ଗାଈଟି ପ୍ରତିଦିନ ୨୦ ଲିଟର୍ କ୍ଷୀର ଦେଉଛି । ସେହି କ୍ଷୀରରୁ ଛେନା କରି ଏବଂ ସେଥିରେ ରସଗୋଲା ତିଆରି କରି ହିନ୍ଦୋଳ ସହରର ଜଳଖିଆ ଦୋକାନକୁ ଯୋଗାଇ ପାରୁଛି । ଦୈନିକ ସେ ୪୦ ଟଙ୍କା ପର୍ଯ୍ୟନ୍ତ ଲାଭ କରି ପାରୁଛି । ତା'ର ବର୍ତ୍ତମାନ ଗୋଟିଏ ପରିବାରଟି ହସରେ ଫୁଟି ଉଠିଛି । ତା'ର ବର୍ତ୍ତମାନ ଗୋଟିଏ ପୁଅ ଓ ଗୋଟିଏ ଝିଅ । ପୁଅଟି ଅଳୁଡିଂ ଗ୍ରାମରେ ଥିବା ଉ.ପ୍ରା. ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛି । ବର୍ତ୍ତମାନ ଲମ୍ବୋଦର ମନରେ ଅନେକ ସ୍ୱପ୍ନ, ଅନେକ କୁଆର । ସରକାରଙ୍କର ଏଭଳି ସହଯୋଗ ପାଇଁ ସରକାରଙ୍କଠାରେ କୃତଜ୍ଞତା ହୋଇ ପଡୁଛି ।

ଶ୍ରୀ ଚନ୍ଦ୍ରକାନ୍ତ ନାୟକ,
ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ହିନ୍ଦୋଳ ।

# ପ୍ରଶାସନ ପରିକ୍ରମା

## ଜବାହର ରୋଜଗାର ଯୋଜନା

ଜବାହର ରୋଜଗାର ଯୋଜନା ଅନ୍ତର୍ଭୁକ୍ତ ଶ୍ରମଭିତ୍ତିକ ଉନ୍ନୟନ ଯୋଜନାମାନଙ୍କରେ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ମାସ ଶେଷ ସୁଦ୍ଧା ପାଞ୍ଚ ମାସ ମଧ୍ୟରେ ମୋଟ ୧୩ କୋଟି ୨୮ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟ କରାଯାଇ ୭୦ ଲକ୍ଷ ୪୬ ହଜାର ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ।

ଶ୍ରମିକମାନଙ୍କ ମଧ୍ୟରୁ ହରିଜନ, ଆଦିବାସୀ ଓ ମହିଳା ଶ୍ରମିକମାନେ ଯଥାକ୍ରମେ ୨୧ ଲକ୍ଷ ୬୯ ହଜାର, ୩୦ ଲକ୍ଷ ୨୧ ହଜାର ଓ ୧୪ ଲକ୍ଷ ୬୩ ହଜାର ଶ୍ରମ ଦିବସ ପାଇ ଉପକୃତ ହୋଇଛନ୍ତି । ମୋଟ୍ ବ୍ୟୟିତ ଅର୍ଥ ମଧ୍ୟରୁ ୩୭ ଲକ୍ଷ ୭୦ ହଜାର ଟଙ୍କା ମୂଲ୍ୟର ୧୦୭୪ ମେଟ୍ରିକ୍ ଟନ୍ ଚାଉଳ ଓ ୯୭୪ ମେଟ୍ରିକ୍ ଟନ୍ ଗହମ ଶ୍ରମିକମାନଙ୍କୁ ମଜୁରୀ ଅଂଶ ବାବଦ ବଣ୍ଟନ କରାଯାଇଥିଲା ।

ଜବାହର ରୋଜଗାର ଯୋଜନାରେ ଗତ ଅଗଷ୍ଟ ମାସ ମଧ୍ୟରେ ମୋଟ୍ ୧୬ ଲକ୍ଷ ୪୩ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଥିଲା । ରାଜ୍ୟ ସରକାର ଏହି ମାସରେ ୫ ଲକ୍ଷ ୪୧ ହଜାର ଟଙ୍କା ମୂଲ୍ୟର ୩୦୨ ମେଟ୍ରିକ୍ ଟନ୍ ଚାଉଳ ଓ ଗହମ ସମେତ ମୋଟ୍ ୩ କୋଟି ୧୧ ଲକ୍ଷ ୭୯ ହଜାର ଟଙ୍କା ବିଭିନ୍ନ ଉନ୍ନୟନ ଯୋଜନାରେ ବ୍ୟୟ କରିଛନ୍ତି ।

## ରାଜ୍ୟରେ ଦୁଇଟି ନୂତନ ଶିଳ୍ପ ସଂସ୍ଥା

ରାଜ୍ୟରେ ନୂତନ ଭାବରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ମିନେରାଲ୍‌ସ୍' ଏବଂ 'ପ୍ରିୟଙ୍କା କେମିକାଲ୍‌ସ୍' ନାମରେ ଦୁଇଟି ଶିଳ୍ପ ସଂସ୍ଥା ଗଢ଼ି ଉଠିଛି । ଯୋଜନା କମିଶନ୍ ସଦସ୍ୟ ଡଃ ଅବିଦ୍ ହୁସେନ୍ ଭୁବନେଶ୍ୱର ସ୍ଥିତ ଉଦ୍ୟୋଗପୁରୀ ଶିଳ୍ପାଞ୍ଚଳଠାରେ ଏହାକୁ ଉଦ୍‌ଘାଟନ କରିଛନ୍ତି ।

୩୩ ଲକ୍ଷ ୬୫ ହଜାର ପୁଞ୍ଜି ବିନିଯୋଗରେ ଘରୋଇ ଉଦ୍ୟମରେ ସ୍ଥାପିତ ହୋଇଥିବା ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ମିନେରାଲ୍‌ସ୍ ଲିମିଟେଡ୍ ଶିଳ୍ପ ସଂସ୍ଥାର ବାର୍ଷିକ ୬୦୦ ମେଟ୍ରିକ୍ ଟନ୍ ସ୍ୱଳ୍ପ ଶକ୍ତି ସମ୍ପନ୍ନ କାର୍ବୋନ୍ ଫେରୋ ମାଙ୍ଗାନିଜ୍ ଏବଂ ଫେରୋକ୍ରୋମ୍ ଉତ୍ପାଦନ କ୍ଷମତା ରହିଛି । ଏହି ଉତ୍ପାଦନ ପାଇଁ ମାଙ୍ଗାନିଜ୍, କ୍ରୋମାଇଟ୍, ଲୁହାପଥର, କୋଇଲା, କୋକ୍, ଆଲିମିନିୟମ ଇତ୍ୟାଦି କଞ୍ଚାମାଲ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ଓଡ଼ିଶାରେ ମିଳୁଥିବା ଦୃଷ୍ଟିରୁ ଏହା ରାଜ୍ୟ ଭିତରୁ ହିଁ ସଂଗ୍ରହ କରାଯିବ । ଏହି ଶିଳ୍ପ ସଂସ୍ଥାରୁ ଉତ୍ପାଦିତ ଦ୍ରବ୍ୟ ଇସ୍ପାତ୍ କାରଖାନା ଓ ଇସ୍ପାତ୍ ଏଲୋଇ କାରଖାନାଗୁଡ଼ିକରେ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ଜିନିଷ ଉତ୍ପାଦନ ପାଇଁ ଆବଶ୍ୟକ । ଦେଶରେ ଏହା ଯଥେଷ୍ଟ ଚାହିଦା ରହିଛି ।

୨୨ ଲକ୍ଷ ୫୪ ହଜାର ଟଙ୍କା ପୁଞ୍ଜି ବିନିଯୋଗରେ ଘରୋଇ ଉଦ୍ୟମରେ ସ୍ଥାପିତ ପ୍ରିୟଙ୍କା କେମିକାଲ୍‌ସ୍‌ର ବାର୍ଷିକ ୧,୨୦୦ ମେଟ୍ରିକ୍ ଟନ୍ ଷ୍ଟେବୁଲ୍ ବ୍ଲିଚିଙ୍ଗ୍ ପାଉଡର୍ ଉତ୍ପାଦନ କ୍ଷମତା ରହିଛି । ଏଥିପାଇଁ ଆବଶ୍ୟକୀୟ କଞ୍ଚାମାଲ୍ ଉଦ୍ଦିତ ଚୂନ (ହାଇଡ୍ରେଟେଡ୍ ଲାଇମ୍) ଡେରାଡୁନ୍ ଏବଂ ରାଜଗାଙ୍ଗପୁରରୁ ଓ କ୍ଲୋରିନେ ଫର୍ମ ଗଞ୍ଜାମ ଜିଲ୍ଲା ସ୍ଥିତ ଜୟଶ୍ରୀ କେମିକାଲ୍‌ସ୍‌ରୁ ସଂଗ୍ରହ କରାଯିବ । ଏହି ସଂସ୍ଥାରୁ ଉତ୍ପାଦିତ ଦ୍ରବ୍ୟ ସଂକ୍ରମଣ ନାଶକ ଔଷଧ ଭାବରେ ବ୍ୟବହୃତ ହେବ । ଏହାର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ଉଭୟ ସରକାରୀ, ଅର୍ଦ୍ଧ–ସରକାରୀ, ପୌର ସଂସ୍ଥା, ସାଧାରଣ ଅନୁଷ୍ଠାନ ଏବଂ ଘରୋଇ ବ୍ୟବହାର ପାଇଁ ରହିଛି ।

# ଗ୍ରାମାଞ୍ଚଳର ଉନ୍ନତି ଲାଗି ଜବାହର ଯୋଜନା

ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ହରିହର କରଣ ନୂଆଁଗାଁ ବ୍ଲକ୍‌ର ଶହିଦମା, ଖାଲମଡା, ଜାକେଡା, ଡିମିରିପଲ୍ଲୀ, ବିରିକୋଦା, ଡମୁଡୁଲ, ଗୁମ୍ମି, ଘଟେଇବନ୍ଧ, ହାଡିଆମାଳ ଆଦି ଗ୍ରାମମାନ ଗସ୍ତ କରିଥିଲେ । ଦଣପଲ୍ଲୀ ବ୍ଲକ୍‌ର ଜାମୁସାହି, ଦୁହୁରିପାଲୁ ଏବଂ ଅନ୍ୟାନ୍ୟ ଆଦିବାସୀ ବହୁଳ ଗ୍ରାମମାନ ରଣିଆ ବ୍ଲକ୍‌ର କାଳିଆପଦା, ଋଦ୍ଧିପଟା, ବିଜୟନଗର ଆଦି ଗ୍ରାମମାନ ପରିଦର୍ଶନ କରି ଶ୍ରୀ କରଣ ବିଭିନ୍ନ ସଭାରେ ଜବାହର ରୋଜଗାର ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଅବସ୍ଥାର ଦ୍ରୁତ ବିକାଶ ଲାଗି ଆହ୍ବାନ ଦେଇଥିଲେ ।

ଜବାହର ରୋଜଗାର ଯୋଜନା ମାଧ୍ୟମରେ ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ପୃକ୍ତ ଗ୍ରାମର ଲୋକଙ୍କ ଦ୍ବାରା ସେହି ଗ୍ରାମର ଚାହିଦା ମୁତାବକ ଉନ୍ନୟନ କାର୍ଯ୍ୟ ସଂପାଦନ ଏବଂ ଅନିର୍ବାର୍ଯ୍ୟ ପନ୍ଥା ଏବଂ ଏହାଦ୍ବାରା ଦେଶର ପ୍ରତ୍ୟେକ ଗ୍ରାମର ସର୍ବବିଧ ଉନ୍ନତି ହୋଇପାରିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କହିଛନ୍ତି । ଶ୍ରୀ କରଣ ସବ୍‌ଡିଭିଜନ୍ ଓ ବ୍ଲକ୍‌ସ୍ତରୀୟ ଅଫିସରମାନଙ୍କୁ ପରାମର୍ଶମାନ ପ୍ରଦାନ କରିଥିଲେ । ସେ ଜାମୁସାହିଠାରେ ଇନ୍ଦିରା ଆବାସ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଦୁହୁରିପାଲୁ କ୍ଷୁଦ୍ର ଜଳସେଚନ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ । ଶ୍ରୀ କରଣ ରଣିଆ ବ୍ଲକ୍ ଅନ୍ତର୍ଗତ କାୟ୍ୟାପଡା, ଋଦ୍ଧିପଟାଠାରେ ଦୁଇଟି ନିମ୍ନ ପ୍ରାଥମିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବା ସହିତ ବିଜୟନଗରଠାରେ ବିଜୟନଗର ୟୁ.ଜି.ଏମ୍.ଇ. ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାରମାନ ପ୍ରଦାନ କରିଥିଲେ । ନୂଆଁଗାଁ ବ୍ଲକ୍‌ର ଅଗ୍ନି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ୪୦ଟି ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ 100 ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଜାକେଡାଠାରେ 70 ଜଣଙ୍କୁ ଏବଂ ଗୁମ୍ମିଠାରେ ୪୦ ଜଣଙ୍କୁ ଘରତିଆ ପଟ୍ଟା ବଣ୍ଟନ କରିଥିଲେ ।

ସାଧାରଣ ସଭାମାନଙ୍କରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ କରଣ କହିଲେ ଯେ ସମୂହ ଚେଷ୍ଟାରେ ନିଜନିଜ ଗ୍ରାମମାନଙ୍କର ଉନ୍ନତି କରିପାରିଲେ, ତାହା ଆମ ରାଜ୍ୟ ତଥା ଦେଶର ଉନ୍ନତିରେ ସହାୟକ ହୋଇପାରିବ । ଜନସାଧାରଣଙ୍କ ସହଯୋଗ ବିନା ଲକ୍ଷ୍ୟ ସରକାରଙ୍କ ଲକ୍ଷ୍ୟ । ଜନସାଧାରଣଙ୍କ ସହଯୋଗ ବିନା କୌଣସି ଉନ୍ନୟନ ମୂଳକ କାର୍ଯ୍ୟରେ ଅଗ୍ରଗତି ସମ୍ଭବ ନୁହେଁ । ବହୁଳ ସଂଖ୍ୟାରେ ଖାଲି ବିଦ୍ୟାଳୟମାନ ନଖୋଲି, ଯେତିକି ବିଦ୍ୟାଳୟ ଅଛି, ତାହାର ସୁରକ୍ଷା ଓ ବିକାଶ କରିବା ଉଚିତ । ଛାତ୍ର ଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କର ଉତ୍ତମ ବୁଝାମଣାରେ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ କୃତୀ ହେବାକୁ ମନ୍ତ୍ରୀ ଶ୍ରୀ କରଣ ପରାମର୍ଶ ଦେଇଥିଲେ । ଶିକ୍ଷକ ଓ ଅଭିଭାବକମାନଙ୍କର ଚରିତ୍ର ଛୋଟଛୋଟ କୋମଳମତି ଶିଶୁଙ୍କୁ ପ୍ରଭାବିତ କରିଥାଏ । ତେଣୁ ଶିକ୍ଷକ ଓ ଅଭିଭାବକମାନେ ସବୁ କ୍ଷେତ୍ରରେ ସଂଯତ ହୋଇ ଉତ୍ତମ ଚରିତ୍ରବାନ ହେବା ଉଚିତ । ଶିଶୁମାନଙ୍କୁ ସେହିବାଟରେ ପରିଚାଳନା କରିବା ପାଇଁ ସେ ଉପଦେଶ ଦେଇଥିଲେ ।

# ଆଦିବାସୀ ଭାଷା ଆଲୋଚନା ଚକ୍ର

ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ତରଫରୁ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଭାଷା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧି, ସରକାରୀ କର୍ମଚାରୀ, ବିଧାୟକ ଓ ବିଧାନସଭା ବାଚସ୍ପତି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଆଲୋଚନାରୁ ଜଣାପଡିଲା ଯେ ମୟୂରଭଞ୍ଜ ଜିଲ୍ଲାରେ 53 ଗୋଟି ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । ସାନ୍ତାଳମାନଙ୍କର ସଂଖ୍ୟା ଜିଲ୍ଲା ଜନସଂଖ୍ୟାର ଶତକଡା 25 ଭାଗ । ବାଥୁଡି, ଭୂୟାଁ, ଭୂମିଜ, ହୋ, ଗଣ୍ଡା, କୋହ୍ଲ, ଖଡିଆ, ସାଓଁତି ଇତ୍ୟାଦି ଅନ୍ୟ 52ଟି ସମ୍ପ୍ରଦାୟର ସଂଖ୍ୟା ଜିଲ୍ଲା ଜନସଂଖ୍ୟାର ଶତକଡା 32 ଭାଗ । ଅଣଆଦିବାସୀମାନଙ୍କର ସଂଖ୍ୟା ଶତକଡା 42 ଭାଗ । ଆଲୋଚନାରୁ ଆହୁରି ମଧ୍ୟ ଜଣାପଡିଲା ଯେ ସ୍କୁଲମାନଙ୍କରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଭିନ୍ନ ଭିନ୍ନ ଭାଷାଭାଷୀ ପିଲା ଏକା ଶ୍ରେଣୀରେ ମଧ୍ୟ ପାଠ ପଢୁଛନ୍ତି । ତେଣୁ, ଗୋଟିଏ ଆଦିବାସୀ ଭାଷା ବା ଲିପିରେ ପାଠ ପଢାଇବା ସମ୍ଭବପର ନୁହେଁ ।

ଆଲୋଚନାରେ ସାନ୍ତାଳି ଭାଷାର ପ୍ରତିନିଧିମାନେ ଓଲଚିକି ଲିପିରେ ସାନ୍ତାଳି ଭାଷା ପଢାଇବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟାନ୍ୟ 52ଟି ଆଦିବାସୀ ଓ ଭିନ୍ନ ଭାଷାଭାଷୀ ସମ୍ପ୍ରଦାୟର ପ୍ରତିନିଧିମାନେ ଏହାକୁ ଗ୍ରହଣ କରି ନଥିବେ । ଓଡିଆ ଲିପି ଓ ଓଡିଆ ଭାଷା ପ୍ରଚଳନ ଚାଲୁ ରଖିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ପୁଣି ମତ ପ୍ରକାଶ ପାଇଲା ଯେ ଗୋଟିଏ ଅଞ୍ଚଳରେ ବା ଗୋଟିଏ ସ୍କୁଲରେ ଭିନ୍ନ ଭିନ୍ନ ଆଦିବାସୀ ଭାଷାଭାଷୀ ପିଲାମାନଙ୍କ ପାଇଁ ସାନ୍ତାଳି ଭାଷା ଲଦିଦେବା ଗ୍ରହଣୀୟ ନୁହେଁ ।

# ଜବାହର ଉଦ୍ୟାନ ଓ ଜବାହର ବାଲଭବନ

ହୀରାକୁଦ୍‌ଠାରେ ଜବାହର ଉଦ୍ୟାନ ଏବଂ ଭୁବନେଶ୍ବରଠାରେ ଜବାହର ବାଲଭବନ ପ୍ରତିଷ୍ଠା କରିବା ପାଇଁ ୪୦ତମ ସ୍ବାଧୀନତା ଓ ପଣ୍ଡିତ ନେହେରୁ ଜନ୍ମ ଶତବାର୍ଷିକୀ ରାଜ୍ୟ ସ୍ତରୀୟ ରୂପାୟନ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟଠାରେ ରାଜ୍ୟ ସ୍ତରୀୟ ରୂପାୟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା ।

ପଣ୍ଡିତ ଜବାହର ଲାଲ ନେହେରୁଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ହୀରାକୁଦ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ

ଜଳଗଣ୍ଡାର ନିକଟବର୍ତ୍ତୀ ଏକଶହ ଏକର ଜମିରେ ଏକ ଉଦ୍ୟାନ ପ୍ରତିଷ୍ଠା କରାଯିବ । ଏହାକୁ "ଜବାହର ଉଦ୍ୟାନ" ନାମରେ ନାମିତ କରାଯାଇ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରଖାଯିବ । ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ସେଚ ଓ ଶକ୍ତି ବିଭାଗ ଚଳିତ ବର୍ଷ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିବା ଏବଂ ଉଦ୍ୟାନ ମଧ୍ୟରେ ନେହେରୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ରାଜ୍ୟ ସ୍ତରୀୟ ରୂପାୟନ କମିଟି ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ରାଜ୍ୟ ରୂପାୟନ କମିଟିର ସଚିବ ଶ୍ରୀ ସୁବୋଧ ପାଣି ବୈଠକରେ ପ୍ରକାଶ କରିଥିଲେ ।

ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ଭୁବନେଶ୍ୱର ପାରେ ଦଶ ଏକର ପରିମିତ ଜାଗାରେ କମିଟି ଏକ ବାଳଭବନ ପ୍ରତିଷ୍ଠା କରିବା ନିମିତ୍ତ ନିଷ୍ପତ୍ତି କରିଛନ୍ତି । ଶିଶୁମାନଙ୍କର ସୃଜନାତ୍ମକ ପ୍ରତିଭାର ବିକାଶ ଘଟାଇବା ପାଇଁ ଏହି ବାଳଭବନଟି ଉଦ୍ଦିଷ୍ଟ । ଚିତ୍ରାଙ୍କନ, ଖେଳନା ପ୍ରସ୍ତୁତି, କାହାଣୀ ବର୍ଣ୍ଣନା, ନୃତ୍ୟ, ସଙ୍ଗୀତ ଓ ସୃଜନାତ୍ମକ ରଚନା, ଶାରୀରିକ ଶିକ୍ଷା, ସ୍ଥିର ଚିତ୍ର ଉତ୍ତୋଳନ, ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନର ବ୍ୟବସ୍ଥା ଏଠାରେ କରାଯିବ । ଶିଶୁମାନଙ୍କର ମନୋରଞ୍ଜନ ପାଇଁ ଏଠାରେ ବିବିଧ ସୁବିଧା ସୁଯୋଗର ମଧ୍ୟ ବ୍ୟବସ୍ଥା କରାଯିବ । ଏହି ଅନୁଷ୍ଠାନକୁ ଗଢି ତୋଳିବାରେ ଶିକ୍ଷା, ସାଧାରଣ ପ୍ରଶାସନ, ଗ୍ରାମଗୋଷ୍ଠୀ ଓ ଗ୍ରାମ୍ୟ ପୁନର୍ଗଠନ, ସଂସ୍କୃତି ଓ କ୍ରୀଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଶିଳ୍ପ ବିଭାଗଗୁଡିକୁ ସକ୍ରିୟ ଭାବରେ ସଂଶ୍ଳିଷ୍ଟ କରାଯିବ ।

ନେହେରୁ ଶତବାର୍ଷିକୀ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଓ ଉତ୍ସବ ସମ୍ପର୍କରେ ମଧ୍ୟ କମିଟିରେ ଆଲୋଚନା କରାଯାଇଥିଲା ।

ପଣ୍ଡିତ ନେହେରୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆସନ୍ତା ନଭେମ୍ବର ମାସ ୧୪ ତାରିଖ ଦିନ ନେହେରୁଙ୍କ ପବିତ୍ର ଜନ୍ମ ଦିବସ ପାଳନ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଏକାମ୍ର କାନନ "ନେହେରୁ ଗୋଲାପ ଉଦ୍ୟାନ"କୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ । କଳିଙ୍ଗ ଷ୍ଟାଡିୟମଠାରେ ଏକ "ରାଷ୍ଟ୍ରୀୟ ଏକତା ସମାବେଶ" ନାମରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହେବ । ଆଦିବାସୀ କଲ୍ୟାଣ ସମ୍ପର୍କରେ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଜାତନ୍ତ୍ରର ସମ୍ପାଦକ ଶ୍ରୀ ଭର୍ତ୍ତୃହରି ମହତାବ, ସୂଚନା, ଲୋକ ସମ୍ପର୍କ, ସଂସ୍କୃତି ଓ ପର୍ଯ୍ୟଟନ ଶାସନ ସଚିବ, ଶ୍ରୀ ସହଦେବ ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ, ରାଜ୍ୟପାଳଙ୍କ ସଚିବ, ଓଡିଶା ପର୍ଯ୍ୟଟନ ନିଗମ ପରିଚାଳକ ନିର୍ଦ୍ଦେଶକ, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ, ପୌର ପ୍ରଶାସନ, ହରିଜନ ଓ ଆଦିବାସୀ କଲ୍ୟାଣ, ସେଚ ଓ ଶକ୍ତି ବିଭାଗର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

# କୃଷି ଓ କୃଷକର ସହାୟ– ଭୂ-ଉନ୍ନୟନ ବ୍ୟାଙ୍କ୍

ଗ୍ରାମାଞ୍ଚଳରେ ଗରିବ କୃଷକମାନଙ୍କର ଅର୍ଥନୈତିକ ଉନ୍ନତି ପାଇଁ ଭୂଉନ୍ନୟନ ବ୍ୟାଙ୍କ୍‌ଗୁଡିକର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକସଭା ସଦସ୍ୟା ତଥା ନିଖିଳ ଭାରତ ମହିଳା କଂଗ୍ରେସ୍ ସଭାନେତ୍ରୀ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । କଟକ ଷ୍ଟାଡିୟମ୍ କ୍ଲବ୍ ହାଉସ୍‌ଠାରେ କଟକ, ପୁରୀ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଭୂ-ଉନ୍ନୟନ ବ୍ୟାଙ୍କ୍ ଗୁଡିକର ମିଳିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପଟ୍ଟନାୟକ କହିଲେ ଯେ, ଏହି ବ୍ୟାଙ୍କ୍‌ଗୁଡିକ କାର୍ଯ୍ୟକାରୀ ହେବା ଦିନଠାରୁ ଓଡିଶାର କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଓ ଦିନ ମଜୁରିଆମାନଙ୍କର ଅର୍ଥନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ଭାରତ ମାନଚିତ୍ରରେ ଓଡିଶା ଏକ କୃଷି ଭିତ୍ତିକ ରାଜ୍ୟଭାବେ ପ୍ରମାଣିତ ହୋଇଛି । ଏହି ସମବାୟ ସଂସ୍ଥାରେ ମହିଳାମାନଙ୍କୁ ମଧ୍ୟ ଅଧିକା ସ୍ଥାନ ଦେବା ଉପରେ ଶ୍ରୀମତୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସେଚ ଓ ଶକ୍ତି ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ କହିଲେ ଯେ ସ୍ୱାଧୀନତା ପରେ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସମବାୟ ବ୍ୟାଙ୍କ୍‌ଗୁଡିକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛନ୍ତି । ଇନ୍ଦିରାଗାନ୍ଧୀଙ୍କର ବ୍ୟାଙ୍କ୍ ଜାତୀୟକରଣର ସଫଳତାକୁ ପ୍ରଶଂସା କରିବା ସଙ୍ଗେସଙ୍ଗେ ବିରୋଧୀ ଦଳମାନଙ୍କର ଋଣଛାଡ ସ୍ଲୋଗାନକୁ କଠୋର ସମାଲୋଚନା କରିଥିଲେ ଏବଂ ଜନସାଧାରଣ ଏସବୁ ବିଭ୍ରାନ୍ତିକାରୀ ଶକ୍ତି ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ ।

ରାଜ୍ୟ କୃଷି, ସମବାୟ, ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା କହିଲେ ଯେ ସମବାୟ ବ୍ୟାଙ୍କ୍ ଜରିଆରେ ଚଳିତବର୍ଷ ରାଜ୍ୟର ଚାଷୀମାନଙ୍କୁ 15 କୋଟି ଟଙ୍କା ଋଣ ଦେବାକୁ ସକ୍ଷମ ହୋଇଛୁ । ଆଦିବାସୀ ଅଞ୍ଚଳରେ ଚାଷୀମାନଙ୍କୁ ଜଣକା 250 ଟଙ୍କା ଲେଖାଏଁ ରିହାତି ଦିଆଯାଇ 60 ହଜାର ଛୋଟ ଛୋଟ ଚାଷୀଙ୍କୁ ରିହାତି ଦିଆଯାଇ ସରକାର ସେମାନଙ୍କ ନାମରେ୨୪ ଲକ୍ଷ ଟଙ୍କା ପଇଠ କରିଛନ୍ତି । କୃଷି ବୀମା ଯୋଜନାରେ 1 ଲକ୍ଷ ୫6 ହଜାର 262 ଜଣ ଚାଷୀଙ୍କୁ 13 କୋଟି ୨୨ ଲକ୍ଷ ସାହାଯ୍ୟ ଆକାରରେ ପ୍ରଦାନ କରାଯାଇଛି । ପ୍ରଗତିଶୀଳ ଶିଳ୍ପନୀତି ଭଳି ରାଜ୍ୟ ସରକାର ଅତିଶୀଘ୍ର ଏକ ପ୍ରଗତିଶୀଳ କୃଷିନୀତି ଘୋଷଣା କରିବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ ।

କୃଷି ମନ୍ତ୍ରୀ କହିଲେ ଯେ ସମବାୟ ବ୍ୟାଙ୍କ୍ ଜରିଆରେ ଚଳିତ ବର୍ଷ ଖରିଫରେ 5 କୋଟି ଟଙ୍କା ଏବଂ ରବିରେ 45 କୋଟି ଟଙ୍କା ଋଣ ଦେବା ପାଇଁ ସ୍ଥିର କରିଛୁ । ସାର ପ୍ରୟୋଗ କ୍ଷେତ୍ରରେ ଶ୍ରୀ ବେହେରା କହିଲେ ଯେ ଓଡିଶାରେ 19୫7ରେ ହେକ୍ଟର୍ ପିଛା 17 କେଜି ସାର ପ୍ରୟୋଗ କରାଯାଇଥିଲା ବେଳେ ୫୫ରେ 25 କେଜି ଏବଂ ୫୨ରେ ହେକ୍ଟର୍ ପ୍ରତି 40 କେଜି

ରାଜ୍ୟ ଭୂ-ଉନ୍ନୟନ ବ୍ୟାଙ୍କର ସଭାପତି ତଥା ସମ୍ବାଦର ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କର ଭାଷଣରେ କହିଲେ ଯେ ଆଗାମୀ ଦିନର ସ୍ୱପ୍ନକୁ ବାସ୍ତବରେ ରୂପାୟିତ କରିବା ପାଇଁ କର୍ମଚାରୀମାନଙ୍କର ସହଯୋଗ କାମନା କରିଥିଲେ । ଓଡିଶା ଭୂ-ଉନ୍ନୟନ ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର୍ ଶ୍ରୀ ବିପିନ ବିହାରୀ ପଟ୍ଟନାୟକ ବିବରଣୀ ପାଠ କରିଥିଲେ ଏବଂ ଡାଇରେକ୍ଟର୍ ଶ୍ରୀ ରତ୍ନାକର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ମୟୂରଭଞ୍ଜ, ବାଲେଶ୍ୱର, କଟକ, ପୁରୀ ଜିଲ୍ଲାରୁ ଆସିଥିବା 115 ଜଣ ଚାଷୀଙ୍କୁ ଏବଂ 17 ଜଣ ସୁପରଭାଇଜରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ୟାଙ୍କର ଭାଇସ୍ ଚେୟାରମ୍ୟାନ ଶ୍ରୀ ବୈକୁଣ୍ଠନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

ସାର ପ୍ରୟୋଗ କରାଯାଉଛି । ଗତ ବର୍ଷ ଓଡିଶାରେ 49 ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଥିବା ବେଳେ ଚଳିତ ବର୍ଷ 72 ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ଓଡିଶାର 5ଟି ଜିଲ୍ଲା ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁରକୁ ସ୍ୱତନ୍ତ୍ର ଧାନ ଉତ୍ପାଦନ ଜିଲ୍ଲା ହିସାବରେ ଗ୍ରହଣ କରାଯାଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଛି ଏବଂ ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାରେ 10 ହଜାର ଏକର ଜମିରେ କପା ଚାଷ କରାଯାଇ ପ୍ରାୟ 30 କୋଟି ଟଙ୍କାର କପା ଉତ୍ପାଦନ କରାଯାଉଛି । ସମଗ୍ର ଭାରତ ବର୍ଷରେ ଓଡିଶା ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ହୋଇଛି । ଭୂ-ଉନ୍ନୟନ ବ୍ୟାଙ୍କଗୁଡିକର କାର୍ଯ୍ୟକ୍ରମ ଅଧିକ ପ୍ରଗତିଶୀଳ କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ ।



# ଶୀଳ ଶକ୍ତି

ଶ୍ରୀ ନରହରି ଉପାଧ୍ୟାୟ

ଯୁଗେଯୁଗେ ନରସୃଷ୍ଟି ଶକ୍ତିର ଉପାସକ । ଶିଶୁଟିଏ ଭୟ ପାଇଲେ ମା' ପାଖକୁ ଦଉଡିଯାଏ । ସନ୍ତାନବତ୍ସଳା ଜନନୀ ଭୀତତ୍ରସ୍ତ ଶିଶୁକୁ ସସ୍ନେହରେ କୋଳକୁ ଟାଣି ନେଇ ନିଜର ପଣନ୍ତ କାନିରେ ଘୋଡାଇ ରଖେ । କେଉଁ ଅନନ୍ତ ଅପାର କାଳରୁ ପ୍ରଜାବାତ୍ସଲ୍ୟମୟୀ ଭଦ୍ରଦାୟିନୀ ଶକ୍ତି ବିଶ୍ୱ ପ୍ରପଞ୍ଚରେ ମାତୃ ରୂପେ ପ୍ରତିଷ୍ଠିତା । ପ୍ରାଣପ୍ରିୟ ମନୁଷ୍ୟ ଆପତ୍‌କାଳ ଉପସ୍ଥିତ ହେଲେ ବିନାଶ ଭୟରେ ଲୋଡେ ସୁଦୃଢ ଆଶ୍ରୟ ବ୍ୟୂହ । ସେ କଳ୍ପନା କରେ ଅସୀମ କର୍ତ୍ତୃତ୍ୱସମ୍ପନ୍ନା ଶକ୍ତି ତତ୍ତ୍ୱର ପ୍ରମୂର୍ତ୍ତ ମାତୃରୂପ । ଭୟଜାତ ଭକ୍ତି ଚେତନା ତାକୁ ନେଇ ପହଞ୍ଚାଇ ଦିଏ ତାଙ୍କରି ଅଭୟ ଚରଣ ତଳେ । 'ବିଶ୍ୱସମ୍ଭୂତେ ଏ ଜଗତ'; ସଚେତନ ସନ୍ତାନ ସେହି ଅଭୟାର ଚରଣତଳେ ଢାଳି ଦେଇଥାଏ ତା'ର ଆତୁର-କାତର ପ୍ରାଣର ସକଳ ଆବେଦନ-ନିବେଦନ । କେତେବେଳେ ସ୍ଥୂଳ – କେତେବେଳେ ସୂକ୍ଷ୍ମ, କେତେବେଳେ ସୁଶାନ୍ତ-ପ୍ରଶାନ୍ତମୟୀ ସ୍ନେହଶୀଳା ଜନନୀ ତ ପୁଣି କେତେବେଳେ ଅବା ପ୍ରଚଣ୍ଡ-ଉଦଣ୍ଡୀ ରଣଚଣ୍ଡୀ ରୂପରେ ଅର୍ଗଳ-ଅର୍ଗ ବିନାଶିନୀ, ଖଳବଳବିଧ୍ୱଂସିନୀ ଭୂମିକାରେ ଅବତୀର୍ଣ୍ଣା ହୋଇଥାନ୍ତି ସୃଷ୍ଟି ପରିପାଳିନୀ ଶକ୍ତିଦେବୀ । ସତ୍ୟଯୁଗେ ସାଜିଥିଲେ ମହିଷମର୍ଦ୍ଦିନୀ; ତ୍ରେତାଯୁଗେ ଶ୍ରୀରାମଙ୍କ ଉତ୍ସାହବର୍ଦ୍ଧନୀ-ଶକ୍ତିବିବର୍ଦ୍ଧିନୀ; ଦ୍ୱାପରରେ କଂସାସୁରର ନିଧନକାରେଣୀ; ସର୍ବମଙ୍ଗଳା ରୂପରେ କଳିହତ ପ୍ରଜାକୁଳ ଅଭୟଦାୟିନୀ । ବିଗତ କାଳର ପୌରାଣିକ ଇତିବୃତ୍ତି ଲିପିବଦ୍ଧ କରେ ଏପରି ଅସଂଖ୍ୟ ଦୃଷ୍ଟାନ୍ତ । ଅତଏବ ଭୟରୁ ଭକ୍ତି, ଭକ୍ତିରୁ ପ୍ରୀତି, ପ୍ରୀତିରୁ ଶକ୍ତି ଉପାସନାର ସୂତ୍ରପାତ ସୃଷ୍ଟିର ଆଦ୍ୟକାଳରୁ ହୋଇଥିବା ଜଣାପଡେ । ଆମେ ମୁଷ୍ଟିମେୟ ଭକ୍ତିପ୍ରାଣ ସନାତନୀ ଗୋଷ୍ଠୀ, ସେହି ପରମ୍ପରାପୁଷ୍ଟ ସାଂସ୍କୃତିକ ଧାରାରୁ ଚ୍ୟୁତ ନ ହୋଇ ଶକ୍ତିର ପ୍ରତୀକାତ୍ମକ ମୃଣ୍ମୟୀ ମୂର୍ତ୍ତି ଉପାସନା ମାଧ୍ୟମରେ ସୃଷ୍ଟି ରହସ୍ୟର ଚମତ୍କାରିତାକୁ ଆନୁଷ୍ଠାନିକ ମର୍ଯ୍ୟାଦା ଦେଇ ଆସିବା ସଙ୍ଗେ ବିଶ୍ୱକଲ୍ୟାଣକାମ-ଚେତନାପ୍ରବାହର ଗତିଶୀଳତାକୁ ଅବ୍ୟାହତ ରଖିବା ପାଇଁ ପରମ୍ପରାନୁଷ୍ଠି ପ୍ରୟାସ କରି ଚାଲିଛୁ ।

ବର୍ତ୍ତମାନର ଅନୁଭୂତିରୁ ଦେଖାଯାଏ ଏକ ଦୁର୍ଭାଗ୍ୟଜନକ ଅବକ୍ଷୟ ପ୍ରକ୍ରିୟା । ସତେ ଯେପରି ସୁବାସିତ କର୍ପୂର ଟିକକ ଉଡିଯାଇ ଖାଲି ଚକ୍‌ମକିଆ କନା ଖଣ୍ଡିଟି ପଡି ରହିଛି ବାପଗୋସାଇ ଐତିହ୍ୟ ପରମ୍ପରାର ସ୍ମୃତିତର୍ପଣ କରିବାକୁ । ଆଜିକାଲିକାର କ୍ରମବର୍ଦ୍ଧମାନ ଦେବୀପୂଜାମଣ୍ଡପମାନଙ୍କରେ ତୀବ୍ର ପ୍ରତିଯୋଗିତାମୂଳକ ଆଡମ୍ବରପୂର୍ଣ୍ଣ ବର୍ଣ୍ଣାଢ୍ୟ ସାଜସଜ୍ଜା ଦେଖିଲେ ଆଖି ଝଲସିଯାଏ । କିନ୍ତୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ, ଆଧ୍ୟାତ୍ମିକ ଚେତନା ଓ ଭକ୍ତିକ ନିଷ୍ଠାର ଗୌଣତ୍ୱ ଉପଲବ୍ଧି ହୁଏ । ସୃଷ୍ଟିର ଆଦ୍ୟପାଦରେ ପରମାତ୍ମ ସତ୍ତାରୁ ଶକ୍ତିତତ୍ତ୍ୱର ଉତ୍ପତ୍ତି । ସୃଷ୍ଟି ସଞ୍ଚାଳନ କ୍ରିୟା ତା'ରି ଉପରେ ନ୍ୟସ୍ତ । ସେ ପରାଶକ୍ତି । ସନାତନ ବ୍ରହ୍ମଙ୍କର ସର୍ବକାରିଣୀ ଶକ୍ତି ରୂପେ ସମ୍ମାନିତା ଏବଂ 'ଇଚ୍ଛାନୁଗ୍ରହବିଗ୍ରହା' ରୂପେ ସ୍ତୁତା । ଇଚ୍ଛାନୁଗ୍ରହବିଗ୍ରହା କହିବାର ତାତ୍ପର୍ଯ୍ୟ, ଭକ୍ତବାଞ୍ଛା ପୂର୍ତ୍ତି ନିମିତ୍ତ ସେ ଯେ କୌଣସି ରୂପରେ ଆବିର୍ଭୂତା ହୁଅନ୍ତି । ଏହି ବିଜ୍ଞାନପ୍ରଧାନ ଯୁଗରେ ପ୍ରାକୃତିକ ଶକ୍ତିତତ୍ତ୍ୱ ପୂର୍ବଭଳି ଆଉ ରହସ୍ୟାବୃତ ହୋଇ ରହିନାହିଁ । କଳ୍ପନାର ଯବନିକା ଆଜି ଅପସାରିତ । ପ୍ରଜ୍ଞାବାନ୍ ପଦାର୍ଥବିଜ୍ଞାନୀଗଣ ଶକ୍ତିଦୁର୍ଗର ଅଭେଦ୍ୟତାକୁ ଭେଦ କରି ତା'ର ଝୁଣ୍ଟି ଧରିସାରିଲେଣି । ପ୍ରାକୃତିକ ପରମାଶକ୍ତି ଆଉ ମଣିଷ ଦୃଷ୍ଟିରେ ଦେବୀ ନୁହେଁ—ଦାସୀ; ସେବ୍ୟ ନୁହେଁ—ସେବିକା; ଅସାଧ୍ୟ ନୁହେଁ—ସାଧ୍ୟ । ତା'ରି ବଳରେ ବଳିୟାନ୍ ହୋଇ କ୍ଷୁଦ୍ର ମାନବ ଆଜି ଚନ୍ଦ୍ରଲୋକରେ ପତାକା ଉଡାଇ ବିଶ୍ୱବ୍ରହ୍ମାଣ୍ଡ ଜୟର ପ୍ରୟାସ କଲାଣି । ବିଜ୍ଞାନପ୍ରଭାବିତ ଏ ଯୁଗ ମଣିଷ ଗୋଟାଏ ଯୁଗଯୁଗାବଧି ପ୍ରତିଷ୍ଠିତ ସାତ୍ତ୍ୱିକ ପରମ୍ପରାର ସୁଯୋଗ ନେଇ, ତାମସିକ ପ୍ରବୃତ୍ତିକୁ ଚରିତାର୍ଥ କରିବାରେ ଲାଗିଛି । କ୍ଷେତ୍ର ବିଶେଷରେ ଐକାନ୍ତିକ-ଭକ୍ତିନିଷ୍ଠ-ଶକ୍ତିପୂଜା ଯେ ନ ହେଉଛି, ତାହା ନୁହେଁ । ପରନ୍ତୁ ସଂଖ୍ୟାଧିକ କ୍ଷେତ୍ରରେ ପୂଜା ଖାଲି ମଜା-ମଜଲିସ୍‌ର ଏକଅଡ୍‌ଡା: ନାମକୁ ବାସ୍ତେ ଗୋଟାଏ ପ୍ରହସନ; ମନୋରଞ୍ଜନ କାର୍ଯ୍ୟକ୍ରମର ଅନ୍ୟତମ ମାଧ୍ୟମ ରୂପେ ଅନୁଷ୍ଠିତ ହେଉଛି କହିଲେ

ଅତ୍ୟୁକ୍ତି ହେବ ନାହିଁ । ସେଥିରେ ଭକ୍ତିର ସୀମା ନାହିଁ କି ନିଷ୍ଠାର ସୀମା ନାହିଁ । ସମାଜରେ ଏପରି କେତେ କ'ଣ ଘଟୁଛି–ଘଟିବ । ଉପାସନା ପରମ୍ପରା ଆମ ଭାରତୀୟ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ତା'ର ବର୍ତ୍ତମାନ ଲକ୍ଷ୍ୟଣୀୟ, ଭବିଷ୍ୟତ ଅପେକ୍ଷଣୀୟ । ତେବେ ଅଭିମୁଖ୍ୟ ବଦଳିବାର ଆବଶ୍ୟକତା ଅବଶ୍ୟ ଅନୁଭୂତ ହୁଏ ।

ଆଲୋଚନାରୁ ପ୍ରକଟିତ ହୁଏ ଧର୍ମସଙ୍କଟରେ ଚିତ୍ର, ଉଠେ ଆସ୍ଥାସଙ୍କଟର ସ୍ୱର, ଦେଖିବାକୁ ମିଳେ ଅଧୋମୁଖୀ ସମାଜର ଏକ ଚିଟିତ୍ର ଦୃଶ୍ୟ । ବର୍ତ୍ତମାନର ଜନଜୀବନ କୃତ୍ରିମତାରେ ପରିପୂର୍ଣ୍ଣ । ମାନବ ପ୍ରତିଭା ଆଜି ଧ୍ୱଂସମୁଖୀ, ସୃଜନସାପେକ୍ଷ ନୁହେଁ । ଏ ହେଉଛି ଅଧୁନାତନ ଅମୃତବାଦୀ ସଭ୍ୟତାର ଦାରୁଣ ପ୍ରତିକ୍ରିୟାପ୍ରସୂତ ବିଷମୟ ଫଳ । ଏ ଯନ୍ତ୍ରଯୁଗରେ ବୈଷୟିକ ସଙ୍କଟର ସମାଧାନ ବାହ୍ୟ ଶକ୍ତି ଦ୍ୱାରା ସମ୍ଭବ । ଅପରନ୍ତୁ ମାନସିକ ସଙ୍କଟ ଦୂରୀକରଣାର୍ଥେ ଅଭ୍ୟନ୍ତରୀଣ ଶକ୍ତି ଉପରେ ସନ୍ଧାନ କରିବାକୁ ହେବ । ସାଧାରଣ ଚିନ୍ତାଶୀଳ ମାନସରେ ପ୍ରଶ୍ନ ଉଠେ, ସମସ୍ୟା ସୁଧୁରିବ କିପରି ? ସୁଧାରିବ କିଏ ? ସେପରି ଶକ୍ତି ଅଛି କାହାର ? ଏ ସବୁର ଗୋଟିଏ ଉତ୍ତର 'ମଣିଷ' ।

ବ୍ୟକ୍ତି ହିଁ ଶକ୍ତି । ଉକ୍ତିଟି ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ବ୍ୟକ୍ତିର ଭାବ ବ୍ୟକ୍ତିତ୍ୱ । ସ୍ଥୂଳତଃ ଏହା ଏକ ପ୍ରଭାବ-ପୌରୁଷ ବ୍ୟଞ୍ଜକ ସଂଜ୍ଞା । ବ୍ୟକ୍ତି ନିଜର ଚିନ୍ତା ଓ ଆଚରଣକୁ ସମନ୍ୱିତ କରିପାରିଲେ ତହିଁରୁ ବ୍ୟକ୍ତିତ୍ୱ ଗଢ଼ିଉଠେ । ବହୁ ମନୀଷୀ-ମହାପୁରୁଷଙ୍କ ଜୀବନରୁ ଏହା ପ୍ରମାଣିତ । ଇତିହାସ ପୁରାଣାଦିକୁ ଅନୁଧ୍ୟାନ କଲେ ଦେଖାଯିବ, ଚିନ୍ତା ଓ ଆଚରଣର ସମନ୍ୱୟ ଅଭାବରୁ ବହୁ ପ୍ରତିଶ୍ରୁତିପୂର୍ଣ୍ଣ ବ୍ୟକ୍ତିତ୍ୱର ଅକାଳ ଅବସାନ ଘଟିଯାଇଛି । ଚିତ୍ତ ଜ୍ଞାନପୁଷ୍ଟତା, ଶରୀରର ସୁସ୍ଥତା ଏବଂ ଆତ୍ମାର ନିର୍ମଳତାରୁ ବ୍ୟକ୍ତିତ୍ୱ ବିକଶିତ ହୁଏ । ତାହୁଣ ବ୍ୟକ୍ତିତ୍ୱ ଗୌରବବୋଧକ । ବିପରୀତପକ୍ଷେ, ଚିତ୍ତଜ୍ଞାନବିରହିତ, ଶରୀର ସ୍ୱାସ୍ଥ୍ୟହୀନ ଏବଂ ଆତ୍ମା ନିର୍ମଳତାବିହୀନ ହେଲେ ବ୍ୟକ୍ତିତ୍ୱ ଅମର୍ଯ୍ୟାଦିତ ହୁଏ । ବ୍ୟକ୍ତିତ୍ୱନିଷ୍ଠତା ନିଜ ଉପରେ ଆସ୍ଥା ସୃଷ୍ଟି କରେ; ନ୍ୟୁନମନ୍ୟତା ଦୂର କରେ; କର୍ମପ୍ରବଣତାର ପରିପୁଷ୍ଟି ସାଧନ କରେ । ଏହି ନିଷ୍ଠା ଅଭାବରୁ ଅତି ଆସ୍ଥାସଙ୍କଟର ସ୍ୱର ଉଠେ । ବ୍ୟକ୍ତିତ୍ୱ ଭିତରେ ଅଛି ଶକ୍ତିର କେନ୍ଦ୍ର । ଆଧୁନିକ ଅନାତ୍ମବାଦୀ ସଭ୍ୟତା ବ୍ୟକ୍ତିକୁ ଶକ୍ତିହୀନ କରିଦେଉଛି । ଉପନିଷଦୀୟ ଉକ୍ତିରେ, "ଆତ୍ମବଞ୍ଚକଃ ସର୍ବବଞ୍ଚକଃ", ଅର୍ଥାତ୍ ଯେ ନିଜକୁ ଠକିଦିଏ, ସେ ଜଗତକୁ ଠକି ଦେଇପାରେ । ଏ ଯୁଗ ଜନଜୀବନର ପ୍ରତି କ୍ଷେତ୍ରରେ ଆତ୍ମବଞ୍ଚନା ପରିବ୍ୟାପ୍ତ । ଫଳତଃ ସଙ୍କଟାପନ୍ନ ସମାଜର ସ୍ଥିତି । ସର୍ବତ୍ର ଭୟାନକ ପରିସ୍ଥିତି; ନୈରାଶ୍ୟର ଘନୀଭୂତ ବାତାବରଣ । ବ୍ୟକ୍ତିକୁ ନେଇ ତ ସମାଜ । ବ୍ୟକ୍ତି ଯଦି ତା'ର ବ୍ୟକ୍ତିତ୍ୱ ଔଜ୍ଜ୍ୱଲ୍ୟ ତଥା ନୈତିକ ଓ ସାମାଜିକ ବିଶ୍ୱସ୍ତତା ହରାଇଦିଏ, ସମାଜର ସ୍ଥିତି କେଉଁଠି ? ଆଜି ଆମ ସମସ୍ତଙ୍କ ଆଗରେ ଏଇ ପ୍ରଶ୍ନ ।

ମନୁଷ୍ୟ ପରାଶକ୍ତିର ଅବିନାଶୀ ଅଂଶ । ତା'ର ଶରୀରରେ ସମସ୍ତ ଦେବସତ୍ତା ବା ଶକ୍ତିସତ୍ତା ବିଦ୍ୟମାନ ରହିଛି । ଯେଉଁ ମନୁଷ୍ୟ ତା'ର ଶ୍ରଦ୍ଧା, ସଦ୍‌ଭାବନା ଓ ଦୃଢ଼ବିଶ୍ୱାସ ବଳରେ ମାଟିପିଣ୍ଡ ପଥରଖଣ୍ଡକୁ ଦେବତାରେ ପରିଣତ କରିଦେଇପାରେ, ସେ କ'ଣ ନିଜର ଅନ୍ତର୍ନିହିତ ବ୍ରହ୍ମାଂଶ ଶକ୍ତିକୁ ଦେବତ୍ୱର ବିକାଶ ଘଟାଇ ପାରିବ ନାହିଁ ? ସତ୍ୟ, ଧର୍ମ, ନ୍ୟାୟ, ନିଷ୍ଠା, ସଂଯମ, ସଦାଚାର ପ୍ରଭୃତି ନରବାଞ୍ଛିତ ସଦ୍‌ଗୁଣାବଳୀ ପର୍ଯ୍ୟାୟରେ 'ଶୀଳ' ଏକ ବଳିଷ୍ଠ ମାନବୀୟ ଗୁଣ । ଶୀଳତା ଏକ ପ୍ରଚଣ୍ଡ ଶକ୍ତିପ୍ରେତ । ଶୀଳବତୀ ବ୍ରହ୍ମସତ୍ତାର ଅଂଶଭୂତା । ତେଣୁ ଶୀଳର ତାତ୍ପର୍ଯ୍ୟ ଅବବୋଧନୀୟ ।

ଶାସ୍ତ୍ରୀୟ ବ୍ୟାଖ୍ୟାନୁସାରେ, ଶାସ୍ତ୍ରାନୁକୂଳ ବାଚିକ ଓ ମାନସିକ କ୍ରିୟାକଳାପ 'ଶୀଳ' । ଆଉ ଟିକିଏ ପ୍ରାଞ୍ଜଳ କରି କୁହାଯାଇପାରେ, ଶରୀରର ସତ୍‌କର୍ମ, ମନର ସଦ୍‌ବିଚାର ଓ ଅନ୍ତଃକରଣର ସଦ୍‌ଭାବନା ଶୀଳ ଉପାଦାନଭୂତ ଉପାଦାନତ୍ରିତୟ । ଏହି ଶୀଳତା ଲାଭ ପାଇଁ ସଭ୍ୟତାର ଉନ୍ମେଷ କାଳରେ ବୈଦିକ ଋଷି ପ୍ରାର୍ଥନା କରିଥିଲେ– "ଭଦ୍ରଂ ମନଃ କୃଣୁଷ୍ୱ....." ଇତ୍ୟାଦି, ଅର୍ଥାତ୍ ମୋର ମନ, ଅନ୍ତଃକରଣ ଓ କର୍ମ ଭଦ୍ରଭାବନାମୟ ହେଉ । ଏଥିରେ ଆତ୍ମକଲ୍ୟାଣ ସହ ଲୋକକଲ୍ୟାଣ କାମନା ଓତପ୍ରୋତଃ । କେବଳ ଗୁଣର ସ୍ଥିତି ନୁହେଁ, ସକ୍ରିୟତାରୁ ହିଁ ଶକ୍ତିର ପ୍ରମାଣ । ଶୀଳ ଓ ଶକ୍ତି ସଙ୍କ୍ଷ ଦ୍ୱୟର ସମନ୍ୱୟରୁ ବ୍ୟକ୍ତିସତ୍ତାରେ ଶକ୍ତିସତ୍ତାର ଉଦ୍ଭବ ନିର୍ଣ୍ଣୟ କରାଯାଇପାରେ ।

'ଶକ୍ତି' ଏକ ନୈସର୍ଗିକ ସାମର୍ଥ୍ୟବୋଧୀ ସଂଜ୍ଞା, ଯାହାର ବହିଃପ୍ରକାଶ ଉଗ୍ରରୂପା, ଅନ୍ତଃପ୍ରକାଶ ଶୁଭଦାମଙ୍ଗଳପ୍ରଦା । ଶାସ୍ତ୍ର ମତରେ, ଶିବ ଶକ୍ତିଯୁକ୍ତ ହେଲେ ତାଙ୍କର ମଙ୍ଗଳମୟତ୍ୱ ସିଦ୍ଧି ହୁଏ; ସେ ଶିବତ ହୁଅନ୍ତି ! ଅନ୍ୟଥା ଶକ୍ତିଚ୍ୟୁତ ହେଲେ ଶିବ ଶବମାତ୍ର । ସେହିପରି ଶୀଳ ସଂଜ୍ଞା ବ୍ୟକ୍ତିସ୍ୱଭାବ ପ୍ରକାଶକ । ଆଚରଣରୁ ହିଁ ମଣିଷର ସ୍ୱଭାବସିଦ୍ଧ ହୁଏ, ଯଥା– ସଦାଚରଣରୁ ସାଧୁସ୍ୱଭାବ, ଖଳ ଆଚରଣରୁ ଖଳସ୍ୱଭାବ, ଚୌର୍ଯ୍ୟାଚରଣରୁ ଚୋରସ୍ୱଭାବ, ହିଂସାଚରଣରୁ ହିଂସ୍ରକ ସ୍ୱଭାବ..... ଇତ୍ୟାଦି ଭିନ୍ନଭିନ୍ନ ଆଚରଣରେ ମହତ୍ ଅମହତ୍ ସ୍ୱଭାବ ପ୍ରକଟିତ ହୁଏ ! ଅପରନ୍ତୁ 'ଶୀଳ' ଓ 'ଶକ୍ତି'ର ଦ୍ୱନ୍ଦାତ୍ମକ ସଂଯୋଗ ଘଟିଲେ ସଂଯୁକ୍ତ ପଦଟି 'ଶୀଳଶକ୍ତି', ଯାହାକି ସର୍ବୋତ୍କୃଷ୍ଟ ମାନବୀୟ ସଦ୍‌ଗୁଣକୁ ପ୍ରକାଶ କରିବା ସଙ୍ଗେ ଆଧାରଭୂତ ବ୍ୟକ୍ତିତ୍ୱରେ କ୍ରିୟାଶୀଳତା ସୂଚିତ କରେ ।

"ଶ୍ରୁତୌ ଚ ଚରିତେ ଶୀଳମ୍" (ଅମର); ଏହି ପର୍ଯ୍ୟାୟରେ ଶୀଳ ସୁଆଚାରବାଚୀ ଚରିତ୍ରବୋଧକ ଶବ୍ଦ ରୂପରେ ପ୍ରତିପନ୍ନ ହୋଇଛି । ବିଷୟାସକ୍ତ ମନୁଷ୍ୟ ଭୌତିକ ଉନ୍ନତିକୁ ସ୍ୱୀକାର ହୋଇଛି । କେବଳ ସେତିକି ନୁହେଁ, ମାନଦଣ୍ଡ ରୂପରେ ବିଚାର କରେ । କେବଳ ସେତିକି ନୁହେଁ, ଭୌତିକ ସମୃଦ୍ଧିକୁ ନିଜର ଗରିମା ବିଜ୍ଞାପନର ମାଧ୍ୟମ କରିଥାଏ । ସିଂହଳ ଦ୍ୱୀପର ଐଶ୍ୱର୍ଯ୍ୟବୈଭବ ବର୍ଣ୍ଣନା କରିବାକୁ ଯାଇ କାବ୍ୟସମ୍ରାଟ ଭଞ୍ଜେ ଉଲ୍ଲେଖ କରନ୍ତି– "ଯେତେ କୋଟି ସୁବର୍ଣ୍ଣ ଯାହାକୁ ମିଳେ ଦେଇଁ, ସେତେଗୋଟି କଳସ ତା ମନ୍ଦିରେ ଚଢ଼ଇ" । ମାତ୍ର ଶତଲୋଇଟିରେ ହିଁ ନିହିତ ଅସଲ ସୁନାର ଗାର । ଶୀଳ ଅର୍ଥ ଶୁଦ୍ଧ ଆଚରଣ । ବିନୟପୂର୍ବକ ଶିଷ୍ଟ ଶୁଦ୍ଧ ଆଚରଣରେ ମାଗିହିଁକ ମହତ୍ତ୍ୱ ପ୍ରକୂଟିତ ହେବା ସଙ୍ଗେ ବ୍ୟକ୍ତିତ୍ୱର ଗରିମା ପ୍ରତିଷ୍ଠିତ ହୁଏ; ଏଥିପାଇଁ କୌଣସି ପ୍ରକାରର ବିଜ୍ଞାପନର ଆବଶ୍ୟକତା ନାହିଁ । ନିଷ୍ପାପ, ନିଷ୍କଳଙ୍କ ପବିତ୍ର ଆଚରଣରେ ବ୍ୟକ୍ତି ପ୍ରକୃତ ସୁଖୀ । ଶୀଳତା ବିନା ଆତ୍ମିକ ବିକାଶ ଅସମ୍ଭବ ।

ନୁହେଁ । ଜୀବନକୁ ଉପରକୁ ଉଠାଇବା ପାଇଁ, ଭୌତିକ ତଥା ଆଧ୍ୟାତ୍ମିକ ସ୍ବଚ୍ଛଳତା ପାଇଁ, ଦୁଃଖ-ଭୟ-ଅଶାନ୍ତି-ଉପଦ୍ରବରୁ ଦୂରରେ ରହିବା ପାଇଁ ଶୀଳ ହିଁ ଏକମାତ୍ର ଅମୋଘ ଶକ୍ତି । ଆତ୍ମଶକ୍ତି ଜାଗରଣ ବିନା ଆତ୍ମୋନ୍ନତି ଅଭାବନୀୟ, ଏହା ଏକ ଅବିସମ୍ବାଦୀ ସତ୍ୟ ।

ଶୀଳତାର ଅଭ୍ୟୁଦୟରେ ଅନ୍ତଃକରଣ ବିକଶିତ ହୁଏ । ବିଶୁଦ୍ଧ-ବିକଶିତ ଅନ୍ତଃକରଣ ହିଁ ଶକ୍ତିର ଅଧିଷ୍ଠାନ । ଉପରକୁ ନିଜେ ଉଠିବା ପାଇଁ ବା କାହାକୁ ଉଠାଇବା ପାଇଁ ଶକ୍ତି ଆବଶ୍ୟକ । ଶକ୍ତି ବିନା ଜଳକୁ ଉପରକୁ ଉଠାଯାଇ ନ ପାରେ । ମାତ୍ର ଜଳଧାରାକୁ ନିମ୍ନଗାମୀ କରାଇବାକୁ ଶକ୍ତିର ଆବଶ୍ୟକ ପଡେ ନାହିଁ । ସେ ସ୍ବତଃ ନିମ୍ନାଭିମୁଖରେ ପ୍ରବାହିତ ହୋଇଯାଏ, ଯେହେତୁ ନିମ୍ନପ୍ରବାହମାନତା ତା'ର ଧର୍ମ । ମନୁଷ୍ୟର ଚିତ୍ତ ଜଳବତ୍ ତରଳ । ସହଜରେ ସେ ନିମ୍ନାଭିମୁଖରେ ଚାଲିଯାଏ । ମନୁଷ୍ୟର ଚରିତ୍ର ଉପରେ ଅଧୋପତନ ଦିଗରେ ଆକର୍ଷଣ ଅଧିକ; ଉତ୍କର୍ଷତା ପ୍ରତି ସହଜରେ ଆକର୍ଷଣ ଜାତ ହୁଏନାହିଁ । ସୁତରାଂ ଚାରିତ୍ରିକ ସ୍ଖଳନର ପ୍ରତିରୋଧ କରିବା ଏବଂ ସମୁନ୍ନତି ସାଧନ କରିବା ଦ୍ବାରା ଜୀବନର ପ୍ରତିଶ୍ରୁତିପୂର୍ଣ୍ଣ ସକଳ ସମ୍ଭାବନାକୁ ଜନନୀ କରାଯାଇପାରେ । ଅନ୍ୟଥା ଅପଥ ଭାଗ୍ୟବାଦୀ, ନିଷ୍କ୍ରିୟ, ପରମୁଖାପେକ୍ଷୀ, ହୀନମନ୍ୟ ହୋଇପଡିବା ସ୍ବାଭାବିକ ।

ପୂର୍ବେ ସୂଚାଇ ଦିଆଯାଇଛି, ସମାଜ ବ୍ୟକ୍ତିର ସମଷ୍ଟି । ନାନା ପାରିପାର୍ଶ୍ବିକ କାରଣରୁ ବ୍ୟକ୍ତିତ୍ବ ଏବେ ଚରିତ୍ରଦୌର୍ବଲ୍ୟବ୍ୟାଧିଗ୍ରସ୍ତ । ବ୍ୟକ୍ତିତ୍ବ ବିକୃତିରୁ ସମାଜ ସ୍ତରରୁ ଆରମ୍ଭ କରି ରାଷ୍ଟ୍ରସ୍ତର ଯାଏ ଅବ୍ୟବସ୍ଥିତ ଓ ବିଶୃଙ୍ଖଳ ବାତାବରଣ । ସାଧାରଣ ଗ୍ରାମୀଣ ଭାଷାରେ, ଆମର 'ବାହାର ଚିକ୍କଣ ଭିତର ଫମ୍ପା' । ସୁଠାମ ଶାରୀରିକ ଗଠନ, ଉତ୍ତମ ସ୍ବାସ୍ଥ୍ୟ, ଚମତ୍କାର ବେଶଭୂଷା ଓ ବାହ୍ୟ ବ୍ୟକ୍ତିତ୍ବ ଥାଇ ସୁଦ୍ଧା ଶୀଳତାସମ୍ପନ୍ନ ଉତ୍କର୍ଷ ନ ଥିଲେ ସବୁ ବୃଥା । ଏଭଳି ବ୍ୟକ୍ତି ପଳାଶ ଫୁଲପରି ସୌରଭ-ଗୌରବହୀନ । ଏ ଜାତିର ପରମ୍ପରା, ଦେଖାଇ ହେବା ନୁହେଁ, ଦେଖାଇଦେବା । ନିସ୍ବାର୍ଥପରତା, ତର ହୃଦତା, ପୁରୁଷାର୍ଥ, ସଦ୍‌ଭାବନା, ସହଯୋଗିତା, ସଦାଚାର, ତ୍ୟାଗର ଆଦର୍ଶ ଏ ଜାତିର ମହାର୍ଘ ସମ୍ପଦ । ଆଜି ସମାଜରେ ଯେଉଁ ଘୋର ବିପର୍ଯ୍ୟୟ ପରିବେଶ ଅନୁଭୂତ ହୁଏ, ତା'ର ମୁଖ୍ୟ କାରଣ ହେଲା, ସାମାଜିକଙ୍କ ମଧ୍ୟରେ ଶୀଳବଋାର ଅଭାବ । ଯଥେଚ୍ଛାଚାରିତା, ସ୍ବାର୍ଥପରତା, ମର୍ଯ୍ୟାଦାହୀନତା, ଅପରିପକ୍ବତା ଏବଂ ସର୍ବୋପରି ଅନୁଶାସନବିହୀନତା ତିଳତିଳ କରି ସମାଜତନ୍ତ୍ରକୁ ନିୟନ୍ତ୍ରଣବହିର୍ମୁଖୀ କରିଚାଲିଛି । ଭାରତୀୟ ଧର୍ମସଂସ୍କୃତି ଭିତରେ ଅବ୍ୟାହତ ଭାବି ରହିଛି ମାନବୀୟତା । ଘାତପ୍ରତିଘାତ ତାକୁ ବ୍ୟାହତ କରିପାରିନାହିଁ । ମାନବିକତାକୁ ଶାଣିତ କରେ ଶାଳିନ୍ୟ, ସୌଜନ୍ୟାଦି ସୁମହତ୍ ଗୁଣାବଳୀ, ଅନ୍ୟ କଥାରେ ଶାଳୀନତା ମାନବୀୟ ଚିନ୍ତନକୁ ପରିପୁଷ୍ଟି କରେ । ଭୌତିକ କ୍ଷେତ୍ରକୁ ଯିବା ଶାସନତନ୍ତ୍ର ସମ୍ଭାଳିବ, ଚେତନା ବା ଆଧ୍ୟାତ୍ମିକ କ୍ଷେତ୍ରକୁ ନିୟନ୍ତ୍ରଣ କରିବ କିଏ ? ଏହାର ଉତ୍ତର, ଧର୍ମତନ୍ତ୍ର । ଏଠାରେ ଧର୍ମଶାସ୍ତ୍ରୀୟ ବିଧିନିର୍ଦ୍ଦେଶକୁ ଲକ୍ଷ୍ୟ କରାଯାଉ ନାହିଁ । ଶୀଳତାରେ ଧାରଣ କ୍ଷମତା ଅନ୍ତର୍ନିହିତ । ତେଣୁ ଶୀଳ ଧର୍ମମର୍ଯ୍ୟାଦାପ୍ରାପ୍ତ । ଶୀଳଧର୍ମର ସମ୍ୟକ୍ ବିକାଶ ଦ୍ବାରା ଧର୍ମତନ୍ତ୍ର ସକ୍ରିୟ, ଅନ୍ୟଥା ନିଷ୍କ୍ରିୟ । କିନ୍ତୁ ଦୁଃଖର ସହିତ ଲକ୍ଷ୍ୟ କରାଯାଏ, ଶୀଳନିଷ୍ଠା, ସମାଜନିଷ୍ଠା, ରାଷ୍ଟ୍ରଭକ୍ତି-ଜାଗ୍ରତକାରୀ ଧର୍ମଧାରଣା ଏଯୁଗରେ ଅନ୍ତର୍ହିତ ପ୍ରାୟ । ଅମୃତପଥର ସନ୍ଧାନୀ ଆଜି ମୃତ୍ୟୁପଥରେ ଧାବମାନ ।

ବ୍ୟକ୍ତିଜୀବନରେ ଶୀଳଶକ୍ତିର ସାର୍ଥକତା ପଦେପଦେ ଉପଲବ୍ଧ । ଶୀଳତା ଏକ ଅଦୃଶ୍ୟ କ୍ରିୟାଶକ୍ତି ହିସାବରେ । ବ୍ୟକ୍ତିର ସକ୍ରିୟତାରୁ ପ୍ରମାଣିତ ହୁଏ ସେ ଶକ୍ତିର ସ୍ବରୂପ ଓ ପ୍ରଭାବ । ଏପରି ଏକ ଶକ୍ତିଲାଭ ସାଧାରଣତଃ ଅନାୟାସସାଧ୍ୟ ମନେହୁଏନା । କିନ୍ତୁ ଶୀଳୋନ୍ନତି ପାଇଁ ବାହ୍ୟସାଧନା ଆବଶ୍ୟକ ନାହିଁ, ଆଭ୍ୟନ୍ତରୀଣ ସଜାଗତା ମାତ୍ର ଆବଶ୍ୟକ । ପୌରୁଷ ଓ ଶାଳୀନ୍ୟ ଭାଗ୍ୟ ନିର୍ମାଣର ଦୁଇଟି ମୌଳିକ ତଥା ମୁଖ୍ୟ ଉପାଦାନ । କର୍ମରେ ଉତ୍ତମ ଆଚରଣ ଦେଖାଇବା ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ ଯଶସ୍ବୀ ହୁଏ; ପ୍ରତ୍ୟେକ କର୍ମରେ କୃତକାର୍ଯ୍ୟ ହୁଏ । ଏଥିପାଇଁ ବୃଥା ଶକ୍ତି ଅପଚୟଜନିତ ପ୍ରତିଯୋଗିତା ଆବଶ୍ୟକ ନାହିଁ । ନିଷ୍ଠାପର ଶିଷ୍ଟ ଆଚରଣ ଦ୍ବାରା ଅନ୍ୟଠାରୁ ଅଗ୍ରଗତି କରିବା ଉତ୍ତମ ପ୍ରତିଯୋଗିତା । ଅନ୍ୟକୁ ଛୋଟ କରି ନିଜକୁ ବଡ ଦେଖାଇ ହେବାର ପ୍ରଚେଷ୍ଟା-ପ୍ରପନ୍ନ ଜଘନ୍ୟ ମନୋବୃତ୍ତିର ପରିଚାୟକ । ଆତ୍ମବିଶ୍ବାସ ବ୍ୟକ୍ତିର ଶକ୍ତି । ସାମାଜିକ ଆସ୍ଥା ସେ ଶକ୍ତିକୁ ପ୍ରକଟ କରେ । ନିଜର ଶକ୍ତି ପ୍ରତି ଅଟଳ ବିଶ୍ବାସ ବୃଦ୍ଧି ପାଇଲେ କର୍ମକ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ । ସମାଜହିଁ କର୍ମକ୍ଷେତ୍ର । ସମାଜ ନିକଟରେ ସ୍ବୀୟ ବିଶ୍ବସ୍ତତା ହରାଇଦେଲେ କଥା ସରିଗଲା । ଶକ୍ତିଚ୍ୟୁତ ଶିବ ଶବତ୍ବ ପ୍ରାପ୍ତ ହେଲାପରି, କ୍ରିୟାଶକ୍ତିଶାଳିନୀ ଶୀଳତା ଶିଳତ୍ବ, ଅର୍ଥାତ୍ ଜଡତ୍ବ ଲାଭ କରେ ।

ସମାଜର ଉପଯୋଗୀ ଅଙ୍ଗ ହେବା ପାଇଁ ଶୀଳବାନ୍ ବ୍ୟକ୍ତିତ୍ବ ସର୍ବାଦୌ ବାଞ୍ଛନୀୟ । ଶାଶ୍ବତ ଶାନ୍ତି, ସଦ୍‌ଭାବ, ସହଯୋଗ ଓ ସହାନୁଭୂତି ସମାଜରେ ସବୁରି କାମ୍ୟ । ଏଥିପାଇଁ ପ୍ରତି ନାଗରିକର ବଚନ ଓ ବ୍ୟବହାର ଶୁଦ୍ଧି ଆବଶ୍ୟକ । ସୁସଂସ୍କୃତ ବଚନ ଦ୍ବାରା ଲୋକ ସର୍ବଦା ସର୍ବତ୍ର ସମ୍ମାନିତ ଓ ସମାଦୃତ ହୋଇଥାଏ । ଏହାର ପ୍ରମାଣୋକ୍ତି ହେଲା– "ବାଣ୍ୟେକା ସମଳଂ କରୋତି ପୁରୁଷଂ ଯା ସଂସ୍କୃତା ଧାର୍ଯ୍ୟତେ" । ଶୀଳବାନ୍ ପୁରୁଷ ବାକ୍‌ବାଣ ଦ୍ବାରା କେବେ କାହାକୁ ଆଘାତ କରେନାହିଁ । ସଂଯମତା, ସହନଶୀଳତା, ସହୃଦୟତା ଓ ଉଦାରତା ତା'ର କଣ୍ଠରେ ଦେଇଥାଏ ମାନସତୋଷିଣୀ ମଧୁମୟୀ ଭାଷା । ତଦ୍ଦ୍ବାରା ତାଙ୍କ ଆତ୍ମକଲ୍ୟାଣ ହେବା ସଙ୍ଗେ ଲୋକକଲ୍ୟାଣ ହୋଇଥାଏ ।


ଭାରତୀୟ ପ୍ରାଣ ସର୍ବଦା ମୁକ୍ତି ଆକାଙ୍କ୍ଷିତ । ମରଜଗତର ପରିଣତି ବିଷୟରେ ସେ ସଦାଚେତନ । ଜନକଲ୍ୟାଣକାମୀ ବୈଦିକ ଋଷି ଆତ୍ମକଲ୍ୟାଣକାମୀ ଜନଗୋଷ୍ଠୀରେ ଦେଇଯାଇଛନ୍ତି ଗୋଟିଏ ସାର୍ବଜନୀନ ପ୍ରାର୍ଥନାବାଣୀ– "ମୃତ୍ୟୋର୍ମାମୃତଂ ଗମୟ", ଅର୍ଥାତ୍ ହେ ପରମେଶ୍ବର ! ଆମକୁ ମୃତରୁ ଅମୃତମାର୍ଗକୁ ନେଇଯାଅ । ଶୀଳତା ବ୍ୟାବହାରିକ ଶକ୍ତିସତ୍ତା ରୂପେ ମନୁଷ୍ୟ ଦେହରେ ବିଦ୍ୟମାନ । ସୁତରାଂ ମୃତରୁ ଅମୃତ ମାର୍ଗରେ ଚଳାଇନେବା ଶକ୍ତି ଶୀଳତାରେ ନିହିତ । ଶୀଳଶକ୍ତି ଦାନବକୁ ମାନବ, ମାନବକୁ ଦେବତ୍ବ ପ୍ରଦାନ କରି ଅମୃତ ସୋପାନକୁ ଉଠାଇନିଏ । ଶୀଳବିକୃତିର ପରିଣାମ ଦୁଃଖ, ଦୈନ୍ୟ, ଆତ୍ମବିଶ୍ବାସହୀନତା । ଶୀଳଚେତନସମ୍ପନ୍ନ ବ୍ୟକ୍ତି ଅଭାବକୁ

ତଥାକଥିତ ପ୍ରଗତିଶୀଳ ଅଧୁନାତନ ସମାଜର ଚରମ ଦୁର୍ଗତି । ଅବସ୍ଥାର ଉନ୍ନତି ନିମିତ୍ତ ଶୀଳସମ୍ପନ୍ନ ବ୍ୟକ୍ତି ହିଁ ଆବଶ୍ୟକ । ଅବଶ୍ୟ ଅସଂଖ୍ୟ ନରପାମର ଯେଉଁ ସଦାଚାରବିହୀନ କୁକର୍ମମାନ କରିଚାଲିଛନ୍ତି, ମୁଷ୍ଟିମେୟ ସଦାଚାରୀ ତା'ର ପ୍ରତିରୋଧ କରିପାରିବେ ନାହିଁ । ତେବେ ଆଶାନୁରୂପ ପ୍ରଭାବିତ କରିପାରିବେ ଏଥିରେ ସନ୍ଦେହ ନାହିଁ । ଭଗବାନ ଶ୍ରୀରାମଚନ୍ଦ୍ର ସ୍ୱୀୟ ଅସାଧାରଣ ଶୀଳଶକ୍ତି ବଳରେ ଦୁର୍ଦ୍ଧର୍ଷ ପଶୁଶକ୍ତି, ଦୁର୍ଗାର ପକ୍ଷୀଶକ୍ତିକୁ ଆୟତ୍ତ କରି ପ୍ରଚଣ୍ଡ ଦୁର୍ଦ୍ଦଣ୍ଡ ଦାନବଶକ୍ତିକୁ ପରାହତ କରିଥିଲେ । ଶୀଳସମ୍ପନ୍ନ, ସଂହତ, ଦୃଢ଼ପ୍ରତିଜ୍ଞ ଓ ଇଚ୍ଛାଶକ୍ତି-ପ୍ରବଳ ଅଳ୍ପସଂଖ୍ୟକ ସୈନିକ ଶତ୍ରୁପକ୍ଷର ବିରାଟ ବାହିନୀକୁ ପରାହତ କରିପାରନ୍ତି । କୁରୁପାଣ୍ଡବ ରଣକ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି । ଐତିହାସିକ କାଳରେ ମଧ୍ୟ ଏପରି ଦୃଷ୍ଟାନ୍ତ ବିରଳ ନୁହେଁ । ଲକ୍ଷ୍ମୀବାଈ, ତାନ୍ତିଆଟୋପୀଙ୍କ ଭଳି ଦେଶପ୍ରାଣ ବୀରଯୋଦ୍ଧାଙ୍କ ନାମ ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ । ଲାଲା ଲଜପତ୍ ରାୟ, ବାଳଗଙ୍ଗାଧର ତିଳକ, ମଦନମୋହନ ମାଳବ୍ୟ, ମହାତ୍ମା ଗାନ୍ଧୀଙ୍କ ଭଳି ଶୀଳବନ୍ତ ପୁରୁଷଗଣ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଚିର ଅମର ଆସନ ଲାଭକରି ପାଇଛନ୍ତି ।

ଆମ ଭିତରେ ଅଛି ଆତ୍ମା । ଆତ୍ମା ପରମାତ୍ମାଙ୍କର ଅଂଶ । ଆତ୍ମା ଅତ୍ୟନ୍ତ ଶକ୍ତିଶାଳୀ । ଆତ୍ମସମ୍ପନ୍ନ ଆଧ୍ୟାତ୍ମଶକ୍ତି ଜୀବନର ଅଭ୍ୟୁଦୟର ହେତୁ । ଶୀଳତାରୁ ସମୁଦ୍ଭୂତ ଏ ଶକ୍ତି ! ଆତ୍ମଜ୍ଞାନ ଓ ଆତ୍ମାନୁଭୂତି ଦ୍ୱାରା ମନୁଷ୍ୟ ନିଜକୁ ଚିହ୍ନେ ଏବଂ ସବୁପ୍ରାଣୀଙ୍କୁ ମହାଶକ୍ତିର ଅଂଶଭୂତ ମନେକରି ସେମାନଙ୍କ ସହିତ ଏକାତ୍ମ ହେବାକୁ ଯତ୍ନ କରେ । ସର୍ବଭୂତାନ୍ତରାତ୍ମା ପରମାଶକ୍ତି ମହାଦେବୀ ରୂପେ ପରମପୂଜ୍ୟା । ପୌରାଣିକ ଋଷି ସେହି ଚିନ୍ମୟୀ ମହାଶକ୍ତିଙ୍କୁ ପ୍ରାର୍ଥନା କରିଛନ୍ତି—

"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ " ।

ଛେତ୍ରନିବାସ, ପ୍ଲଟ୍ ନଂ. ୪୭୪/ଶହୀଦ୍ ନଗର,
ଭୁବନେଶ୍ୱର—୭୫୧୦୦୭ ।



# ଆଦିବାସୀଙ୍କର ଗ୍ରାମଦେବତା

ଅଧ୍ୟାପକ ଶ୍ରୀ ଦୋଳଗୋବିନ୍ଦ ବିଶା

"ଆଦିବାସୀମାନେ ହେଉଛନ୍ତି ଶିବ-ଶକ୍ତିର ଆଦିପୂଜକ"—ଏହି ଯଥାର୍ଥୋକ୍ତିଟି ସମ୍ପ୍ରତି ସମଧିକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ନୃତତ୍ତ୍ୱ ତଥା ସମାଜତତ୍ତ୍ୱବିତ୍ ଗବେଷକ ପଣ୍ଡିତମାନଙ୍କର ସମର୍ଥନ ଲାଭ କରିଛି । ଦେବୀପୂଜା ବା ଶକ୍ତି ଉପାସନାର ସୁଦୀର୍ଘ ପାରମ୍ପରିକ ପ୍ରଥା ଆଦିବାସୀ ସମାଜ ମଧ୍ୟରେ ହିଁ ଦେଖିବାକୁ ମିଳିଥାଏ । ଆପଣା ଜୀବନଚର୍ଯ୍ୟାର ପ୍ରତି ସ୍ତରରେ ପେଟପାଟଣା ନିମିତ୍ତପ୍ରଚୁର ସାମଗ୍ରୀ, ସମୟାନୁକୂଳ କ୍ରମେ ଲାଭ କରିବାକୁ, ଭୟ ଓ ବ୍ୟାଘାତ କବଳରୁ ମୁକୁଳିତ ହୋଇ ରହିବାକୁ ଏହି ଅଟବୀକ ଜାତି ସଦାସର୍ବଦା ଚାହିଁଛି ଓ ସେଥିପାଇଁ ଦୈବୀକୃପା ଉପରେ ନିର୍ଭର କରି ବହୁ ସଂଖ୍ୟକ ରକ୍ଷକ ତଥା ଭକ୍ଷକ ଦେବଦେବୀମାନଙ୍କର ଆରାଧନା କରି ଆସିଛି । ଦେବୀଦେବାର୍ଚ୍ଚନ ଜଞ୍ଜାଳହିଁ ଆଦିବାସୀର ଜୀବନ-ଜଞ୍ଜାଳ । ଶିଷ୍ଟବୃଷ୍ଟି ଓ ଭବିଷ୍ୟତର ସୁନେଲୀ ଫସଲର ପ୍ରାଚୁର୍ଯ୍ୟ ଆଶାରେ ସେ ପହିଲି ଆଷାଢର ପାକ୍-କାଳରେ ଅକ୍ଷୟ ତୃତୀୟାରେ ହିଁ ମାଟି ଦେବତାଙ୍କୁ ବଳୀଭୋଗରେ ଆପ୍ୟାୟିତ କରିଥାଏ, ଚତୁର୍ମାସ୍ୟାର ଶୁଭାଗମନ ଓ ଉତ୍ସବ ସଙ୍ଗେସଙ୍ଗେ ସେ ନିଜର କୃଷି ଉପକରଣଗୁଡ଼ିକୁ ନେଇ କ୍ଷେତ୍ରପାଳମାନଙ୍କ ଉଦ୍ଦେଶ୍ୟରେ ଲାଗିଦେଇ ତାଙ୍କରି ଆନନ୍ଦ ବିଧାନ କଲ୍ପେ "କାଦୋଯାତ୍ରା"ର ଆୟୋଜନ କରିଥାଏ । ନବ ଶସ୍ୟୋଦ୍ଗମ ବା ଫଳ ଅମଳର ବିଭିନ୍ନ ପର୍ଯ୍ୟାୟରେ ସେ ପ୍ରଥମେ ଆନୁଷ୍ଠାନିକ ଉତ୍ସବ ମାଧ୍ୟମରେ ଦେବୀଙ୍କୁ ନୈବେଦ୍ୟ ଅର୍ପଣ କରି ତାପରେ ତୁଣ୍ଡରେ ବାଢେ । ଏଥିପାଇଁ ତା'ର ନୂଆଖାଇ, ସେମିନୂଆ, ମହୁଲନୂଆ, ଅମନୂଆ ଓ କାନ୍ଦୁଲନୂଆ ଆଦି ପର୍ବପର୍ବାଦିର ସୃଷ୍ଟି । ଆଦିବାସୀର ଏପ୍ରକାର ପାବତୀୟ ଅନୁଷ୍ଠାନ ସମ୍ପୃକ୍ତ ଗ୍ରାମଦେବତାମାନଙ୍କୁ ହିଁ ଭିତ୍ତିକରି ତଥା ସଂଶ୍ଳିଷ୍ଟ କରି ଅନୁଷ୍ଠିତ ହୋଇଥାଏ । ତେଣୁ ଏମାନଙ୍କ ମଧ୍ୟରେ ଗ୍ରାମଦେବତୀ ପୂଜାର ପ୍ରଚଳନ ସର୍ବାପେକ୍ଷା ବେଶି । ବିଭିନ୍ନ ଆଦିବାସୀ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ନୃତ୍ୟଗୀତ ଯଥା— ଡାପ, ଟାଙ୍ଗୁ, ଢେଉମ, ଘୁମୁରା, ଧୁନ୍‌କେଲ୍ ଆଦିରେ ପ୍ରଥମେ ଗ୍ରାମଦେବତୀମାନଙ୍କର ମଙ୍ଗଳାଚରଣ ରହିଥାଏ । ସୃଷ୍ଟି ଭିତରେ ଆଦିବାସୀମାନେ ହିଁ ପୃଥିବୀମାତାର ପ୍ରଥମ ଶ୍ରେଷ୍ଠ ନିଷ୍ଠାପର ପୂଜକ ଓ ପୃଥିବୀହିଁ ତାଙ୍କର ପ୍ରଥମ ଗିରାମ୍‌ପତି (ଗ୍ରାମଦେବୀ) । ତେଣୁ ସାମାଜିକ ତଥା ସାଂସ୍କୃତିକ ପର୍ବପର୍ବାଣୀ ବା ଉତ୍ସବାଦିର ଆମୋଦପ୍ରମୋଦ ଅବସରରେ ଆୟୋଜିତ ନୃତ୍ୟଗୀତର କ୍ରମାଦ୍ୟରେ ଏହି ମାତୃରୂପା ଆଦ୍ୟାଶକ୍ତି ବନ୍ଦିତା ହୋଇଥାନ୍ତି । ଆଦିବାସୀ କହେ— ଗିରାମପତିରସିତ ତା'ର ଲାଗି ସୁନାଗୀତ (ସିତ୍-ଭାତ,ଅନ୍ନ) (କଳାହାଣ୍ଡିର କନ୍ଧାନ ଭାଷା) ସେହିତ ଗ୍ରାମର ସ୍ଥିତି ଓ ସମୃଦ୍ଧିର କାରଣ, ତେଣୁ ସେ ସିନା ଗ୍ରାମର ଶ୍ରେଷ୍ଠ ସାମୂହିକ ଗ୍ରାମଦେବତା "କାଙ୍ଗୁ ପାତିଲେ, ଟାଙ୍ଗୁ ବାଜେ ।" ଟାଙ୍ଗୁ ଗୀତରେ ପ୍ରଥମେ ଅର୍ଘ୍ୟ ନିଅନ୍ତି ଗ୍ରାମଦେବତା,— ମଣ୍ଡପୁର ବନ୍ଦିନି ମାଇ ଗିରାମ ବନ୍ଦିଲି । (କୁଅଙ୍ଗମାନଙ୍କର ଟାଙ୍ଗୁ ନୃତ୍ୟରେ) କୋରାପୁଟର ସଙ୍ଗୀତପ୍ରିୟ ଦେଶୀୟା ଆଦିବାସୀ ଯେତେବେଳେ ମନଫୁଲାଣିଆ କିନ୍ଦ୍ରୀଗୀତର ଲହର ଛୁଟାଏ ସେ ମଧ୍ୟ ପ୍ରଥମେ ଗ୍ରାମଦେବତୀ ମା,ମାଟିର ଶରଣାପନ୍ନ ହୁଏ ଅସହାୟ ଭାବରେ,—

"ଲଟି ହୋ ଲଟି......,
ପରବତ ପରବତ ସାତ ପରବତ ସିଂହାସନ ମାଟି ଏ ନନ୍ଦପୁର
ତାଙ୍କ ନାମଧରି ଗୀତ ମୁଁ ଗାଇବି ଆମ କଣ୍ଠେ ବିଜେ କର"

(କିନ୍ଦ୍ରୀଗୀତ)

ପଶ୍ଚିମ ଓଡ଼ିଶାର ବହୁ ଜନ୍ଧ ପଲ୍ଲୀମାନଙ୍କରେ ଡାପ୍ ବାଜାର ତାଳେ ତାଳେ ଅନ୍ଧାରକୁ ଭେଦ କରି ଗଗନର ହୁର୍‌ହୁରିଆ ପବନକୁ ମୁଖରିତ କରି ଭାସି ଆସେ ସର୍ବପ୍ରଥମେ ଡାପ୍‌ଗୀତର ମଙ୍ଗଳାଚରଣ,—

"ଅଗୀତ ପାଗୀତ କର୍ଣ୍ଣମାଛର୍ ପାତ
ଗାଁ ଗରାମ୍‌କେ ନା ବନ୍ଧତେ କେଁପୋ ଗାଲ୍ୟା ପାଲିଆ ଗୀତ
ଛୁଆର୍ ମା' ଆମର ମାଟ କାଟକେ
ଧାଙ୍ଗରୀ ଛୁଲେକ୍ ମିଲୋ ଆମାକେ...."

(ଡାପ୍‌ଗୀତ)

ଠିକ୍ ସେମିତି ଖଡିଆ, ମିର୍ଦ୍ଧା, ଓରାଓଁ ବଗୁଆ ପ୍ରଭୃତି ଅଦିବାସୀ ଜାତି ମଧ୍ୟରେ ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ପାଳିତ ହେଉଥିବା କରମା ପୂଜାର ଅବସରରେ ମାଦଳର ଘୁମୁରାୟିତ ନାଦର ଛନ୍ଦେଛନ୍ଦେ ଲହରାୟିତ ହୋଇଉଠେ 'କରମ୍‌ସାନୀ' ବନ୍ଦନାର ଆଦ୍ୟପଦ,—

ପ୍ରଥମେ ବନ୍ଦନା କରେ କରମାସାନୀକେ
ଦ୍ୱିତୀୟେ ବନ୍ଦନା କରେ ଗାଁର୍ ଅଦିମାତାକେ
ତୃତୀୟେ ବନ୍ଦନା କରେ ଗାଁର୍ ପିତାମାତାକେ
ଚତୁର୍ଥେ ବନ୍ଦନା କରେ ଗାଁର୍ ଶିଗେ ସମାଲାଇକେ"

ପ୍ରତି ପୁରପଲ୍ଲୀର ଲୀଳା ସୁଆଙ୍ଗୋଦିର ଚରିତ୍ରମାନଙ୍କ ମୁଖରେ ମଧ୍ୟ ଯେକେହି ପ୍ରଥମେ ଖଣ୍ଡିଆ ଶ୍ଳୋକାଂଶରେ ଗ୍ରାମଦେବତୀଙ୍କର ବନ୍ଦନା ଅବଶ୍ୟ ଶୁଣିପାରିବ,—

ପ୍ରଥମେ ବନ୍ଦେ ମର୍ଦ୍ଦଳଂ ଦ୍ୱିତୀୟେ ପୂର୍ଣ୍ଣମାସିଶ୍ଚ
ତୃତୀୟେ ଗ୍ରାମଦେବତା ଚତୁର୍ଥେ ବାସୁକୀ ତଥା
ପଞ୍ଚମେ ବନଦେ ସବାୟ୍ୟା ଷଷ୍ଠେ ବନ୍ଦେ ଗୁରୁଦେବ
ସପ୍ତମେ ସପ୍ତତୀର୍ଥାଣୀ ଅଷ୍ଟମେ ଅଷ୍ଟଚଣ୍ଡିକା"

ପ୍ରାଗୈତିହାସିକ ଯୁଗରେ ପ୍ରକୃତିର ଭୟଙ୍କର ଶାନ୍ତ ଓ ବିକ୍ଷୁବ୍ଧ ଆଦି ରୂପାନ୍ତର ରୂପଦ୍ରଶ୍ୟକୁ ସନ୍ଦର୍ଶନ କରି ଆଦିମାନବର ଅନ୍ତରରେ ସେହି ସେହି କ୍ରିୟାମାନଙ୍କର ଅନ୍ତରାଳରେ ଥିବା ଏକଏକ କଳ୍ପିତ ଅଦୃଶ୍ୟ ଶକ୍ତିଧର ପ୍ରତି ଭୟ,ଭକ୍ତି ଓ ଶ୍ରଦ୍ଧା ଆଦି ଜାଗ୍ରତ ହେବାକୁ ଲାଗିଲା । ସେହି ଅଦୃଶ୍ୟ ଶକ୍ତିଧରଙ୍କୁ ନେଇ ସେ ବିଭିନ୍ନ ଦେବଦେବୀମାନଙ୍କର ସ୍ଥିତିର କଳ୍ପନା କରିବାକୁ ଲାଗିଲା । ଏହି କ୍ରମରେ ଅଗଣିତ ଦେବଦେବୀଙ୍କର ସୃଷ୍ଟି ସମ୍ଭବ ହୋଇଥିଲା । ଅଦିବାସୀ ସମ୍ପ୍ରଦାୟରେ ଏପ୍ରକାର ବିଭିନ୍ନ ଶକ୍ତିର ଅଧିକାରୀ ଦେବତାମାନେ ପ୍ରାୟ ଭଣା ଅଧିକେ ସମସ୍ତେ ଗ୍ରାମଦେବତା/ଦେବତୀ ରୂପେ ପୂଜିତ ହୋଇଥାନ୍ତି । ନିମ୍ନ କେତୋଟି ଅଦିବାସୀ ଗୋଷ୍ଠୀ ମଧ୍ୟରେ ପୂଜିତ ହେଉଥିବା ଦେବଦେବୀମାନଙ୍କର ସୂଚନାତ୍ମକ ବିବରଣୀ ପ୍ରଦତ୍ତ ହେଲା ।

## (କ) ଜୁଆଙ୍ଗ ଦେବଦେବୀ—

(୧) ଠାକୁର— ପ୍ରଧାନ ଦେବତା (ସୂର୍ଯ୍ୟଦେବତା) (୨) ମାରାଙ୍ଗବୁରୁ— ପର୍ବତ ଦେବତା (୩) ମରେକୋ— ଅଗ୍ନିଦେବତା (ପାଞ୍ଚଭାଇମିଶି ଏକ) (୪) ଜାଇରଇରେ— ମରେ କୋଙ୍କ ଭଗ୍ନି (ଗାଁମୁଣ୍ଡ ବୁରେଇରେ ରହନ୍ତି) (୫) ଗୋସେନ୍‌ଇରେ — ଜାଇରଇରେଙ୍କ ଭଗ୍ନି (ବେଡ ଭଉଣୀଙ୍କ ପାର୍ଶ୍ୱବାସିନୀ) (୬) — ଜାଇରଇରେଙ୍କ ଭଗ୍ନି (୭) ମାହୀ— ପରଗନାଠାରୁ ପରଗନା— ଏକ ସାଧାରଣ ଦେବତା (୭) ମାହୀ— ପରଗନାଠାରୁ ପରଗନା— ଏକ ସାଧାରଣ ଦେବକୁଟରୁ ରକ୍ଷା କରନ୍ତି । କମ୍ ପ୍ରଭୁତ୍ୱ ଓ ପ୍ରତାପର ଅଧିକାରୀ ଦେବକୁଟରୁ ରକ୍ଷା କରନ୍ତି । ଏହି ଗୋଷ୍ଠୀ ମଧ୍ୟରେ ଗୃହଦେବତା ପୂଜାରି ପ୍ରଥା ବେଶ୍ କୌତୂହଳ ପ୍ରଦ । ସେହି ଗୃହଦେବତାମାନଙ୍କ ମଧ୍ୟରୁ କେତେକ ଅନ୍ୟତ୍ର ଗ୍ରାମଦେବତା ରୂପେ ପୂଜିତ ହେଉଥିବାରୁ ଏଠାରେ ସେମାନଙ୍କ ନାମମାନ ନିମ୍ନରେ ଉଲ୍ଲିଖିତ ହେଲା । ଏ ଜାତିର ବିଶ୍ୱାସ ଅନୁସାରେ ଗୃହଦେବତା ଦୁଇ ପ୍ରକାର ଯଥା— (୧) ଓରକ୍‌ବୋଙ୍ଗା ଓ (୨) ଅବେଗେ ବୋଙ୍ଗା ।

(୧) ଓରକ୍‌ବୋଙ୍ଗା (ବା ପ୍ରକାଶ୍ୟ ଦେବଦେବୀ)— ଶାସୁ, ଦେଶଉ୍ଳି, ବରପାହାର, ବରପାହ୍ୟା, ଥୁଣ୍ଡାଦୁରସା, ସରବୌଡି, ଗୋସେୟେ ।

(୨) ଅବେଗେ ବୋଙ୍ଗା (ବା ଗୁପ୍ତ ଦେବଦେବୀ)— ଧର୍‌ସେଲ ବା ଧର୍‌ସେଣ୍ଡା, କୁଦ୍ରା, କେଦ୍‌କୋର, କେନାଗଡ, ଗଡସିଙ୍ଗା, ଚମ୍ପି, ଲାଲାଚଣ୍ଡି, କୁହାଚଣ୍ଡି, ଧାନ୍‌ଘରା, ବହରା, ଦୁଆରସେନୀ, କୁଦ୍‌ରାଜ୍, ଦେଶଉ୍ଳି, ଅଡକୀ, ଗୋସେନ୍‌ଇରେ । ଗୁପ୍ତ ଦେବୀଙ୍କର ଗୁପ୍ତ ରହସ୍ୟ ହେଲା ଏମାନଙ୍କର ନାମ ଓ ପୂଜା ପଦ୍ଧତି କେବଳ ଗୃହସ୍ୱାମୀହିଁ ଜାଣିଥାନ୍ତି ଓ ଏହି ନାମମାନ ଜାଣିବାରେ କେବଳ ଘରର (ବଂଶର) ବଡପୁଅର ହିଁ ଅଧିକାର ରହିଥାଏ । ଏପରିକି ଗୃହସ୍ୱାମିନୀର ମଧ୍ୟ ଅଧିକାର ନାହିଁ । ଧାନଘେରା ଓ ଦ୍ୱାରସେନୀ ଦେବୀଦ୍ୱୟ ଯଥାକ୍ରମେ ପଶ୍ଚିମ ଓଡିଶାର କନ୍ଧ ଓ ପଶ୍ଚିମ ଓଡିଶାର ବହୁଗ୍ରାମର ଗ୍ରାମ ଦେବଦେବୀ ।

## (ଖ) ମୁଣ୍ଡା ଜାତିର ଦେବଦେବୀ—

(୧) ସିଙ୍ଗବୋଙ୍ଗା— ସୂର୍ଯ୍ୟଦେବତା (୨) ବୁରୁବୋଙ୍ଗା ବା ମାରାଙ୍ଗ୍‌ବୁରୁ ବା ପାଟସରନା— ପର୍ବତଦେବତା (୩) ଇକିର ବୋଙ୍ଗା— ଜଳଦେବତା (୪) ଗରହାଇରା— ଝରଣାଦେବୀ (୫) ନାଗିଇରା ବା ନାଗଇରା— ସମସ୍ତ କ୍ଷୁଦ୍ର ଦେବଦେବୀଙ୍କର ନାମାନ୍ତର ଓ ପେଟିନୀ (୬) ଜାଯାସର୍‌ନା— ଗ୍ରାମଦେବୀ (ନିର୍ଦ୍ଧାରିତ) (୭) ସର୍‌ହୁଲ ସରନା ବା ଜହିରିବୁଡି— ବନଦେବତା (୮) ଭୂମ୍‌ନିବାସର୍‌ନା— ଗ୍ରାମଦେବତୀ (୯) ଚାନ୍ଦୋର ବା— ଚାନ୍ଦଓମଲ ଚନ୍ଦ୍ରଦେବତା । ଏହାଙ୍କ ବିଶ୍ୱାସରେ ଚାନ୍ଦୋର ସିଙ୍ଗବୋଙ୍ଗାଙ୍କର ସ୍ତ୍ରୀ ଓ ତାରାଙ୍କ ମା (୧୦) ହେପ୍ରୋମ୍— ମୃତ ପିତୃପୁରୁଷଙ୍କ ପ୍ରତୀକ ।

## (ଗ) ଭୂୟାଁ ଜାତିର ଦେବଦେବୀ—

ଭୂୟାଁମାନଙ୍କ ମଧ୍ୟରେ ଗ୍ରାମଦେବତା ରୂପେ ପୂଜିତ ହେଉଥିବା ଦେବତା ଓ ଦେବତୀମାନେ ହେଲେ (୧) ରଙ୍ଗାପାଟ (୨) କାଳିପାଟ (୩) ମହାପାଟ (୪) ବିଶେଇପାଟ (୫) ଲକ୍ଷ୍ମୀପାଟ (୬) ଗାଁଶ୍ରୀ (୭) ବେତାମ (୮) ଗସାଇଁ (୯) ବିରୋଧିପାଟ (୧୦) ସେତ୍ରପାଟ (୧୧) ବୈତରଣୀ ପାଟ (୧୨) ମଣ୍ଡଳପାଟ (୧୩) ମହାଠାକୁରାଣୀ ପାଟ (୧୪) ପରିୟାଲ ବରିଅ ଓ (୧୫) ମିଥୁନପାଟ । ଏତଦ୍‌ବ୍ୟତୀତ ବାସୁଳୀ, ଦୁଆରସୁଣୀ, ପଥରଖୁଣୀ ଆଦି ଶତାଧିକ ଦେବତାମାନେ ମଧ୍ୟ ଗ୍ରାମଦେବତା ରୂପେ ପୂଜା ପାଆନ୍ତି ।

## (ଘ) କନ୍ଧ ଜାତିର ଦେବଦେବୀ (କୁଇଭାଷା)—

(୧) ଧରମପେନୁ ବା ବେଲାପେନୁ— ସୂର୍ଯ୍ୟଦେବତା (୨) ବେରାପେନୁ— ମାଟିଦେବତା (୩) ଲହାପେନୁ— ଲୌହ ବା ଯୁଦ୍ଧଦେବତା (୪) ନାଡରୁ ପେନୁ— ଗ୍ରାମଦେବୀ (୫) ଡାଲୁପେନୁ— ଚନ୍ଦ୍ରଦେବତା (୬) ସାଦେପେନୁ— ସର୍ପଦେବତା (୭) ସୋରୁପେନୁ ବା ସାରୁପେନୁ— ପର୍ବତଦେବତା (୮) ଯୁଗାପେନୁ— ସୋପିନୀ ବା ବସନ୍ତ ଠାକୁରାଣୀ (୯) ଯୋରିପେନୁ— ଝରଣ ବା ନଦୀଦେବତା (୧୦) ପିଦରୁ— ଚଷାଘରଦେବତା ବା ଇନ୍ଦ୍ର (୧୩) ପିଲାନୁପେନୁ— ବନଦେବତା (୧୪) ଇଦ୍ଧା—

ବନଦେବତା (୧୫) ସାପାଙ୍ଗତା– କୁଟିଆ କନ୍ଧଙ୍କର ଅଧିଦେବତା (୧୬) ସାପାଙ୍ଗତାଙ୍କର କେତୋଟି ଅନୁଚର ବା ଅନୁଚାରିଣୀ ବନଦେବୀ ହେଲେ (କ) ମାଉଲି (ଖ) ବାଘରିପେନୁ (ଗ) ବାହାମୁଣ୍ଡିପେନୁ (ଘ) ଡୁଙ୍ଗୁରିପେନୁ (ଙ) ସିଙ୍ଗାପେନୁ (ଚ) ବାହାମନପେନୁ (ଛ) ଡମ୍ବେସିଙ୍କିୟାନପେନୁ (ଜ) ଘରପଟାପେନୁ (ଝ) ପିଆଉପେନୁ (ଟ) କଲିଯାପେନୁ ଓ (ଠ) ସିକେଯାପେନୁ ।

(୧୭) ସପାଙ୍ଗ ତାଙ୍କର ସୃଷ୍ଟି କାର୍ଯ୍ୟରେ ସାହାଯ୍ୟକାରିଣୀ ପଞ୍ଚସଖୀବୃନ୍ଦ – (କ) ରାଣୀଅନ୍ଧୁ (ଖ) ବେଦିଅନ୍ଧୁ (ଗ) ପୁଷରାଣୀ (ଘ) ଦେଉଅନ୍ଧୁ (ଙ) ଡୁମ୍ବାଅନ୍ଧୁ ।

(୧୮) ସୃଷ୍ଟି ଶିଆଣ ଉଦ୍ଦେଶ୍ୟରେ ପୃଥି ଜାତ ହୋଇଥିବା ସାପାଙ୍ଗତାଙ୍କର ସପ୍ତସଖୀ – (କ) ବେଡାଙ୍ଗାଲି (ଖ) ଉଡୁଙ୍ଗାଡେଲ (ଗ) ସାଉଡାଗାଡ଼ୀ (ଘ) ରାହିଲସିଙ୍ଗୀ (ଙ) ପେନୁଲିଙ୍ଗୀ (ଚ) ଟପିମାନାଉ (ଛ) ସୁଟରାଣୀ ।

(୧୯) କାଉବୁଢୀ– ଏହାଙ୍କୁ ଅଦିମାତା ବୋଲି ସ୍ବୀକାର କରାଯାଇଛି ।

(୨୦) କଉରୋଡି– ଅଦିମାତାଙ୍କ ପୁଅ ଓ କନ୍ଧମାନଙ୍କର ଅଦିକବି । ଏହାଙ୍କୁ ପ୍ରଥମେ ମାରି ବଳି ଦେବାରୁ ହିଁ ମେଦିନୀର କାଦୁଅ ମାଟି ଶୁଖିଲା ଓ ଫସଲ ଉଠିଲ କ୍ଷମ ହେଲା ।

(୨୧) ଅରଥା ବୁଢୀ– କଉରୋଡିଙ୍କ ପାଳିତା ମା' ବା ମେଷା (ମାଉସୀ) ମା ।

(୨୨) ସିଙ୍ଗାରୋଡ– ଅରଥା ବୁଢୀର ପୁଅ । କଉରୋଡି ସହ ଏ ଦୁହେଁ କନ୍ଧ ଜାତିର ପିତୃପୁରୁଷ ବା ଅଦିପୁରୁଷ ଭାବେ ପୂଜା ପାଆନ୍ତି । ଏମାନେ ପିଉରଦିଓ ଶ୍ରେଣୀୟ ।

(୨୩) ଏତଦ୍‌ବ୍ୟତୀତ କନ୍ଧମାନଙ୍କର ଗ୍ରାମଦେବତା ଭାବରେ ଗୌରବିଲାଭ କରିଥିବା ତିନୋଟି ପ୍ରମୁଖ ଦେବତା ହେଲେ (କ) ଲାଗିଉପେନୁ (ଖ) ଟାନାପେନୁ ଓ (ଗ) ମୁରଗୀପେନୁ । ଏହି ଅଦି ତ୍ରିଦେବତାଙ୍କର ସମୟ କ୍ରମେ ବିକଶିତ ରୂପହିଁ ଅଜିର ଶ୍ରୀକ୍ଷେତ୍ରର ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ବୋଲି କେତେକ ପଣ୍ଡିତ ମତ ପ୍ରକାଶ କରନ୍ତି । (ଲାଗିଉପେନୁ > ଜଗନ୍ନାଥ, ଟାନାପେନୁ > ସୁଭଦ୍ରା ଓ ମୁରଗୀପେନୁ > ବଳଭଦ୍ର)

## କନ୍ଧଜାତିର ଦେବଦେବୀ (କନ୍ଧାନ ଭାଷା)

ପଶ୍ଚିମ ଓଡିଶା ମୁଖ୍ୟତଃ କଳାହାଣ୍ଡି ଓ ବଲାଙ୍ଗୀରର ପୂର୍ବତନ କନ୍ଧାନ ପ୍ରଗଣାମାନଙ୍କର କନ୍ଧମାନଙ୍କୁ ଏହି ଗୋଷ୍ଠୀଭୁକ୍ତ କରାଯାଇପାରେ । ଏମାନଙ୍କ ବିଶ୍ୱାସରେ ୬୪ କୋଟି (ହିନ୍ଦୁ ବିଶ୍ୱାସରେ ୩୩ କୋଟି) ଦେବଦେବୀ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଗ୍ରାମଦେବତା ବା ସ୍ଥାନଦେବତା । ସେମାନେ ହେଲେ –

(୧) ଭାମ– କୁଟିଆ କନ୍ଧମାନଙ୍କର ସାପାଙ୍ଗତାଙ୍କ ପରି ଭାମ ହେଉଛନ୍ତି ଏହି ଗୋଷ୍ଠୀର ଅଧିଦେବତା ଓ ରାଜଦେବତା । "କନ୍ଧ ସଂସ୍କୃତିରେ ଭାମ" ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ରବନ୍ଧରେ ଏହି ଲେଖକ ଭାମଙ୍କ ଉପରେ ଚର୍ଚ୍ଚା ଓ ପ୍ରାସଙ୍ଗ ଆଲୋଚନା କରିଅଛି । ଭାମ ହେଉଛନ୍ତି ବାରଭାଇ ଭାମ ଯଥା– (କ) ସାବଭାମ (ଖ) ଭାରାଭାମ (ଗ) କୁରୁବିଅଭାମ (ଘ) ଅବଭାମ (ଙ) କଂଭାମ (ଛ) ସରଡଭାମ (ଜ) ନବାଲିଅଭାମ (ଝ) କାଲଭାମ (ଟ) ଥରଭାମ (ଠ) କୁରୁଣ୍ଡିଅଭାମ (ଡ) ଘାବସୁଭାମ (ଢ) ଶଗଡିଅଭାମ ।

(୨) ଧରତୁନୀ ବାଧୁରାନୀ– ପୃଥିବୀଦେବତା (କନ୍ଧ ବସତିମାନଙ୍କର କେନ୍ଦ୍ରସ୍ଥଳୀରେ ଥିବା ଦୁଇଟି ପଥର ବା ଖୁଣ୍ଟ ଏହାର ପ୍ରତୀକ ।)

(୩) ଲାଡେନବୁଢି– ବାକ୍‌ଦେବୀ ସ୍ୱରୂପିଣୀ (୪) ଖବଡାସୁନୀ– ସାମାଦେବୀ (୫) କେନ୍ଦେନ୍‌ବୁଢି– ନରବଳୀର ଦେବୀ – ଓଡିଶୁ ବଳୀ ବାଳକଙ୍କୁ ବିଧିଆ କୁହାଯାଏ (୬) କନ୍ଦେନ୍ ବୁଢି– ଅଦିମାତା (୭) ମାଏଲି (ହିନ୍ଦୁ ଶାକ୍ତ ମତରେ ମଧ୍ୟ ମାଉଲି ଅଛନ୍ତି)– ଯୋଗିନୀ ଶ୍ରେଣୀୟା ଚିରଯୌବନା ଦେବୀ । ବିଭିନ୍ନ ପ୍ରକାର ମାଉଲୀମାନେ ହେଲେ (କ) କଲା ମାଏଲୀ (ଖ) ଫୁଲ ମାଏଲୀ (ଗ) ଖୁଟି ମାଏଲି (ଘ) ପୁଟି ମାଏଲି (ଚ) ବସ୍ତ୍ରରେନ୍ ମାଏଲି (ଛ) ଘୁଙ୍ଗି ମାଏଲୀ (ଜ) ସଙ୍ଗି ମାଏଲୀ (ଝ) ଜଲ୍ ମାଏଲୀ (ଟ) ଥଲ୍ ମାଏଲୀ (ଠ) ଘାର୍ ମାଏଲୀ (ଡ) ଧନ୍ ମାଏଲୀ (ଢ) ରକତ୍ ମାଏଲୀ ।

(୮) ଗମନା– ଅରଣ୍ୟଦେବୀ (୯) ଡଙ୍ଗର୍– ପର୍ବତ ଦେବତା (୧୦) ଝରଣା– ଝରଣାଦେବୀ (୧୧) ସୁରଜ୍‌ମୁନା– ସୂର୍ଯ୍ୟଦେବତା (୧୨) ଧରମଦିଓ– ସୂର୍ଯ୍ୟଦେବତା (୧୩) ଉଜଡମୁନା– ସୁରୁଜମୁନାର କନିଷ୍ଠା । (୧୪) ଭଣ୍ଡାର୍ ଘରେନ୍– ଭଣ୍ଡାର ରକ୍ଷକ ଦେବତା (୧୫) କେଏନା– ବଳୀଦେବତା (୧୬) ରକତ୍ ବୁଢେନ୍– ରକ୍ତସ୍ନାତା ଦେବୀ (୧୭) ଖାପେନ୍ ବୁଢି– ପେଟିକା ଦେବୀ (୧୮) କୁଣିମାଟି– ଭଡ୍ରମାନଙ୍କ ଅଧିଦେବତା (୧୯) ଗଙ୍ଗାଡି– ହଇଜାର ଦେବୀ (୨୦) ଠାକ୍‌ରାଣି– ବସନ୍ତ ଦେବୀ (୨୧) କେଉମେଲା– ଚକ୍ଷୁରୋଗର ଦେବୀ (୨୨) ଜାନିଦିଓ– କନ୍ଧ ପୁରୋହିତ ଜାନିଙ୍କର କଲିଦାତା (୨୩) ବଳତ୍‌ଗଡ୍ ବୁଢା– ପର୍ବତଦେବତା (୨୪) ବେହେରା ବୁଢେନ୍– ଜନପଦ ନାମାନୁସାରୀ ଗ୍ରାମଦେବତା (୨୫) ବୁଢମୁଟି– ମୁକ୍ତକେଶୀ ଦେବୀ (୨୬) ଡୁକ୍‌ରୀ– ବୃଦ୍ଧାଦେବୀ, ୬୪ ଯୋଗିନୀସ୍ଥ ଡାକେଶ୍ୱରୀଙ୍କ ନାମାନ୍ତର, ଡମ୍ବାରା ଜାତିର ମଧ୍ୟ ଏହା ଦେବୀ (୨୭) ବାଞ୍ଜିବୁଢେନ୍– ବୃଦ୍ଧାଦେବୀ (ବାର୍ଦ୍ଧକ୍ୟ) (୨୮) ବୁରେଇନ୍– ପେଟାଦେବୀ (୨୯) କଡାପରେନ୍– ଗ୍ରାମଦେବତା (୩୦) କୁଟିମାତା– ବ୍ୟୁତପର ଦେବୀ (୩୧) କୁଟିମା'–ଷଷ୍ଠୀଦେବୀ (୩୨) ଗୁପାଗୁଲେନ୍– ପେଟିକାଦେବୀ (୩୩) ଡୁମା– ପିତୃପୁରୁଷଙ୍କ ପ୍ରତୀକ (୩୪) ଡେଙ୍ଗା– ବ୍ରହ୍ମରାକ୍ଷସ ପରି ଡୁମା (୩୫) ଛତ୍‌ରେନ୍– ଛତ୍ରଦେବୀ (୩୬) ଝରାଲା– ଧ୍ୱଜାଦେବୀ (୩୭) ଖପରେନ୍– ଖର୍ପରଦେବୀ (୩୮) ଶୂଲେନ୍– ଶୂଳଦେବୀ (୩୯) ଡଂଏଠେନ୍– ଦାପଦେବୀ (୪୦) ଶୀଲ୍‌ପେନ୍– ଶିଳାଦେବୀ (୪୧) ଜଲମତା– ଜଳଦେବତା (୪୨) କୁଆଁରୁପଟ– କାମଦେବତା (୪୩) କଟନେନ୍– କୁଠେନ୍ ଦେବୀ (୪୪) ସାତ୍ ବହନୀ ଝଲ୍‌କା ମୁନା– ଜଳଦେବୀମାନେ (୪୫) ସରଗ୍‌ପୁରେନ୍– ସ୍ୱର୍ଗଦେବୀ (୪୬) ଟାଙ୍ଗିମତା– ଅସ୍ତ୍ରଦେବୀ (୪୭) କୁନାଦେଇ– ତୃଣରଦେବୀ (୪୮) ଶୀତଳେନ୍– ଗ୍ରାମର ଲକ୍ଷ୍ମୀଦେବୀ (୪୯) ଗୁଡେନ୍– ଗୋବ୍ରୁଗୋଠ ରକ୍ଷକା ଦେବୀ (୫୦) ମିଲୁବୁଢା– ଡଙ୍ଗର (୫୧) ବୁମେର୍ ରାନୀ– ବୃକ୍ଷଦେବତା । କିମ୍ବଦନ୍ତୀ, କନ୍ଧ ସଂସ୍କୃତିରେ ଭାମ ପ୍ରବନ୍ଧରେ ଆଲୋଚିତ । (୫୨) ଭଇଁରୋ– ଭୈରବ । ବିଭିନ୍ନ ପ୍ରକାର ଭୈରବମାନେ ହେଲେ–

ଜଳଭୈରୋ, ଥଳ୍ ଭୈରୋ, ଅଗ୍ନି ଭୈରୋ ଓ ପତାଳ୍ ଭୈରୋ (୫୩) ଭୁଇଁ– ଭୂମିଦେବୀ, ଦୁଷ୍ଟଦେବୀ (୫୪) ମାନ୍‌ସୁରେନ୍– ଶସ୍ୟର ଦେବୀ (୫୫) ମଟିଅକ୍ମ– ଧନଦେବୀ (୫୬) ମାଲୁଜନ– ଲକ୍ଷ୍ମୀଦେବୀ (୫୮) ଜାରଜୁରେନ– ଦାତ୍ରଦେବୀ (୫୯) କାଳିସୁନ୍ଦ୍ରୀ– କାଳୀସୁନ୍ଦରୀ (୬୦) ଡୁଲା– (୬୧) ଜାରବାର ମରାର– ନଦୀ ଓ ପର୍ବତଦେବତା (୬୨) ବଏଟି (ଶଲ୍ଲ ମଟର ବାରଠି)– ଶିଶୁ ନଷ୍ଟକାରିଣୀ ପେଟିନି । ବଏଟି ବିଭିନ୍ନ ପ୍ରକାର ପଥ– (କ) ହଣାବଏଟି (ଖ) ବନବଏଟି (ଗ) ଡୁଲାବଏଟି (ଘ) ଘୁଲାବଏଟି (ଙ) ପିଲାବଏଟି (ଚ) ଫୁଲବଏଟି (ଛ) ଚୁଲିବଏଟି (ଜ) ଦୁଦ୍‌ବଏଟି (ଝ) ଛଟରେନ୍‌ବଏଟି ଆଦି । (୬୩) ଦେଲାବରେନ୍– ଛକଦେବୀ (୬୪) ପେଡ଼େଜେଣ– କୁମାରୀଦେବୀ (୬୫) ମିରଚୁନ୍– ଦୁଷ୍ଟପୁରୁଷ ଶକ୍ତି (୬୬) ପାଟଦିଓ– ଶ୍ରେଷ୍ଠଦେବତା (୬୭) ଚଣ୍ଡି– (ଚଣ୍ଡୀ) ବହୁପ୍ରକାର (କ) ଖପରାଚଣ୍ଡି (ଖ) ବନଚଣ୍ଡି (ଗ) ଯଜଚଣ୍ଡି (ଘ) ବାଲଚଣ୍ଡି (ଙ) ଶୁଲଚଣ୍ଡି (ଚ) ଚୁଡ଼ସିଚଣ୍ଡି (ଛ) କେଲେଚଣ୍ଡି (ଜ) ଲହଲହଚଣ୍ଡି (ଝ) ଚିଟାଚଣ୍ଡି (ଟ) ବାଟଚଣ୍ଡି ଆଦି ଅନେକ । (୬୮) ରଣଘିଟା– ରଣଦେବୀ (ଘଣ୍ଟସୁନା– ଘଣ୍ଟାଦେବୀ (୭୦) ଦେଖାପରେନ୍– ଡାକିନୀ (୭୧) ରକତଦଜାରେନ୍– ରକ୍ତ ଡାକିନୀ (୭୨) ଡୁର୍‌ସା– ପର୍ବତ ଦେବତା (୭୩) ବାଇରାଇବାରନୀ– ପର୍ବତଦେବତା (୭୪) ନାକ୍‌ଚୁରା ଜାନ୍‌ଚୁରା– ପର୍ବତଦେବତା (୭୫) ପର ଦେବେଣ୍– ଦୁଷ୍ଟଦେବୀ (୭୬) ବିମ୍ଲେଇ– ବିମଳା (୭୭) ବିରାଫେନ୍– ପ୍ରେତ (୭୮) ଚିରାଫେନ୍ (ପେଟେନ୍)– ଚିରିଗୁଣ୍ଡ (୭୯) ଘାଁପେନ୍– ପେଟିକାଦେବୀ (୮୦) ଦୁପେନ୍– ଚୋକେରଦେବୀ (୮୧) କରକରିଏନ୍– କ୍ରୋଧରଦେବୀ (୮୨) ଥରଥରିଏନ୍– କ୍ରୋଧର ଦେବୀ (୮୩) ହରହରିଏନ୍– ହରଣଦେବୀ (୮୪) ଡଡରଡାକେନ୍– ଡକୁଡାକିନୀ (୮୫) ଧନମୟା– ଧନଦେବୀ (୮୬) ରେଙ୍ଗସୁ– ବିଜଳୀଙ୍କ ବ୍ୟାଧିର ଦେବତା (୮୭) ହାରସୁନା– ଗୋଡ଼ାଦୁଆରବାସିନୀ ଦେବୀ (୮୮) ରାଏତ୍‌ମାୟା– ରାତ୍ରିଚାରିଣୀ (୮୯) ଚୁଟିମା (ଚୁଟମଠଡ– କନ୍ଦେନ୍‌ଚୁଟୀ (୯୦) ଖୀରପାଏନ୍– ଖୀରଦ୍ରୁର ଦେବତା (୯୧) ମଙ୍ଗଲା– ଅନେକ ପ୍ରକାରର (କ) ଗୁଣି ମଙ୍ଗଲା (ଖ) ହାଟ ମଙ୍ଗଲା (ଗ) ଘାଟ ମଙ୍ଗଲା (ଘ) ଧନ ମଙ୍ଗଲା (ଙ) ବନ ମଙ୍ଗଲା (ଚ) ଜଳ୍ ମଙ୍ଗଲା (ଛ) ଥଳ୍ ମଙ୍ଗଲା (ଜ) ଘୋରୋ ମଙ୍ଗଲା (ଝ) ବୁଢ଼ା ମଙ୍ଗଲା (ଟ) ଝୁଲା ମଙ୍ଗଲା (ଠ) ଲୁହା ମଙ୍ଗଲା (ଡ) ହଳା ମଙ୍ଗଲା (ଢ) ରକତ୍ ମଙ୍ଗଲା (ଣ) ଶକଟ ମଙ୍ଗଲା (ତ) ପୁଦା ମଙ୍ଗଲା (ଥ) ପୁଜା ମଙ୍ଗଲା ଇତ୍ୟାଦି । (ଦ) ଗୁଲି ମଙ୍ଗଲା (ଧ) ଚୁଲି ମଙ୍ଗଲା ଇତ୍ୟାଦି । (୯୨) ଜାରୋମା– ଶସ୍ୟଦେବୀ (୯୩) ହାରେନ୍– ଶସ୍ୟଦେବୀ (୯୪) ଧାରେନ୍– ଶସ୍ୟଦେବୀ (୯୫) ଚିଁଚିଁରେନ୍– ଶସ୍ୟଦେବୀ (୯୬) ଗୁରୁରେନ୍– ଶସ୍ୟଦେବୀ (୯୭) ଫଲନୀ– ଫସଲଦେବୀ (କନ୍ଧ ବିଶ୍ୱାସରେ ଏପ୍ରକାର ୧୦୮ଟି ଶସ୍ୟ ଓ ଫସଲଦେବୀ ଅଛନ୍ତି (୯୮) ବଟଲିଁଏନ୍– ଜନପଦନାମାନୁସାରୀ ଦେବୀ (୯୯) ବୁଡ଼ାଶି– ବୁଢ଼ଦେବତା (୧୦୦) ଜାରତିବଙ୍ଗନ୍– ବ୍ୟାଘ୍ରଦେବତା (୧୦୧) ଚାଁଦୁଦୁରା– ଜୀବନ ରକ୍ଷାକରେ ସଙ୍କଟ- ଭଞ୍ଜନୀ ଦେବୀ (୧୦୨) ପାଁଣରେନ୍– ନୂତନ ସ୍ଥାନରେ ଅସିଥିବା ପାଦ (ଜନପଦ ପ୍ରତିଷ୍ଠା ବା ନବାଗତଙ୍କୁ ପଚାରନ୍ତି ।

(୧୦୩) ଧନହାରେନ୍– ଧନଦେବୀ (୧୦୪) ଡହକା– ପାର୍ଶ୍ୱଦେବତା (୧୦୫) ବସ୍ତ୍ରରେନ୍– ପାଟଣା ରାଜ୍ୟ ରାଜାଙ୍କ ଦ୍ୱାରା ଆନୀତ ବସ୍ତ୍ରରଦେବୀ ଓ ଏକମୁଖ୍ୟ ଗ୍ରାମ୍ୟଦେବୀ (୧୦୬) ଡୁଙ୍ଗାଙ୍ଗର– ପର୍ବତଦେବତା (୧୦୭) ଫୁଲମତୀ– ପାର୍ଶ୍ୱଦେବତା (୧୦୮) କାଲ୍ନା– ପର୍ବତଦେବତା (୧୦୯) ଜମେଡୁକା– ପର୍ବତଦେବତା (୧୧୦) ଲୁଆସେନ୍– ଚାଲୁଆ (୧୧୧) ପଲମେନ୍– ଜନପଦାନୁସାରୀ ପର୍ବତ ଦେବତା (୧୧୨) କାଲକା– କାଳିକା (୧୧୩) ଭଗବତୀ– ଯାତାକାନ୍ତିର ଦେବୀ (୧୧୪) ଟୁଣୀମା– ମିଳିମିଳାର ଦେବୀ (୧୧୪) ଜାପର– ଅପସ୍ମାରର ଦେବୀ (୧୧୫) ଗୁଣିମା– ଗୃହପାଳିତ ପଶୁରୋଗର ଦେବୀ (୧୧୬) ଲୁଣିମା– ଶିଶୁରୋଗାଦିର ଦେବୀ (୧୧୭) ଦୁହୁଲାଦେଇ (୧୧୮) ପୈରରେନ୍– ଜନପଦଦେବୀ (୧୧୯) ବାଘନମୁରେନ୍– ପଶୁପ୍ରଜାଦେବୀ (୧୨୦) ଲୁଣିସୁଙ୍ଗି– ଶିଶୁଘାତିନୀ ଦେବୀ (୧୨୧) ରାଏଗରେନ୍– ରାଜବାସିନୀଦେବୀ (୧୨୨) ପଞ୍ଚରାଇମୁରେନ୍– ଦୁକୁଟା ରକ୍ଷା କାରିଣୀ ଦୁନୁଟାମପ୍ରଜାଦେବୀ (୧୨୩) ଘୁଡାମୁରେନ୍– ଅଶ୍ୱପ୍ରଜା ଦେବୀ (୧୨୪) ବାଗ୍ଗୁରେନ୍– ବ୍ୟାଘ୍ରପାଦଦେବୀ (୧୨୫) ଡିଦେନ୍– ଇନ୍ଦ୍ରଜାଲ ପଡ଼ିଣୀ (୧୨୬) ପେଟେନ୍– ଚିଗାସୁଣି (୧୨୭) ଗୁଲିକୁଲି– ଦାନ୍ତଦେବୀ (୧୨୮) ଦୁମାଦୁମା– ପୌନାକାର ବା କାମର ଦେବତା (୧୨୯) ଦୁମାଦେଇ– ମୋହିନୀ ଶକ୍ତିର ଦେବୀ (୧୩୦) ନହରେନ୍– ନଗ୍ନଦେବୀ (୧୩୧) ଶୀତଳ୍‌ଚୁଡ଼ା– ନଦୀଦେବତା (୧୩୨) ଖିଲୁକ– ବିଜୁଳିଦେବତା (୧୩୩) ସାର୍ଣ୍ଣମତୀ– ପାର୍ଶ୍ୱଦେବତା (୧୩୪) ଖପରାଗୁରେନ୍– ଖର୍ପରଧାରିଣୀ ଦାନ୍ତଦେବୀ (୧୩୫) ଜଗାରା– (ଜଗାରା ଜାତିର ମଧ୍ୟ ମୁଖ୍ୟଦେବୀ) ଅନେକ ପ୍ରକାର ପଥ– (କ) ଡୁଲାଜଗାରା (ଖ) ଡୁଲାବଜଗାରା (ଗ) ବନ୍ଧଜଗାରା (ଘ) ନାଏକେନ୍ ଜଗାରା (ଙ) ବାଟଜଗାରା (ଚ) ଡାରନା ଜଗାରା (ଛ) ଦେରନା ଜଗାରା (ଜ) ମାରନା ଜଗାରା (ଝ) ଦୁଦ୍ ଜଗାରା (ଟ) ଉଗ୍ରା ଜଗାରା (ଠ) ମୁଣ୍ଡି ଜଗାରା (ଡ) ଦେମ୍‌ଟୋ ଜଗାରା (ଢ) ପୋଟୋ ଜଗାରା । (୧୩୬) କାଳାଲିଙ୍ଗି– କାଳାଲିଙ୍ଗ୍ୟ କନ୍ଧ ବର୍ଗୀୟ ମୁଖ୍ୟଦେବତା (୧୩୭) ଉସ୍‌ରେନ୍– ଉଷରସ୍ୟକନ୍ଧ (୧୩୮) ସୁଦ୍‌ରେନ୍– ସୁଷରସ୍ୟ କନ୍ଧ___, (୧୩୯) ମଣ୍ଡେନ୍– ମହାକନ୍ଧ___ପାଲରେନ୍– ପାଲ୍‌କାକନ୍ଧ (୧୪୦) ସାଙ୍କୁଟି– ସାଙ୍କୁକନ୍ଧ (୧୪୧) କୁଏଲେଶିଏନ୍– କୁଏକନ୍ଧ (୧୪୨) ମୁତ୍‌ଜିତି– ମୁଟକାକନ୍ଧ (୧୪୩) ଡାରେବେଲେନ୍– ଚେଣ୍ଡାବର୍ଗର କନ୍ଧମାନେ ବାରଟି ଉପବର୍ଗରେ ବିଭକ୍ତ ଯେ' ଏମାନଙ୍କ ମୁଖ୍ୟଦେବତା (୧୪୪) ଅକାଲେନ୍– ଛିଙ୍କା ବର୍ଗୀୟ କନ୍ଧ ଲକ୍ଷ୍ମୀଦେବୀ । ଡେଶ୍ମ କୁହାଯାଏ ବରଭାଇ ଡେଞ୍ଜ–ଅନାତାଲ ଛିଙ୍କା (୧୪୫) ଡୁଡ୍‌କାଲୁଡ଼ି– ସୁନାଡୁକ୍‌କା, ରୁପାଡୁକ୍‌କା, ଚନ୍ଦ୍ରଡୁକ୍‌କା ଓ ପୁଡ଼ିଡୁକ୍‌କା ଆଦି ବାରୋଟି ଡୁକ୍‌କା ଉପବର୍ଗର ଦେବୀ (୧୪୬) ଏହିପରି ଭାବରେ (କ) ସୁରଦେଇରେନ୍ (ଖ) ପରଗଡ଼େନ୍ (ଗ) ଗାଣ୍ଡେନ୍ (ଘ) ଝାଲିଘରେନ୍ (ଙ) ଗୁମୁମିଲେନ୍ (ଚ) ବୁଟିବୁରେନ୍ (ଛ) ଅଁଟେମିଲେନ୍ (ଜ) ଝିରଡେନ୍ (ଝ) ମହିଘିଡିରେନ୍ (ଞ) ଜାଦୋବଡେଲେନ୍ (ଟ) ନନ୍ଦୁରେନ୍ (ଠ) ବାଜୁରେନ୍ (ଡ) ଡେଲେନ୍ (ଢ) ଟୁଇଡିଏନ୍ (ଣ) ଲିଙ୍ଗେରେନ୍ ଆଦି ପ୍ରାୟ ୧୫୦ ପ୍ରକାର କନ୍ଧ ବର୍ଗ ବା ଉପବର୍ଗର ମୁଖ୍ୟ ଦେବତାମାନେ ଏକ ଏକ କନ୍ଧ ବର୍ଗ ବା ଉପବର୍ଗର ଲକ୍ଷ୍ମୀଦେବୀ ତଥା ଗ୍ରାମଦେବୀ ଅଛନ୍ତି । (୧୪୭) ସୁନ୍‌ମୁନି–

ଜନଦେବୀ । ନିମ୍ନରେ କନ୍ଧମାନଙ୍କର ଡାପଗୀତର ବନ୍ଦନାର କିୟଦଂଶ ଉଲ୍ଲେଖ କରାଗଲା । ଏଥିରେ ଉପର ବର୍ଣ୍ଣିତ କେତୋଟି ଦେବୀଙ୍କର ସ୍ଥାନ ନିରୂପଣ ଓ ପରିଚୟମାନ ପ୍ରକାଶ ପାଇଛି–

"ସରଗଗୀମା ସୁପରଧାରେ, ଆଏଲେନେ କଲେକଲେ
ଗାଁ ବେଣ ମୁଡେ ବେଲେନ୍ ପୂଜା ମେରିଆକେ ନୁରାଖୁଜା
ଆଏକ୍ ଡୁପାଲ ଡୁକୁରି ବୁଢୀ ଝମଝମ କେଲଚୁରି
ଏ ଖୁଟର ମୁଡେ ଖୁଟ ମଉଲି ଦୁଲିର ମୁଡେ ଦୁଲା
ପାଟିଦିଓ କେ କାଲିଆ ଗୁଡା ଦିଅରି କେ ହାଲାଫୁଲା
କୁଆର ଭିଲି ସରଗ ଗୀମା
ଜାନିର ମୁଡେ ଜାନେନ୍ ବୁଢୀ ପିଠିଗଭା କେଡେଦେିମା
ଧୂର୍ତୁନିକେ ଅଗ୍ରା ପୂଜା ତୁମା ପାନେ ଚିଁଥିବୁଝା
କାଲିସୁନ୍ଦ୍ରି ତହକା ତୁମା ଖାଲାର ମୁଡେ ସାବୁ ଜାମା
ଗାବତା ଗୁଡିର୍ ଜାତ୍ରା ଗାଦା ଗାହାର୍ ଅରଦଲି ଲାଦା ।
ଅଉଲି ଡଉଲି ବଡିଶ୍ ମଉଲି ଖୁଲ ବଏଟି କୁଏ
ବାରଜୀମା ସେବା କଲେ ଜାନି ଝାଁକର ଝାରୁଝୁଏ
କୁଆର୍ କିଲିମା ମା ମାନେସେରୀ
ଅମପାନି ବୁଢାରଜା ଜନାଗଡେ ଲିଁକେଶେଗୀ....
ଛତରେନ୍‌କେ ଛତର ତଲେ ବାଞ୍ଜି ବୁଟେନ୍ ବାଞ୍ଜିଝାରେ
ଦୁଲଲି ଗୁଡିର ଦୁମାଦୁମା ଗରାଥାପି ତୋରେ ଦେମା
ସୁଭୁଜମୁନି ରକତ ମୁନି ସେବା ପୂଜା ଛିନାଛିନି
ଗଡଦୁଆରର ଦୁଆରସୁନୀ ଘମଖମ ହେଇଥା
ବଏରିମାରା ଘାଟା ସୁନି କାଲାବକା ହଲେବଣା ।
କନ୍ଧେନ୍ ବୁଢୀ କୁହୁରୁକୁଆ ଦିଅରି ହେଲେନ୍ ଅଥା
ସାଙ୍କୁ ବେସାର ବାଉଦିଓ ଗଡେକ୍ ମୁଡେ ପୂଜାଦିଓ
ନହରେନ୍‌ର ନହର ବୁଲା ବୁଢା ଗୁଡା ହାଲାଫୁଲା
ପାଟମେଣିଗୀ ଖରମୁହିଁଟା ଭାଟା ପଦର ଶୁଇଟା
ବାରଭାଏ ଲାଁଟବୁଡା ବାରସୁତା ହାତ
ଲାଟମାରି ଲାଁଟ ଉଦୁଲା ଖଲ ଝାର ଣିକ ପରବତ
କୁଆର ମା ଅମର ବିନ୍ଦେନ୍ ମାଟକେ
କୁଏନିଲା ଡାଲିମାରା ପିକେର୍ ପାଟକେ
ବାରା ମୁଡେନର କିରଲେ ଉଡି ବାବାପାରା ଗଲ ଛିଡି
ଅ ମିରଚୁକ୍ ପା ମିରଚୁକ୍ ସାଙ୍ଗେ ସାଙ୍ଗୋଲା ଛେରି ଚୁକ୍
ବଡିଶ୍ କନ୍ଧର ବଡିଶ ଚଣୀ ସଡିଖାଡି ଟନାଟନି
ଟେ ଖପରେନ୍ ଖୋପାଲାଛେ କାଲାସୁର କେ ମାଙ୍ଗଛେ
ଝଲିଆଡାବା ପେଖୋରାନୀ ଦିଅରିକେ ଧୁନାଧୁନି
ଖୁଲ୍ ବୁଲୁଛେ ବାରଖୁଲେନ୍ ସେବା ପୂଜା କର
ଡାକ୍ ହାକ୍‌କେ ଓ କେଲେ ଣ୍ରଡେଣାଁଟି ଗଟେ ହଲ
କୁଆର ଅମର ବଏଟି ବୁଡି
କେରମେଲିଆ ଗାଣାଘେରେ ଗାଣେନ୍ ବୁଢୀ ଇତ୍ୟାଦି ।

X X X

ପ୍ରବନ୍ଧର ଦୀର୍ଘତା ଭୟରୁ ଏଠାରେ କନ୍ଧାନ ଗାଥା କନ୍ଧମାନଙ୍କ ଆଉ କେତେକ ଦେବଦେବୀଙ୍କ ସୂଚନା ପ୍ରଦାନରୁ ବିରତ ହେଲି । ଏହି ଦେବଦେବୀମାନେ ପ୍ରାୟ କେତେକାଂଶରେ ପଶ୍ଚିମ ଓଡିଶାର ବିଭିନ୍ନ ଆଦିବାସୀ ଗୋଷ୍ଠୀର ସାର୍ବଜନୀନ ଦେବଦେବୀ ।

ଭୂମିଜଜାତିର ଦେବଦେବୀ (୧) ସିଙ୍ଗବୋଙ୍ଗା– ସୂର୍ଯ୍ୟଦେବତା (୨) ଜାହିରବୁରୁ– ଜାହିରଥାନରେ ପୂଜିତ ହୁଅନ୍ତି (୩) କାରାକାଟା– ଗ୍ରାମଦେବୀ (୪) ବାଘୁତ ବା ବାଘଭୂତ– ବ୍ୟାଘ୍ର ଆକ୍ରମଣରୁ ରକ୍ଷା କରନ୍ତି । (୫) ଦେଶାଲି– ଗ୍ରାମଦେବୀ (୬) ବୁରୁ– ପର୍ବତ ଦେବତା (୭) କୁହ୍ରା ବା ବାୟସ୍ ଚଣ୍ଡି– ନରବଳୀ ଦେବୀ (୮) ପକ୍ଷବାହିନୀ (୯) ବରତୋଲା– ପାର୍ଶ୍ଵଦେବୀ

## ବିଂଝିଆ ଜାତିର ଦେବଦେବୀ–

(୧) ବିନ୍ଧ୍ୟବାସିନୀ– ମୁଖ୍ୟ ଇଷ୍ଟଦେବୀ ଓ ଗ୍ରାମଦେବୀ (୨) ଚଣ୍ଡିଦେବୀ– ମୁଖ୍ୟ ଦେବତା (୩) ଗ୍ରାମଶ୍ରୀଗ୍ରାମଦେବୀ (୪) ସିଙ୍ଗାବୋଙ୍ଗା– ସୂର୍ଯ୍ୟଦେବତା (୫) ନନ୍ଦବୋଙ୍ଗା– ରୋଗର ଦେବୀ ।

## ଶବର ଜାତିର ଦେବୀଃ

(୧) ଖାନ୍‌ପତି– ଗ୍ରାମଦେବତା (୨) ବନସୁରୀ ବା ଠାକ୍ରାନୀ– ବନଦୁର୍ଗା (୩) ଦଲିଆ ସୁନମ୍– ମଙ୍ଗଳାକାରିଣୀ ମଙ୍ଗଳା (୪) କୁରୁଙ୍ଗ– ସୀମାଦେବୀ (୫) ରାଦୁ ବା ରାଧୁ– ରୋଗବ୍ୟାଧିର ଦେବୀ (୬) (କ) ଧରମବୋଦ୍ (ଖ) ଲାନ୍‌କାନ୍ (ଗ) ଆୟୁଙ୍ଗ୍‌ଅଙ୍ଗ୍– ସୂର୍ଯ୍ୟଦେବତା (୭) କଲି– ପ୍ରତିଶୋଧର ଦେବୀ (୮) ଡିରିମା– ପର୍ବତଦେବତା (୯) ସତର୍– ଫସଲଦେବୀ (୧୦) ଲୋବୋସୋନୁମ୍– ଧରଣୀଦେବୀ ।

## ଓରାଓଁ ଜାତିର ଦେବଦେବୀ–

(୧) ଧରମି ବା ଧର୍ମେଶ୍– ସୂର୍ଯ୍ୟ (୨) ଦରହା– କୁଳଭି (୩) ସର୍ନାବୁଢୀ– ବନଦେବୀ (୪୦ ମାରଙ୍ଗବୁରୁ– ପର୍ବତଦେବତା (୫) ବରଣ୍ଡ– ପାହାଡର ଶକ୍ତି (୬) କରମା– କର୍ମଦେବତା ।

## କୋୟାଜାତିର ଦେବଦେବୀ–

(୧) ମାମିଲବାପିଲେ– ନରବଳୀଦେବୀ (୨) ମୁଟ୍ୟଲମ୍ମା– ବସନ୍ତ ହଇଜାର ଦେବୀ (୩) ପିଟା– ଅସୁରୁଣ ଶକ୍ତି (୪) କୋରାରାଜୁ– ବ୍ୟାଘ୍ରଦେବୀ (୫) କୋମଲମ୍ମା– ଗ୍ରାମଦେବୀ (୬) ସରଲ୍‌ଚମାଓ (୭) କାରୁପୁତୁ– ପାର୍ଶ୍ଵଦେବୀ (୮) ଭୋଲପୁ– ପାରିବାରିକ ଦେବୀ (୯) ଅମ୍ଭିକେଶ୍ଵରେର– ସର୍ପଦେବତା (୧୦) ଦେବତାଲୁ ବା ଦୟାମୁଲୁ– ପର୍ବତଦେବତା

## ଖରିଆ ଜାତିର ଦେବଦେବୀ–

(୧) ଦରହୋଦୁବୋ– ଝରଣାଦେବୀ (୨) ବରପାହାର– ମୁଖ୍ୟଦେବତା (୩) ନସାନଦୁବୋ– ଧ୍ଵଂସର ଦେବତା (୪) ଗିରିଙ୍ଗଦୁବୋ ବା ବୋରୋ– ସୂର୍ଯ୍ୟଦେବତା (୫) କିୟାଲେଦୁବୋ– ଚନ୍ଦ୍ରଦେବତା (୬) ପାଟଦୁବୋ– ପାହାଡଦେବୀ (୭) ଡୋଙ୍ଗାଦୋରହା– ପର୍ବତଦେବତା (୮) ଗୁମ୍ନି– ସରନା (ପବିତ୍ର ଜଙ୍ଗଲ)ର ଦେବତା

(୯) ଅଗିନଦରହା– ଶସ୍ୟଦେବୀ (୧୦) କାରାସରନା– ଗୋମହିଷାଦି ରୋଗର ଦେବୀ ।

## ଗଣ୍ଡ ଜାତିର ଦେବଦେବୀ:–

ଲିଙ୍ଗୋ, ଜଙ୍ଗୋ ଓ ଭିଙ୍ଗୋ ତିନୋଟି ପ୍ରମୁଖ ଦେବତା । ବଡୁ ବା ବଡଦେଓ ବା ବୁଢାଦିଓ ମୁଖ୍ୟ ଗ୍ରାମଦେବତା । ଏହାକୁ ବୁଢାଲପେନ୍ କୁହାଯାଏ । ଦେବଦେବୀ ଶବ୍ଦକୁ ବିଭିନ୍ନ ଆଦିବାସୀ ଭାଷାରେ ପେନୁ, ବୋଙ୍ଗା, ଇଦର, ବୁରୁ, ଦିଓ, ଦୁବୋ, ବୋଦ୍ ପାରିଭାଷିକ ଶବ୍ଦରେ ପ୍ରକାଶ କରାଯାଇଛି । ମଣିଷ ନିଜର ବ୍ୟକ୍ତିଗତ ଜୀବନର ସୁରକ୍ଷା ଓ ସ୍ୱଚ୍ଛନ୍ଦତା ପାଇଁ ଗୋଷ୍ଠୀଗତ ଜୀବନକୁ ପସନ୍ଦ କରିଛି ଓ ଜନପଦ ବା ପଲ୍ଲୀରୂପକ ପ୍ରତିରୋଧ ପାଚେରୀ ଭିତରେ ବାସ କରିବାର ଆରମ୍ଭ କରିଛି । ଠିକ୍ ସେହିପରି ଜନପଦକୁ ବାହ୍ୟଶକ୍ତି ବା ଭୟରୁ ମୁକ୍ତ ରଖିବାକୁ ନିତାନ୍ତ ମନେକରି ଓ ଧନଜନ ଜୀବନର ସୁରକ୍ଷାର୍ଥେ ପାଳନକର୍ତ୍ତାର ଆସନରେ ଥାଇ ପ୍ରହରୀ ସଦୃଶ କାର୍ଯ୍ୟ ନିର୍ବାହକରିବା ପାଇଁ ସେ ଦାବୀ ଓ ଭକ୍ତିର ସହ ଏକ ଏଦୃଶ ଶକ୍ତି ଗ୍ରାମଦେବତାଙ୍କ ଉପରେ ଏ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛି । ଏହି ଦେବୀମାନେ ହେଲେ ସ୍ଥାନଦେବୀ (ଠାକୁର ପୂଜାପଦ୍ଧତିରେ ମଧ୍ୟ ସ୍ୱୀକୃତ) ବା ଜନପଦ ଦେବୀ । (ଗଡଦେବୀ ବା ଗଡଦ୍ୱାର ବାସିନୀ ଦେବୀ ଓ ନଗ୍ରଦେବୀ ଆଦି ଏହି ଶ୍ରେଣୀୟା ଦେବୀ । ପୁରାଣରେ ବର୍ଣ୍ଣିତ ବିଭିନ୍ନ ଅସୁରରାଜାମାନଙ୍କର ଇଷ୍ଟଦେବୀ ବା ଗଡଦ୍ୱାରବାସିନୀ (ରାବଣର ଲଙ୍କେଶ୍ୱରୀ, ମହୀରାବଣର ପାତାଳକାଳୀ, ନିର୍ବାତକବଚର କାଳୀ ବା ଭୈରବୀ) ଆଦି ଦେବୀ ଏହି ଗ୍ରାମଦେବତା ତତ୍ତ୍ୱ ଉପରେ ହିଁ ପ୍ରତିଷ୍ଠିତ । ଆଦିବାସୀମାନଙ୍କର ଦେବଦେବୀମାନଙ୍କୁ ପୂଜାସ୍ଥାନ ଭିତ୍ତିରେ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ । (ସ୍ପଷ୍ଟଭାବେ ନିର୍ଦ୍ଦିଷ୍ଟ ସୀମାରେ ଅନୁବନ୍ଧ ନକରି) ଯଥା– ପିଦରଦିଓ (ଗୃହଦେବତା) ଓ ପଦରଦିଓ । ପିଦରଦିଓ ହେଉଛନ୍ତି ଇଷ୍ଟଦେବତା ଓ ପଦରଦିଓମାନେ ହେଉଛନ୍ତି ଗ୍ରାମଦେବତା ବା ଜନପଦ ଦେବତା । କୌଣସି ଏକ ସମ୍ପ୍ରଦାୟ ବା ସ୍ଥାନର ପିଦରଦିଓ ମଧ୍ୟ ଅନ୍ୟ ଏକ ସ୍ଥାନ ବା ସମ୍ପ୍ରଦାୟର ପଦରଦିଓ ରୂପେ ପୂଜିତ ହୋଇଥିବାର ଅନେକାଂଶରେ ଦେଖାଯାଏ । ସଂକ୍ଷିପ୍ତ ପ୍ରବନ୍ଧରେ ଗ୍ରାମଦେବତା/ଦେବତାମାନଙ୍କର ପୂଜାପଦ୍ଧତି ଉପରେ ଆଲୋଚନା କରାଯାଇ ନାହିଁ । କେବଳ ବିଭିନ୍ନ ଦେବଦେବୀଙ୍କ ଉପରେ ସମ୍ୟକ୍ ପରିଚୟାତ୍ମକ ସୂଚନା ପ୍ରଦାନ କରାଯାଇଛି । ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏହି ଗ୍ରାମଦେବତା ପ୍ରଥାର କଳ୍ପନା ଅଳୀକ ନୁହେଁ । ଆର୍ଯ୍ୟ ହିନ୍ଦୁ ସଂସ୍କୃତି ବା ବୈଦିକ ଯୁଗରୁ ଅର୍ବାଚୀନ ଯୁଗର ଧାର୍ମିକ ପରମ୍ପରାରେ ମଧ୍ୟ ଏହି ଗ୍ରାମଦେବୀ ବା ଦେବତା ତତ୍ତ୍ୱର ସ୍ଥିତି ରହିଛି ଓ ଲୋକାଚାର ପରିଦୃଷ୍ଟ ହେଉଛି । ତେଣୁ ଆଦିବାସୀମାନଙ୍କର ଗ୍ରାମଦେବତା ତତ୍ତ୍ୱ କିପରି ଗ୍ରାହ୍ୟ, ବନ୍ଦନୀୟ, ପ୍ରଶଂସନୀୟ ଓ ଅମୂଳକ ନୁହେଁ ତତ୍ ଉପରେ ମୁଁ ମୋର ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରିବି ।

କୋଶଳବାଣୀକୁଞ୍ଜ, ହାଉସିଂ ବୋର୍ଡ଼ କଲୋନୀ,
ଟିଟିଲାଗଡ, ଜିଲ୍ଲା–ବଲାଙ୍ଗୀର ।



# ଓଡ଼ିଶାର ଶାକ୍ତପୀଠ

ଡ: ହରିଶ୍ଚନ୍ଦ୍ର ଦାସ

ଭାରତୀୟ ଶାକ୍ତଧର୍ମ ଇତିହାସ ପର୍ଯ୍ୟାଲୋଚନା କଲେ ଶକ୍ତି ଉପାସନା, ଆରାଧନା ଓ ପୂଜା ସଭ୍ୟତାର ପ୍ରାକ୍‌କାଳରୁ ଆରମ୍ଭ ହୋଇଥିବାର ଜଣାପଡ଼େ । କାଳକ୍ରମେ ଧର୍ମଧାରଣାର କ୍ରମବିବର୍ତ୍ତନ, ବିବର୍ତ୍ତନ ଓ ବିଭିନ୍ନ ଧର୍ମର ଉତ୍‌ଥାପନ, ପ୍ରଚାର, ପ୍ରସାର ଏବଂ ସମନ୍ୱୟ ଫଳରେ ଶକ୍ତିଧର୍ମ ଭାରତର ପ୍ରତ୍ୟେକ ଧର୍ମରେ ପ୍ରବେଶ କରି ବିଶିଷ୍ଟ ସ୍ଥାନ ଅଧିକାର କରି ଆସିଛି । ଶକ୍ତିଦେବୀ ଆଦିବାସୀ ସମାଜରୁ ଆରମ୍ଭ କରି ରାଜପ୍ରାସାଦ ପର୍ଯ୍ୟନ୍ତ ବିଭିନ୍ନ ରୂପରେ ପୂଜିତା ହେଲେ ଏବଂ ସମାଜର ପ୍ରତ୍ୟେକ ସୋପାନରେ ସକଳ ସୃଷ୍ଟିର ଆଧାର ରୂପେ ପ୍ରତିଷ୍ଠା ଲାଭ କଲେ ।

ଏପରିକି ପରବର୍ତ୍ତୀ କାଳରେ ବୌଦ୍ଧ ଏବଂ ଜୈନ ଉପାସକ ଗୌତମ ଓ ମହାବୀରଙ୍କ ପ୍ରଚାରିତ ବାଣୀ ସହ ଶକ୍ତି ମହିମାକୁ ସମନ୍ୱିତ କରାଗଲା । ପ୍ରଥମାବସ୍ଥାରେ ଏହି ଦୁଇ ଧର୍ମରେ ଶକ୍ତି ବା ନାରୀ ଆରାଧନାର ସ୍ଥାନ ନଥିଲା । କାଳକ୍ରମେ ଜୈନଧର୍ମରେ ଶାସନ ଦେବୀ ଏବଂ ବୌଦ୍ଧଧର୍ମରେ ତାରା, ପ୍ରଜ୍ଞା ପାରମିତା ପ୍ରଭୃତି ଦେବୀମାନେ ପ୍ରବେଶ ଲାଭ କରି ବିଭିନ୍ନ ରୂପରେ ପ୍ରକାଶିତ ହେଲେ ।

ଉପନିଷଦ ଓ ପୁରାଣଯୁଗରେ ଦେବୀ ସର୍ବଶକ୍ତିମୟୀ ସୃଷ୍ଟି, ସ୍ଥିତି ଓ ସଂହାରକାରିଣୀ ରୂପେ ପୂଜିତା ହେଲେ । ପୁରାଣବର୍ଣ୍ଣିତ ଶକ୍ତିତତ୍ତ୍ୱ, ତନ୍ତ୍ରତତ୍ତ୍ୱ ଏବଂ ମୂର୍ତ୍ତିତତ୍ତ୍ୱ ଅନୁଯାୟୀ ଦେବୀଙ୍କର ଅସଂଖ୍ୟ ରୂପ ପରିକଳ୍ପିତ ହେଲା । କେତେକ କ୍ଷେତ୍ରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ପ୍ରଭୃତି ଦେବତାମାନଙ୍କ ଊର୍ଦ୍ଧ୍ୱରେ ଦେବୀଙ୍କୁ ପ୍ରତିଷ୍ଠିତ କରାଗଲା । ଶାକ୍ତ ଉପନିଷଦ ସର୍ବଶକ୍ତିମୟୀ ବ୍ରହ୍ମରୂପେ ବର୍ଣ୍ଣନା କରି ଦେବୀଙ୍କର ବହୁରୂପ ପରିକଳ୍ପନା କରିଛି । କାଳକ୍ରମେ କେତେକ ଉପନିଷଦରେ ଦେବୀଙ୍କର ଏହି ରୂପକୁ ମହିମାନ୍ୱିତ କରିବା ପାଇଁ ଏଥିସହ ବର୍ଣ୍ଣାଢ୍ୟ ମହାତ୍ମ୍ୟମାନ ସଂଯୋଗ କରାଗଲା ।

ଉଦାହରଣ ସ୍ୱରୂପ ଉଦ୍ଧୋତ ଉପନିଷଦରେ ମହାତ୍ରିପୁରାସୁନ୍ଦରୀ, ବାଲାମ୍ବିକେ, ବଗଲା, ମାତଙ୍ଗୀ, ସ୍ୱୟମ୍ବରା, କଲ୍ୟାଣୀ, ଭୁବନେଶ୍ୱରୀ, ଚାମୁଣ୍ଡା, ଚଣ୍ଡୀ, ବାରାହୀ, ତୀରସ୍କରିଣୀ, ରାଜମାତଙ୍ଗୀ, ଶୁକଶ୍ୟାମଳା, ଲଘୁଶ୍ୟାମଳା, ଅଶ୍ୱାରୂଢା, ଧୂମାବତୀ, ସାବିତ୍ରୀ, ସରସ୍ୱତୀ, ବ୍ରହ୍ମାଣ୍ଡକଳା ପ୍ରଭୃତି ଦେବୀଙ୍କର ଆଖ୍ୟାନ ସହବିଶେଷ ବର୍ଣ୍ଣନା ମିଳେ । ଉପନିଷଦ ବର୍ଣ୍ଣିତ ଦେବୀ ମାର୍କଣ୍ଡେୟ ପୁରାଣରେ ସମସ୍ତ ଦେବତାଙ୍କର ପୁଞ୍ଜୀଭୂତ ଶକ୍ତିରେ ମହିଷାସୁରକୁ ମର୍ଦ୍ଦନ କରିବା ନିମନ୍ତେ ଦୁର୍ଗାରୂପେ ଆବିର୍ଭୂତା ହେଲେ । ଦୁର୍ଗାଙ୍କୁ ସର୍ବଶକ୍ତିମୟୀ, ସୃଷ୍ଟିସ୍ଥିତି ବିକାରିଣୀ, ତପ୍ତ କାଞ୍ଚନବର୍ଣ୍ଣା, ମହାରୌଦ୍ରୀ, ଦୀପ୍ତବଦନା, ଜାଜ୍ୱଲ୍ୟମୟୀ, ପୂର୍ଣ୍ଣରୂପା ଓ ସପ୍ତମାତୃକା, ଦଶମହାବିଦ୍ୟା, ନବକୋଟି କାତ୍ୟାୟନୀ, ଚଉଷଠୀ ଯୋଗିନୀ ମହାଦେବୀଙ୍କ ଏକ-ଏକ ଅଂଶବିଶେଷ ବୋଲି ବର୍ଣ୍ଣନା କରାଯାଇଛି ।

ଭାରତୀୟ ଶକ୍ତିପୀଠର ଉଦ୍ଭବସହ ପୌରାଣିକ ଆଖ୍ୟାନ ଅଙ୍ଗାଙ୍ଗୀଭାବେ ଜଡିତ । କେତେକ କ୍ଷେତ୍ରରେ ସ୍ଥାନର ମହାତ୍ମ୍ୟକୁ ଭିତ୍ତି କରି ନୂତନ ପୀଠସହ ଏଗୁଡିକୁ ସମ୍ପର୍କିତ କରାଯାଇଅଛି । ମହାଭାରତର ବନପର୍ବରେ ମହର୍ଷି ପୁଲସ୍ତ୍ୟ ଭୀଷ୍ମଙ୍କୁ ବହୁ ତୀର୍ଥର ବିବରଣୀ ଶୁଣାଇଥିଲେ । ସେ ସେହିସବୁ ତୀର୍ଥ ମଧ୍ୟରେ ଶାକ୍ତତୀର୍ଥ ବା ଦେବୀତୀର୍ଥର ବର୍ଣ୍ଣନା ରହିଛି । ମହାଭାରତରେ ବର୍ଣ୍ଣିତ ଶାକ୍ତପୀଠମାନଙ୍କ ମଧ୍ୟରେ ଭୀମାସ୍ଥାନ, ଶର୍ଙ୍ଗିନୀ ତୀର୍ଥ, ମାତୃତୀର୍ଥ, ମଧୁବଟୀ, ଶାକମ୍ଭରୀ ସ୍ଥାନ (କୃଷ୍ଣା ଓ ତୁଙ୍ଗଭଦ୍ରା ନଦୀର ମଧ୍ୟଭାଗରେ ଶାକମ୍ଭରୀଙ୍କ ପୀଠ) ଧୂମାବତୀସ୍ଥାନ, ଉଦ୍ୟନ୍ତ ପର୍ବତ, ଭରତାଶ୍ରମ, ଗୌରୀଶିଖର, କନ୍ୟାତୀର୍ଥ, ନାଭୀତୀର୍ଥ (ଓଡିଶାର ଯାଜପୁର) ପ୍ରଭୃତି ପ୍ରଧାନ । ଏହି ପୀଠମାନଙ୍କ ମଧ୍ୟରୁ ଭୀମାସ୍ଥାନ, ସାବିତ୍ରୀ ସ୍ଥାନ, ଗୌରୀଶିଖର ସହ ମହିମାଦେବୀଙ୍କର ଅଙ୍ଗର ସମ୍ପର୍କଥିବା ପଣ୍ଡିତମାନେ ଅନୁମାନ କରନ୍ତି ।

ସାଧାରଣତଃ ପୀଠର ସଙ୍କ୍ଷ ଓ ଏଥିସହ ଦେବୀଙ୍କ ସମ୍ପର୍କର ପରିକଳ୍ପନା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୁଏ । ସାଧାରଣ ପରିକଳ୍ପନାରେ ପୀଠର ଅର୍ଥ ଆସନ, ଯଥା:— "ପେଠନ୍ତ୍ୟସ୍ମିନ୍ତ୍ୟସ୍ମିନିତିପୀଠଃ'' ଅର୍ଥାତ୍ ଦେବୀଙ୍କର ଆସନଥିବା ସ୍ଥାନହିଁ ପୀଠ । ତେବେ ଏକ ଦେବୀଙ୍କ ସ୍ଥାନରେ ସିଦ୍ଧିଲାଭ କଲାପରେ ତାହା ନିର୍ଦ୍ଦିଷ୍ଟ ସିଦ୍ଧପୁରୁଷଙ୍କର ପୀଠ ରୂପେ ମଧ୍ୟ ପ୍ରତିଷ୍ଠା ଲାଭ କରିଥାଏ ।

ଶକ୍ତିପୀଠରେ ମହାଦେବୀଙ୍କର କୌଣସି ଅଙ୍ଗ ସଂଶ୍ଳିଷ୍ଟ ଥିବାର ସାଧାରଣରେ ବିଶ୍ୱାସ କରାଯାଏ । ଅବଶ୍ୟ ଅନେକ କ୍ଷେତ୍ରରେ ସାଧକର ସିଦ୍ଧିପୀଠ ହେଲେ ମହାଦେବୀଙ୍କର ଅଙ୍ଗ ସହିତ ସମ୍ପର୍କ ନଥାଇ ମଧ୍ୟ ଦେବୀପୀଠ ରୂପେ ପରିଗଣିତ ହୋଇଅଛି । ଉଦାହରଣ ସ୍ୱରୂପ ଶାସ୍ତ୍ରମାନଙ୍କରେ ଏକଶହ ଆଠ ଶକ୍ତିପୀଠର ବିବରଣୀ ଦେଖିବାକୁ ମିଳେ । ସେଥି ମଧ୍ୟରୁ ଅଧିକାଂଶ ପୀଠରେ ମହାଦେବୀଙ୍କର ଅଙ୍ଗ ସହିତ ସମ୍ପର୍କ ଥିବାର ବର୍ଣ୍ଣନା ମିଳି ନାହିଁ ।

ଶକ୍ତିପୀଠଗୁଡ଼ିକର ଉତ୍ପତ୍ତି ସମ୍ପର୍କରେ "କାଳିକା ପୁରାଣ" ଓ ଦେବୀ ଭାଗବତରେ ବିଭିନ୍ନ ଆଖ୍ୟାନ ବର୍ଣ୍ଣିତ ହୋଇଅଛି । ଏହି ଆଖ୍ୟାନ ଅନୁଯାୟୀ ଦକ୍ଷଯଜ୍ଞରେ ସତୀ ପ୍ରାଣତ୍ୟାଗ କଲା ପରେ ତାଙ୍କର ମରଦେହ ସ୍କନ୍ଧରେ ବହନ କରି ମହାଦେବ ଉନ୍ମାଦ ସଦୃଶ ନୃତ୍ୟ କରି ସାରା ବିଶ୍ୱ ପରିକ୍ରମା କଲେ । ଏଣୁ ସାରା ବିଶ୍ୱରେ ପ୍ରଳୟର ସୂଚନା ମିଳିଲା । ଦେବତାମାନେ ଆତଙ୍କିତ ହୋଇ ଏହାର ପ୍ରତିକାର ବ୍ୟବସ୍ଥା କଲେ । ବ୍ରହ୍ମା, ବିଷ୍ଣୁ ଏବଂ ଶନି ସତୀଙ୍କ ମୃତଦେହରେ ପ୍ରବେଶ କରି ଖଣ୍ଡ ଖଣ୍ଡ କରି କାଟିବାକୁ ଲାଗିଲେ । ଦେବୀଙ୍କ ଅଙ୍ଗର ଅଂଶବିଶେଷ ବିଭିନ୍ନ ସ୍ଥାନରେ ପଡ଼ିଲା । ଫଳରେ ସେହି ସ୍ଥାନସବୁ ଶକ୍ତିପୀଠ ରୂପେ ପରିଗଣିତ ହେଲା । ପ୍ରତି ପୀଠରେ ଦେବୀ ଭୈରବ ସହ ବିରାଜମାନ କଲେ ।

ଦକ୍ଷଯ଼ଜ୍ଞ କାହାଣୀ ଅତି ପ୍ରାଚୀନ । ଗୁପ୍ତଯୁଗର ଅଭ୍ୟୁଦୟ ପୂର୍ବରୁ ଦକ୍ଷଯଜ୍ଞ କାହାଣୀ ପ୍ରଚଳିତ ଅଛି । କେତେକଙ୍କ ମତରେ ଏହି ଏହି କାହାଣୀ ପ୍ରଚଳିତ ଅଛି । କେତେକଙ୍କ ମତରେ ଏହି କାହାଣୀ ସର୍ବପ୍ରଥମେ ମହାଭାରତରେ ବର୍ଣ୍ଣନା କରାଯାଇଛି । କାଳକ୍ରମେ ବ୍ରହ୍ମାଣ୍ଡ ପୁରାଣ, ମତ୍ସ୍ୟପୁରାଣ, ପଦ୍ମପୁରାଣ, କୂର୍ମପୁରାଣ, ସ୍କନ୍ଦପୁରାଣମାନଙ୍କରେ ଏହା ଭିନ୍ନଭିନ୍ନ ରୂପେ ପ୍ରକାଶ ପାଇଛି । ମହାଭାରତରେ ଶିବଙ୍କର ପତ୍ନୀ ଉମା ଦକ୍ଷକନ୍ୟା ରୂପେ ବର୍ଣ୍ଣିତ ହୋଇନାହାନ୍ତି କିମ୍ବା ଦକ୍ଷଯଜ୍ଞରେ ପ୍ରାଣତ୍ୟାଗ ମଧ୍ୟ କରିନାହାନ୍ତି । ପୁରାଣମାନଙ୍କରେ ସତୀ ଦକ୍ଷଙ୍କର କନ୍ୟା ରୂପେ ପରିଚିତା ଏବଂ ଦକ୍ଷଯଜ୍ଞରେ ସେ ପ୍ରାଣ ତ୍ୟାଗ କରିଛନ୍ତି । କିନ୍ତୁ ତାଙ୍କ ଶରୀର ବିକ୍ଷିପ୍ତ ଭାବେ ପଡ଼ିଥିବାର ଉଲ୍ଲେଖ ନାହିଁ ।

ମଧ୍ୟଯୁଗର ପ୍ରଥମ ଭାଗରେ ରଚିତ ଦେବୀ ଭାଗବତ ଏବଂ କାଳିକା ପୁରାଣ (ଖ୍ରୀଷ୍ଟୀୟ ୧୦ଶ ଶତାବ୍ଦୀ)ରେ ଦକ୍ଷଯଜ୍ଞ କାହାଣୀ ରୂପାନ୍ତରିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହି ଦୁଇଟି ପୁରାଣରେ ମୃତଦେବୀଙ୍କର ପତିତ ଅଂଶକୁ ଭିତ୍ତିକରି ବିଭିନ୍ନ ଶକ୍ତିପୀଠ ବିକାଶଲାଭ କରିଛି । ଏଣୁ ପୀଠ ଉତ୍ପତ୍ତି ସମ୍ପର୍କୀୟ ଏତାଦୃଶ କାହାଣୀ କାଳିକାପୁରାଣ ଓ ଦେବୀ ଭାଗବତ ରଚନା ସମୟ ପୂର୍ବରୁ ହୋଇ ନ ପାରେ ।

ତେବେ ଶକ୍ତିପୀଠ ସହିତ ଦେବୀଙ୍କ ଅଙ୍ଗର ସମ୍ପର୍କ ଥିବା ବିଷୟରେ ପଣ୍ଡିତମାନେ ବିଭିନ୍ନ ମତପୋଷଣ କରନ୍ତି । କେତେକଙ୍କ ମତରେ ବୁଦ୍ଧଙ୍କ ତିରୋଧାନ ପରେ ବୌଦ୍ଧମାନେ ତାଙ୍କର ନଖ, କେଶ, ଅସ୍ଥି, ଦାନ୍ତ ପ୍ରଭୃତିକୁ ପୂଜା କଲେ । ଏହି ପଦାର୍ଥଗୁଡ଼ିକୁ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରି ତା ଉପରେ ସ୍ତୂପ ନିର୍ମାଣ କଲେ । ଯେଉଁ ସ୍ଥାନରେ ସ୍ତୂପ ନିର୍ମିତ ହେଲା ସେ ଗୁଡ଼ିକ କାଳକ୍ରମେ ବୌଦ୍ଧତୀର୍ଥ ବା ବୌଦ୍ଧକ୍ଷେତ୍ରରେ ପରିଣତ ହେଲା । ଏଣୁ ଶକ୍ତିମାନଙ୍କର ପୀଠ କଳ୍ପନାରେ ହୁଏତ ଏହି ପ୍ରକାର ବିଷୟବସ୍ତୁର ସମ୍ପର୍କ ଥାଇପାରେ ।

ବୌଦ୍ଧମାନଙ୍କର ତନ୍ତ୍ରଶାସ୍ତ୍ର 'ହେ ବଜ୍ରତନ୍ତ୍ର' (୬୯୩ ଖ୍ରୀଷ୍ଟାବ୍ଦ)ରେ ଜାଳନ୍ଧର, ଉଡ୍ଡୀୟାନ ବା ଓଡ଼ିଆନ, ପୂର୍ଣ୍ଣଗିରି ବା ପୂର୍ଣ୍ଣଶୈଳ ଏବଂ କାମରୂପ, ଏହି ଚାରୋଟି ପୀଠର ନାମ ଉଲ୍ଲେଖ ରହିଛି ।

ତନ୍ତ୍ରସାରରେ ପାଞ୍ଚଟି ପୀଠର ବର୍ଣ୍ଣନା ଦେଖାଯାଏ— ଉଡ୍ଡୀୟାନ, ଜାଳନ୍ଧର, କାମରୂପ, ପୂର୍ଣ୍ଣଗିରି ଏବଂ ଶ୍ରୀହଟ୍ଟ । ବିଭିନ୍ନ ତନ୍ତ୍ରରେ ପୀଠଗୁଡ଼ିକର ବର୍ଦ୍ଧିତ କ୍ରମ ପରିଲକ୍ଷିତ ହୁଏ । କୁବ୍ଜିକା ତନ୍ତ୍ରମତରେ ପୀଠ ସଂଖ୍ୟା ୪୨ କିନ୍ତୁ ଜ୍ଞାନାର୍ଣ୍ଣବ ତନ୍ତ୍ରରେ ୫୦, ତନ୍ତ୍ରସାରରେ ୫୧ ଓ ପୀଠନିର୍ଣ୍ଣୟରେ ମଧ୍ୟ ୫୧ଟି ପୀଠର ପରିଚୟ ମିଳେ । ଏହା ବ୍ୟତୀତ ଦେବୀଭାଗବତ, କାଳିକାପୁରାଣ, ମତ୍ସ୍ୟପୁରାଣ ପ୍ରଭୃତିରେ ମଧ୍ୟ ବିଭିନ୍ନ ପୀଠର ସୂଚନା ମିଳେ । ତେବେ ଏ ସମ୍ପର୍କୀୟ ବିବରଣୀମାନଙ୍କରେ ପୀଠ ସଂଖ୍ୟା ଓ ନାମରେ ପ୍ରଭେଦ ପରିଲକ୍ଷିତ ହୁଏ । ବିନୟତୋଷ ଭଟ୍ଟାଚାର୍ଯ୍ୟ ପୀଠ ସମ୍ବନ୍ଧରେ ବୌଦ୍ଧତନ୍ତ୍ରକୁ ଅନୁସରଣ କରି ଲେଖିଅଛନ୍ତି:—

ପୀଠଂ ଜାଳନ୍ଧରଂ ଖ୍ୟାତଂ ଓଡ଼ିଆନଂ ତଥୈବଚ ।
ପୀଠଂ ପୂର୍ଣ୍ଣଗିରିଂ ଚୈବଂ କାମରୂପଂ ତଥୈବଚ ॥

ସେହିପରି କାଳିକାପୁରାଣରେ ବର୍ଣ୍ଣିତ ଅଛି:—

ଉଡ୍ରାଖ୍ୟଂ ପ୍ରଥମପୀଠଂ ଦ୍ୱିତୀୟଂ ଜାଲଶୈଲକଂ ।
ତୃତୀୟଂ ପୂର୍ଣ୍ଣପୀଠନ୍ତୁ କାମରୂପଂ ଚତୁର୍ଥକଂ ॥
ଉଡ୍ରପୀଠଂ ପଶ୍ଚିମେତୁ ତଥୈବୋଡ୍ରେଶ୍ୱରୀଂ ଶିବାଂ ।
କତ୍ୟାୟନୀଂ ଜଗନ୍ନାଥ ମୋଡ୍ରେଶଞ୍ଚ ପ୍ରପୂଜୟେତ୍ ॥

ଏଥିରୁ ସ୍ପଷ୍ଟ ଜଣାପଏ ଉଡ୍ଡୀୟାନ ବା ଉଡ୍ର (ଆଧୁନିକ ଓଡ଼ିଶା) ଏକ ପୂର୍ଣ୍ଣ ଶକ୍ତିପୀଠ ରୂପେ ପ୍ରାଚୀନ କାଳରୁ ଅଦ୍ୟାବଧି ଖ୍ୟାତିଲାଭ କରି ଆସୁଛି ।

ଡଃ ଡି.ସି.ସରକାର ତାଙ୍କର ଶକ୍ତିପୀଠ ପ୍ରବନ୍ଧରେ ଉଡ୍ଡୀୟାନକୁ କାଶ୍ମୀର ବୋଲି ଚିହ୍ନିତ କରିଅଛନ୍ତି । ମାତ୍ର ତାଙ୍କର ଏପ୍ରକାର ଉକ୍ତି ପ୍ରମାଦପୂର୍ଣ୍ଣ ବୋଲି ମନେହୁଏ । ପୂର୍ବ ଭାରତରେ ଓଡ଼ିଶା, ଆସାମ, ବଙ୍ଗଳା ଏବଂ ବିହାରରେ ତନ୍ତ୍ରଧର୍ମ ବହୁଳଭାବେ ପ୍ରସାର ଲାଭ କରିଥିଲା । ଏହି ଧର୍ମର ପ୍ରସାର ସଙ୍ଗେ ସଙ୍ଗେ ଅନେକ ତାନ୍ତ୍ରିକ କ୍ଷେତ୍ର ମଧ୍ୟ ସୃଷ୍ଟି ହୋଇଥିଲା । ଏହିସବୁ ତାନ୍ତ୍ରିକ କ୍ଷେତ୍ରରେ ପୂଜା, ଆରାଧନା, ଉପାସନା ଓ ସାଧନା ପାଇଁ ବହୁ ସାଧକଙ୍କର ଆବିର୍ଭାବ ହୋଇଥିଲା ।

ସେତେବେଳେ ଉକ୍ତ ଏକ ଶ୍ରେଷ୍ଠ କ୍ଷେତ୍ର ଥିବାର ଜଣାଯାଏ । ତାରାନାଥଙ୍କ ବୌଦ୍ଧଧର୍ମ ସମ୍ବନ୍ଧୀୟ ବିବରଣୀରୁ ଜଣାଯାଏ ଯେ, ରାହୁଲଭଦ୍ର, ବିରୁପପାଦ, ଲୁଇପା, ଶବରୀପା, ଇନ୍ଦ୍ରଭୂତି ଓ ତାଙ୍କ କନ୍ୟା ଲକ୍ଷ୍ମୀଙ୍କରା, କମ୍ବଳପାଦ, ଜାଳନ୍ଧରୀପାଦ, କାହ୍ନୁପାଦ, ଲୀଳାବଜ୍ର, ପଦ୍ମସମ୍ଭବ, ପ୍ରଜ୍ଞା ଓ ବୋଧିଶ୍ରୀ ପ୍ରଭୃତି ବହୁ ସିଦ୍ଧାଚାର୍ଯ୍ୟ ଏହି ତାନ୍ତ୍ରିକ କ୍ଷେତ୍ରରେ ସାଧନା କରି ସିଦ୍ଧିଲାଭ କରିଥିଲେ । ପଣ୍ଡିତମାନଙ୍କର ମତରେ ଖ୍ରୀଷ୍ଟୀୟ ସପ୍ତମରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ପୁଣ୍ୟଭୂମି ଓଡିଶା ଏହି ଅଚାର୍ଯ୍ୟମାନଙ୍କର ଲୀଳାଭୂମି ଥିଲା । ଭୌମବଂଶୀୟ ରାଜା ଶୁଭକରଦେବଙ୍କ ସମୟରେ ବୌଦ୍ଧକ୍ଷେତ୍ର ପୁଷ୍ପଗିରି ମହାବିହାରରୁ ଗଣ୍ଡବ୍ୟୁହ ନାମକ ବୌଦ୍ଧଧର୍ମ ସମ୍ବନ୍ଧୀୟ ଏକ ଉପାଦେୟ ପାଣ୍ଡୁଲିପି ଚୀନ୍ ସମ୍ରାଟ୍ ଟିସଙ୍ଗଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏନ୍.ଏନ୍.ଦାସଗୁପ୍ତ ତାଙ୍କର ଉଡ୍ଡୀୟାନ ଏବଂ ସାହୋର ପ୍ରବନ୍ଧରେ ଉଡ୍ଡୀୟାନ ସମ୍ବନ୍ଧରେ ଆଲୋଚନା କରି କହିଛନ୍ତି, ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରଥମେ ଉଡ୍ଡୀୟାନରେ ଉତ୍ପତ୍ତି ଲାଭ କରିଥିଲା ।

ଲୁଇପାଦ, ଅନଙ୍ଗବଜ୍ର, ତୈଳିକପାଦ, ଅବଧୂତପାଦ, ନାଗବୋଧି, ଜ୍ଞାନବଜ୍ର, ବୁଦ୍ଧଜ୍ଞାନପାଦ, ଇନ୍ଦ୍ରଭୂତି, ଧର୍ମଶ୍ରୀମିତ୍ର ପ୍ରଭୃତି ବହୁ ସିଦ୍ଧ ସାଧକ ଉଡ୍ଡୀୟାନ ଅଧିବାସୀ ଥିଲେ । ଇନ୍ଦ୍ରଭୂତିଙ୍କର ଜ୍ଞାନସିଦ୍ଧି ଏକ ଉପାଦେୟ ଗ୍ରନ୍ଥ । ସେହି ଗ୍ରନ୍ଥର ପ୍ରାରମ୍ଭରେ ଇନ୍ଦ୍ରଭୂତି ଜଗନ୍ନାଥଙ୍କୁ ସ୍ତୁତି କରିଛନ୍ତି:-

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନଂ ବରାର୍ଚ୍ଚିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମ୍ ॥

ଏହି ଉକ୍ତିରୁ ଉଡ୍ଡୀୟାନରେ ଶାକ୍ତତାନ୍ତ୍ରିକ ଉପାସନାର ବ୍ୟାପକତା ସହଜରେ ଅନୁମାନ କରାଯାଇପାରେ । ଏହା ବ୍ୟତୀତ ଉଡ୍ଡୀୟାନକୁ କାଶ୍ମୀରର ସ୍ୱାଟ୍ ଉପତ୍ୟକାସ୍ଥ ଉଦ୍ୟାନ ସହିତ ଚିହ୍ନିତ କରାଯିବାର ମତ ବିରୁଦ୍ଧରେ ବହୁ ଯୁକ୍ତି ରହିଛି ।

ବୁଦ୍ଧଗାନ ଓ ଦୋହା ଉଡ୍ଡୀୟାନ ପୀଠର ସିଦ୍ଧ ଲୁଇପାଦ, କାହ୍ନୁପାଦ, ସୁଗୁହପାଦ ଓ ଶବରପାଦ ପ୍ରଭୃତି ସାଧକମାନେ ପୂର୍ବ ଭାରତର ଆଞ୍ଚଳିକ ଭାଷା ଓଡିଆ, ବଙ୍ଗଳା ଓ ଅସାମୀୟାରେ ରଚନା କରିଛନ୍ତି । ଉଡ୍ଡୀୟାନ ସ୍ୱାଟ୍ ଉପତ୍ୟକାରେ ଅବସ୍ଥିତ ହୋଇଥିଲେ ବୋଦ୍ଧଗାନ ଓ ଦୋହା ଉତ୍ତର ପଶ୍ଚିମ ଭାରତର ତତ୍କାଳୀନ ପ୍ରଚଳିତ ଭାଷାରେ ରଚିତ ହୋଇଥାନ୍ତା । ଏହି ଦୃଷ୍ଟିରୁ ଉଡ୍ଡୀୟାନ ଯେ ପୂର୍ବ ଭାରତର ଓଡିଶା ଏଥିରେ ସନ୍ଦେହ ନାହିଁ । ସ୍ୱାଟ୍ ଉପତ୍ୟକାରେ କୁରୁକୁଲ୍ଲା, ଲୋକେଶ୍ୱର, ଉର୍ଦ୍ଧ୍ୱପାଦ, ବଜ୍ରବରାହୀ, ବିମଳା ଓ ଜଗନ୍ନାଥ ପ୍ରଭୃତି ପୂଜିତ ହେଉଥିବାର ବର୍ଣ୍ଣନା ରହିଛି । କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହି ଦେବଦେବୀଙ୍କର ସନ୍ଧାନ ମିଳେ ନାହିଁ । ଓଡିଶାରେ ଏବେ ମଧ୍ୟ ତାରା, ଅବଲୋକିତେଶ୍ୱର, ବଜ୍ରଧର, ଲୋକେଶ୍ୱର, ଲୋକନାଥ, ବଜ୍ରବାରାହୀ, କୁରୁକୁଲ୍ଲା, ମାରୀଚୀ, ହାରିତୀ, ପର୍ଣ୍ଣଶବରୀ, ଚୁଣ୍ଡା, ମଞ୍ଜୁଶ୍ରୀ ପ୍ରଭୃତି ଅସଂଖ୍ୟ ବୌଦ୍ଧଦେବଦେବୀ ଏବଂ ମହିଷମର୍ଦ୍ଦିନୀ ଦୁର୍ଗା, ପାର୍ବତୀ, ସପ୍ତମାତୃକା ମଙ୍ଗଳା, ଯୋଗିନୀ, କାତ୍ୟାୟନୀ ସ୍ୱତନ୍ତ୍ର ଭାବରେ ପୂଜିତ ହେଉଅଛନ୍ତି । ସେମାନଙ୍କର ଉପାସନା ନିମିତ୍ତ ଅସଂଖ୍ୟ ମନ୍ଦିର ନିର୍ମିତ ହୋଇଛି ।

କାଳିକାପୁରାଣର ବର୍ଣ୍ଣନା ଅନୁଯାୟୀ ଉଡ୍ଡୀୟାନ୍ ପୀଠର ଦେବତା ହେଉଛନ୍ତି ଜଗନ୍ନାଥ ଓ ଶକ୍ତିଦେବୀ ହେଉଛନ୍ତି ବିମଳା । ଉଡ୍ଡୀୟାନ ଯେ ଏକ ଶାକ୍ତ ତାନ୍ତ୍ରିକ କ୍ଷେତ୍ର ଏଥିରେ ସନ୍ଦେହ ନାହିଁ ।

କାଳିକାପୁରାଣରେ ମଧ୍ୟ ସପ୍ତପୀଠର ବର୍ଣ୍ଣନା ଦେଖାଯାଏ । ଯଥା:- ଦେବୀକୁଟ (ବଙ୍ଗଳା ଦିନାଜପୁର ଜିଲ୍ଲା ଅନ୍ତର୍ଗତ ବଙ୍ଗଦେବୀ ମହାଭାଗା) ଉଡ୍ଡୀୟାନ୍ (ଦେବୀ କାତ୍ୟାୟନୀ) କାମଗିରି (କାମରୂପର ଦେବୀ କାମାକ୍ଷୀ) କାମରୂପର ପୂର୍ବ ଉପାନ୍ତ ଅଞ୍ଚଳ (ଦେବୀ ଦିକ୍କର ବାସିନୀ) ଜାଳନ୍ଧର (ଦେବୀ ଚଣ୍ଡୀ) ପୂର୍ଣ୍ଣଗିରି (ଦେବୀ ପୂର୍ଣ୍ଣେଶ୍ୱରୀ କାମରୂପର ନିକଟବର୍ତ୍ତୀ ଅଞ୍ଚଳ (ଲଳିତକାନ୍ତା) । ଖ୍ରୀଷ୍ଟୀୟ ୧୦୫୨ରେ ରଚିତ ରୁଦ୍ରାକ୍ଷମାଳରେ ଦଶଟି ପୀଠର ନାମ ଦିଆଯାଇଛି । କାମରୂପ, ଜାଳନ୍ଧର, ପୂର୍ଣ୍ଣଗିରି, ଉଡ୍ଡୀୟାନ, ବାରଣାସୀ, କୁଳନ୍ତୀ, ମାୟାବତୀ (ହରଦ୍ୱାର ନିକଟବର୍ତ୍ତୀ) ମଧୁପୁରୀ, ଅଯୋଧ୍ୟା, କାଞ୍ଚି (କାଞ୍ଚିଭରମ) ।

କୁଳାର୍ଣ୍ଣବ ତନ୍ତ୍ରରୁ ଉଡ୍ଡୀୟାନ୍, ଦେବୀଦେଵିକୋଠ, ହିଙ୍ଗୁଳା, କୋଟିମୁଦ୍ରା, ଜାଳନ୍ଧର, ବାରାଣସୀ, ଅନ୍ତର୍ବେଦୀ, ପ୍ରୟାଗ, ମିଥିଳା, ମଗଧ, ମେଖଳା, ଅଙ୍ଗ, ବଙ୍ଗ, କଳିଙ୍ଗ, ସିଂହଳ, ସ୍ୱାରାଜ୍ୟ ଏବଂ ଗୌଡ ପ୍ରଭୃତି ୧୮ଟି ପୀଠର ବର୍ଣ୍ଣନା ମିଳେ । ପୀଠ ସଂଖ୍ୟାରେ ଏ ପ୍ରକାର ତାରତମ୍ୟ ପ୍ରଣିଧାନ ଯୋଗ୍ୟ । ଶାକ୍ତତାନ୍ତ୍ରିକ ଉପାସନା ପ୍ରସାରଲାଭ କରିବା ସଙ୍ଗେସଙ୍ଗେ ବିଭିନ୍ନ ସ୍ଥାନରେ ଶକ୍ତିଙ୍କର ବିଭିନ୍ନ ରୂପର ପ୍ରତିଷ୍ଠା ହେବା ସ୍ୱାଭାବିକ୍ । ଏ ପ୍ରକାର ବୈଶିଷ୍ଟ୍ୟ ପ୍ରତିପାଦନ କରିବା ପାଇଁ ଶାସ୍ତ୍ରକାରମାନେ ବିଭିନ୍ନ ତୀର୍ଥକ୍ଷେତ୍ରକୁ ଶକ୍ତିପୀଠର ରୂପ ଦେବା ସ୍ୱାଭାବିକ୍ । କେତେକ କ୍ଷେତ୍ରରେ ଦେବୀ ନାମକୁ ପୀଠ ରୂପେ ମଧ୍ୟ ଗ୍ରହଣ କରାଯାଇଅଛି । ଉଦାହରଣ ସ୍ୱରୂପ- କୁବ୍ଜିକାତନ୍ତ୍ର ୪୨ଟି ପୀଠର ନାମ ଉଲ୍ଲେଖ କରିଛି । ସେଥି ମଧ୍ୟରେ ବିରଜା, ବିମଳା, ବାରାହୀ, ନୀଳବାହିନୀ ପ୍ରଭୃତି ଦେବୀଙ୍କର ନାମକୁ ପୀଠରୂପେ ବର୍ଣ୍ଣନା କରାଯାଇଅଛି । ପରବର୍ତ୍ତୀ କାଳରେ ଜ୍ଞାନାର୍ଣ୍ଣବ ତନ୍ତ୍ରରେ ପଚାଶଟି ପୀଠର ପରିଚୟ ମିଳେ । ସେଥି ମଧ୍ୟରୁ ଏକାମ୍ର, ବିରଜା, ଉଡିଶା, ଜଳେଶ୍ୱର, ଉଡ୍ଡୀୟାନ ପ୍ରଭୃତି ପାଞ୍ଚଗୋଟି ପୀଠ ଆଧୁନିକ ଓଡିଶା ଅନ୍ତର୍ଗତ । କାଳକ୍ରମେ ଶୈବ ଏବଂ ବୈଷ୍ଣବ କ୍ଷେତ୍ରଗୁଡିକ ମଧ୍ୟ ଶାକ୍ତ ପ୍ରଭାବରେ ପ୍ରଭାବିତ ହୋଇ ଶକ୍ତିପୀଠ ରୂପେ ଆତ୍ମପ୍ରକାଶ କରିଛି । ତନ୍ମଧ୍ୟରେ ବର୍ଣ୍ଣିତ ୫୧ ପୀଠରୁ କେତେକ ଶୈବ ଏବଂ ଅନ୍ୟ କେତେକ ବୈଷ୍ଣବକ୍ଷେତ୍ର । ମାତ୍ର ଏଥିରେ ଦେବୀଙ୍କର ବିଭିନ୍ନ ଅଙ୍ଗ ସହ ସଂଯୋଗ ରକ୍ଷା କରାଯାଇ ଶାକ୍ତ ମହାତ୍ମ୍ୟ ପ୍ରକାଶ କରାଯାଇଅଛି ।

ମଧ୍ୟଯୁଗରେ ଭାରତର ବିଭିନ୍ନ ଧର୍ମୀୟ ଭାବଧାରାର ଆଦାନପ୍ରଦାନ ଏବଂ ସମନ୍ୱୟ ପରିଲକ୍ଷିତ ହୁଏ । ପ୍ରତ୍ୟେକ ଧର୍ମର ସାଧକମାନେ ନିଜ ଧର୍ମତତ୍ତ୍ୱର ମହତ୍ତ୍ୱ ପ୍ରତିପାଦନ କରିବା ପାଇଁ ଉଦ୍ୟମ କରିଅଛନ୍ତି । ଫଳରେ ଏହିସବୁ ଧର୍ମର ଦେବଦେବୀଙ୍କର ସମ୍ମିଶ୍ରଣ ଘଟି ବିଭିନ୍ନ ତତ୍ତ୍ୱର ଏକ ସମନ୍ୱିତ ରୂପ ପ୍ରକାଶ ପାଇଛି ।

ଏହି ପରିପ୍ରେକ୍ଷୀରେ ପ୍ରଥା ଅନୁସରଣ କରି କାଳକ୍ରମେ କେତେକ ଶାକ୍ତ ସାଧକ ଦେବୀଙ୍କ ନାମାନୁସାରେ କଳ୍ପିତ

ଶହେଆଠ ଶାକ୍ତପୀଠରେ ପରିଚୟାତ୍ମକ ସୂଚୀ ପ୍ରସ୍ତୁତ କଲେ । ଏହି ପୀଠମାନଙ୍କର ବର୍ଣ୍ଣନା ସର୍ବପ୍ରଥମେ ମହାଭାରତରେ ଉଲ୍ଲେଖ କରାଯାଇଅଛି । ପରବର୍ତ୍ତୀ କାଳରେ ମତ୍ସ୍ୟପୁରାଣ ଉକ୍ତ ଶହେଆଠ ପୀଠକୁ ଦେବୀଙ୍କର ଅଙ୍ଗରାଜି ସହିତ ସମ୍ବନ୍ଧ ସ୍ଥାପନ କରି ଶାକ୍ତପୀଠ ରୂପେ ବର୍ଣ୍ଣନା କରିଅଛି । ପଦ୍ମପୁରାଣ, ଦେବୀଭାଗବତ ପ୍ରଭୃତି ଗ୍ରନ୍ଥରେ ମଧ୍ୟ ଏହି ସହଦେବୀଙ୍କର ନାମାବଳୀ ସହ ଶହେଆଠ ପୀଠର ବର୍ଣ୍ଣନା ମିଳେ । ଏହି ତାଲିକାରେ ଓଡିଶାର ପୁରୁଷୋତ୍ତମ କ୍ଷେତ୍ରର ବିମଳା, ଏକାମ୍ରର କୀର୍ତ୍ତିମତୀ ପ୍ରଭୃତି ନାମୋଲ୍ଲେଖ କରାଯାଇଅଛି । ନାମର ଦୀର୍ଘସୂଚୀରେ ଦେବୀଙ୍କ ସ୍ଥିତି ନିର୍ଣ୍ଣୟ କରିବା ସମ୍ଭବ ନହେଲେ ମଧ୍ୟ ସେଥି ମଧ୍ୟରୁ କେତେକ ଯେ ଓଡିଶାର ହୋଇଥିବେ ଏଥିରେ ସନ୍ଦେହ ନାହିଁ ।

ପରବର୍ତ୍ତୀ କାଳରେ ପୀଠ ସଂଖ୍ୟା ବୃଦ୍ଧି ହେବାରୁ କେତେକ ତନ୍ତ୍ରପୀଠକୁ ମହାପୀଠ ଓ ଉପପୀଠ ନାମରେ ଅଭିହିତ କରାଯାଇଛି । ଶିବଚରିତ ଗ୍ରନ୍ଥକୁ ପର୍ଯ୍ୟାଲୋଚନା କରି ବିଶ୍ୱକୋଷର ପ୍ରଣେତା ନଗେନ୍ଦ୍ରନାଥ ବସୁ ୫୨ଟି ମହାପୀଠ ଏବଂ ୨୬ଟି ଉପପୀଠର ନାମ ଉଲ୍ଲେଖ କରିଛନ୍ତି । ଏହି ମହାପୀଠ ଓ ଉପପୀଠ ତାଲିକାରେ ଉତ୍କଳ, ରାମଗିରି, ନୀଳାଚଳ ପ୍ରଭୃତି ପୀଠ ଓ ଦେବୀ ଏବଂ ଭୈରବଙ୍କର ନାମାବଳୀ ତଥା ଦେବୀଙ୍କର ଛିନ୍ନ ଅଂଶ ବିଶେଷ ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି ।

ଉଡ୍‌ଡୀୟାନ ବା ଉଡ୍ର ପ୍ରାଚୀନ କାଳରୁ ଏକ ଶାକ୍ତତାନ୍ତ୍ରିକ କ୍ଷେତ୍ର ରୂପେ ପ୍ରତ୍ୟେକ ତନ୍ତ୍ରଶାସ୍ତ୍ରରେ ସ୍ଥାନ ଲାଭ କରିଛି । ଏଥିରେ କ୍ଷେତ୍ର ଏକ ସ୍ଥାନ ପରିବର୍ତ୍ତେ ଏକ ଭୌଗୋଳିକ ଅଞ୍ଚଳର ଇଙ୍ଗିତ ଦିଏ । ଏବେ ମଧ୍ୟ ଗଞ୍ଜାମର ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳର ଅଧିବାସୀ ଉଦ୍ୟାନ ଅଞ୍ଚଳର ଅଧିବାସୀ ବୋଲି ପରିଚୟ ଦେଇଥାଆନ୍ତି । ଉଦ୍ୟାନ ଉଡ୍‌ଡୀୟାନର ଏକ ଅପଭ୍ରଂଶ ରୂପେ ଗ୍ରହଣ କରାଯାଇପାରେ ।

ତାନ୍ତ୍ରିକ ଶାକ୍ତଧର୍ମ ଲୋକପ୍ରିୟ ଧର୍ମଭାବେ ପ୍ରତିଷ୍ଠା ଲାଭ କଲାପରେ ଓଡିଶା, ବଙ୍ଗଳା, ଆସାମ ଓ ବିହାର ଅଞ୍ଚଳରେ ବହୁସିଦ୍ଧ ସାଧକଙ୍କର ଆବିର୍ଭାବ ଘଟିଲା । କ୍ରମେ ଏହିସବୁ ଅଞ୍ଚଳରେ ବୌଦ୍ଧ ଓ ଶାକ୍ତ କ୍ଷେତ୍ରମାନ ପ୍ରତିଷ୍ଠିତ ହେଲା ।

ଶାସ୍ତ୍ରକାର ଓ ମନୀଷୀମାନଙ୍କ ମତରେ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ବୌଦ୍ଧ ଦୋହାସମୂହ ରଚିତ ହୋଇଥିଲା ଏବଂ ଆଚାର୍ଯ୍ୟମାନେ ଏହି କାଳରେ ପ୍ରତିଷ୍ଠାଲାଭ କରିଥିଲେ । ଉପରୋକ୍ତ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକ ଉଡ୍‌ଡୀୟାନ ବାସୀ ଥିଲେ । ଡକ୍ଟର୍ ସୁନୀତି କୁମାର ଚାଟାର୍ଜୀଙ୍କ ମତରେ ଲୁଇପାଦ, ଅନଙ୍ଗବଜ୍ର, ଥାଗଣ, ତୈଳିକପାଦ, ସରହପାଦ, ଅବଧୂତପାଦ, ନାଗବୋଧି, ଜ୍ଞାନବଜ୍ର, ବୁଦ୍ଧଜ୍ଞାନପାଦ, ଅମୋଘନାଥ ଓ ଧର୍ମଶ୍ରୀମିତ୍ର ପ୍ରଭୃତି ଏହି ଉଡ୍‌ଡୀୟାନ ପୀଠରେ ଜନ୍ମ ଲାଭ କରିଥିଲେ ଓ ସାଧନାରେ ସିଦ୍ଧିଲାଭ କରିଥିଲେ । ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଓଡିଆ ସାହିତ୍ୟରେ ଉଡ୍‌ଡୀୟାନ ପୀଠ ସମ୍ପର୍କରେ ବହୁଳ ବର୍ଣ୍ଣନା ମିଳେ । ଶାରଳା ମହାଭାରତ ଏବଂ ପଞ୍ଚସଖା ସାହିତ୍ୟପାଠ ପ୍ରସଙ୍ଗରେ ଉଡ୍‌ଡୀୟାନ, ଓଡ୍ର, ଓଡ, ଓଡିଆ, ଉଡ ପ୍ରଭୃତି ବିଷୟ ଉଲ୍ଲେଖ କରିଅଛନ୍ତି । ଭାଷା ଦୃଷ୍ଟିରୁ ବିଚାର କଲେ ଉଡ୍‌ଡୀୟାନର ଅପଭ୍ରଂଶରେ ଉଡ୍ର ଶବ୍ଦର ଉତ୍ପତ୍ତି ହୋଇଛି ।

ଜଗନ୍ନାଥ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ରୂପେ ବହୁ ପ୍ରାଚୀନ କାଳରୁ ଖ୍ୟାତିଲାଭ କରିଆସିଛି ।

ଜଗନ୍ନାଥ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ରୂପେ ବହୁ ପ୍ରାଚୀନ କାଳରୁ ଖ୍ୟାତି ଲାଭ କରି ଆସିଛି । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବୌଦ୍ଧଧର୍ମର ତ୍ରିରତ୍ନ ରୂପେ ପ୍ରତିପାଦିତ ହୋଇ ଆସିଛନ୍ତି । ଜଗନ୍ନାଥ ଓ ବିମଳାଙ୍କର ଉପାସନା, ପୂଜାପଦ୍ଧତିରେ ତାନ୍ତ୍ରିକତା ପୂରି ରହିଛି । କାଳିକାପୁରାଣ ଉଡ୍‌ଡୀୟାନ ପୀଠର ଦେବତା ଜଗନ୍ନାଥ ଓ ବିମଳାଙ୍କୁ ଭୈରବ ଓ ଭୈରବୀ ଭାବେ ବର୍ଣ୍ଣନା କରିଅଛି । ଏଣୁ ଏହି ପରିପ୍ରେକ୍ଷୀରେ ଉଡ୍‌ଡୀୟାନକୁ ଆଧୁନିକ ଓଡିଶା ରୂପେ ଚିହ୍ନିତ କରାଯାଇ ପାରେ । ଏହି ଅଞ୍ଚଳରେ ବୌଦ୍ଧଧର୍ମ ଓ ବ୍ରାହ୍ମଣ୍ୟଧର୍ମ ସହ ସମ୍ପର୍କ ରକ୍ଷା କରି ଶାକ୍ତତାନ୍ତ୍ରିକ ଉପାସନା ପ୍ରତିଷ୍ଠା ଲାଭ କରିଥିଲା । ଓଡିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ଦେବଦେବୀଙ୍କର ଅସଂଖ୍ୟ ମୂର୍ତ୍ତି, ଲଳିତଗିରି, ରତ୍ନଗିରି, ଉଦୟଗିରିର ବୌଦ୍ଧବିହାର, ଜୟରାମପୁର, ବୌଦ, ଅଯୋଧ୍ୟା, ଧଉଳି, ଜଉଗଡ, ଖଡିପଦାର ବୌଦ୍ଧକୀର୍ତ୍ତି, ରାଣପୁର ଝରିଆଳ, ବେଲଖଣ୍ଡି, ଖିଚିଂ, ଭୁବନେଶ୍ୱର ଏବଂ ପୁରୀର ମନ୍ଦିରରାଜି, ପ୍ରାଚୀ ଏବଂ ଚିତ୍ରୋତ୍ପଳା ଉପତ୍ୟକାର ଶାକ୍ତକୀର୍ତ୍ତି ଏବଂ ପୀଠସମୂହ ଏ ସମ୍ପର୍କରେ ଯଥାର୍ଥ ପ୍ରମାଣ ପ୍ରଦାନ କରେ । ଓଡିଶାରେ ଶାକ୍ତଧର୍ମର ଉପାସନା ସହ ସାକ୍ତତାନ୍ତ୍ରିକ ପୀଠମାନ ପ୍ରସାର ଲାଭ କରିଥିଲା । ଏ କ୍ଷୁଦ୍ର ପ୍ରବନ୍ଧରେ ସେଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଦେବା ସମ୍ଭବ ନୁହେଁ । କାରଣ ଶକ୍ତିଦେବୀ ଓଡିଶାର ସାଧାରଣ ପରମ୍ପରା ଗ୍ରାମ୍ୟ ସଂସ୍କୃତିରୁ ଆରମ୍ଭ କରି ମହାନ୍ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ ରୂପେ ପୂଜିତା । ତେଣୁ ଏ ପ୍ରବନ୍ଧରେ କେବଳ କେତେକ ବହୁଳ ଲୋକପ୍ରିୟ ଶାକ୍ତପୀଠର ଆଲୋଚନା କରାଗଲା ।

ଓଡିଶାର ସାକ୍ତପୀଠ ଏବଂ ସାକ୍ତଧର୍ମ ସମ୍ବନ୍ଧରେ ସଠିକ୍ ବିବରଣୀ ଏ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇନାହିଁ । କେତେକ ଗ୍ରନ୍ଥକାର, ପ୍ରତ୍ନତତ୍ତ୍ୱବିତ୍ ଏବଂ ଐତିହାସିକ ଓଡିଶାର ଶାକ୍ତପୀଠ ଏବଂ ମନ୍ଦିରମାନଙ୍କ ନାମ, ଆଲୋଚନା ପ୍ରସଙ୍ଗରେ ଉଲ୍ଲେଖ କରିଅଛନ୍ତି । ଶାରଳା ଦାସଙ୍କ ରଚିତ ମହାଭାରତର ମଧ୍ୟପର୍ବରେ ମଙ୍ଗଳାଙ୍କ ବନ୍ଦନା ପ୍ରସଙ୍ଗରେ ଦ୍ୱାଦଶଦେବୀ ଏବଂ ଦ୍ୱାଦଶପୀଠ ସମ୍ପର୍କରେ ଯେଉଁ ସୂଚନା ମିଳେ ତାହା ହେଲା:– ଝଙ୍କଡର ଶାରଳା, କାକଟପୁରର ମଙ୍ଗଳା, କୋଣାର୍କର ରାମଚଣ୍ଡି, ପୁରୁଷୋତ୍ତମର ବିମଳା, ବାଙ୍କୀର ଚର୍ଚ୍ଚିକା, ସମ୍ବଲପୁରର ସମଲାଈ, ପଶ୍ଚିମର ହିଙ୍ଗୁଳା, ଭୁବନେଶ୍ୱରର ଗଉରୀ, ବାଣପୁରର ଭଗବତୀ, ଭଦ୍ରକର ଚଣ୍ଡି ।

ଓଡିଶାର ଅଗଣିତ ଶାକ୍ତପୀଠ ମଧ୍ୟରୁ ସାରଳାଦାସ ଅଳ୍ପ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ନାମ ପ୍ରକାଶ କରିଅଛନ୍ତି । ସେଥି ମଧ୍ୟରୁ ଭଦ୍ରକର ଚଣ୍ଡିଙ୍କର ଅବସ୍ଥା ନିରୂପଣ କରିବା ସମ୍ଭବ ନୁହେଁ । ତେବେ ତାଙ୍କର ବର୍ଣ୍ଣନା ଅନୁଯାୟୀ ବୃତ୍ତ ଭଦ୍ରକର ଭଦ୍ରକାଳୀ ଏହି ଚଣ୍ଡୀ ହୋଇପାରନ୍ତି ।

ଯାଜପୁର— ଆଲୋଚିତ ସମସ୍ତ ଶକ୍ତିପୀଠ ମଧ୍ୟରେ ଯାଜପୁରର ବିରଜା ଅନ୍ୟତମ । ବିରଜାଙ୍କର ମୂର୍ତ୍ତି ଓଡିଶାର ସର୍ବ ପ୍ରାଚୀନ (ଖ୍ରୀ: ୪ର୍ଥ ଶତାବ୍ଦୀ) ମହିଷାମର୍ଦ୍ଦିନୀ ଦୁର୍ଗା ହୋଇଥିବାରୁ ଯାଜପୁରକୁ ଓଡିଶାର ପ୍ରାଚୀନତମ ଶକ୍ତିପୀଠ ରୂପେ ବର୍ଣ୍ଣନା କରାଯାଇଅଛି । ଓଡିଶାର ପଞ୍ଚମହାକ୍ଷେତ୍ର ମଧ୍ୟରେ ବିରଜା ଶକ୍ତିକ୍ଷେତ୍ର ରୂପେ ପରିଚିତ । ପଞ୍ଚକଟକ ମଧ୍ୟରେ ଯାଜପୁର ଏକ ପ୍ରଧାନ କଟକ । ଜଗନ୍ନାଥକ୍ଷେତ୍ର ପୁରୀ, ସୌରକ୍ଷେତ୍ର କୋଣାର୍କ ଏବଂ ଶୈବକ୍ଷେତ୍ର ଭୁବନେଶ୍ୱରର ଏକ ଧାରାବାହିକ ଇତିହାସ ରହିଛି । ମାତ୍ର ବିରଜାକ୍ଷେତ୍ରର ଇତିହାସ ଅନ୍ଧକାରାଚ୍ଛନ୍ନ । କାରଣ ଏହି କ୍ଷେତ୍ରର ବହୁ କୀର୍ତ୍ତି ଧର୍ମାନ୍ଧ ଶାସକମାନଙ୍କ ଦ୍ୱାରା ଧ୍ୱଂଶପ୍ରାପ୍ତ ହୋଇଛି । କେବଳ ତ୍ରିଲୋଚନେଶ୍ୱର, ସିଦ୍ଧେଶ୍ୱର ଏବଂ ବରାହମନ୍ଦିର ବ୍ୟତୀତ ଯାଜପୁର କ୍ଷେତ୍ରରେ ଅନ୍ୟ ପ୍ରାଚୀନ ମନ୍ଦିର ପ୍ରାୟ ଦେଖାଯାଏ ନାହିଁ । ବିଶିଷ୍ଟ ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିତ୍ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହି କ୍ଷେତ୍ରର ଅତଦୀର୍ଘ ଦଶମାଇଲ ବ୍ୟାପୀ ଅଞ୍ଚଳ ପର୍ଯ୍ୟବେକ୍ଷଣ କରି ଏହାର ପ୍ରାଚୀନ ମନ୍ଦିରରାଜି ଭୁବନେଶ୍ୱରର ପ୍ରସିଦ୍ଧ ମନ୍ଦିରମାନଙ୍କଠାରୁ ସଂଖ୍ୟା ଓ ସୌନ୍ଦର୍ଯ୍ୟରେ ନ୍ୟୁନ ନଥିବାର ମତବ୍ୟକ୍ତ କରିଛନ୍ତି । ଯାଜପୁରର ମନ୍ଦିର ଓ ତତ୍‌ସଂଲଗ୍ନ ପ୍ରାଚୀରମାନଙ୍କର ବେଢା, ପୋଖରୀବନ୍ଧ, ପ୍ରାଚୀନପୋଲ, ଦଶାଶ୍ୱମେଧଘାଟ ଏବଂ ଏସ୍.ଡି.ଓ.ଙ୍କ ବାସଭବନ ଆଦି ସ୍ଥାନରେ ପୂଜିତ ଓ ଅପୂଜିତ ଦେବଦେବୀଙ୍କ ସ୍ତୁପ ମଧ୍ୟରେ ପ୍ରାଚୀନ ମନ୍ଦିରମାନଙ୍କର ବହୁ ଉପାଦାନ ଦୃଷ୍ଟିଗୋଚର ହୁଏ । ଲେଖକ ଯାଜପୁରର ଏହି ପ୍ରତ୍ନତାତ୍ତ୍ୱିକ ବିଭବ ଓ ଭୁବନେଶ୍ୱରର ପ୍ରାଚୀନ ମନ୍ଦିରମାନଙ୍କର କାରୁକଳା ମଧ୍ୟରେ ସାମଞ୍ଜସ୍ୟ ଲକ୍ଷ୍ୟ କରି ଏକ ଶ୍ରେଣୀର ଶିଳ୍ପୀମାନଙ୍କ ଦ୍ୱାରା ଏହି କାର୍ତ୍ତିଗୁଡିକର ସୃଷ୍ଟି ସମ୍ଭବ ହୋଇଥିବାର ମତବ୍ୟକ୍ତ କରିଛନ୍ତି । ବ୍ରାହ୍ମଣମାନେ ବୌଦ୍ଧଧର୍ମକୁ ଲୋପକରି ବ୍ରାହ୍ମଣ୍ୟଧର୍ମର ପୂର୍ଣ୍ଣ ପ୍ରତିଷ୍ଠା ପାଇଁ ଏହି କ୍ଷେତ୍ରରେ ଯଜ୍ଞ କରି ବିରଜାଙ୍କ ମୂର୍ତ୍ତି ସ୍ଥାପନ କରିଥିବାର ଇଙ୍ଗିତ ମିଳେ ।

ବିରଜା ଦ୍ୱିଭୁଜା ଏବଂ ମହିଷମର୍ଦ୍ଦିନୀ । ଏକହସ୍ତରେ ମହିଷର ପୁଚ୍ଛ ଧାରଣ କରି ଅନ୍ୟ ହସ୍ତରେ ମହିଷରୂପୀ ମହିଷାସୁରକୁ ଶୂଳଦ୍ୱାରା ବିଦ୍ଧ କରୁଛନ୍ତି । ଭାରତର ପ୍ରାଚୀନ ମହିଷାମର୍ଦ୍ଦିନୀ ମୂର୍ତ୍ତି ଅନୁଶୀଳନ କଲେ ଜଣାପଡେ ଯେ, ଦ୍ୱିଭୁଜା ମହିଷମର୍ଦ୍ଦିନୀ ହେଉଛନ୍ତି ସର୍ବପ୍ରାଚୀନ ଦୁର୍ଗାମୂର୍ତ୍ତି । ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଅର୍.ପି.ଚନ୍ଦା ବିରଜା ଦେବୀଙ୍କର ଏବଂ ବିରଜାପୀଠର ପ୍ରାଚୀନତା ସମ୍ପର୍କରେ ଆଲୋଚନା କରିବାକୁ ଯାଇ କହିଅଛନ୍ତି:— The two armed Durga appears to me to be the earliest form of the goddess conceived by her votaries and Viraja represents the earliest phase of the cult of the goddess. Jajpur, therefore, may on this ground be recognised as an old centre of the cult of Viraja or Durga.

ମୂର୍ତ୍ତିର ଗଠନଶୈଳୀ, ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷ ଏବଂ ଆନୁଷଙ୍ଗିକ ଘଟଣାବଳୀ ଅନୁଶୀଳନ କରି ଶକ୍ତିକ୍ଷେତ୍ର ବିରଜାପୀଠର ସମୟ ନିରୂପଣ କରାଯାଇ ପାରେ । ଆଧୁନିକ ବିରଜା ମନ୍ଦିରର ପ୍ରାୟ ଏକମାଇଲ ଦକ୍ଷିଣରେ କଳସପୁରଠାରେ ବିରଜାଦେବୀଙ୍କର ଆଦିପୀଠ ଥିଲା । ଏବେ ମଧ୍ୟ ସ୍ଥାନୀୟ ଅଧିବାସୀ କଳସପୁରର ଭଗ୍ନମନ୍ଦିରକୁ ଆଦିବାସୀ ଆଦିପୀଠର ସମ୍ମାନ ଦିଅନ୍ତି । ସେହି ମନ୍ଦିରର ଭଗ୍ନାବଶେଷ ସମ୍ପର୍କରେ ଅନୁଶୀଳନ କଲେ ଏହା ଗୁପ୍ତ ରାଜତ୍ୱ କାଳରେ ନିର୍ମିତ ହୋଇଥିବାର ଜଣାପଡେ । ଏହି ମନ୍ଦିରର ପରବର୍ତ୍ତୀ କାଳରେ ନିର୍ମିତ ମନ୍ଦିର ପରି ଶିଖର, ପାଦ, କୁମ୍ଭ, କଣି, ଜଂଘା ପ୍ରଭୃତି ଉପବିଭାଗ ନଥିଲା । ଏହା ସମତଳ ଛାତ ବିଶିଷ୍ଟ ଥିଲା । ଗୁପ୍ତକାଳୀନ ମନ୍ଦିରର ଏହା ବୈଶିଷ୍ଟ୍ୟ । ଏହିସବୁ ଦୃଷ୍ଟିରୁ ବିରଜାଙ୍କ ମୂର୍ତ୍ତି ଏବଂ ମନ୍ଦିର ଗୁପ୍ତ ରାଜତ୍ୱ କାଳରେ (ଖ୍ରୀଷ୍ଟୀୟ ୪ର୍ଥ, ୫ମ ଶତାବ୍ଦୀ ନିର୍ମିତ) ହୋଇଥିଲା ବୋଲି ପ୍ରମାଣ କରାଯାଇପାରେ । ପରବର୍ତ୍ତୀ କାଳରେ ଭୌମ, ସୋମ ଏବଂ ଗଙ୍ଗବଂଶୀୟ ନରପତିମାନେ ଏହି କ୍ଷେତ୍ରରେ ବହୁ ମନ୍ଦିର ନିର୍ମାଣ କରି ଏହାର ମହାତ୍ମ୍ୟ ବଢାଇଥିଲେ । ଘନଘନ ମୁସଲମାନ ଆକ୍ରମଣ ଫଳରେ ଏ କ୍ଷେତ୍ରର ବହୁ ମନ୍ଦିର ଧ୍ୱଂସସ୍ତୁପରେ ପରିଣତ ହୋଇଛି । ବିରଜାକ୍ଷେତ୍ର ମହାତ୍ମ୍ୟ ଏବଂ ବିଭିନ୍ନ ତମ୍ବାପଟାରେ ଏହି ମନଦିରଗୁଡିକର ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରୁ ବର୍ଣ୍ଣିତ ଲଳିତେଶ୍ୱର, କୁସୁମେଶ୍ୱର ଓ ଚଣ୍ଡୀଶ୍ୱର ପ୍ରଭୃତି ମହାଦେବ ମନ୍ଦିର ଭୌମରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସୋମବଂଶୀ ରାଜା ଯଯାତିକେଶରୀ ଯାଜପୁରରେ ଅଭିନବ ଯଯାତିନଗର ସ୍ଥାପନ କରି ଏହାର ନାମ ଯାଜପୁର ବା ଯଜ୍ଞପୁର ଦେଇଥିଲେ । କେଶରୀବଂଶ ରାଜତ୍ୱକାଳରେ ବ୍ରାହ୍ମଣ୍ୟଧର୍ମ ପୁନଃ ପ୍ରତିଷ୍ଠିତ ହେଲା । ଅଶ୍ୱମେଧ ଯଜ୍ଞହେଲା । ବହୁକୀର୍ତ୍ତି ମଧ୍ୟ ସୃଷ୍ଟି ହେଲା । ଭୌମମାନଙ୍କ ସମୟରେ ଯାଜପୁର ଅଞ୍ଚଳ ଏକ ପ୍ରଧାନ ତନ୍ତ୍ରପୀଠରେ ପରିଣତ ହେଲା । ଭୌମ ରାଜାମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ ମଧ୍ୟ ନିଜକୁ ପରମ ସୌଗତ, ପରମ ଉପାସକ ବୋଲି ପରିଚୟ ଦେଇଅଛନ୍ତି । ଏମାନେ ବଜ୍ରଯାନ, ସହଜଯାନ, ତନ୍ତ୍ରଯାନ, ପାଶୁପତଧର୍ମ ଏବଂ ଶାକ୍ତଧର୍ମର ପୃଷ୍ଠପୋଷକ ଥିବାର ଜଣାଯାଏ ।

ବହୁଧର୍ମର ସମନ୍ୱୟ ଘଟିଥିଲେ ମଧ୍ୟ ବିରଜା କ୍ଷେତ୍ରରେ ଶାକ୍ତଧର୍ମର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ବିରଜା ଏହି କ୍ଷେତ୍ରର ପୀଠଦେବୀ ଏବଂ ସବୁ ରାଜବଂଶର ଇଷ୍ଟଦେବୀ ରୂପେ ଖ୍ୟାତ । କ୍ଷେତ୍ରର ମହାତ୍ମ୍ୟ ବୃଦ୍ଧି କରିବାକୁ ଯାଇ ସୋମବଂଶୀ ରାଜାମାନେ ଦଶାଶ୍ୱମେଧ ଘାଟରେ ଏବଂ ଆଲିବୁଖାରୀ ମସ୍‌ଜିଦ୍ ପାଖରେ ସପ୍ତମାତୃକା ମୂର୍ତ୍ତି ସ୍ଥାପନ କରିଥିଲେ । ଦଶାଶ୍ୱମେଧ ଘାଟରେ ସପ୍ତମାତୃକା ମୂର୍ତ୍ତି ଏବଂ ଏସ୍.ଡି.ଓ.ଙ୍କ ବାସଭବନ ହତାମଧ୍ୟରେ ବାରାହୀ (୮"/୧୦"), ଚାମୁଣ୍ଡା (୮"/୧୦ ୧/୨) ଇନ୍ଦ୍ରାଣୀ ମୂର୍ତ୍ତିସବୁ କଳିଙ୍ଗ ଶିଳ୍ପଚାତୁର୍ଯ୍ୟର କେତେକ ବିଶିଷ୍ଟ ନିଦର୍ଶନ । ଏସ୍.ଡି.ଓ.ଙ୍କ ହତା ମଧ୍ୟରେ ଥିବା ଏହି ତିନୋଟି ମୂର୍ତ୍ତିର ଉଚ୍ଚତା ଏବଂ ଗଠନଶୈଳୀ ଭାରତର ବିଭିନ୍ନ ସ୍ଥାନରେ ମିଳିଥିବା ସପ୍ତମାତୃକା ମୂର୍ତ୍ତି ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ବିବେଚିତ ହୁଏ ।

(କ୍ରମଶଃ)

# ପରିବେଶ ଓ ପରିବେଶର ସୁରକ୍ଷା

ଡ: ଗୁରୁ ପ୍ରସାଦ ମହାନ୍ତି

ମଣିଷ ଯେତେବେଳେ ବଣ ଜଙ୍ଗଲରେ ଯାଯାବର ଭାବରେ ଜୀବନଯାପନ କରୁଥିଲା ସେତେବେଳେ ତା'ର ପରିବେଶ କଥା ସେ ଭାବୁ ନ ଥିଲା । ମାତ୍ର ଯେତେବେଳେ ସେ ବସତି ସ୍ଥାପନ କଲା ଓ ଏକାଠି ରହିବାର ସୁଯୋଗ ପାଇଲା ସେତେବେଳେ ସେ ତା'ର ପରିବେଶ ବିଷୟରେ ଭାବିବାକୁ ବାଧ୍ୟ ହେଲା । ମଣିଷ ମୋଟେ ୧୦,୦୦୦ ବର୍ଷ ଆଗରୁ ଜେରିକେ ଓ ଜାରମେରେ ପ୍ରଥମେ ଚାଷ ଆରମ୍ଭ କଲା । ଏଇ ଚାଷ କରି ଶିଖିଲାରୁ ମଣିଷ ବସତି ସ୍ଥାପନ କରିବାକୁ ସକ୍ଷମ ହେଲା । ପ୍ରସ୍ତର ଯୁଗ, ଲୌହ ଯୁଗ ଦେଇ ବହୁ ବର୍ଷ ବିତି ଗଲାଣି — ମାତ୍ର ମଣିଷଙ୍କର ସଂଖ୍ୟା ବୃଦ୍ଧି ହୋଇ ନ ଥିଲା । ମଣିଷ ଶିଳ୍ପପତି ହେଲା ମୋଟେ ୩୦୦ ବର୍ଷ ହେବ । ଏବେ ୫୦ ବର୍ଷ ହେବ ମଣିଷ ପରମାଣୁ ବିଷୟରେ ଜାଣି ତାକୁ ନିୟନ୍ତ୍ରଣ କରି ପାରିଲା । ଏଇସବୁ ହେଲାରୁ ମଣିଷ ତା'ର ପରିବେଶ କଥା ଭାବିବାକୁ ବାଧ୍ୟ ହେଲା । ଇତିହାସରୁ ଜଣାଯାଏ ଯେ ଆମର ପୂର୍ବପୁରୁଷମାନେ ଘରମାନଙ୍କର ଆବର୍ଜନା ନେଇ ଗ୍ରାମର ଗୋଟିଏ ପାଖରେ ଜମା କରୁଥିଲେ । ଇଂଲଣ୍ଡରେ କୋଇଲା ଧୂଆଁ କଲେ ଦଣ୍ଡ ଦେବାର ଆଇନ୍ ଥିଲା । ମାଡାଗାସ୍କାରରେ କେହି ଗଛଟିଏ ବିନା ଅନୁମତିରେ କାଟିଦେଲେ ତା'ର ମୁଣ୍ଡକାଟ ହେଉଥିଲା — ଇତ୍ୟାଦି ଇତ୍ୟାଦି ଅନେକ କଥା ।

ମଣିଷର ପରିବେଶ କଥା କହିଲେ ତା'ର ଘରର ପରିବେଶ, ଗ୍ରାମର ପରିବେଶ, ଦେଶର ପରିବେଶ ଓ ପୃଥିବୀର ପରିବେଶ କଥା ଭାବିବାକୁ ହେବ । ମଣିଷ ଯେଉଁଠି ରହେ, ବସବାସ କରେ ଓ ଯେଉଁଠାରୁ ସେ ତା'ର ଜୀବନ ପ୍ରଣାଳୀ ଚାଲୁ ରଖିବାରେ ସାହାଯ୍ୟ ପାଏ ସେଇଆକୁ ତା'ର ପରିବେଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ମଣିଷର ଚାରି ପାଖର ଅବସ୍ଥା ବା ଜଳବାୟୁ ଯେ ତା'ର ପରିବେଶ ଏଥିରେ ସନ୍ଦେହ କ'ଣ ? ମଣିଷ ଯେଉଁଠି ବସବାସ କରେ ତାହା ଯଦି ଆବର୍ଜନା ପୂର୍ଣ୍ଣ ରହେ, ରାସ୍ତାଘାଟ ନାଳନର୍ଦ୍ଦମା ଯଦି ପରିଷ୍କାର କରା ନ ଯାଏ, ଜଙ୍ଗଲ ଯଦି ନ ରହେ ତାହେଲେ ମଣିଷ ଯେ ଅଚିରେ ରୋଗାକ୍ରାନ୍ତ ହେବ ଓ ଅଳ୍ପାୟୁ ହୋଇଯିବ—ଖାଇବାକୁ ପାଇବ ନାହିଁ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତେଣୁ ମଣିଷ ତା'ର ପରିବେଶ ବିଷୟରେ ସଚେତନ ରହିବା ନିତାନ୍ତ ଦରକାର । ପୃଥିବୀରେ ମଣିଷଙ୍କର ସଂଖ୍ୟା ଯେତେବେଳେ କମ ଥିଲା, ସେତେବେଳେ ତା'ର ପରିବେଶ ଉପରେ ବିଶେଷ ଚାପ ପଡୁ ନ ଥିଲା । ତାହା ପ୍ରକୃତିର ସ୍ୱୟଂକ୍ରିୟ ନିୟମ ଅନୁଯାୟୀ ଆପେଆପେ ସୁଧାରି ହୋଇ ଯାଉଥିଲା । ତେଣୁ ପରିବେଶ ବିଷୟରେ ସଚେତନ ନ ହୋଇ ସୁଦ୍ଧା ମଣିଷମାନଙ୍କର ବିଶେଷ କିଛି କ୍ଷତି ହୋଇ ନ ଥିଲା । ମାତ୍ର ଏଇ ଊନବିଂଶ ଶତାବ୍ଦୀରୁ ମଣିଷ ବିଜ୍ଞାନ ବିଷୟରେ ନାନା କଥା ଜାଣିଲା—ପ୍ରକୃତିକୁ ବୁଝିବାକୁ ଚେଷ୍ଟା ନ କରି ତାକୁ ଆୟତ୍ତକୁ ଆଣିବା ପାଇଁ ବହୁ ଉପାୟ କଲା । ସେଇ ପ୍ରଣାଳୀରେ ମଣିଷର ଅବହାୱାର ବିଶେଷ ପରିବର୍ତ୍ତନ ଦେଖାଦେଲା ।

ବିଂଶ ଶତାବ୍ଦୀ ବେଳକୁ ମଣିଷ ବିଜ୍ଞାନ ଦିଗରେ ଅନେକ ଆଗେଇ ଗଲାଣି । ବାଷ୍ପୀୟ ଶକଟଠାରୁ ଆରମ୍ଭ କରି ପେଟ୍ରୋଲ୍ ଓ ଡିଜେଲ୍ ଚାଳିତ ମଟରଗାଡି, ଏରୋପ୍ଲେନ୍ ଓ ଆଜିକାଲିର ରକେଟ୍ ଚାଳନାରେ ପାରଙ୍ଗମ ହୋଇଛି । ନାନାପ୍ରକାର ଔଷଧ ଓ vaccine ତିଆରି କରି ଅନେକ ସଂକ୍ରାମକ ରୋଗକୁ ଆୟତ୍ତକୁ ଆଣିଛି । ଅଣୁ ପରମାଣୁକୁ ଛିନ୍ନଭିନ୍ନ କରି ତା'ର ଶକ୍ତିକୁ ନିୟନ୍ତ୍ରଣ କରିଛି । ନାନା ପ୍ରକାର କୀଟନାଶକ ଦ୍ରବ୍ୟ ବାହାର କରିଛି ଏବଂ ସର୍ବୋପରି ନିଜର ସଂଖ୍ୟା ଅତ୍ୟଧିକ ବୃଦ୍ଧି କରିବାରେ ସକ୍ଷମ ହୋଇଛି ।

ଟିକିଏ ଚର୍ଚ୍ଚା କଲେ ଜଣାଯିବ ଯେ, ୨,୦୦୦ ବର୍ଷ ଆଗରୁ ସାରା ପୃଥିବୀରେ ମଣିଷଙ୍କର ସଂଖ୍ୟା ମୋଟେ ୩୦୦ ମିଲିୟନ୍ ଥିଲା । ଏହା ବଢ଼ିବଢ଼ି ୧୭୦୦ ଖ୍ରୀଷ୍ଟାବ୍ଦ ବେଳକୁ ୫୦୦ ମିଲିୟନ୍ ହେଲା । ମାତ୍ର ୧୯୫୦ ବେଳକୁ ଏହା ହଠାତ୍ ବଢ଼ିଯାଇ ୨,୫୦୦ ମିଲିୟନ୍‌ରେ ପହଞ୍ଚିଲା ଏବଂ ୧୯୮୭ ବେଳକୁ ଏହା ଅତି ୫,୦୦ ମିଲିୟନ୍‌ରେ ପହଞ୍ଚି ଗଲାଣି । ଆମ ଏହି ଭାରତ ବର୍ଷ

କଥା ଦେଖାଯାଉ । ୪୦ ବର୍ଷ ଆଗରୁ ଠିକ୍ ଆମ ଦେଶ ସ୍ୱାଧୀନ ହେଲା ବେଳକୁ ଆମର ଲୋକସଂଖ୍ୟା ଥିଲା ମାତ୍ର ୩୩ କୋଟି । ଏହା ଆଜି ବଢିଯାଇ ହେଲାଣି ୭୦ କୋଟି । ଏଇ ୪୦ ବର୍ଷ ଭିତରେ ଲୋକସଂଖ୍ୟା ୨ଗୁଣ ବଢିଗଲା । ତେଣୁ ଆମର ପରିବେଶ ଉପରେ ଯେ ଏହାର ଚାପ ଅତ୍ୟଧିକ ପଡିବ ଏଥିରେ ଆଉ ସନ୍ଦେହ ନାହିଁ ।

ପରିବେଶ ଉପରେ ଚାପ କିପରି ବୃଦ୍ଧି ପାଉଛି ତା'ର ବିଚାର କରାଯାଉ । ଉଦାହରଣ ସ୍ୱରୂପ ଦେଖାଯାଉ– ବାୟୁର ଅଙ୍ଗାରକାମ୍ଳ କଥା । ଶହେ ବର୍ଷ ଆଗରୁ ବାୟୁରେ ଅଙ୍ଗାରକାମ୍ଳ ଶତକଡା ମୋଟେ ୦.୦୪ ଥିଲା, ଅମ୍ଳଜାନ ଥିଲା ପ୍ରାୟ ଶତକଡା ୨୧ ଓ ଯବକ୍ଷାରଯାନ ବା ନାଇଟ୍ରୋଜେନ୍ ଥିଲା ପ୍ରାୟ ଶତକଡା ୭୮ । ମାତ୍ର ଗତ ୭୦/୮୦ ବର୍ଷ ଧରି ମାନବ ସଭ୍ୟତା ଏପରି ହେଲାଣି ଯେ, ପୃଥିବୀ ଗର୍ଭରୁ ତେଲ ବାହାର କରି ଆମେ ଜାଳୁଛେ ଓ ଅତ୍ୟଧିକ ଅଙ୍ଗାରକାମ୍ଳ ପ୍ରସ୍ତୁତ କରୁଛେ । ଲୋକସଂଖ୍ୟା ବୃଦ୍ଧି ହେତୁ ଅତ୍ୟଧିକ କାଠ ଜାଳିବା ଦ୍ୱାରା ମଧ୍ୟ ଅଙ୍ଗାରକାମ୍ଳ ତିଆରି ହେଉଛି । ଅଧୁନି ମଧ୍ୟ କାଗଜ ତିଆରି ପାଇଁ, ଘର ତିଆରି ପାଇଁ ବଣ ଜଙ୍ଗଲ ବେଶୀ ପରିମାଣରେ କଟା ଚାଲିଛି । ଗଛର ଶଗୁଆ ଅଂଶ ବା କ୍ଲୋରୋଫିଲ୍ ସୂର୍ଯ୍ୟକିରଣ ସାହାଯ୍ୟରେ ଜଳୀୟକଣାରେ ମିଶାଇ ଗଛ ପାଇଁ ଖାଦ୍ୟ ତିଆରି କରେ ଓ ସେଇ ପ୍ରକ୍ରିୟାରେ ଅନେକ ପରିମାଣରେ ଅମ୍ଳଜାନ ବାୟୁକୁ ଛାଡିଦିଏ । ଅତ୍ୟଧିକ ଗଛକଟା ହେବା ଦ୍ୱାରା ଏହି ପ୍ରକ୍ରିୟା ହ୍ରାସ ପାଉଛି ଓ ଅଙ୍ଗାର କାମ୍ଳ ବ୍ୟବହାର ନ ହୋଇ ବାୟୁରେ ରହି ଯାଉଛି । ତା'ଛଡା ମଟରଗାଡି, ଏରୋପ୍ଲେନ୍ ଓ ଅନ୍ୟାନ୍ୟ ଯନ୍ତ୍ରପାତି ବ୍ୟବହାର ଦ୍ୱାରା, ଅତ୍ୟଧିକ ତୈଳ ଜାଳିବା ଦ୍ୱାରା ବହୁ ପରିମାଣରେ ଅଙ୍ଗାରକାମ୍ଳ ଆକାଶକୁ ଛଡାଯାଉଛି । ତେଣୁ ଗତ ଶହେ ବର୍ଷ ଭିତରେ ଦେଖାଯାଉଛି ଯେ, ଅଙ୍ଗାରକାମ୍ଳର ପାରସେଣ୍ଟେଜ୍ ବାୟୁରେ ବଢି ଚାଲିଛି । ଅନ୍ୟ ଦିଗରୁ ଦେଖିଲେ ଜଣାଯିବ ଯେ, ଦିନବେଳେ ସୂର୍ଯ୍ୟକିରଣ ପୃଥିବୀ ପୃଷ୍ଠକୁ ଆସେ ଓ ରାତିରେ ପୁଣି ମହାକାଶକୁ ଚାଲିଯାଏ ଓ ପୃଥିବୀ ଥଣ୍ଡା ହୋଇଯାଏ । ମାତ୍ର ଅଙ୍ଗାରକାମ୍ଳ ବେଶୀ ହୋଇଯିବା ହେତୁ ସୂର୍ଯ୍ୟକିରଣର ଇନ୍‌ଫ୍ରାରେଡ୍ ଅଂଶ ରାତିରେ ଆଉ ମହାକାଶକୁ ଯାଇ ନପାରି ଅଙ୍ଗାରକାମ୍ଳ ଦ୍ୱାରା ଧରା ହୋଇ ରହି ଯାଉଛି । ଯାହାକୁକି ଗ୍ରୀନ୍‌ହାଉସ ଏଫେକ୍ଟ କହନ୍ତି । ତେଣୁ ପୃଥିବୀ ପୃଷ୍ଠର ଉତ୍ତାପ ବଢିଯାଉଛି । ସମୀକ୍ଷା କରି ଦେଖାଯାଇଛି ଯେ, ଗତ ୧୦୦ ବର୍ଷ ଭିତରେ ପୃଥିବୀର ଉତ୍ତାପ ୧% ବେଶୀ ହୋଇ ଯାଇଛି ଓ ଏହା କ୍ରମେ କ୍ରମେ ବଢି ଚାଲିଛି । ଜଳ ବାୟୁର ଏଇ ଟିକେ ଗୋଳମାଳ ହେବାଦ୍ୱାରା ଦେଖାଯାଉଛି ଯେ, ଉତ୍ତର ମେରୁ ଓ ଦକ୍ଷିଣ ମେରୁର ବରଫ ଖଣ୍ଡ ତରଳିବାକୁ ଆରମ୍ଭ କରିଛି । ଯେତେବେଳେ ପୃଥିବୀର ସବୁ ବରଫ ତରଳି ଯିବ ସେତେବେଳେ ଦେଖାଯିବ ଯେ, ସମୁଦ୍ରର ଉଚ୍ଚତା ପ୍ରାୟ ୧୬୦ ଫୁଟ ବଢି ଯାଇଛି ଓ ସମୁଦ୍ର କୂଳର ସମସ୍ତ ଜମି ଘରବାଡି ସମୁଦ୍ର ତଳେ ରହି ଯାଇଛି, ତାହାହେବ ମହାପ୍ରଳୟ । ଆମେ ଯଦି ପରିବେଶର ଏ ପରିବର୍ତ୍ତନର କଥା ନବୁଝୁ ଓ ଏହାର ପ୍ରତିକାର ତୁରନ୍ତ ନ କରୁ ତାହେଲେ ଆମ ପିଲାଛିଆଙ୍କ ପାଇଁ କ'ଣ ମହା ପ୍ରଳୟକୁ ଡାକି ଆଣି ଦେଇ ଦେବା ? ତେଣୁ ଗଛକଟା ତୁରନ୍ତ ବନ୍ଦକରି ବଣ ଜଙ୍ଗଲର ବୃଦ୍ଧି କିପରି ହେବ ତାହା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ । ଯେତେବଡ ଲୋକ ହେଉନା କାହିଁକି ଗଛ କାଟିଲେ ଦଣ୍ଡ ପାଇବା ଉଚିତ୍ ହେବ । ଆମ ବାୟୁମଣ୍ଡଳର ଉତ୍ତାପ ବଢି ଯିବାର ଅନ୍ୟ ଏକ କାରଣ ହେଲା ଆମ ଆକାଶର ଓଜୋନ୍ ($O_3$) ଲେୟାରର କ୍ଷୟ । ବାୟୁମଣ୍ଡଳର କିଛି ଉପରେ ଏହି ଓଜନ ଲେୟାର ଅଛି । ସେହି ଓଜନ ଲେୟାର ସୂର୍ଯ୍ୟ କିରଣରେ ଥିବା ଅଲଟ୍ରା ଭାଓଲେଟ୍ 'ଖ' କିରଣକୁ ବେଶୀ ପରିମାଣରେ ଧରି ରଖେ ଓ ପୃଥିବୀ ପୃଷ୍ଠକୁ କମ୍ ଛାଡିଥାଏ । ମାତ୍ର ମଣିଷମାନଙ୍କର ଅତ୍ୟଧିକ ଅତର ଓ ୟୁଡିକଲୋନ୍ ଇତ୍ୟାଦି ସ୍ପ୍ରେ ବ୍ୟବହାର କରିବା ଦ୍ୱାରା ସେହି ଅତର ଓ ୟୁଡିକଲୋନ୍ ସ୍ପ୍ରେରେ ଥିବା ଅନ୍ୟ ଏକ ବାଷ୍ପ ଯଥା: Chlorofluro carbons ଉପରକୁ ଉଠିଯାଇ ଓଜନ ଲେୟାର୍‌କୁ ନଷ୍ଟ କରି ଦେଉଛି । ତେଣୁ ଅନେକ ପରିମାଣରେ ଅଲଟ୍ରାଭାଓଲେଟ୍ 'ଖ' କିରଣ ପୃଥିବୀ ପୃଷ୍ଠକୁ ଅନାୟାସରେ ଆସି ପାଉଛି ଓ ପୃଥିବୀ ପୃଷ୍ଠର ଉତ୍ତାପ ବଢାଇବାରେ ଲାଗିଛି ।

ଆମେମାନେ ଏଦିଗରେ ସଚେତନ ହୋଇ ଯଦି ଅତର ସ୍ପ୍ରେ ଇତ୍ୟାଦି ବ୍ୟବହାର କରିବାରୁ ନିବୃତ ନ ହେଉ ତାହେଲେ ପୃଥିବୀର ଉତ୍ତାପ ନିଶ୍ଚିତ ବଢିବ ଓ ଆମେମାନେ ଅସଲ ପ୍ରଳୟ ଆଡକୁ ଆଗେଇଯିବା । ଅତ୍ୟଧିକ ଅଲଟ୍ରାଭାଓଲେଟ୍ 'ଖ' କିରଣ ଚର୍ମ କର୍କଟ ରୋଗର ମଧ୍ୟ କରାଇଥାଏ । ବଣ ଜଙ୍ଗଲ ଅତ୍ୟଧିକ କଟାଯାଇ ନଷ୍ଟ ବିନଷ୍ଟ ହେବାର ଗୋଟାଏ ଦିଗ ଦେଖିଲେ । ଅନ୍ୟ ଗୋଟିଏ ଦିଗରୁ ଚର୍ଚ୍ଚାକଲେ ଜାଣିବେ ଯେ ବଣ ଜଙ୍ଗଲ କଟା ହେବା ଦ୍ୱାରା ବର୍ଷା ତ କମ୍ ହେବ, ତାହା ଉପର ମାଟିକୁ ସହଜରେ ଧୋଇନେଇ ଶୀଘ୍ର ନଦୀନାଳକୁ ପକାଇଯିବ, ନଦୀନାଳର ଶଯ୍ୟା ପୋତି ହୋଇଯିବ । ତେଣୁ ନଦୀନାଳର ପାଣି ନଦୀନାଳ ଭିତରେ ନ ରହି ଉପରକୁ ଚାଲିଆସି ବନ୍ୟା ବିପାତ କରିବ । ଫସଲ ନଷ୍ଟ ହେବ । ବର୍ଷାଜଳ ଶୀଘ୍ର ବୋହିଯିବା ଦ୍ୱାରା ପୃଥିବୀ ଗର୍ଭକୁ ପାଣି ଯାଇ ସଞ୍ଚିତ ହୋଇ ରହିବା ଆଉ ହୋଇ ପାରିବ ନାହିଁ । ମାଟି ତଳ ପାଣି କମି ଯିବ । କୂଅ ପୋଖରୀ ଇତ୍ୟାଦି ଶୀଘ୍ର ଶୁଖିଯିବ ଓ ଉଠା ଜଳସେଚନ ପାଇଁ ପାଣି ନ ଥିବ । କମ୍ ପାଣି ହେତୁ ଫସଲ ହେବ ନାହିଁ । ଫସଲ ନ ହେଲେ ମଣିଷ ଖାଇବେ କ'ଣ ? ଏସବୁ ବିଚାର କରି ବଣଜଙ୍ଗଲ ଯେପରି ନଷ୍ଟ ନ ହୁଏ ସେଥିପାଇଁ ସଜାଗ ଦୃଷ୍ଟିଦେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ । ବଣଜଙ୍ଗଲ ଥିଲେ ସେଥିରେ ଶୁଖିଲା ଡାଳ ପତ୍ର ପଡେ । ନାନା ଜାତିର ଗୁଳ୍ମ ଓ ଗଛଲତା ତଳେ ଜନ୍ମନ୍ତି । ତେଣୁ ବର୍ଷା ହେଲେ ବର୍ଷାଜଳ ବାଧାପ୍ରାପ୍ତ ହୋଇ ଶୀଘ୍ର ବୋହିଯାଇ ପାରେନାହିଁ । ମାଟି ଓଦା ରହେ ଓ ଗଛଲତାମାନଙ୍କର ଚେର ପାଖ ଦେଇ ପାଣି ତଳକୁ ତଳକୁ ଯାଇ ମାଟି ତଳ ଜଳଭଣ୍ଡାରକୁ ବଢାଏ । ଜଙ୍ଗଲ ପାଖ କୂଅ ପୋଖରୀ, ନଦୀ ନାଳ ଶୁଖେ ନାହିଁ । ଝରଣାସବୁ ବର୍ଷସାରା ଜଳରେ ଭରପୂର ହୋଇ ରହେ । ତେଣୁ ଆମକୁ ଜଙ୍ଗଲ ରକ୍ଷା କରିବାକୁ ହିଁ ହେବ ଓ ତାହାର ଆୟତନ ବଢାଇବାକୁ ହେବ । ପ୍ରତ୍ୟେକ ପ୍ରଦେଶରେ ଶତକଡା ୩୩ ଜମିରେ ଜଙ୍ଗଲ ରହିବା ଦରକାର । ମାତ୍ର ଉପଗ୍ରହ ମାଧ୍ୟମର ଚିତ୍ର ଦେଇ ଜଣା ପଡିଛି ଯେ, ପ୍ରଦେଶମାନଙ୍କରେ ମୋଟେ ଶତକଡା ୧୦ ରୁ ୧୪ ଜମିରେ ଜଙ୍ଗଲ ଅଛି । ତେଣୁ ଦେଶରେ ମରୁଡି ହେବା କିଛି ବିଚିତ୍ର କଥା ନୁହେଁ । ଆମକୁ ଏପରି ସ୍ଥିତିରୁ ରକ୍ଷା ପାଇବାକୁ ହେଲେ ହିମାଳୟର 'ଚିପ୍‌କୋ' ଓ କର୍ଣ୍ଣାଟକର

"ଏପିକୋ" ଭଳି ଆନ୍ଦୋଳନ ନିଜେ କରିବା ଦରକାର । ଖାଲି ସରକାରଙ୍କୁ ଅନାଇ ରହିଲେ ହେବନାହିଁ । ବର୍ତ୍ତମାନ ପୃଥିବୀରେ ଗ୍ରୀଷ୍ମପ୍ରଧାନ ଦେଶମାନଙ୍କରେ ଏକ ମିନିଟରେ ୨୧.୬ ହେକ୍ଟର୍ ଜଙ୍ଗଲ ନଷ୍ଟ ହେଉଛି । ଏହି ପରିମାଣରେ ଯଦି ଜଙ୍ଗଲ ନଷ୍ଟ ହୁଏ, ତାହାହେଲେ ଏ ଶତାବ୍ଦୀ ଶେଷ ବେଳକୁ ଅର୍ଥାତ୍ ଆଉ ୧୩ ବର୍ଷ ଭିତରେ ପୃଥିବୀରୁ ଗ୍ରୀଷ୍ମପ୍ରଧାନ ଦେଶମାନଙ୍କରେ ଜଙ୍ଗଲ ଆଉ ରହିବ ନାହିଁ । ତେଣୁ ଏହା ମରୁଭୂମିରେ ପରିଣତ ହେବାର ବାଟ ସୁଗମ ହୋଇଯିବ । ବନ୍ୟ ଜନ୍ତୁଙ୍କର ବିଲୋପ ଘଟିବ ।

ଏତ ଗଲା ମୋଟାମୋଟି ଦେଶର ପରିବେଶ ବିଷୟର କଥା । ଅନ୍ୟ ଦିଗରେ ଦେଖିବାକୁ ଗଲେ ଆମର ସହରମାନଙ୍କର ପରିବେଶ କିପରି ଦୂଷିତ ହେଉଛି ତାହାର ଏକ ସମୀକ୍ଷା । ପରିବେଶ ଦୂଷିତ ହେବା ଏପରି ଏକ ସ୍ତରକୁ ଆସି ପାଇଛି ଯେ, ୧୯୭୨ ମସିହାରେ U.N.O. ତରଫରୁ ପୃଥିବୀର ସବୁ ରାଷ୍ଟ୍ରରୁ ବୈଜ୍ଞାନିକ, ବିଷୟବିତ୍, ରାଜନୀତିଜ୍ଞମାନେ ଏକାଠି ହୋଇ ସୁଇଡେନର ଷ୍ଟକ୍‌ହୋମଠାରେ ବିଚାର ଆଲୋଚନା ଚଳାଇଥିଲେ, କିପରି ଆମ ବାୟୁମଣ୍ଡଳର ଦୂଷିତକରଣକୁ ଆୟତ୍ତକୁ ଅଣାଯାଇ ପାରିବ । ସେଇଦିନଠାରୁ ସବୁ ରାଷ୍ଟ୍ରରେ ପରିବେଶ ନିୟନ୍ତ୍ରଣ ପାଇଁ ପ୍ରଚେଷ୍ଟା ଚାଲୁ ହେଲା । ଲୋକମାନଙ୍କୁ ସଚେତନ କରାଇବା ପାଇଁ ପଦକ୍ଷେପ ନିଆଗଲା । ପରିବେଶ କିପରି ଭାବରେ ଦୂଷିତ ହେଉଛି ତା'ର ଏକ ନମୁନା ଆମର ଏଇ ମଟରଗାଡି ।

ମଟରଗାଡିର ଅଧିକାଂଶ ଅଂଶ ଇସ୍ପାତରେ ତିଆରି । ମାତ୍ର ଇସ୍ପାତର ତିଆରି ଲୌହ ପଥରରୁ । ଭୂପୃଷ୍ଠକୁ କ୍ଷତବିକ୍ଷତ କରି ଲୌହ ପଥର ଉତ୍ତୋଳନ କରାଯାଏ । ଏହି କ୍ଷତ ବିକ୍ଷତ ସ୍ଥାନରୁ ବହୁ ପରିମାଣର ମୃତ୍ତିକା କ୍ଷୟ ହୁଏ ଓ ଏହା ଧୋଇଯାଇ ନଦୀନାଳର ଶଯ୍ୟା ଉଚ୍ଚା କରାଇଥାଏ । ତେଣେ ଇସ୍ପାତ୍ ଉତ୍ପାଦନ ପାଇଁ କୋଇଲାକୁ ଜାଳେଣି ରୂପେ ବ୍ୟବହାର କରାଯାଏ । ଏଇ ପ୍ରକ୍ରିୟାରେ ଯଥେଷ୍ଟ ସଲ୍ଫର୍‌ଡାଇଅକ୍‌ସାଇଡ୍ ନିର୍ଗତ ହୁଏ ଓ ଏହା ମଧ୍ୟ ବାୟୁମଣ୍ଡଳକୁ ଦୂଷିତ କରାଏ । ଅତ୍ୟଧିକ $SO_2$ ମଣିଷର ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ ଓ ଉଦ୍ଭିଦ ଜଗତର ମଧ୍ୟ ବିନାଶ ଘଟାଏ । ମଟର୍‌ଗାଡି ରାସ୍ତାରେ ଚଳପ୍ରଚଳ ହେଲେ ପେଟ୍ରୋଲ୍ ଜଳି ବହୁ ପରିମାଣରେ କାର୍ବନ୍ ମନୋକ୍ସାଇଡ୍ (Co) ଓ ଅନ୍ୟାନ୍ୟ ବାଷ୍ପ ବାହାରିଥାଏ । ଗୋଟାଏ ହିସାବରୁ ଜଣାପଡ଼ିଛି ଯେ, ଏକ ମିନିଟ୍‌ରେ ୧,୧୩୫ ଜଣ ମନୁଷ୍ୟ ଯେତିକି ଅମ୍ଳଜାନ୍ ବ୍ୟବହାର କରନ୍ତି ସେତିକି ଅମ୍ଳଜାନ୍ ଗୋଟାଏ ମଟର୍‌ଗାଡି ଏକ ମିନିଟ୍‌ରେ ଜାଳିଥାଏ । ଏହି ଅମ୍ଳଜାନ୍‌କୁ ଭରଣା କରିବା ପାଇଁ ଜଣେ ମଟର୍‌ଚାଳକକୁ ୨୮ଟି ବଡବଡ ଗଛ ଲଗାଇବାକୁ ହେବ । ଏହାଛଡା ମଟର୍‌ଗାଡି ବାଷ୍ପରେ ବହୁ ବିଷାକ୍ତ ବାଷ୍ପ ଅଛି, ଯେଉଁମାନେ କି ମଣିଷମାନଙ୍କର କର୍କଟ ରୋଗ କରାଇବାରେ ଲାଗନ୍ତି । ତାଛଡା ଖରାପ ହୋଇଥିବା ମଟର୍‌ଗାଡି ବାରିଆଡେ ପଡି ପରିବେଶକୁ ଆବର୍ଜନାପୂର୍ଣ୍ଣ କରି ରଖେ । କେବଳ ଆମେରିକାରେ ପ୍ରତିବର୍ଷ ପ୍ରାୟ ସାତ ମିଲିୟନ୍ ସଂଖ୍ୟକ ମଟର୍‌ଗାଡି ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଫୋପାଡି ଦିଆଯାଉଛି । ବର୍ଷକରେ ଦିନଟିଏ କ'ଣ ଆମେ ଶପଥ କରି ମଟର୍‌ଗାଡି ସବୁ ବନ୍ଦ କଲେ ହୁଅନ୍ତା ନାହିଁ ? ସେପ୍ଟେମ୍ବର୍ ୨୦, ୧୯୮୭ ଦିନଟି ବର୍ଲିନ୍‌ରେ Car free day ଥିଲା ।

ମଟର୍‌ଗାଡି ଛଡା ଅନ୍ୟ ସମସ୍ୟା ହେଉଛି ଆବର୍ଜନା । ପ୍ରତ୍ୟେକ ଆମେରିକାବାସୀ ପ୍ରତିଦିନ ପ୍ରାୟ ୬ ପାଉଣ୍ଡ ଓଜନର ଆବର୍ଜନା ଫୋପାଡୁଛନ୍ତି । ଅର୍ଥାତ୍ ପ୍ରତିବର୍ଷ ସମସ୍ତ ଆମେରିକାବାସୀ ଏକତ୍ରିତ ଭାବେ ୩୦ ମିଲିୟନ୍ ଟନ୍ କାଗଜ, ୪ ମିଲିୟନ୍ ଟନ୍ ପ୍ଲାଷ୍ଟିକ୍, ୪୮ ବିଲିୟନ୍ ସଂଖ୍ୟକ ଟିଣଡବା ଏବଂ ୨.୫ ବିଲିୟନ୍ ସଂଖ୍ୟକ ବୋତଲ୍ ଫୋପାଡୁଛନ୍ତି । ଏଇ ୩୦ ମିଲିୟନ୍ ଟନ୍ ଓଜନର କାଗଜ ପାଇଁ ପ୍ରାୟ ୩୪୦ ମିଲିୟନ୍ ସଂଖ୍ୟକ ଗଛ କଟାଯାଇ କାଗଜ ପ୍ରସ୍ତୁତିରେ ଲାଗିଥିଲା । ତାହେଲେ ବୁଝନ୍ତୁ କେତେ ଜଙ୍ଗଲ ନଷ୍ଟ ହେଉଛି ସାରା ପୃଥିବୀରେ କେବଳ ଏଇ କାଗଜ ପାଇଁ । ଏହିଭଳି ଘଟଣା ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ଅଳ୍ପ ବହୁତେ ହେଉଛି । ଆମ ଭାରତରେ ମଧ୍ୟ ହେଉଛି ।

ପ୍ରତି ଆମେରିକା ବାସୀ ପ୍ରତିଦିନ ପ୍ରାୟ ୨୦ରୁ ୮୦ ଗ୍ୟାଲନ୍ ପାଣି ବ୍ୟବହାର କରନ୍ତି । ସେ ପାଣି ଭୂଗର୍ଭରୁ ଉତ୍ତୋଳନ କରାଯାଏ । ତନ୍ମଧ୍ୟରୁ ପାଣିକୁଣ୍ଡରେ ଗାଧୋଇବା ପାଇଁ ୩୦/୪୦ ଗ୍ୟାଲନ୍, କଳ ପାଣିରେ ଗାଧୋଇବା ସକାଶେ ୨୦/୩୦ ଗ୍ୟାଲନ୍ ପାଣି ଖର୍ଚ୍ଚ ହୁଏ । ଲୁଗାଧୁଆ ମେସିନ୍ ପାଇଁ ଓ ଖାଇବା ବାସନ ଧୋଇବା ପାଇଁ ପ୍ରାୟ ୩୦ ଗ୍ୟାଲନ୍ ପାଣି ଦରକାର ହୁଏ । ପ୍ରତ୍ୟେକ ଥର ପାଇଖାନା ସଫା କରିବା ପାଇଁ ପ୍ରାୟ ୩ ଗ୍ୟାଲନ୍ ପାଣି ଦରକାର ହୁଏ । ତାଛଡା ଏପରି ଦେଖାଯାଉଛି ଯେ, ଅନେକ ପାଣିକଳକୁ ଅଯଥା ଛାଡି ଦିଅନ୍ତି, ବ୍ୟବହାର ହେଉ ବା ନ ହେଉ । ଯଦି ଜଣେ ସିଏର ହେଉଛି, ତାହେଲେ କଳଟି ଛାଡିଦେବା କାରଣ କ'ଣ ? ପୃଥିବୀବାସୀ ଯଦି ଏ ବିଷୟରେ ସଚେତନ ନ ହୁଅନ୍ତି ତାହେଲେ ଆମର ଲୋକସଂଖ୍ୟା ଯେତେ ବଢିଲାଣି ଭୂଗର୍ଭରୁ ପାଣିସବୁ ଶୋଷି ନେଇଯିବେ ଓ ପରକୁ ପକାଇଦେବେ । ପାଣିର ଉତ୍କଟ ଅଭାବ ଦେଖାଦେବ ନିକଟ ଭବିଷ୍ୟତରେ ।

ଅନ୍ୟ ଗୋଟାଏ ବିଷୟ ହେଲା ଅମ୍ଳ ବର୍ଷା । ପୃଥିବୀର ଶତକଡା ୪୦ ରୁ ୬୦ ଚାଷ ଜମି ବର୍ତ୍ତମାନ ଅମ୍ଳ ହୋଇଗଲାଣି । ଏହାର କାରଣ ହେଲା ବାୟୁ ପ୍ରଦୂଷଣ ଏବଂ ନାଇଟ୍ରେଟ୍ ସାରର ଅତ୍ୟଧିକ ପ୍ରୟୋଗ । ଜମି ଅମ୍ଳ ହୋଇଯିବା ଦ୍ୱାରା ଏହା ଚାଷ ପାଇଁ ଅନୁପଯୋଗୀ ହୋଇଯାଏ । ପରନ୍ତୁ ଅମ୍ଳ ହେବା ଦ୍ୱାରା ଜଳରେ ଥିବା ଆଲୁମିନିୟମ୍ ଦ୍ରବିଭୂତ ହୋଇ ପାଣିରେ ମିଶିଯାଏ ଓ ଯାହା ଚାଷ କରାଯାଏ ସେଥିରେ ମିଶି ମଣିଷମାନଙ୍କର ଖାଦ୍ୟରେ ଦେହ ଭିତରକୁ ଯାଏ । ସାଧାରଣତଃ ଆଲୁମିନିୟମ୍ ଦେହ ଭିତରକୁ ପାଇପାରେ ନାହିଁ କି ମସ୍ତିଷ୍କର ସେଲ୍‌କୁ ଯାଏ ନାହିଁ । ମାତ୍ର ଦ୍ରବିଭୂତ ଆଲୁମିନିୟମ୍ ମସ୍ତିଷ୍କକୁ ଯାଇପାରେ ଓ ନାନା ପ୍ରକାର ରୋଗ କରିପାରେ । ଅନେକ ଦେଖନ୍ତି ଦ୍ରବିଭୂତ ଆଲୁମିନିୟମ୍‌ର ପରେସେଣ୍ଟେଜ୍ ଜମିରେ ବୃଦ୍ଧି ହେବା ଓ Alzheimer's ରୋଗୀ ହେବା ଏକତ୍ର ଦେଖାଯାଏ । ଦେଖାଯାଇଛି ଯେ, ସୁଇଡେନ୍‌ର ଅନେକ ହ୍ରଦ ଅମ୍ଳ ହୋଇଯାଇଛି ଏହି ଅମ୍ଳ ବର୍ଷା ପାଇଁ । ଅମ୍ଳ ବର୍ଷା ହୁଏ ବାୟୁରେ ଅତ୍ୟଧିକ $SO_2$ ରହିଲେ । ଏହି ଅତ୍ୟଧିକ $SO_2$ ବ୍ରିଟେନ୍‌ର ଫେକ୍ଟ୍ରିମାନଙ୍କରୁ ନିର୍ଗତ ହୋଇ ସୁଇଡେନ୍ ଉପରକୁ ବୋହିଯିବା ଫଳରେ ସେଠାରେ ଅମ୍ଳବର୍ଷା ହୋଇଥିଲା ।

ଧ୍ୱନି ସମସ୍ୟାକୁ ସମୀକ୍ଷା କଲେ ଦେଖାଯିବ ଯେ, ଧ୍ୱନି ୯୦ ଡେସିବେଲ୍ ଶକ୍ତି ସମ୍ପନ୍ନ ହେଲେ ପାକସ୍ଥଳୀର ମାଂସପେଶୀକୁ ସଙ୍କୁଚିତ କରାଏ । ଅନେକ ସମୟରେ ମଣିଷର ଚିଡିଚିଡିଆ ସ୍ୱଭାବକୁ ବଢାଇଦିଏ ଓ ଚର୍ମରେ ଅଧିକ ରକ୍ତ ସଞ୍ଚାଳନ କରାଇ ଶରୀରର ଉତ୍ତାପ ବୃଦ୍ଧି କରାଏ । ଏହି ଧ୍ୱନି ମଧ୍ୟ ମଣିଷ ଦେହରେ ରକ୍ତଚାପ, ହୃତ୍‌ପିଣ୍ଡ ରୋଗ ଓ ଏଲର୍ଜି ଭଳି ସାଧାରଣ ରୋଗ କରାଇଥାଏ । ମଣିଷ ମାନସିକ ବ୍ୟାଧିଗ୍ରସ୍ତ ମଧ୍ୟ ହୁଏ । ମଣିଷରେ ଶୁଣିବା ଶକ୍ତି ମଧ୍ୟ ଅତ୍ୟଧିକ ଧ୍ୱନି ଦ୍ୱାରା ହ୍ରାସ ହୋଇଯାଇ ମଣିଷ କ୍ରମେ କାଲ ହୋଇଯାଏ । କେବଳ ନ୍ୟୁୟର୍କ ସହରରେ ସମସ୍ତ ଧ୍ୱନିକୁ ଏକତ୍ରିତ କଲେ ୧୦୦ ଡେସିବେଲ୍‌ରୁ ଊର୍ଦ୍ଧ୍ୱ ହୋଇଯାଉଛି । ତେଣୁ ମଣିଷର ପ୍ରକୃତି ଯେ ବିକୃତ ହେବ ଏପରି ସହରରେ ରହିଲେ ତାହାର ଅନ୍ୟଥା ନାହିଁ । ଆମ ଦେଶରେ ଲାଉଡ୍‌ସ୍ପିକର୍‌ରେ ଏପରି ଭାବରେ ଶବ୍ଦ କରନ୍ତି ଯାହାଦ୍ୱାରା ମାନସିକ ବିକୃତି ହେବାର ସମ୍ଭାବନା ବେଶୀ ।

ନାନାପ୍ରକାର କୀଟନାଶକ ଦ୍ରବ୍ୟ ବ୍ୟବହାର କଲା ପରେ ଜଣାଯାଇଛି ଯେ, ସେସବୁ ଧୋଇ ହୋଇଯାଇ ନଦୀ, ନାଳ, ହ୍ରଦ ପାର ହୋଇ ସମୁଦ୍ରରେ ପଡେ । ସମୁଦ୍ରର ଏକ ପ୍ରକାର ଉଦ୍ଭିଦ ଡାଏଟୋମ୍ ବାୟୁମଣ୍ଡଳକୁ ପ୍ରାୟ ୭୦ ଭାଗ ଅମ୍ଳଜାନ ଯୋଗାଇଥାଏ । ମାତ୍ର ଏହିସବୁ କୀଟନାଶକ ପଦାର୍ଥ ଅପକୃଷ୍ଟକାରୀ ଦ୍ରବ୍ୟ ଏବଂ ରଶ୍ମି ବିକିରକ କ୍ଷୟ (atomic waste) ସମୁଦ୍ରକୁ ଛଡାଯିବା ଦ୍ୱାରା ଡାଏଟୋମସବୁ ଅନେକ ପରିମାଣରେ ନଷ୍ଟ ହୋଇ ଯାଉଛନ୍ତି । Atomic radiation ମଣିଷମାନଙ୍କର ପ୍ରଜନନ ଶକ୍ତିକୁ ମଧ୍ୟ କ୍ଷୟ କରିବାରେ ଲାଗିଛନ୍ତି । ମନୁଷ୍ୟ ଦେହରେ ଥିବା ଜୀନ୍‌ମାନଙ୍କୁ ଏହି ଦୂଷିତ ପରିବେଶ ନଷ୍ଟ କରିବାରେ ଲାଗିଛି । ଏହା ଫଳରେ ରକ୍ତ କର୍କଟ ଇତ୍ୟାଦି ଦୁଃସାଧ୍ୟ ବେମାରୀ ହେଉଛି । ହିରୋସୀମା ଓ ନାଗାସାକିର ପରମାଣୁ ବୋମା ବିସ୍ଫୋରଣ ପରେ ପରେ ଲ୍ୟୁକିମିଆ ବେମାରୀ ଅତ୍ୟଧିକ ବୃଦ୍ଧି ହୋଇଛି । ଦୂଷିତ ବାୟୁମଣ୍ଡଳ ପାଇଁ ଲୋକମାନଙ୍କର ଫୁସ୍‌ଫୁସ୍ ବେମାରୀ ଅତ୍ୟଧିକ ବଢିଯାଇଛି । ବ୍ରଙ୍କାଇଟିସ୍, ଏମ୍ଫିସିଆ, ଶ୍ୱାସ ଓ କର୍କଟ ରୋଗ ଇତ୍ୟାଦି ଅତ୍ୟଧିକ ବଢିଯାଇଛି ଏଇ ଦୂଷିତ ବାୟୁମଣ୍ଡଳ ପାଇଁ । ମାତ୍ର ଏଥି ପାଇଁ ଦାୟୀ କିଏ ଓ ଏହା କିପରି ଦୂର ହୋଇ ପାରିବ ? ଏଇ ଅଳ୍ପ ସମୟ ମଧ୍ୟରେ ଅନେକ କଥା ଜାଣିବା ପାଇଁ ସଂକ୍ଷେପରେ ଏସବୁ ଚର୍ଚ୍ଚା କରାଗଲା । ମାତ୍ର ଏହା ସମସ୍ତଙ୍କ ବିଚାର୍ଯ୍ୟର ବିଷୟ ହେବା ଉଚିତ୍ ।

ଆଜିକାଲି ବିଂଶ ଶତାବ୍ଦୀରେ ଆଧୁନିକ ମାନବ ଜାତି ନିଜର ପ୍ରବଳ ଆଗ୍ରହ ଓ ଆକାଂକ୍ଷାକୁ ସମ୍ଭାଳି ନ ପାରି ବହୁବିଧ ଜିନିଷପତ୍ର କିଣିବାକୁ ଆଗ୍ରହୀ । ମଟର୍‌ଗାଡି ନ ହେଲେ ନିଜ ଗୋଡ ନ ଚଳେ । ଟେଲିଭିଜନ୍ ଓ ରେଡିଓ ପରି ବିଳାସସାମଗ୍ରୀ ତ ନିତାନ୍ତ ଦରକାରୀ ହୋଇ ପଡିଲାଣି । ରେଡିୟମ୍ ଡାଏଲ୍ ଥିବା ହାତବନ୍ଧା ଘଡି ତ ଦରକାର । ନାନାପ୍ରକାର ଅଦରକାରୀ ପ୍ଲାଷ୍ଟିକ୍ ଦ୍ରବ୍ୟ ମଧ୍ୟ ଲୋଭରେ କିଣା ହେଉଛି । ଯଦି ମଣିଷ ନିଜର ମନକୁ ନିଜେ ଆୟତ୍ତରକୁ ନ ଆଣେ ଓ ଏସବୁ ସମସ୍ୟାକୁ ବୁଝିବା ପାଇଁ ଚେଷ୍ଟା ନ କରେ, ତାହେଲେ ଆମର ଆଉ ରକ୍ଷା ନାହିଁ । ପ୍ରତ୍ୟେକ ରାଷ୍ଟ୍ର ଆଉ ଅଲଗା ଅଲଗା ରହିବା ଉଚିତ୍ ନୁହେଁ । ପୃଥିବୀ ଏକ ଓ ଆମେସବୁ ଏକ ଶାସନାଧୀନ ହୋଇ ରହିଲେ ଆମେ ଅନେକ ପଇସା ସଞ୍ଚୟ କରି ପାରିବା ଓ ସେଥିରେ ଆମର ଦୂଷିତକରଣର ମୂଳୋତ୍ପାଟନ ହୋଇପାରିବ । ପରମାଣୁ ବୋମା ତିଆରି ହେବା ଦରକାର ହେବ ନାହିଁ କି star war ପାଇଁ ପ୍ରସ୍ତୁତି ହେବା ଦରକାର ହେବ ନାହିଁ । ମଣିଷ ଜାତିର ସ୍ଥିତି ଆଜି ବିପନ୍ନ । ତେଣୁ ପ୍ରତ୍ୟେକ ମଣିଷ ନିଜର ପରିବେଶ, ଦେଶର ପରିବେଶ ଓ ପୃଥିବୀର ପରିବେଶ ବିଷୟରେ ଚିନ୍ତାଶୀଳ ରହି ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତ ହେବା ଦରକାର । ଋଷର ଚେର୍ନୋବିଲ୍‌ଠାରେ ପରମାଣୁ ରିଆକ୍ଟର୍ ଫାଟିବା ଦ୍ୱାରା ସାରା ଉତ୍ତର ୟୁରୋପ୍ ଉପରେ ତା'ର ତେଜସ୍କ୍ରିୟ ପତି ଲୋକମାନଙ୍କୁ କିପରି ଭାବରେ ଆକ୍ରାନ୍ତ କଲା ତାହା ଆମ୍ଭମାନଙ୍କୁ ଜଣା । ସେହିପରି ଅନ୍ୟ ଏକ ଦେଶରେ କିଛି ପରିବର୍ତ୍ତନ ହେଲେ ପାଖ ଦେଶମାନେ ମଧ୍ୟ ଆକ୍ରାନ୍ତ ହେବେ । ସେହି ଦୃଷ୍ଟିରୁ ଆମ୍ଭେମାନେ ଏକ ବିଶ୍ୱ ସରକାର ଗଠନ ପାଇଁ ଉଦ୍ୟମ ନ କଲେ ଆମର ଅନ୍ୟ ଗତି ନାହିଁ ।

ସାରା ପୃଥିବୀରେ କେବଳ ମିଲିଟାରୀ ସଂସ୍ଥା ପାଇଁ ବର୍ଷକର ଖର୍ଚ୍ଚ ୭୮,୦୦,୦୦୦ ମିଲିୟନ୍ ଡଲାର୍ । ଏଇ ଟଙ୍କା କେବଳ ଦେଶମାନଙ୍କର ସ୍ଥିତି ବଜାୟ ରଖିବା ତଥା ମଣିଷମାନଙ୍କୁ ମାରିବା ପାଇଁ ବ୍ୟବହୃତ ହେବ ଏଥିରେ ସନ୍ଦେହ ନାହିଁ । ମାତ୍ର ଅନ୍ୟ ଦିଗରେ ଦେଖିଲେ ଜଣାଯିବ ଯେ, ସେଇ ପୃଥିବୀରେ ୨୫୦ ମିଲିୟନ୍ ଲୋକଙ୍କ ପାଇଁ ଘର ନାହିଁ । ସେମାନେ ଯାଯାବର ଭଳି ଗଛତଳେ ବା କାହା ପିଣ୍ଡାରେ ବା ଫୁଟ୍‌ପାଥ୍‌ରେ ଶୁଅନ୍ତି — ରହନ୍ତି । ୩୦୦ ମିଲିୟନ୍ ଲୋକଙ୍କ ପାଇଁ କିଛି ଧନ୍ଦା ନାହିଁ । ସେମାନେ କାମ ନ ପାଇ ଖାଲି ଘୁରି ବୁଲନ୍ତି । ୫୫୦ ମିଲିୟନ୍ ଲୋକ ଲେଖି ପଢି ଜାଣନ୍ତି ନାହିଁ । ୭୦୦ ମିଲିୟନ୍ ଲୋକ ସୁଷମ ଖାଦ୍ୟ ପାଆନ୍ତି ନାହିଁ । ୯୦୦ ମିଲିୟନ୍ ଲୋକ ଦିନକୁ ମୋଟେ ୩/୪ ଟଙ୍କା ରୋଜଗାର କରନ୍ତି, ଯାହାକି ବଞ୍ଚି ରହିବା ପାଇଁ ଯଥେଷ୍ଟ ନୁହେଁ । ୨ ବିଲିୟନ୍ ବା ୨,୦୦୦ ମିଲିୟନ୍ ଲୋକଙ୍କୁ ଭଲ ପିଇବା ପାଣି ମିଳେ ନାହିଁ । ତେଣୁ ସେମାନେ ଅନେକ ବେମାରୀରେ ଆକ୍ରାନ୍ତ ହୁଅନ୍ତି । ଏହି ଦୂଷିତ ପାଣି ପୃଥିବୀର ଶତକଡା ୮୦ ଭାଗ ବେମାରୀ ପାଇଁ ଦାୟୀ । ସାରା ପୃଥିବୀର ୪୦,୦୦୦ ପିଲା ପ୍ରତିବର୍ଷ ନ ଖାଇ ମରନ୍ତି । ଏପରି ପରିପ୍ରେକ୍ଷୀରେ ମଣିଷମାନେ କ'ଣ ନିଜ ନିଜକୁ ମାରିବା ପାଇଁ ୭୮,୦୦,୦୦୦ ମିଲିୟନ୍ ଡଲାର୍ ଖର୍ଚ୍ଚ କରିବେ ? ଏହା କ'ଣ ବୁଦ୍ଧିମାନର କାର୍ଯ୍ୟ ହେବ ? ତେଣୁ ଆଗକୁ ଆମକୁ ଗୋଟାଏ ବିଶ୍ୱ ସରକାର ଗଠନ ପାଇଁ ଚେଷ୍ଟା କରିବାକୁହିଁ ହେବ ।

୨୬, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍,
କଟକ ।



## ୩୪ତମ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବାର୍ତ୍ତା

ବନ୍ୟଜନ୍ତୁମାନଙ୍କର ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି । ମନୁଷ୍ୟ ପାଇଁ ଜଙ୍ଗଲ ଯେପରି ଦରକାର, ସେହିପରି ବନ୍ୟଜନ୍ତୁ । ମନୁଷ୍ୟ, ବନ୍ୟଜନ୍ତୁ, ଜଙ୍ଗଲ ସମସ୍ତଙ୍କୁ ଘେନି ଜୀବମଣ୍ଡଳର କଳ୍ପନା । ମନୁଷ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଲେ ମଧ୍ୟ ଏହା ପୃଥିବୀର ଏକ ଅନ୍ୟତମ ଜୀବ । ସମସ୍ତଙ୍କୁ ଧ୍ୱଂସ କରି ମନୁଷ୍ୟ ରହିବ, ଯଦି ଏପରି ଚିନ୍ତା କରାଯାଏ ତାହାହେଲେ ମନୁଷ୍ୟ ମଧ୍ୟ ନିଜେ ଦିନେ ଧ୍ୱଂସ ହୋଇଯିବ । ସମୁଦ୍ରର କୂର୍ମଠାରୁ ଆରମ୍ଭ କରି ଆକାଶର ବିହଙ୍ଗମ ପର୍ଯ୍ୟନ୍ତ ସମସ୍ତ ଜୀବ ଏହି ଜଗତର ପରିବେଶକୁ ଗରିମନ୍ତ କରିଛନ୍ତି । କିନ୍ତୁ ପ୍ରାଣୀ ଜଗତର ଏହି ମୂଲ୍ୟବାନ ସହାବସ୍ଥାନ ମନ୍ତ୍ରକୁ ଆଜି ମନୁଷ୍ୟ ଭୁଲିଯିବା ପାଇଁ ବସିଛି ।

ସଭ୍ୟତାର ବିସ୍ତାର ନାମରେ ଏହି ଗୋଟିଏ ଶତାବ୍ଦୀ ମଧ୍ୟରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ଯେତେ କ୍ଷୟ କରାଯାଇଛି ତାହା ପୂର୍ବରୁ ସୁଦୀର୍ଘ କାଳ ମଧ୍ୟରେ କେବେ ହୋଇନଥିଲା । ଖଣି, ଖଦାନ, କଳ କାରଖାନା ସହର ବଜାର ବହୁ ମୂଲ୍ୟବାନ ଜଙ୍ଗଲକୁ ଗ୍ରାସ କରାଯାଉଚି । ଲୋକସଂଖ୍ୟା ବୃଦ୍ଧି ସଙ୍ଗେସଙ୍ଗେ ଜଙ୍ଗଲକୁ କାଟି ଆବାଦ କରାଯାଉଚି । ବହୁ ପାହାଡ଼ ପର୍ବତ, ଯାହା ଦିନେ ବୃକ୍ଷ ଲତା ଗୁଳ୍ମରେ ପରିପୂର୍ଣ୍ଣ ଥିଲା, ତାହା ଟାଙ୍ଗର ଭୂମିରେ ପରିଣତ ହୋଇଛି । ଜଙ୍ଗଲ କ୍ଷୟ ସଙ୍ଗେସଙ୍ଗେ ସେହି ସବୁ ଜଙ୍ଗଲରୁ ବନ୍ୟଜନ୍ତୁ ଲୋପ ପାଇଯାଇଛନ୍ତି । ଆଧୁନିକ ମାରଣାସ୍ତ୍ର ସାହାଯ୍ୟରେ ତଥାକଥିତ ସଭ୍ୟ ଶିକାରୀ ଦଳ, ଯେଉଁ ସବୁ ବନ୍ୟଜନ୍ତୁ ଅଳ୍ପ କେତେକ ଜଙ୍ଗଲରେ ବାକୀ ଥିଲେ, ତାଙ୍କୁ ପ୍ରାୟ ଶେଷ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି । ଦାନ୍ତ ପାଇଁ ହାତୀ, ମୂଲ୍ୟବାନ ଚମଡ଼ା ପାଇଁ ବାଘ, ଶିଙ୍ଗ ଓ ଚମଡ଼ା ପାଇଁ ଗଣ୍ଡାର, ଶିଙ୍ଗ, ଚମଡ଼ା ଓ ମାଂସ ପାଇଁ ହରିଣ, ଖୋଳ ଓ ମାଂସ ପାଇଁ ସମୁଦ୍ର କଇଁଚ, ଉତ୍କୃଷ୍ଟ ଛାଲ ପାଇଁ କୁମ୍ଭୀର ବିଭିନ୍ନ ପର ଓ ମାଂସ ପାଇଁ ପକ୍ଷୀମାନଙ୍କୁ ଅତି ବ୍ୟାପକ ଓ ନିଷ୍ଠୁର ଭାବରେ ଶିକାର କରାଯାଉଚି ଏବଂ ଯେଉଁସବୁ ପଶୁ ପକ୍ଷୀ ଦିନେ ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ଦେଖାଯାଉଥିଲେ, ବର୍ତ୍ତମାନ ଅଭୟାରଣ୍ୟରେ ମଧ୍ୟ ସେମାନଙ୍କୁ ଦେଖିବାକୁ ମିଳୁନାହିଁ । ଦିନେ ସିଂହ ଭାରତର ସବୁ ଜଙ୍ଗଲରେ ଥିଲେ, ହାତୀ ଥିଲେ, ଚିତା ଥିଲେ, ଅରଣାମଇଁଷି ଓ ଗଣ୍ଡାର ଥିଲେ, ସମ୍ବର, ମିରିଗ, ବାହୁଟିଆ ବହୁ ସଂଖ୍ୟାରେ ବୁଲୁଥିଲେ, ବର୍ତ୍ତମାନ ସେମାନଙ୍କ ସଂଖ୍ୟା ଲୋପ ହେବାକୁ ବସିଲାଣି । ଭାରତର ସବୁଆଡୁ ସିଂହ ଲୋପ ପାଇ କେବଳ ଗୁଜୁରାଟର ଗିର ଜଙ୍ଗଲର ଅଭୟାରଣ୍ୟରେ ରହିଛନ୍ତି । ଚିତା ଭାରତରୁ ସମ୍ପୂର୍ଣ୍ଣ ଭାବରେ ଲୁପ୍ତ । କେତେକ ରାଜ୍ୟରୁ ହାତୀ ଲୋପ ପାଇଯାଉଛନ୍ତି ଓ କେତେକ ରାଜ୍ୟରୁ ବାଘ । ଭାରତର ସବୁଠାରୁ ଅଧିକ ଜଙ୍ଗଲପୂର୍ଣ୍ଣ ରାଜ୍ୟ

ମଧ୍ୟପ୍ରଦେଶ । ମାତ୍ର ସେଠାରେ ହାତୀ ନାହାନ୍ତି । ସେହିପରି ହାତୀ ନାହାନ୍ତି ମହାରାଷ୍ଟ୍ର, ଆନ୍ଧ୍ର, ହରିଆନା, ପଞ୍ଜାବ ପ୍ରଭୃତି ରାଜ୍ୟରେ । ଓଡ଼ିଶାରେ ଅରଣା ମଇଁଷି କେବଳ କୋରାପୁଟର ମାଲ୍‌କାନାଗିରି ଜଙ୍ଗଲରେ ଅଛନ୍ତି, ଅନ୍ୟତ୍ର ଲୁପ୍ତ । ସେହିପରି ଗୋଟିଏ ପକ୍ଷୀ ଗ୍ରେଟ୍ ଇଣ୍ଡିଆନ୍ ବଷ୍ଟାର୍ଡ୍ । ଦିନେ ଓଡ଼ିଶା ଜଙ୍ଗଲରେ ମଧ୍ୟ ବହୁ ସଂଖ୍ୟାରେ ଥିଲେ । ବର୍ତ୍ତମାନ ଓଡ଼ିଶା ବା ଭାରତରେ କେଉଁଠି ନାହାନ୍ତି, କେବଳ ରାଜସ୍ଥାନ ମରୁଭୂମିର ଯଶଲ୍‌ମୀର ଅଞ୍ଚଳରେ । ଗଣ୍ଡାର ପୂର୍ବେ ଓଡ଼ିଶାରେ ଥିଲେ । ବର୍ତ୍ତମାନ କେବଳ ଆସାମ ଓ ବଙ୍ଗଳାର ଦୁଇଟି ଅଭୟାରଣ୍ୟ ମଧ୍ୟରେ ସୀମାବଦ୍ଧ । ଏହି ଶତାବ୍ଦୀ ଆରମ୍ଭରେ ଭାରତରେ ବାଘଙ୍କର ସଂଖ୍ୟା ଥିଲା ୪୦ ହଜାର । ବର୍ତ୍ତମାନ ସେମାନଙ୍କ ସଂଖ୍ୟା ମାତ୍ର ଦୁଇ ହଜାରରୁ ଅଳ୍ପ ବେଶୀ । କେବଳ ଅଭୟାରଣ୍ୟ ଘୋଷିତ ହୋଇଥିବା ଯୋଗୁଁ ସେମାନେ ବଞ୍ଚିଛନ୍ତି । ମୃଗ ଜାତୀୟ ପଶୁମାନଙ୍କ ସଂଖ୍ୟା ଅତି ଦ୍ରୁତ ଗତିରେ କମିବାରେ ଲାଗିଛି । ବାଲି ହରିଣ ବା କୃଷ୍ଣସାର ଦୁଇ ତିନୋଟି ସ୍ଥାନରେ ମାତ୍ର ଅଳ୍ପ ସଂଖ୍ୟାରେ ଅଛନ୍ତି । ଚିଲିକାରେ ଯେତେ ପକ୍ଷୀ ଆସୁଥିଲେ, ବ୍ୟାପକ ଶିକାର ଯୋଗୁ ଆଉ ଆସୁନାହାନ୍ତି ।

ବିଚିତ୍ର ବର୍ଣ୍ଣର ବିଭା, ସ୍ୱରର ଝଙ୍କାର, ବେଗ ଓ ଗତିର ବୈଶିଷ୍ଟ୍ୟ ପାଇଁ ପଶୁ, ପକ୍ଷୀ ଓ ସରୀସୃପମାନଙ୍କର ପ୍ରସିଦ୍ଧି । ଆମର କାବ୍ୟ, ସଙ୍ଗୀତ, ନାଟକ, ଗଳ୍ପ ସାହିତ୍ୟରେ ପଶୁ ପକ୍ଷୀମାନଙ୍କୁ ମନୁଷ୍ୟ ପରି ଚିତ୍ରଣ କରାଯାଇଛି ଓ ମନୁଷ୍ୟୋଚିତ ଗୁଣରେ ସେମାନଙ୍କୁ ଭୂଷିତ କରାଯାଉଛି । ସଙ୍ଗୀତର ସପ୍ତ ସ୍ୱର ପଶୁ ପକ୍ଷୀମାନଙ୍କଠାରୁ ଆସିଛି । ଯଥା—ମୟୂରଠାରୁ ଷଡ଼ଜ ଓ କୋକିଳଠାରୁ ପଞ୍ଚମ । ବିଭିନ୍ନ ରାଗ ଯଥା—ଶାର୍ଦ୍ଦୂଳ ବିକ୍ରୀଡ଼ିତ, କଳହଂସ କେଦାର । ଗଜ ଏବଂ ହଂସର ଗତି, ସିଂହର ଠାଣି, ବକର ଏକାଗ୍ରତା, କୁରଙ୍ଗର ଦୃଷ୍ଟି, ଆମର ଛନ୍ଦୋମୟ କାବ୍ୟ କବିତାରେ ଉପମାର ବସ୍ତୁ ହୋଇ ରହିଛି । ବିଷ୍ଣୁ ସହସ୍ରନାମରେ ଭଗବାନଙ୍କୁ ପଶୁ ଓ ପକ୍ଷୀ ରୂପେ ଚିତ୍ରଣ କରାଯାଇଛି । ଯଥା—ହଂସ ଓ ସିଂହ । 'ମରୀଚିର୍ଦମନହଂସଃ' ଏବଂ 'ସିଂହ ଭୂତୋ ମହେଶ୍ୱରଃ' । ବିଷ୍ଣୁ ଶର୍ମା କୃତ ହିତୋପଦେଶ ଓ ପଞ୍ଚତନ୍ତ୍ରରେ ପଶୁ ପକ୍ଷୀମାନେ ମନୁଷ୍ୟ ପରି କଥାଭାଷା କରୁଛନ୍ତି ଓ ସେମାନଙ୍କ ସ୍ନେହ, ମୈତ୍ରୀ, ଅନୁକମ୍ପା ଆଦି ଗୁଣ, ଆତ୍ମରକ୍ଷା ପାଇଁ ଏକତା ଓ ରଣ କୌଶଳ ଜରିଆରେ ମନୁଷ୍ୟ ସମାଜକୁ ଧର୍ମନୀତି ଓ ରାଜନୀତିରେ ଶିକ୍ଷା ଦିଆଯାଉଛି । ଦମୟନ୍ତୀ ଓ ନଳଙ୍କ ମଧ୍ୟରେ ହଂସ ହେଉଛି ପ୍ରେମ ଓ ପ୍ରଣୟର ଦୂତ । ପଶୁ, ପକ୍ଷୀ, ସରୀସୃପ ନ ରହିଲେ ଆମର କୌଣସି ଲୋକଗଳ୍ପ ସଜୀବ ହୁଏନାହିଁ । ଫଣାର ମଣିରେ ଜଳୁଥିବା ସାପ, ଗଛର କୋଡ଼ରେ ନିଜର ଛୁଆମାନଙ୍କ ସାଙ୍ଗରେ ଥିବା ଶଙ୍ଖଚିଲ, ଭଦଭଦଳିଆ ପକ୍ଷୀ ଏମାନେ ଏକ ସରସ ଲୋକଗଳ୍ପରେ ନିଶ୍ଚୟ ଥିବା ଦରକାର । ସେହିପରି ଚିତ୍ର ଓ ଭାସ୍କର୍ଯ୍ୟରେ ଶୁଆ, ହଂସ, ହାତୀ, ବାଘ, ସିଂହ, ହରିଣ – ଏପରିକି ଓଟ ଓ ଜିରାଫ୍ ।

ଯେଉଁ ବନ୍ୟଜନ୍ତୁମାନଙ୍କୁ ମନୁଷ୍ୟ ସମାଜର ପ୍ରିୟ କରିବା ପାଇଁ ସଭ୍ୟତାର ସମସ୍ତ ଦୃଷ୍ଟିରେ ଏପରି ଉଦ୍ୟମ କରାଯାଉଛି, ଆଜି ସଭ୍ୟ ମନୁଷ୍ୟର ଦାଉରେ ସେ ବନ୍ୟଜନ୍ତୁମାନେ ଲୁପ୍ତ ହେବା ପାଇଁ ବସିଛନ୍ତି । ପ୍ରାଚୀନ କାଳରେ ଋଷିମାନଙ୍କର ଆଶ୍ରମ ଥିଲା ଅଭୟ ଅରଣ୍ୟ । ବର୍ତ୍ତମାନ ଆଇନ କରି ଅଭୟ ଅରଣ୍ୟ ସୃଷ୍ଟି କରାଯାଉଛି । କେତେକ ଜାତୀୟ ପଶୁ ପକ୍ଷୀଙ୍କୁ କେହି ମାରିପାରିବେ ନାହିଁ ବୋଲି ଆଇନ କରାଯାଉଛି । ଚିଲିକାରେ ପକ୍ଷୀ ଶିକାର ମନା, ରାଜନଗର ସମୁଦ୍ର କୂଳକୁ ହଜାର ହଜାର ସଂଖ୍ୟାରେ ଆସୁଥିବା ସମୁଦ୍ର କଇଁଛ ଶିକାର ମନା, ବିଭିନ୍ନ ଜଙ୍ଗଲରେ ହାତୀ, ବାଘ, ହରିଣ ଆଦିଙ୍କୁ ଶିକାର କରିବାକୁ ମନା କରାଯାଇଥିଲେ ମଧ୍ୟ ତଥାକଥିତ ଭଦ୍ର ଶିକାରୀ ଓ ଶିକାରକୁ ଅଭ୍ୟାସରେ ପରିଣତ କରିଥିବା ଲୋକଙ୍କର ସଂଖ୍ୟା କମ୍ ନୁହେଁ । ଏହି ଶ୍ରେଣୀର ବ୍ୟକ୍ତିମାନେ କେବଳ ବନ୍ୟଜନ୍ତୁଙ୍କର ଶତ୍ରୁ ନୁହନ୍ତି, ସମଗ୍ର ମାନବ ସମାଜର ଶତ୍ରୁ । ଜନସାଧାରଣଙ୍କ ମଧ୍ୟରେ ଚେତନା ଓ ଜାଗରଣ ନହେଲେ ବନ ବା ବନ୍ୟଜନ୍ତୁଙ୍କର ଧ୍ୱଂସ ବନ୍ଦ କରାଯାଇ ପାରିବ ନାହିଁ । ତେଣୁ ଆଜି ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ପାଳନ ଉପଲକ୍ଷରେ ମୁଁ ସମସ୍ତଙ୍କୁ ନିବେଦନ କରୁଛି ଓଡ଼ିଶାର ଅଦ୍ୱିତୀୟ ଓ ଅମୂଲ୍ୟ ବନ୍ୟଜନ୍ତୁ ସମ୍ପଦ, ଯାହାକି ଏବେ ମଧ୍ୟ ଅଛି, ତାହାର ସୁରକ୍ଷା କରନ୍ତୁ ଓ ସୁରକ୍ଷା କାର୍ଯ୍ୟରେ ସରକାରଙ୍କ ସହିତ ସହଯୋଗ କରନ୍ତୁ ।

OGP—MP-VI (I. & P. R.) 30—10,000—8-1-1990









ନଭେମ୍ବର ୧୪ ନେହେରୁ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ -

Vol. XL V No. 3/4 UTKAL PRASANGA Regd. No. O-05/89
Licence No. C. R. N. P. 5—Licensed to post without Pre-Payment



ନୂଆଦିଲ୍ଲୀସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଭାରତୀୟମ୍ ଉତ୍ସବ ୧୪ ନଭେମ୍ବର ୧୯୮୯



# ଉତ୍କଳ ପ୍ରସଙ୍ଗ